ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.145, Sunday, 13 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୫, ରବିବାର, ୧୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON MASTI

₹549/-
Including GST

ONLY ON ONLINE BOOKING

Malatipatpur,Puri.Odisha FOLLOW US Contact : 8144916946

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.145, Sunday, 13 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୫, ରବିବାର, ୧୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍‌ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.145, Sunday, 13 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୫, ରବିବାର, ୧୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ: ଏକାଠି ହେଲେ ବିଶ୍ୱର ଶୀର୍ଷ ନେତା

ଯୁଦ୍ଧ, ତାରିଫ ଓ ପହଲଗାମ ହମଲାକୁ ତୀବ୍ର ନିନ୍ଦା

- ବ୍ରିକ୍ସ ନୂଆଦିଲ୍ଲୀ ଘୋଷଣାପତ୍ରକୁ ସମସ୍ତଙ୍କ ସମର୍ଥନ
- ବିଶ୍ୱ ଆତଙ୍କବାଦ, ଅବୈଧ ଆର୍ଥିକ କାରବାର, ସାଇବର ଠକେଇ
- ସୀମାପାର ଅପରାଧିକ ନେଟୱର୍କ ବିରୋଧରେ ମିଳିତ ଭାବେ କାମ କରିବା ନେଇ ଗୁରୁତ୍ୱ

ନୂଆଦିଲ୍ଲୀ

ଭାରତରେ ଆଜିଠାରୁ ଆରମ୍ଭ ହୋଇଛି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ। ଦୁଇଦିନିଆ ଏହି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମାବେଶ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମରେ ଅନୁଷ୍ଠିତ ହେଉଛି। ବ୍ରିକ୍ସ ଦେଶଗୁଡ଼ିକର ଶୀର୍ଷ ନେତାଙ୍କ ଉପସ୍ଥିତି ଯୋଗୁଁ ରାଜଧାନୀରେ କୂଟନୈତିକ ଗତିବିଧି ବଢ଼ିଛି। ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ-ସିସିଙ୍କ ସମେତ ଅନେକ ବିଶ୍ୱ ନେତା ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଖର ସମ୍ମିଳନୀ ଅବସରରେ ଅତି କମରେ ୧୫ ଜଣ ବିଦେଶୀ ନେତା ଓ ବରିଷ୍ଠ ଅଧିକାରୀଙ୍କ ସହ ପୃଥକ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ଆଲୋଚନାରେ ପୁଟିନ, ସି ଜିନପିଙ୍ଗ ଓ ପେଜେଶକିୟାନଙ୍କ ସହ ବୈଠକ ବିଶେଷ ଗୁରୁତ୍ୱ ବହନ କରୁଛି। ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଭାରତ ଗସ୍ତକୁ କୂଟନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ପ୍ରାୟ ସାତ ବର୍ଷ ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ। ଭାରତ-ଚୀନ ସମ୍ପର୍କ, ସୀମା ପ୍ରସଙ୍ଗ ଓ ଦ୍ୱିପାକ୍ଷିକ ସହଯୋଗ ନେଇ ଉଭୟ ନେତାଙ୍କ ଆଲୋଚନା ଉପରେ ଅନ୍ତର୍ଜାତୀୟ ମହଲର ନଜର ରହିଛି।ସେହିପରି, ଇରାନର ରାଷ୍ଟ୍ରପତି ହେବା ପରେ ମାସୁଦ ପେଜେଶକିୟାନଙ୍କ ଏହା ପ୍ରଥମ ସରକାରୀ ଭାରତ ଗସ୍ତ। ଭାରତ-ଇରାନ ସମ୍ପର୍କ, ଆଞ୍ଚଳିକ ସୁରକ୍ଷା ଓ ବାଣିଜ୍ୟିକ ସହଯୋଗ ନେଇ ତାଙ୍କ ଆଲୋଚନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଅନ୍ୟପଟରେ ଭାରତ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ। ପ୍ରଥମ ଦିନରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ସମ୍ବୋଧନ ସହ ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହେବା କ୍ଷଣି ଭାରତର ବଡ଼ କୂଟନୀତିକ ବିଜୟ ହୋଇଛି। କାରଣ ଭାରତ ଅଧ୍ୟକ୍ଷତାରେ ପ୍ରସ୍ତୁତ ବ୍ରିକ୍ସ ନୂଆଦିଲ୍ଲୀ ଘୋଷଣାପତ୍ରକୁ ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ସବୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ କରିଛନ୍ତି ସମର୍ଥନ। ଅର୍ଥାତ ସେମାନେ ଭାରତ ପ୍ରସ୍ତୁତ କରିଥିବା ମିଳିତ ଘୋଷଣାପତ୍ରରେ ସହମତି ହୋଇଛନ୍ତି। ବ୍ରିକ୍ସ ନେତାମାନେ ବିଧିବଦ୍ଧ ଭାବେ ନୂଆଦିଲ୍ଲୀ ଘୋଷଣାନାମାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସହମତି ପ୍ରକାଶ ପାଇଥିବା ଦସ୍ତାବିଜ ସମ୍ପର୍କରେ ଘୋଷଣା କରିଛନ୍ତି।ଘୋଷଣାନାମାରେ ବହୁପାକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ପାଇଁ ଆହ୍ୱାନ ଦିଆଯାଇଛି। ବିଶେଷ କରି ଜାତିସଂଘ ସୁରକ୍ଷା ପରିଷଦ ବା ୟୁଏନଏସ୍‌ସିରେ ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ ବୋଲି ଏଥିରେ କୁହାଯାଇଛି। ଏହାବାଦ ଆତଙ୍କବାଦକୁ ନେଇ ମଧ୍ୟ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି ବ୍ରିକ୍ସ ସମୂହ। ସବୁ ପ୍ରକାର ଆତଙ୍କବାଦକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ନେତା। ଏଥିସହ ଏକତରଫା ଯୁଦ୍ଧ ସୃଷ୍ଟିକାରୀ ପଦକ୍ଷେପକୁ ବି ଘୋଷଣାନାମାରେ ନିନ୍ଦା କରାଯାଇଛି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ବାଣିଜ୍ୟିକ ଜାହାଜ ଚଳାଚଳ ଓ ନାବିକଙ୍କ ସୁରକ୍ଷା ନିଶ୍ଚିତ

■ ପୃଷ୍ଠା-୧୫

ପ୍ରତ୍ୟେକ ଦେଶର ସ୍ୱର ଶୁଣାଯିବା ଉଚିତ; କିଛି ରାଷ୍ଟ୍ର ନେଉଛନ୍ତି ନିଷ୍ପତ୍ତି': ମୋଦୀ

ବ୍ରିକ୍ସ ସମ୍ମିଳନୀ ୨୦୨୬କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହି ବାର୍ତ୍ତା ଦେଇଥିଲେ ଯେ, ଏହି ସଂଗଠନ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବାକୁ ପ୍ରୟାସ କରୁଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ବିଶ୍ୱସ୍ତରରେ ସମସ୍ତଙ୍କ ସ୍ୱର ଶୁଣାଯିବା ଆବଶ୍ୟକ। ସେ ମତ ଦେଇଥିଲେ ଯେ ବିଶ୍ୱ ଶାସନ ବ୍ୟବସ୍ଥାର ବର୍ତ୍ତମାନର ଗଠନ ଏକ ପିରାମିଡ ସଦୃଶ ଅଟେ: କ୍ଷମତା ଏବଂ ନିଷ୍ପତ୍ତି ଗ୍ରହଣର ଅଧିକାର ଶୀର୍ଷରେ କେନ୍ଦ୍ରୀଭୂତ ହୋଇ ରହିଥିବାବେଳେ, ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେଉଥିବା ଦେଶଗୁଡ଼ିକ ଏହାର ଆଧାର ବା ତଳ ଭାଗରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, "ଆଜି 'ଗ୍ଲୋବାଲ ସାଉଥ' (ବିକାଶଶୀଳ ଦେଶଗୁଡ଼ିକର ସମୂହ) ବିଶ୍ୱସ୍ତରୀୟ ସଙ୍କଟର ସମ୍ମୁଖଭାଗରେ ରହିଛି, ତଥାପି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପଛରେ ପଡ଼ିଯାଇଛି। ଆମକୁ ଏହି ପିରାମିଡକୁ କେବଳ ସୁବିଧା-ସୁଯୋଗ ପାଉଥିବା ବର୍ଗର ମଞ୍ଚରୁ ପରିବର୍ତ୍ତନ କରି ଏକ ସହଭାଗିତାର ମଞ୍ଚରେ ପରିଣତ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ଦେଶର ସ୍ୱର ରହିବ ଏବଂ ପ୍ରତ୍ୟେକ ସଦସ୍ୟଙ୍କର ଅଂଶୀଦାରୀ ରହିବ।" ସେ ଆହୁରି ମଧ୍ୟ କହିଥିଲେ, "ଆମକୁ 'ଗ୍ଲୋବାଲ ସାଉଥ'କୁ କେବଳ ନିୟମ ପାଳନକାରୀରୁ ନିୟମ ପ୍ରଣୟନକାରୀ ଭାବେ ପରିବର୍ତ୍ତନ କରିବାକୁ ପ୍ରୟାସ କରିବାକୁ ହେବ। ବ୍ରିକ୍ସ ମାଧ୍ୟମରେ, ଆମେ 'ଗ୍ଲୋବାଲ ସାଉଥ' ରାଷ୍ଟ୍ରଗୁଡ଼ିକର ଯୁବ କୂଟନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଯୋଗାଯୋଗ ଦକ୍ଷତା, ବ୍ୟାବହାରିକ ପ୍ରଶିକ୍ଷଣ ଏବଂ ଆଇନଗତ ଜ୍ଞାନକୌଶଳରେ ସୁସଜ୍ଜିତ କରିପାରିବା।" ପ୍ରଧାନମନ୍ତ୍ରୀ ମୋଦିଙ୍କ ବାର୍ତ୍ତା ସ୍ପଷ୍ଟ କରେ ଯେ ଭାରତ କେବଳ ନିଜସ୍ୱ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁନାହିଁ, ବରଂ ଏପରି ଦେଶମାନଙ୍କର ସ୍ୱର ପାଲଟିଛି ଯାହାର ମତାମତକୁ ବିଶ୍ୱସ୍ତରୀୟ ନୀତି ନିର୍ଦ୍ଧାରଣ ସମୟରେ ପ୍ରାୟତଃ ଅଣଦେଖା କରାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ପାଶ୍ଚାତ୍ୟ ଦେଶଗୁଡ଼ିକ ମିଳିତ ଜାତିସଂଘ, ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାଗୁଡ଼ିକ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିଆସିଛନ୍ତି। 'ପିରାମିଡର ନିମ୍ନ ଭାଗ' (ସମାଜର ସବୁଠାରୁ ବଞ୍ଚିତ ବର୍ଗ) କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି 'ଗ୍ଲୋବାଲ ସାଉଥ' ବା ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକର ସ୍ୱର ପାଇଁ ଏକ ମଞ୍ଚ ପ୍ରଦାନ କରିଛନ୍ତି। ଏହା ମାଧ୍ୟମରେ ଭାରତ ଏହି ବାର୍ତ୍ତା ଦେଇଛି ଯେ ଏହି ପୁରୁଣା ବ୍ୟବସ୍ଥାଗୁଡ଼ିକରେ ସଂସ୍କାର ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, "ଆଜି ବ୍ରିକ୍ସ ଏକ ପରିପକ୍ୱ ଅବସ୍ଥାରେ ପହଞ୍ଚିଛି। ଗତ ୨୦ ବର୍ଷ ମଧ୍ୟରେ, ବ୍ରିକ୍ସ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

■ ପୃଷ୍ଠା-୧୫

ଡିଭାଇଡରରେ ପିଟି ହେଲା ବାଇକ୍ ୨ ଯୁବକ ମୃତ, ଜଣେ ଗୁରୁତର

ବାସୁଦେବପୁର(ଅମୃତ ମିଡ଼ିଆ)

ବାସୁଦେବପୁର ପୌରପାଳିକା ମାତାଜିମଠ ଛକ ନିକଟରେ ବାଇକ ଦୁର୍ଘଟଣା। ଡିଭାଇଡରରେ ବାଇକ ପିଟି ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛି। ମୃତକ ହେଲେ ବିଶ୍ୱଜିତ ନାୟକ ଓ ଗୋବିନ୍ଦ ବିଶ୍ୱାଳ । ଶିବ ଶଙ୍କର ନାୟକ ଗୁରୁତର ହୋଇଥିବା ଜଣାପଡିଛି। ଏହି ତିନି ଜଣକ ଘର କାସିଆ ସାମୁଦ୍ରିକ ଥାନା ଗଦି ଗ୍ରାମର । ଏହି ୩ ଜଣ ଏକ ବାଇକ ଯୋଗେ ଜାମୁଝାଡ଼ି ଆଡକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଡ଼ିଭାଇଡ଼ର କୁ ବାଡେଇଥିଲା। ଫଳରେ ତିନି ଜଣ ପ୍ରାୟ ୨୦ ଫୁଟ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ଗୋବିନ୍ଦ ଓ ବିଶ୍ୱଜିତଙ୍କ ମୃତ୍ୟୁ ହୋଇଥିଲା।

ମାହାଙ୍ଗା ଥାନା ଅଞ୍ଚଳରେ ଅଘଟଣ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଫୁଟିଗଲା ଦିବ୍ୟାଙ୍ଗ ଛାତ୍ରୀଙ୍କ ଆଖି!

ମାହାଙ୍ଗା(ଅମୃତ ମିଡ଼ିଆ)

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କ ମାଡ଼ରେ ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କ ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ସାଂଘାତିକ ଅଭିଯୋଗ ଆସିଛି କଟକ ଜିଲ୍ଲା ମାହାଙ୍ଗା ଥାନା ସିରିପୁର ଗାଁରୁ। ଏହି ଗାଁର ଅମୂଲ୍ୟ କୁମାର ସାମଲଙ୍କ ଦିବ୍ୟାଙ୍ଗ ଝିଅ ସିରିପୁର ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢ଼ନ୍ତି। ତାଙ୍କ ନାଁ ଦେବସ୍ମିତା ସାମଲ। ଅମୂଲ୍ୟ କରିଥିବା ଅଭିଯୋଗ ଅନୁଯାୟୀ, ଗତ ଗୁରୁବାର (ସେପ୍ଟେମ୍ବର ୩) ଶ୍ରେଣୀରେ ପାଠପଢ଼ା ଚାଲିଥିବା ବେଳେ ଦେବସ୍ମିତା ଶୌଚ ହେବାକୁ ଯାଇଥିଲେ। ତେଣୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତା ଦେହୁରୀ ରାଗି ଯାଇ ତାଙ୍କୁ ପିଟି ଥିଲେ। ଏଥିରେ ତାଙ୍କର ବାମ ଆଖିରେ ଗୁରୁତର ଆଘାତ ଲାଗିଥିଲା। ଘଟଣାକୁ ଲୁଚାଇବା ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲର ରୋଷେୟା ହାତରେ ଦେବସ୍ମିତାଙ୍କୁ ଘରକୁ ପଠାଇ ଦେଇଥିଲେ। ତେବେ ତାଙ୍କ ଆଖିରେ ଯନ୍ତ୍ରଣା ହେବା ପରେ ପୂରା ଘଟଣା ସାମ୍ନାକୁ ଆସିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେବସ୍ମିତାଙ୍କ ବାମ ଆଖିରେ ଅପରେସନ କରାଯାଇଛି। ତେବେ ଆଖିଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଡାକ୍ତର କହିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ଯେ ସେ ତାଙ୍କୁ ଆଦୌ ପିଟି ନାହାନ୍ତି। ଅନ୍ୟ କୌଣସି କାରଣରୁ ଦେବସ୍ମିତାଙ୍କ ବାପା ତାଙ୍କ ବିରୋଧରେ ଏଭଳି ଅଭିଯୋଗ କରିଛନ୍ତି। ସାଲେପୁର ଏସ୍‌ଡିପିଓ କହିଛନ୍ତି ଯେ ଏହି ଘଟଣା ନେଇ ମାହାଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ତାଙ୍କ ଆଖିରେ ବାଡ଼ ଭଳି କିଛି ଜିନିଷ ବାଜିଛି। ତେବେ ଜାଣିଶୁଣି ତାଙ୍କୁ ଆଘାତ ଦିଆଯାଇଥିଲା କି ଭୁଲ୍‌ରେ ସେମିତି ଘଟିଗଲା, ତାହା ଜଣାପଡ଼ନାହିଁ।

ମୋଦି-ଜିନପିଙ୍ଗ୍ ଭେଟ୍‌ଘାଟ

ପରସ୍ପର ସହଯୋଗରେ ଦୁଇଦେଶର ବିକାଶ ଘଟିବ

- ୨୦୨୦ ଭାରତ-ଚାଇନା ଗଲୱାନ ସଂଘର୍ଷ ପରେ ପ୍ରଥମ ବୈଠକ
- ବ୍ରିକ୍ସ ସହଯୋଗକୁ ଅଧିକ ଦୃଢ଼ କରିବା ପାଇଁ ଭାରତ ଓ ଚାଇନା ଏକାଠି ହାତ ମିଳାଇବେ

ନୂଆଦିଲ୍ଲୀ

୨୦୨୦ ଭାରତ-ଚାଇନା ଗଲୱାନ ସଂଘର୍ଷ ପରେ ଆଜି ପ୍ରଥମଥର ଦୁଇ ଦେଶର ମୁଖ୍ୟ ପରସ୍ପର ସହ କରିଛନ୍ତି ଦ୍ୱିପାକ୍ଷିକ ଆଲୋଚନା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ପରସ୍ପର ସହ ଏ୍ୱାନ ଟୁ ଏ୍ୱାନ ଆଲୋଚନା କରିଛନ୍ତି। ଏହି ସମୟରେ ଜିନପିଙ୍ଗ ବଡ଼ ପ୍ରସ୍ତାବ ଦେଇଛନ୍ତି। ବ୍ରିକ୍ସ ସହଯୋଗକୁ ଅଧିକ ଦୃଢ଼ କରିବା ପାଇଁ ଭାରତ ଓ ଚାଇନା ଏକାଠି ହାତ ମିଳାବା ପାଇଁ ସେ ଦ୍ୱିପାକ୍ଷିକ ଆଲୋଚନା ବେଳେ ଆହ୍ୱାନ ଦେଇଛନ୍ତି। ଗଲୱାନ ସଂଘର୍ଷର ୬ ବର୍ଷ ପରେ ଭାରତ ଆସିଥିବା ଜିନପିଙ୍ଗ କହିଛନ୍ତି ଯେ ୨ ଦେଶ ପରସ୍ପରର ସାମାର୍ଥ୍ୟରୁ ଶିକ୍ଷା ଲାଭ କରିବା ସହ ସହଯୋଗ ବା ଭାଗିଦାରୀ ମାଧ୍ୟମରେ ସାମୂହିକ ବିକାଶ ଦିଗରେ ଆଗେଇ ପାରିବେ। ୭୩ ବର୍ଷୟ ଜିନପିଙ୍ଗଙ୍କ କହିବା କଥା ଭାରତ ସହ ସମ୍ପର୍କକୁ ବେଜିଂ ରଣନୀତିକ ଓ ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଦେଖୁଛି। ବର୍ଷ ବର୍ଷ ଧରି ତିକ୍ତତା ପରେ ଦୁଇ ଦେଶ ସମ୍ପର୍କର ପୁନର୍ନିର୍ମାଣ ପାଇଁ ଉଦ୍ୟମ କରୁଥିବା ବେଳେ ଚାଇନା ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟର ଗୁରୁତ୍ୱ ବେଶ ଅଧିକ ରହିଛି। ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିର ସ୍ଥିତି, ବ୍ୟାପକ ସୀମା ବିବାଦ, ବାଣିଜ୍ୟ ଓ ନିବେଶ ଭଳି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିବା କୁହାଯାଉଛି। ପୂର୍ବ ଲଦାଖରେ ସାମରିକ ବିବାଦ ପରେ ଦୁଇ ଦେଶର ସମ୍ପର୍କରେ ସୁଧାର ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପର ଗୁଡ଼ିକର ସମୀକ୍ଷା ଦୁଇ ଦେଶର ନେତା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଜିନପିଙ୍ଗ ରାଜନୀତିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ସାଧାରଣ ସହମତିର କ୍ଷେତ୍ରକୁ ଆହୁରି ବ୍ୟାପକ କରିବା ସହ ଉଭୟ ଦେଶ ସାମ୍ନା କରୁଥିବା ଚ୍ୟାଲେଞ୍ଜଗୁଡ଼ିକର ମିଳିତ ସମାଧାନ ପାଇଁ କାମ କରିବା ଉଚିତ ବୋଲି ସହମତି ହୋଇଛନ୍ତି। ଏଥିସହ ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ବ୍ୟବସାୟିକ ସମ୍ପର୍କ

■ ପୃଷ୍ଠା-୧୫

ସେ କହିଲେ...



ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କିତ ସମସ୍ତ ବିଷୟର ସମାଧାନ ହୋଇସାରିଛି। ସୋଭିଏତ୍ ୟୁନିଅନ୍‌ର ପତନ ପରବର୍ତ୍ତୀ ସମସ୍ତ ଘଟଣାବଳୀ ରୁଷ୍‌ର ସମ୍ପତ୍ତିକ୍ରମେ ସଂଘଟିତ ହୋଇଥିଲା। ଏହି ଚୁକ୍ତିନାମା ବିରୋଧୀ କୌଣସି ବି ପଦକ୍ଷେପ ରୁଷ୍‌ର ସ୍ୱାର୍ଥ, ଅନ୍ତର୍ଜାତୀୟ ଆଇନର ମୂଳ ନୀତି ଏବଂ ଜାତିସଂଘ ନୀତିର ବିରୋଧୀ ଅଟେ। ୨୦୨୨ ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ରୁଷ୍-ୟୁକ୍ରେନ ଯୁଦ୍ଧ ବର୍ତ୍ତମାନ ପଞ୍ଚମ ବର୍ଷରେ ପ୍ରବେଶ କରିଛି। ଅନେକ ୟୁରୋପୀୟ ଦେଶ ୟୁକ୍ରେନକୁ କ୍ରମାଗତ ସହାୟତା ଯୋଗାଇ ଆସୁଥିବା ବେଳେ ଆମେରିକା ମଧ୍ୟସ୍ଥତା ପାଇଁ ଉଦ୍ୟମ ଚଳାଇଛି।

ଭ୍ଲାଦିମିର ପୁଟିନ
ରୁଷ ରାଷ୍ଟ୍ରପତି

ପୁଣି ଫେରିବ ପୁରୁଣା ନିୟମ | ପରୋକ୍ଷ ହୋଇପାରେ ମେୟର ନିର୍ବାଚନ

ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନକୁ ନେଇ ଛକାପଞ୍ଜା ଆରମ୍ଭ ହୋଇଗଲାଣି। ବିଭିନ୍ନ ରାଜନୈତିକ ଦଳ ସଙ୍ଗଠନ ସଜାଡ଼ିବା ସହ ଭୋଟରଙ୍କୁ ମନେଇବାରେ ଲାଗିପଡ଼ିଲେଣି। ହେଲେ ପୌର ନିର୍ବାଚନରେ ପୁରୁଣା ନିୟମ ଫେରିବ ବୋଲି ଆଲୋଚନା ଆରମ୍ଭ ହେଲାଣି। ପରୋକ୍ଷ ହୋଇପାରେ ମେୟର ନିର୍ବାଚନ। ସହରବାସୀ ନୁହେଁ, କର୍ପୋରେଟର ବାଛିପାରନ୍ତି ମେୟର। ଚର୍ଚ୍ଚାକୁ ଖୋରାକ ଯୋଗାଇଲା ବିଭାଗୀୟ ମନ୍ତ୍ରୀଙ୍କ ବୟାନ। ଏହାକୁ ନେଇ ବିରୋଧୀ ସରକାରକୁ ଟାର୍ଗେଟ କରିବା ସହ ଘୋଡ଼ାବେପାରକୁ ଏହା ପୋତ୍ସାହନ କରିବ ବୋଲି କହିଛନ୍ତି।

- କର୍ପୋରେଟର ବାଛିପାରନ୍ତି ମେୟର
- ପ୍ରତ୍ୟକ୍ଷ ନିର୍ବାଚନକୁ ଡରୁଛନ୍ତି ସରକାର
- ଘୋଡ଼ାବେପାରକୁ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର (ବ୍ୟୁରୋ)

ପୌର ଆଇନ୍‌ରେ ଆସିପାରେ ପରିବର୍ତ୍ତନ। ପୁଣିଥରେ ପରୋକ୍ଷରେ ନିର୍ବାଚିତ ହୋଇପାରନ୍ତି ମେୟର। ଭୋଟର ନୁହେଁ କର୍ପୋରେଟଙ୍କ ଦ୍ୱାରା ମେୟର ତାଜ୍ ପିନ୍ଧିବେ ଜଣେ କର୍ପୋରେଟର। ଏଭଳି ଚର୍ଚ୍ଚାକୁ ଆଉ ଟିକେ ଖୋରାକ ଯୋଗାଇଛି ନଗର ଉନ୍ନୟନ ମନ୍ତ୍ରୀଙ୍କ ବୟାନ। ତେବେ ବିରୋଧୀ କହିଛନ୍ତି ଯେ, ସରକାର ପ୍ରତ୍ୟକ୍ଷ ନିର୍ବାଚନକୁ ଭୟକରି ପରୋକ୍ଷ ନିର୍ବାଚନ ପାଇଁ ବାଟ କାଢୁଛନ୍ତି। ପ୍ରତ୍ୟେକ ନିର୍ବାଚନ ଲାଗି ସରକାରଙ୍କ ପାଖରେ ଦମ୍ ନାହିଁ।

ଏଭଳି ଚର୍ଚ୍ଚାକୁ ଆହୁରି ଉଷୁମ କରିଛି ନଗର ଉନ୍ନୟନ ମନ୍ତ୍ରୀଙ୍କ ଇସାରା। ଆସନ୍ତା ବର୍ଷ ହେବାକୁ ଥିବା ପୌର ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ। ଏହାରି ଭିତରେ ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି ମେୟର ନିର୍ବାଚନ। ପୌର ଅଧକ୍ଷ ଓ ମେୟର ନିର୍ବାଚନ ପ୍ରତ୍ୟକ୍ଷ ବଦଳରେ ପରୋକ୍ଷରେ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ବ୍ଲକ ଅଧକ୍ଷ ଚୟନ ଭଳି ମହାନଗର ନିଗମ କର୍ପୋରଟରଙ୍କ ଦ୍ୱାରା ମେୟର ଓ ଏନ୍

ଓଡ଼ିଶା ଏକ ଗରିବ ରାଜ୍ୟ ବୋଲି କୁହାଯାଉଥିବା ବେଳେ ଅପାର ସମ୍ପଦ ଭରପୂର ହୋଇ ଏଠାରେ ରହିଛି। ଓଡ଼ିଶାକୁ ପ୍ରକୃତିର ଏକ ଅମୂଲ୍ୟ ଉପହାର ଏହାର ଖଣିଜ ସମ୍ପଦ। ଅନେକ ରାଜ୍ୟରେ ଖଣିଜ ସମ୍ପଦ ନଥିବା ବେଳେ ଓଡ଼ିଶାରେ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦର ଭଣ୍ଡାର ରହିଛି। ସାରା ଦେଶ ପରି ଓଡ଼ିଶାର ଗୁରୁ ଖଣିଜ ସମ୍ପଦ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବାବେଳେ ଲଘୁ ଖଣିଜ ସମ୍ପଦ ରାଜ୍ୟ ସରକାରଙ୍କ ଅଧୀନରେ ଅଛି। ଗୁରୁ ଖଣିଜ ସମ୍ପଦ ଲୁହାପଥର, କ୍ରୋମାଇଟ୍, ବକ୍ସାଇଟ୍, ମାଙ୍ଗାନିଜ୍, କୋଇଲା ଆଦି ଖଣିଜ ସମ୍ପଦ ରାଜ୍ୟକୁ ଦେଶର ଖଣିଜ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଦେଇଛି। ଏହି ସମ୍ପଦକୁ ନେଇ ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ, ନିର୍ମାଣ ଓ ଅନେକ ଶିଳ୍ପ ରାଜ୍ୟରେ ଗଢ଼ିଉଠିଛି। ଏହା ସହିତ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। କିନ୍ତୁ ଏତେସବୁ ଥାଇ ବି ବିକାଶରେ ବାଧକର ଅନେକ କାରଣ ରହିଛି। ପୂର୍ବର କେନ୍ଦ୍ର ଓ ରାଜ୍ୟ ସରକାର ଖଣିଜ ସମ୍ପଦର ଉତ୍ପାଦନ, ସୁରକ୍ଷା ଠିକ୍ ଢଙ୍ଗରେ କରିପାରିନଥିଲେ। ନହେଲେ ଏତେବର୍ଷ କ୍ଷମତାରେ କଂଗ୍ରେସ ଓ ବିଜେଡି ରହି ମଧ୍ୟ ଓଡ଼ିଶା ଭଳି ଖଣିସମୃଦ୍ଧ ରାଜ୍ୟ ଏତେ ଗରିବ ହୋଇ ରହିନଥାନ୍ତା। ଖଣି ପରିଚାଳନାଗତ ତ୍ରୁଟି ଯୋଗୁଁ ଆଜି ଏଭଳି ସ୍ଥିତି ଦେଖାଦେଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଏବେ ଏମ୍ଏମ୍ଡିଆର ସଂଶୋଧିତ ବିଲକୁ ନେଇ ହଲ୍ଲାପଟା ଚାଲିଛି। କେନ୍ଦ୍ରରେ ବାଚନିକ ଭୋଟରେ ଗୃହୀତ ହୋଇଥିବା ଏହି ବିଲକୁ ଓଡ଼ିଶାର ବିରୋଧୀ ଦଳଗୁଡ଼ିକ ବିରୋଧ କରିଆସୁଛନ୍ତି। ହେଲେ ବିଜେପି ଏଥିରେ ରାଜ୍ୟର କ୍ଷତି ଅପେକ୍ଷା ଲାଭ ହେବ ବୋଲି କହିଆସୁଛି। ଅଧିକ ପଞ୍ଜୀନିବେଶ, ନିଯୁକ୍ତି ସୁଯୋଗର ଦ୍ୱାହି ଦେଉଛି। ଏଭଳି ଦ୍ୱନ୍ଦ୍ୱ ଭିତରେ ଆପୋଷ ସମାଧାନ ହେଉନି କି ସର୍ବଦଳୀୟ ବୈଠକ ବସୁନି। ଫଳରେ ଏକ ଅପ୍ରୀତିକର ପରିସ୍ଥିତି ରାଜ୍ୟରେ ସୃଷ୍ଟିହୋଇଛି।

ସୁଶାନ୍ତ କୁମାର ଦାସ

କେନ୍ଦ୍ର ଓ ରାଜ୍ୟରେ ଏବେ ବିଜେପି ସରକାର। ଖଣି ଆଇନରେ ସଂଶୋଧନ କରାଯିବା ପରେ ଓଡ଼ିଶା ସରକାର ରାଜ୍ୟରେ ବିକାଶ ହେବ ବୋଲି ଡିଣ୍ଡିମ ପିଟୁଛି। ସେପଟେ ବିରୋଧୀ କଂଗ୍ରେସ, ବିଜେଡି ଓ ବାମପନ୍ଥୀ ନେତାମାନେ ସରକାରଙ୍କ ଖଣି ସଂଶୋଧନ ଆଇନକୁ ବିରୋଧ କରି ବିକ୍ଷୋଭ ଜାରି ରଖିଛନ୍ତି। ଏମିତିକି ଏହି ମାମଲା ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ଦେଶର ରାଷ୍ଟ୍ରପତିଙ୍କ ପାଖରେ ପହଞ୍ଚିଲାଣି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବା ବେଳେ ଏବେଠାରୁ ଶାସକ ଓ ବିରୋଧୀଙ୍କ ମଧ୍ୟରେ ବଳ କକ୍ଷାକଷି ଆରମ୍ଭ ହୋଇଗଲାଣି। କେବଳ ଭୋଟ ହାତେଇବା ଲାଗି ରାଜନୀତିର ରଙ୍ଗ ବଦଳୁଛି ବୋଲି କୁହାଯାଇପାରେ।

ପୂର୍ବ ସରକାର କରିଥିଲେ ପ୍ରଚୁର ଖଣି ଚୋରି

ପୂର୍ବରୁ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଓଡ଼ିଶାରେ ପ୍ରଚୁର ଗୁରୁ ଖଣିଜ ସମ୍ପଦ ଚୋରି ହୋଇଥିଲା, ଯାହାକୁ ଜଷ୍ଟିସ ଶାହା କମିଶନ ଆନୁମାନିକ ୬୦,୦୦୦ କୋଟି ବୋଲି ଆକଳନ କରିଥିଲେ। ସେ କେବଳ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ନେଇ କେତେକ ଜିଲ୍ଲାରେ ଅନୁଧ୍ୟାନ କରି ଆକଳନ କରିଥିଲେ। ଯଦି ସେ ସମସ୍ତ ଖଣିଜ ସମ୍ପଦ ଚୋରିର ଯାଞ୍ଚ କରିଥାନ୍ତେ ଓ ସବୁ ଜିଲ୍ଲା ବୁଲିଥାନ୍ତେ ତେବେ ଚୋରି ମୂଲ୍ୟ ୧ ଲକ୍ଷ କୋଟି ଛୁଇଁଥାନ୍ତା। କିନ୍ତୁ କଂଗ୍ରେସ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିନଥିଲେ। ଏହା ସହିତ ତତ୍କାଳୀନ ରାଜ୍ୟ ସରକାର ଯଦି ଲଘୁ ଖଣିଜ ସମ୍ପଦର ଭିଜିଲାନ୍ସ ଯାଞ୍ଚ କରିଥାନ୍ତେ ତେବେ ସେଥିରୁ ଚୋରି ଯୋଗୁଁ ଆଉ ୫୦,୦୦୦ କୋଟି ରାଜ୍ୟ ରାଜକୋଷରୁ କ୍ଷତି ହୋଇଥିବା ଜଣାପଡ଼ିଥାନ୍ତା। ଏହା ବ୍ୟତୀତ ଏମ୍ଏମ୍ଡିଆର ଆକ୍ଟ (ମାଇନ୍ସ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ ଆକ୍ଟ ବା ଖଣି ଏବଂ ଖଣିଜ ପଦାର୍ଥ ବିକାଶ ଏବଂ ନିୟନ୍ତ୍ରଣ ଆଇନ) ୧୯୫୭କୁ ତତ୍କାଳୀନ କଂଗ୍ରେସ ସରକାର ଏପରି ବ୍ୟବହାର କରିଥିଲେ ଯେ, ଖଣି ଲିଜ୍‌ରେ କୌଣସି ସ୍ୱଚ୍ଛତା ନଥିଲା। ଯିଏ ଆଗରୁ ଆବେଦନ କଲା ସିଏ ଶାଗ ମାଛ ଦରରେ ଖଣି ଲିଜ୍ ନେଇଯାଉଥିଲା। ଫଳରେ କ୍ଷତିର ପରିମାଣ ଯଥେଷ୍ଟ ବୃଦ୍ଧିପାଇଲା।

ଖଣିଜଭିତ୍ତିକ ଶିଳ୍ପର ବିକାଶକୁ ମିଳିଲା ବଳ

୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ଏମ୍ଏମ୍ଡିଆର ଆକ୍ଟର ୨୦୧୫ରେ ସଂଶୋଧନ ଅଣାଯାଇ ଏହାକୁ ଅଧିକ ସ୍ୱଚ୍ଛ କରାଗଲା ଓ ଖଣିଜ ସମ୍ପଦ ଥିବା ରାଜ୍ୟମାନେ କିପରି ଅଧିକ ରାଜସ୍ୱ ପାଇବେ ସେଥିପାଇଁ ବ୍ୟବସ୍ଥା କରାଗଲା। ଏହା ସହିତ ଦେଶର ମାଇନିଂ ସେକ୍ଟର ବିଶ୍ୱ ମାଇନିଂ ବଜାରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖୀ ହୋଇପାରିଲା ଓ କଆମାଲର ଦରଦାମ୍, କେନ୍ଦ୍ର ସରକାର ସ୍ଥିର ରଖି ଦେଶରେ ଖଣିଜଭିତ୍ତିକ ଶିଳ୍ପର ବିକାଶକୁ ବଳ ଦେଲେ। ଏଥିଯୋଗୁଁ ଷ୍ଟିଲ, ସିମେଣ୍ଟ, ବିଦ୍ୟୁତ ଆଦି ଉତ୍ପାଦନର ବଜାର ଦର ନିୟନ୍ତ୍ରଣରେ ରହିବା ସହିତ ଦେଶ ବିଦେଶରେ ଅନେକ କମ୍ପାନୀ ଭାରତରେ ଖଣିଜଭିତ୍ତିକ ଶିଳ୍ପରେ ଭାଗନେବାକୁ ଅଗ୍ରସର ହେଲେ। ଏବେ ଦେଶରେ ଖଣି ଶିଳ୍ପର ନିରନ୍ତର ବିକାଶ ଓ ଏହାର ଭାଲ୍ୟୁ-ଆଡିସନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିବା ପାଇଁ ଓ ବିକଶିତ ଭାରତ-୨୦୪୭ ଭିଜନରେ ଖଣିଜ ଶିଳ୍ପ ଭାଗୀଦାରିକୁ ବଢାଇବା ପାଇଁ କେନ୍ଦ୍ର ସରକାର ଏମ୍ଏମ୍ଡିଆର ଆକ୍ଟ-୧୯୫୭ରେ ସଂଶୋଧନ ଆଣିଛନ୍ତି, ଯାହା ଦେଶର ଖଣିଜ ଶିଳ୍ପକୁ ଆଗକୁ ବଢ଼ାଇବା ସହିତ ରାଜ୍ୟମାନଙ୍କର ଆର୍ଥିକ ଲାଭକୁ ସୁରକ୍ଷିତ ରଖିବ।

ଖଣିଜ ସମ୍ପଦର ସ୍ଥିର ଏବଂ ସୁସଙ୍ଗତ ବଣ୍ଟନ

ବିଜେଡି ଓ କଂଗ୍ରେସ ଏହି ସଂଶୋଧନକୁ ଲୋକଙ୍କ ପାଖରେ ଭୁଲ୍ ଭାବେ ଉପସ୍ଥାପନ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଅଗଷ୍ଟ ୨୦୨୬ରେ ସଂସଦର ଉଭୟ ସଦନରେ ପାରିତ ହୋଇଥିବା ଏମ୍ଏମ୍ଡିଆର ସଂଶୋଧିତ ଆଇନର ମୂଳ ଲକ୍ଷ୍ୟ ହେଉଛି- ଗୁରୁ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନୀତିଗତ ନିଶ୍ଚିତତା ବ୍ୟବସ୍ଥା ସୃଷ୍ଟିକରି ନିବେଶ ଓ ଉତ୍ପାଦନକୁ ଗତି ଦେବା। ଏମ୍ଏମ୍ଡିଆର ଆଇନର ସଂଶୋଧନ କାହିଁକି ହେଲା ତାହା ଲୋକେ ଜାଣିବା ଦରକାର। ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍‌ରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି। ଏଥିରେ ସ୍ପଷ୍ଟଭାବେ କୁହାଯାଇଛି, ଆଜି ବିଶ୍ୱ ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା ଚାଲିଛି। ଇସ୍ପାତ, ସିମେଣ୍ଟ, ବିଦ୍ୟୁତ, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ। ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଣ୍ଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ। ଭାରତରେ ଖଣି ଏବଂ ଖଣିଜ ପଦାର୍ଥ ଏମ୍ଏମ୍ଡିଆର୍ ଆଇନ-୧୯୫୭ ଅଧୀନରେ ନିୟନ୍ତ୍ରିତ। ସଂଶୋଧନ ଆଇନ-୨୦୨୬ ଏହି କ୍ଷେତ୍ରପାଇଁ ଏକ ସମାନ ଏବଂ ସନ୍ତୁଳିତ ଆର୍ଥିକ ଢାଞ୍ଚା ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖୁଛି। ଖଣିଜ ସମ୍ପଦ କିଛି ରାଜ୍ୟରେ ରହିଛି କିନ୍ତୁ ଏହା ସମଗ୍ର ଜାତୀୟ ଅର୍ଥନୀତିକୁ ସାହାଯ୍ୟ କରେ, ଯାହା ଏହାର 'କର'କୁ ଜାତୀୟ ଗୁରୁତ୍ୱ ଦେଇଥାଏ। ଅନିୟନ୍ତ୍ରିତ ବ୍ୟବସ୍ଥା ଏବଂ ଭିନ୍ନ ରାଜ୍ୟର ଟିକସ ଢାଞ୍ଚା, ଖଣିର କାର୍ଯ୍ୟ କ୍ଷମତାକୁ କ୍ରମାଗତ ଭାବରେ ନଷ୍ଟକରେ ଓ ଶିଳ୍ପ ଏବଂ ପରିବାରରେ ଉତ୍ପାଦିତ ଦ୍ରବ୍ୟର ଖର୍ଚ୍ଚ ବୃଦ୍ଧିକରେ। କିନ୍ତୁ ସଂଶୋଧିତ ଆଇନ- ୨୦୨୬ ଖଣିଜ ଦ୍ରବ୍ୟର 'କର'ରେ ସମାନତା ଏବଂ ଯୁକ୍ତିଯୁକ୍ତତା ଆଣିବାକୁ ଚେଷ୍ଟା କରୁଛି। ରାଜ୍ୟଗୁଡ଼ିକ ବର୍ତ୍ତମାନ ଖଣି ଉପରେ ପ୍ରାୟ ୧୪ ପ୍ରକାର କର, ଶୁଳ୍କ ଆଦି ଲାଗୁ କରନ୍ତି। ଏଥିରେ ରୟାଲ୍ଟି, ନିଲାମ ପ୍ରିମିୟମ୍, ଡିଏମ୍ଏଫ୍ ଦେୟ, ଜିଏସ୍‌ଟି ଏବଂ ପରିବହନ ଶୁଳ୍କ ଆଦି ଅନ୍ତର୍ଭୁକ୍ତ।

ନିବେଶକଙ୍କୁ ଆକୃଷ୍ଟ କରେ ସ୍ଥିର ଟିକସ ବ୍ୟବସ୍ଥା

ଖଣିଜ କ୍ଷେତ୍ରରେ 'ଆତ୍ମନିର୍ଭରତା' ଲକ୍ଷ୍ୟପାଇଁ ଏହି ଖର୍ଚ୍ଚବୃଦ୍ଧିକୁ ରୋକିବା ଅତ୍ୟନ୍ତ ଜରୁରି। ସେହିପରି, ଖଣିଜ ଉପରେ ଟିକସ ସିଧାସଳଖ ଖଣିଜ ମୂଲ୍ୟରେ ଯୋଡ଼ାଯାଏ। ଏଥିଯୋଗୁଁ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ ଏବଂ ନିର୍ମାଣରେ ଦରଦାମ୍ ବଢ଼େ। ସାଧାରଣ ପରିବାର, ଗୃହ, ବିଦ୍ୟୁତ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅଧିକ ଦେୟ ଦିଅନ୍ତି। ଯଦି ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ, ତେବେ ଖଣି ବନ୍ଦ ହୁଏ ଓ କୋଟି କୋଟି ଶ୍ରମିକ ନିଯୁକ୍ତି ହରାନ୍ତି। ଅନ୍ୟପଟେ ନିବେଶକମାନେ କେବଳ ସେହି ସ୍ଥାନରେ ଖଣିପାଇଁ ପୁଞ୍ଜି ଲଗାନ୍ତି ଯେଉଁଠାରେ 'ଟିକସ' ସ୍ଥିର ଥାଏ। ହଠାତ୍ ଟିକସରେ ପରିବର୍ତ୍ତନ ସାଧାରଣ ଜନତାଙ୍କୁ ନିରୁତ୍ସାହିତ କରେ। ହେଲେ ଶିଳ୍ପ କ୍ଷେତ୍ରରେ ନିବେଶକମାନଙ୍କୁ ଉତ୍ସାହିତ କରିଥାଏ।

ସଂଶୋଧନ ପରେ କେନ୍ଦ୍ରକୁ ମିଳିଛି ସ୍ୱତନ୍ତ୍ର କ୍ଷମତା

ଆଇନର ପ୍ରମୁଖ ବ୍ୟବସ୍ଥା ଏମ୍ଏମ୍ଡିଆର ଆଇନ- ୧୯୫୭ରେ ନୂତନ ଧାରା ୯-ଡି ଯୋଡ଼ିହୋଇଛି। ଏହା ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଖଣିଜ କିମ୍ବା ଖଣିଜ ପଦାର୍ଥ ଥିବା ଜମି ଉପରେ

କୌଣସି ଟିକସ, ସେସ୍ କିମ୍ବା ଅନ୍ୟ କୌଣସି ଟିକସ ଲାଗୁ କରାଯିବନାହିଁ। ଏପରି ଟିକସ କେବଳ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତାବଳୀ କିମ୍ବା ପ୍ରତିବନ୍ଧକ ଅନୁଯାୟୀ ଲାଗୁ କରାଯାଇପାରେ। ଦ୍ୱିତୀୟରେ, ସଂଶୋଧନ ଲାଗୁହେବା ପୂର୍ବରୁ ରାଜ୍ୟ ଦ୍ୱାରା ସଂଗ୍ରହ କରାଯାଇ ନଥିବା ଯେକୌଣସି ଟିକସକୁ ଅବୈଧ ବୋଲି ବିବେଚନା କରାଯିବ, କିନ୍ତୁ ପୂର୍ବରୁ ଜମା କିମ୍ବା ଆଦାୟ କରାଯାଇଥିବା ପରିମାଣ ଫେରସ୍ତ କରାଯିବନାହିଁ। ତୃତୀୟରେ, କେନ୍ଦ୍ର ସରକାରଙ୍କୁ ନିୟମ ପ୍ରଣୟନ କରିବାକୁ କ୍ଷମତା ଦେବା ପାଇଁ ଏମ୍ଏମ୍ଡିଆର ଆଇନର ଧାରା-୧୩ ସଂଶୋଧନ କରାଯାଇଛି।

ରାଜ୍ୟର ରାଜସ୍ୱ ଏବଂ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ

ଏହି ସଂଶୋଧନ ଫଳରେ ରାଜ୍ୟର ରାଜସ୍ୱ ଏବଂ ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏକ ସ୍ୱଚ୍ଛ, ନିଲାମ- ଆଧାରିତ ବ୍ୟବସ୍ଥା ଅଧୀନରେ ୨୦୧୫ ପରଠାରୁ ରାଜ୍ୟଗୁଡ଼ିକୁ ସଂଗୃହୀତ ଖଣିଜ ରାଜସ୍ୱ ଦ୍ରୁତଗତିରେ ବୃଦ୍ଧିପାଇଛି। ଆଇନର ସଂଶୋଧନ ଏହି ସ୍ଥିତିକୁ ପରିବର୍ତ୍ତନ କରିବନାହିଁ। ଯାହାଫଳରେ ରାଜ୍ୟଗୁଡ଼ିକ ଖଣି ରାଜସ୍ୱର ଅତ୍ୟଧିକ ଅଂଶ ପାଇବା ଜାରି ରଖିବେ। ଖଣି କ୍ଷେତ୍ର ରାଜସ୍ୱର ପ୍ରାୟ ୯୦ ପ୍ରତିଶତ ବର୍ତ୍ତମାନ ରାଜ୍ୟଗୁଡ଼ିକୁ ଯାଉଛି। ମୋଟ୍ ଖଣିଜ ରାଜସ୍ୱ, କୋଇଲା ଏବଂ ଅଣ-କୋଇଲାରେ ସେମାନଙ୍କର ଅଂଶ ଏକଦଶନ୍ଧିରେ ପ୍ରାୟ ୨୮ ପ୍ରତିଶତ ବୃଦ୍ଧିପାଇଛି, ଯାହା ୨୦୨୫-୨୬ରେ ପ୍ରାୟ ୧,୧୪,୫୪୯.୨୮ କୋଟିରେ ପହଞ୍ଚିଛି। କୋଇଲା କ୍ଷେତ୍ର ଏହି ପରିବର୍ତ୍ତନକୁ ସ୍ପଷ୍ଟଭାବରେ ଦର୍ଶାଉଛି। ରାଜ୍ୟଗୁଡ଼ିକ ୨୦୧୪-୧୫ରେ ୧୧,୯୪୭.୯୭ କୋଟି ପାଇଥିଲେ, ଯାହା ୨୦୨୫- ୨୬ରେ ବୃଦ୍ଧିପାଇ ୩୨,୧୮୩.୦୯ କୋଟିରେ ପହଞ୍ଚିଛି। କେନ୍ଦ୍ରର ଅଂଶ ସେହି ସମୟ ମଧ୍ୟରେ ସ୍ପଷ୍ଟ ହ୍ରାସ ପାଇ ୯,୫୩୪.୨୪ କୋଟିରୁ ୩,୭୭୧.୮୨ କୋଟିକୁ ଅର୍ଥାତ୍ ୨୨.୯୭ ପ୍ରତିଶତରୁ ୧୦.୫ ପ୍ରତିଶତକୁ କମିଛି। ଏହା ଦର୍ଶାଉଛି କେନ୍ଦ୍ର କମ୍ ଅର୍ଥ ନେବାବେଳେ ରାଜ୍ୟମାନେ ଟିକସର ଅଗ୍ରଭାଗ ନେଉଛନ୍ତି। ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ ୨୦୧୩-୧୪ ଆର୍ଥିକ ବର୍ଷରେ ୧୩,୫୮୬.୧୬ କୋଟି ପାଇଥିଲେ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ବୃଦ୍ଧିପାଇ ୮୨,୩୬୬.୧୯ କୋଟିରେ ପହଞ୍ଚିଛି। ଏହା ବାରବର୍ଷ ମଧ୍ୟରେ ୧୬.୨୦ ପ୍ରତିଶତର ଏକ ଚକ୍ରବୃଦ୍ଧି ହାର। ୨୦୧୫-୧୬ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟଗୁଡ଼ିକୁ ୫ଲକ୍ଷ କୋଟିରୁ ଅଧିକ ଟଙ୍କା ପାଇଛନ୍ତି କିନ୍ତୁ କେନ୍ଦ୍ର କେବଳ ପ୍ରାୟ ୮୨,୦୦୦ କୋଟି ଟଙ୍କା ପାଇଛି । ଓଡ଼ିଶା ୨୦୧୫ ପୂର୍ବରୁ ୫୦୦୦ କୋଟି ଟଙ୍କା ପାଉଥିବା ବେଳେ ୨୦୧୫ ପରେ ୫୫୦୦୦ କୋଟି ଟଙ୍କା ପାଇଛି । ସଂଶୋଧିତ ଆଇନ ଏହି ସ୍ଥିତିକୁ ଅପରିବର୍ତ୍ତିତ ରଖିଛି। ୨୦୧୫ରେ ପ୍ରଚଳିତ ନୂଆ ନିଲାମ ବ୍ୟବସ୍ଥା, ରାଜ୍ୟଗୁଡ଼ିକୁ ଏକ ସମ୍ପୂର୍ଣ୍ଣ ନୂତନ ନିଲାମ 'ପ୍ରିମିୟମ' ଦେଉଛି । ୨୦୧୫ ପରଠାରୁ ରାଜ୍ୟଗୁଡ଼ିକ ୧୨୦୦ କାର୍ଯ୍ୟକ୍ଷମ ଖଣିରୁ ରୟାଲିଟି ଭାବରେ ୨.୩୨ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି । କେବଳ ୧୦୦ ନିଲାମ ହୋଇଥିବା ଖଣିରୁ ସେମାନେ ନିଲାମ ପ୍ରିମିୟମ ଭାବରେ ୯୬,୦୦୦ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଓଡ଼ିଶା ଏହାର ୭୯ ନିଲାମ ହୋଇଥିବା ବ୍ଲକ୍ ମଧ୍ୟରୁ ୩୫ଟିକୁ କାର୍ଯ୍ୟକ୍ଷମ କରି ୨୦୨୦-୨୧ ଏବଂ ୨୦୨୫-୨୬ ମଧ୍ୟରେ ପ୍ରାୟ ୮୭,୦୦୦ କୋଟି ଟଙ୍କା ପ୍ରିମିୟମ ଆୟ କରିଛି।

୫୦ କ୍ଷୁଦ୍ର ଖଣିଜ ପଦାର୍ଥ ଉପରେ ରାଜ୍ୟର ଅଧିକାର

ସେହିଭଳି ବାଲି, ପଥର, ମାଟି, ସିଲିକା, ଗ୍ରାନାଇଟ୍, ମାର୍ବଲ, ଜିପସମ୍, ଲାଟେରାଇଟ୍ ସମେତ ପ୍ରାୟ ୫୦ଟି କ୍ଷୁଦ୍ର ଖଣିଜ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ସଂଶୋଧିତ ଆଇନର ଏଗୁଡ଼ିକ ଉପରେ କୌଣସି ପ୍ରଭାବ ନାହିଁ। ଏହା ଉପରେ ରାଜ୍ୟ କର୍ତ୍ତୃତ୍ୱ ପୂର୍ବପରି ଜାରି ରହିଛି। ତେଣୁ ମୁଖ୍ୟ କଥା ହେଲା, ଆଗକୁ ରାଜ୍ୟର ଖଣିଜ ସ୍ୱାର୍ଥରେ କ୍ଷତି ହେବନାହିଁ ବରଂ ଲାଭ ହେବ। ରାଜ୍ୟରେ ଅନେକ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେବ ଓ ଏହାଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟିହେବ ଏବଂ ରାଜ୍ୟ ଅଧିକ ଖଣିଜ ରାଜସ୍ୱ ପାଇବ। ଏହା ସ୍ପଷ୍ଟ ଯେ, ରାଷ୍ଟ୍ରର ବିକାଶ ହେଲେହିଁ ରାଜ୍ୟର ବିକାଶ ହେବ ଏବଂ ରାଷ୍ଟ୍ରର ବିକାଶକୁ ଛାଡ଼ି ରାଜ୍ୟର ବିକାଶ ହୋଇପାରିବ ନାହିଁ। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ୨୦୪୭ ସ୍ୱପ୍ନ ସାକାର ହେବା ଦିଗରେ ଏହି ସଂଶୋଧନ ସହାୟକ ହେବ। ହେଲେ ଏହି ଖଣି ସଂଶୋଧନ ଆଇନକୁ ନେଇ ଲାଗିରହିଥିବା ଦ୍ୱନ୍ଦ୍ୱ ଦୂର କରାଯିବା ଜରୁରୀ। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଉଠାଯାଇଥିବା କେତେକ ପ୍ରଶ୍ନର ମିଳିତ ସମାଧାନ କରାଯିବା ଗୁରୁତ୍ୱପୂର୍ଣ୍ଣ। ସର୍ବଦଳୀୟ ବୈଠକ ହେଉ କିମ୍ବା ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡକାଇ ଏଭଳି ଦ୍ୱନ୍ଦ୍ୱ ଦୂର ଲାଗି ବୈଠକ କରାଯିବା ଜରୁରୀ। ଏକ୍ଷେତ୍ରରେ ସରକାର ଆନ୍ତରିକତାର ସହ ସହଯୋଗ କରିବା ବିଧେୟ। ଯଦି ବିକାଶ ନୂଆ ଦିଗ ପାଉଛି, ତେବେ ସମସ୍ତେ ଏହାକୁ ସହଯୋଗ କରିବା ଜରୁରୀ ହୋଇପଡ଼ିଛି।



ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍

ଝାରସୁଗୁଡା(ଅମୃତ ମିଡିଆ): କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍। ଝାରସୁଗୁଡ଼ା ଦୋକାନ ଛାତ ତାଡ଼ି କୋଟିଏ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ପୁରୁଣା ବସଷ୍ଟାଣ୍ଡ ନିକଟ ରାସ୍ତାପଡ଼ କୁଏଲାରୀ ଦୋକାନରୁ ଲୁଟିନେଇଛନ୍ତି ଦୁର୍ବୃତ୍ତ। ଝାରସୁଗୁଡା ସହର ସ୍ଥିତ ପୁରୁଣା ବସ୍ ଷ୍ଟାଣ୍ଡ ନିକଟ ସହରର

ମୁଖ୍ୟ ରାସ୍ତା ଥିବା ମଙ୍ଗଳପୁରିଆ ସୁନା ଦୋକାନରେ ଘଟିଛି ଏହି ଅଘଟଣ । ଗତ ବିଳମ୍ବିତ ରାତିରେ ଏକ ଚୋର ଦଳ ରାସ୍ତା କଡ଼ରେ ଥିବା ଅନ୍ୟ ଦୋକାନ ବାହାରେ ପାର୍କିଂରୁ ସ୍କୁଟିରେ ଚଢି ଛାତ ଉପରକୁ ଯାଇଥିଲେ । ସେଠାରୁ ଏହି ସୁନା ଦୋକାନ ଛାତ ଉପରେ ଯାଇ ପାର୍ଶ୍ୱରେ ଥିବା କାନ୍ଥକୁ କଟରରେ ଭାଙ୍ଗି ସୁନା ଦୋକାନର ପ୍ରଥମ ମହଲାରେ ପଶିଥିଲେ ଓ ପରେ ତଳେ ଥିବା ଏହି ଦୋକାନରେ ପଶିଥିଲେ । ଦୋକାନରୁ ପ୍ରାୟ ପାଖାପାଖି ଏକ କୋଟି ଟଙ୍କାର ସୁନା ଅଳଙ୍କାର ନେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ଝାରସୁଗୁଡା SP ଓ ଟାଉନ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଚୋର ଦଳ DVR ନେଇଯାଇଥିବା ଜଣାଯାଇଛି ।

ରୋଗ ଯନ୍ତ୍ରଣାଠୁ ବଳିଯାଉଛି ଧାଡ଼ି ଯନ୍ତ୍ରଣା

ପଦ୍ମପୁର(ଅମୃତ ମିଡିଆ): କିଏ କାଖେଇ ଧରିଛି, କିଏ ଆଣ୍ଠେଇ ପଡ଼ିଛି, ଆଉ କିଏ ଯନ୍ତ୍ରଣାରେ ଭୂଇଁରେ ଲୋଟୁଛି। ବୃଦ୍ଧାବୃଦ୍ଧମାନେ ବାଡ଼ି ସାହାଯ୍ୟରେ ଘଣ୍ଟା ଘଣ୍ଟା ଧରି ଡାକ୍ତରଙ୍କୁ ଅପେକ୍ଷା କରୁଛନ୍ତି। ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ରୋଗୀଙ୍କ ରୋଗ ଯନ୍ତ୍ରଣାଠାରୁ ଡାକ୍ତର ଦେଖାଇବା ପାଇଁ ଲମ୍ବା ଧାଡ଼ିର ଯନ୍ତ୍ରଣା ଅଧିକ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଦ୍ୱିତୀୟ ଘର ବୋଲି କୁହାଯାଉଥିବା ପଦ୍ମପୁରରେ ତାଙ୍କ ନିଜ ବିଭାଗର ଉପଖଣ୍ଡ ଡାକ୍ତରଖାନାର ଏଭଳି ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସ୍ୱାସ୍ଥ୍ୟମନ୍ତ୍ରୀ ପଦ ମିଳିବା ପରେ ଅଞ୍ଚଳର ସ୍ୱାସ୍ଥ୍ୟସେବାରେ ବଡ଼ ପରିବର୍ତ୍ତନ ଆସିବ ବୋଲି ଲୋକେ ଆଶା କରିଥିଲେ। ହେଲେ ଡାକ୍ତରଖାନା ପୂଣି ଅତୀତର ଅବ୍ୟବସ୍ଥାକୁ ଫେରିଯାଇଥିବା ଅଭିଯୋଗ ହେଉଛି।

ଡାକ୍ତରଖାନାରେ ବିକଳ ଚିତ୍ର

ଡାକ୍ତର, ନର୍ସ ସମେତ ବିଭିନ୍ନ ବିଭାଗରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ରୋଗୀସେବା ପ୍ରଭାବିତ ହେଉଛି। ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ପଦ୍ମପୁର ନାଗରିକ କମିଟି ସମେତ ବିଭିନ୍ନ ସଂଗଠନ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଏ ଦିଗରେ ଆଶାନୁରୂପ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଇନ୍‌ଡୋରରେ ଶଯ୍ୟା ଅଭାବ ଯୋଗୁ ରୋଗୀମାନେ ତଳେ ଗଡୁଥିବା ବେଳେ ସମ୍ପର୍କୀୟମାନେ ଡାକ୍ତରଖାନା ବାହାରେ ବସି ରହୁଛନ୍ତି। ପଦ୍ମପୁରକୁ ବାରମ୍ବାର ଗସ୍ତ କରୁଥିବା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଞ୍ଚଳର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଦି ଏଭଳି ସ୍ଥିତି, ତେବେ ଉପାନ୍ତ ଅଞ୍ଚଳର ସ୍ୱାସ୍ଥ୍ୟସେବା କିପରି ଚାଲିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏଭଳି ସ୍ଥିତିରେ ଶନିବାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପଦ୍ମପୁର ଗସ୍ତ ଏବଂ ଦିବସବ୍ୟାପୀ କାର୍ଯ୍ୟକ୍ରମ ରହିଛି। ମନ୍ତ୍ରୀ ଏହି ଅବସରରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କ ସମସ୍ୟା ଓ ଡାକ୍ତରଖାନାର ଅବ୍ୟବସ୍ଥା ବୁଝିବେ କି ନାହିଁ, ତାହାକୁ ନେଇ ସହରବାସୀଙ୍କ ନଜର ରହିଛି। ଏ ସମ୍ପର୍କରେ ମତାମତ ପାଇଁ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଆଶୁତୋଷ ହୋତାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୯୯୮୨୨୬୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଅପରପକ୍ଷେ, ସ୍ୱାସ୍ଥ୍ୟ ସମସ୍ୟା ନେଇ ପଦ୍ମପୁରର ବିଭିନ୍ନ ସଙ୍ଗଠନ ଉପଜିଲାପାଳ ହେମସାଗର ଭୋଇଙ୍କୁ ଲିଖିତ ଦାବି ଜଣାଇ ଆମରଣ ଅନଶନ ଚେତାବନୀ ଦେଇଛନ୍ତି ।

ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ; ଅନେକ ଶ୍ରମିକ ଆହତ

ସୁନ୍ଦରଗଡ଼(ଅମୃତ ମିଡିଆ): ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ। ସୁନ୍ଦରଗଡ଼ କୋଇଡା ଥାନା କମଣ୍ଡୋ ଷ୍ଟିଲ ପ୍ଲାଣ୍ଟରେ ବଡ଼ ବ୍ଲାଷ୍ଟ ହୋଇଛି । SMS-2ରେ ବଡ ଧରଣ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି । ଏତେ ଜୋରରେ ବ୍ଲାଷ୍ଟ ହୋଇଥିଲା କି ୬ କିଲୋମିଟର ପର୍ଯ୍ୟନ୍ତ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା । SMS-2ରେ ଥିବା ଅନେକ ଶ୍ରମିକ ଆହତ ହୋଇଥିବା ସୂଚନା । ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି କୋଇଡ଼ା ପୁଲିସ। ତେବେ ମୃତାହତ ନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ଏନେଇ ମାଇନ୍ସ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା କଥା ବିସ୍ଫୋରଣ ଏତେ ଜୋର୍ ଥିଲା ପାଖାପାଖି ୬ କିଲୋମିଟର ପର୍ଯ୍ୟନ୍ତ ଶୁଣିବାକୁ ମିଳିଛି । ବିସ୍ଫୋରଣ ପରେ ଭୟରେ ପ୍ଲାଣ୍ଟରେ କାମକରୁଥିବା କର୍ମଚାରୀ ବାହାରକୁ ଚାଲି ଆସିଥିଲେ । ରିପୋର୍ଟ ଲେଖାଯିବା ସୁଦ୍ଧା ମୃତାହତଙ୍କ ବାବଦରେ କୌଣସି ସୂଚନା ମିଳିପାରିନାହିଁ । ବିଷ୍ଣୁ ମୁଣ୍ଡା ନାମକ ଜଣେ କର୍ମଚାରୀ କହିଛନ୍ତି, '' ମୋର ନାଇଟ୍ ଡ୍ୟୁଟି ଥିଲା । କିପରି ବ୍ଲାଷ୍ଟ ହେଲା ମୁଁ ଜାଣିନାହିଁ । ସୁପରଭାଇଜର ଡାକିବାକୁ ଆସିଛି। କିପରି ବିସ୍ଫୋରଣ ହେଲା ତାହା ମୁଁ ଜାଣିନାହିଁ ।

ମାଟିଖାଲ ସ୍କୁଲରେ ଭିତ୍ତିଭୂମି ସମସ୍ୟା
ଜମି ବିବାଦରେ ଅଟକିଛି ସ୍କୁଲର ବିକାଶ

କଳାହାଣ୍ଡି(ଅମୃତ ମିଡିଆ): ଅସଜଡ଼ା ଭିତ୍ତିଭୂମି ଓ ଜମି ବିବାଦ ଯୋଗୁଁ କଲମପୁର ବ୍ଲକର ଅନେକ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହାର ଏକ ଉଦାହରଣ ହେଉଛି ମାଟିଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟରେ ୪୪ ଜଣ ଛାତ୍ରଛାତ୍ରୀ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ବେଳେ ପାଠପଢ଼ା ପାଇଁ ମାତ୍ର ଗୋଟିଏ ଶ୍ରେଣୀଗୃହ ରହିଛି। ଅନ୍ୟ ଦୁଇଟି ଗୃହ ଭଗ୍ନାବସ୍ଥାରେ ଥିବାରୁ ବନ୍ଦ ରହିଛି। ଏପରିକି ରୋଷେଇ ପାଇଁ ବି ବିକଳ୍ପ ବ୍ୟବସ୍ଥା ନଥିବାରୁ ଭଗ୍ନ ଶ୍ରେଣୀ ଗୃହକୁ ରୋଷେଇ ଶାଳ ଭାବେ ବ୍ୟବହାର କରାଯାଉଛି। ବର୍ଷା ହେଲେ ଛାତରୁ ପାଣି ଝରୁଥିବାରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ପ୍ରଭାବିତ ହେଉଛି। ଏନେଇ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଡିଓ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବନବାସ ଦଳପତି କହିଛନ୍ତି । ବିଦ୍ୟାଳୟ ପାଇଁ ଦିଆଯାଇଥିବା ଜମିକୁ ନେଇ ମାଲିକାନା ବିବାଦ ଥିବାରୁ ଉନ୍ନୟନ କାମ ଆଗେଇ ପାରୁନାହିଁ। ଏଭଳି ସମସ୍ୟା କସାବାହି, କଛାରପଡ଼ା, ହାରାମାଲ, ନୂଆଗାଁ, ତୁମେରମୁଣ୍ଡା ଓ ଭାଲୁବୁଟ୍ରା ଆଦି ଗ୍ରାମରେ ମଧ୍ୟ ରହିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଜମି ବିବାଦର ସମାଧାନ ସହ ବିଦ୍ୟାଳୟଗୁଡ଼ିକର ଭିତ୍ତଭୂମି ବିକାଶ କରିବାକୁ ଦାବି ହେଉଛି।

ଭିସୁଟ୍‌ରେ ପୂରଣ ହେବ ୨୪ ଶିକ୍ଷକ ପଦ

ସମ୍ବଲପୁର(ଅମୃତ ମିଡିଆ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ୨୪ଟି ନୂଆ ଶିକ୍ଷକ ପଦବୀ ସୃଷ୍ଟି ଓ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଚିଠି ଲେଖାଯାଇ ନୂଆ ପଦବୀ ସୃଷ୍ଟି ସମ୍ପର୍କରେ ଅବଗତ କରାଯାଇଛି । ବିଶ୍ୱବିଦ୍ୟାଳୟର ସେଫ୍ଟି ଆଣ୍ଡ ଫାୟାର ଇଞ୍ଜିନିୟରିଂ ଏବଂ ବାୟୋମେଡିକାଲ ଇଞ୍ଜିନିୟରିଂ ବି.ଟେକ୍ ପାଠ୍ୟକ୍ରମ ପାଇଁ ଏହି ପଦବୀଗୁଡ଼ିକ ସୃଷ୍ଟି କରିବାକୁ ପ୍ରସ୍ତାବ ରହିଛି। ପ୍ରସ୍ତାବ ଅନୁଯାୟୀ, ୨ ଜଣ ପ୍ରଫେସର, ୬ ଜଣ ଆସୋସିଏଟ୍ ପ୍ରଫେସର ଏବଂ ୧୬ ଜଣ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ସୃଷ୍ଟି କରାଯିବ। ସମ୍ପୃକ୍ତ ବିଭାଗରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୦ରୁ ୬୦କୁ ବୃଦ୍ଧି କରିବା ପ୍ରସ୍ତାବକୁ ଦୃଷ୍ଟିରେ ରଖି ଅଧିକ ଶିକ୍ଷକ ପଦବୀର ଆବଶ୍ୟକତା ଦର୍ଶାଯାଇଛି । ତେବେ ପ୍ରସ୍ତାବିତ ୨୪ଟି ପଦବୀର ଆବଶ୍ୟକତା ସପକ୍ଷରେ ଯଥାର୍ଥ କାରଣ ଦର୍ଶାଇବାକୁ କୁଳସଚିବଙ୍କୁ କୁହାଯାଇଛି। ଏଥିସହ ଛାତ୍ର ସଂଖ୍ୟା ୩୦ରୁ ୬୦କୁ ବୃଦ୍ଧି କରିବା ପ୍ରସ୍ତାବର ଆଧାର ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ କୁହାଯାଇଛି। ଆବଶ୍ୟକ ତଥ୍ୟ ଓ ଯଥାର୍ଥ କାରଣ ମିଳିବା ପରେ ଏନେଇ ପରବର୍ତ୍ତୀ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଲକର୍ମାଠାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ସୁବର୍ଣ୍ଣପୁର(ଅମୃତ ମିଡିଆ): ଆଜି ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ହରଡଖୋଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକର୍ମାଠାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲକ୍ଷ୍ମୀଧର

ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆରତୀ ଶିଖା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିବା ସହ ସାପ କାମୁଡା, ବିଭିନ୍ନ ପଶୁ କାମୁଡା,ଚୋକିଙ୍ଗ୍ ଓ ସି.ପି.ଆର ଉପରେ ଡେମନ୍‌ଷ୍ଟ୍ରେସନ୍ ସହ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ହାତଧୁଆ କୌଶଳ ପ୍ରଦର୍ଶନ କରାଇ ଅଭ୍ୟାସ କରାଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଶ୍ରୀ ବିଶିକେଷନ ବାଘ, ଯୋଗ ପ୍ରଶିକ୍ଷକ ଅମିତ ସାହୁ, ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତାଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ବିଦ୍ୟାଳୟର କୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଶିକ୍ଷକ ଶ୍ରୀ ବିକ୍ରମ କୁମାର ନନ୍ଦ ରକ୍ତସ୍ରାବ, ମୂର୍ଚ୍ଛା ଓ ସକ୍, ବଜ୍ରପାତ,ପାଣିରେ ବୁଡିଯିବା ସମ୍ପର୍କିତ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ଏବଂ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶ୍ରୀ ଦୟାନିଧି ପଧାନ ପ୍ରାଥମିକ ଚିକିତ୍ସା ବାକ୍ସର ସାମଗ୍ରୀ ଓ ତା'ର ଉପଯୋଗୀତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଶ୍ରୀ ବାଘ ପ୍ରତ୍ୟେକ ଘରେ ପ୍ରାଥମିକ ଚିକିତ୍ସା ବାକ୍ସ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପାଟଣେଶ୍ୱରୀ ଓ ସମଲେଶ୍ୱରୀ ମନ୍ଦିରରେ ଦୁଇଟି ଗେଟ୍ ନିର୍ମାଣ କରିବ ପୌର ପ୍ରଶାସନ

ବଲାଙ୍ଗୀର(ଅମୃତ ମିଡିଆ) : ବଲାଙ୍ଗୀର ନୂଆଁଖାଇ ପାଇଁ ମନ୍ଦିର ଓ ରାସ୍ତାଘାଟ ଆଲୋକ ସଜ୍ଜା ପାଇଁ ପ୍ରସ୍ତୁତି ଚାଲିଛି । ଏ ନେଇ ଦେବାଳୟ ସୁରକ୍ଷା କମିଟି ବିଭିନ୍ନ ଦାବି ନେଇ ପୌର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା । କମିଟିର ଦାବି ଗୁଡ଼ିକୁ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଗୁରୁତ୍ୱ ଭାବେ ଗ୍ରହଣ କରିଛନ୍ତି । ନୂତନ ଭାବେ ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଦ୍ୱାର ଓ ସମଲେଶ୍ୱରୀ ଦ୍ୱାର ପାଇଁ ଦୁଇ ଗୋଟି ଗେଟ ନିର୍ମାଣ ତଥା ଐତିହ୍ୟ ବହନ କରୁଥିବା ପୁରାତନ ରାଜଭାଟି ଗେଟ ସ୍ୱତନ୍ତ୍ର ଭାବେ ଏହାର ମରାମତି କରିବା ପାଇଁ ନିଷ୍ପତ୍ତି ନିଆସରିଛି । ନୂଆଁଖାଇ ପାଇଁ ଦୁଇ ଦେବୀଙ୍କ ମନ୍ଦିର ଆଲୋକ ସଜ୍ଜାରେ ଝଲସିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରତିଶୃତି ଦେଥିବା କମିଟି ପ୍ରକାଶ କରିଛି । ଏହି କାର୍ଯ୍ୟକ୍ରମରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ପକ୍ଷରୁ ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧକ୍ଷ ଭବାନୀ ଶଙ୍କର ଭୋଇ, ରିଙ୍କୁ ସାହୁ ପ୍ରମୁଖ ସାମିଲ ଥିଲେ ।

ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟିର ବୈଠକ

ସୁବର୍ଣ୍ଣପୁର(ଅମୃତ ମିଡିଆ): ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ବୈଠକରେ ଉପସ୍ଥିତ ରହି ଜିଲ୍ଲାର ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ସୁବିଧା ଓ ଉନ୍ନତି ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କର ଦାୟିତ୍ୱ ଏବଂ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

ବୈଠକରେ ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯାଇ ସେଗୁଡ଼ିକର ସମାଧାନ ଓ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଲିଫ୍ଟ ଓ ରାମ୍ପ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିସହିତ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବାକୁ ଆଲୋଚନା କରାଯାଇଥିଲା।

ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଦିବ୍ୟାଙ୍ଗ କର୍ମଚାରୀମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରିବା ସହ ସେମାନଙ୍କ ପ୍ରତି କୌଣସି ଅପରାଧ ଘଟିଲେ ଶୀଘ୍ର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ରାମ୍ପ ନିର୍ମାଣ କରିବା ନେଇ ଆଲୋଚନା ହୋଇଥିଲା।

ଚଳିତ ବର୍ଷ ଜିଲ୍ଲାରେ ୩୦୯ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିସହିତ, ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ୧,୯୮୩ ଜଣ ବିବିଏସ୍ ଶିବିରର ସୁବିଧା ଗ୍ରହଣ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଉଷାରାଣୀ ଦାସ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ସରଙ୍ଗୀ ବୈଠକକୁ ପରିଚାଳନା କରିଥିଲେ। ବୈଠକରେ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ଆସ ଆମେ ବଡ଼ଖା ତିଆରରେ ନୂଆଁ ଖାଏମା

ପରମ୍ପରା, ଭାଇଚାରା ଓ ମାଟିର ମହକର ମହାପର୍ବ

ନୂଆଁ ଅନ୍ନରେ ନୂଆ ଆଶା, ଜୁହାର ଭେଟରେ ଭାଇଚାରାର ବାର୍ତ୍ତା

କଳାହାଣ୍ଡି,(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): ପଶ୍ଚିମ ଓଡ଼ିଶାର ମାଟି, ମଣିଷ ଓ ମୌଳିକ ସଂସ୍କୃତି ସହ ଓପ୍ରୋତ ଭାବେ ଜଡ଼ିତ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ । ଆଉ କିଛି ଦିନ ପରେ ଆସିବ ଏହି ମହାନ ଗଣପର୍ବ । ଏଥିପାଇଁ ଏବେ ଠାରୁ ସମଗ୍ର ପଶ୍ଚିମ ଓଡ଼ିଶାର ଗାଁଠୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ପରି ବେଶ ସୃଷ୍ଟି ହୋଇଛି । ଘରେ ଘରେ ନୂଆ ବସ୍ତ୍ର, ପିଠାପଣା ଓ ବିଭିନ୍ନ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ, ପ୍ରବାସରେ ଥିବା ପରିବାର ସଦସ୍ୟମାନେ ମଧ୍ୟ ନିଜ ଭିଟାମାଟିକୁ ଫେରିବା ପାଇଁ ଯୋଜନା କରୁଛନ୍ତି । ନୂଆଁଖାଇ କେବଳ ଏକ ପର୍ବ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ମାଟି ଓ ମଣିଷର ଭାବନା, କୃଷକର ଶ୍ରମ, ପ୍ରକୃତି ପ୍ରତି କୃତଜ୍ଞତା, ପରିବାରର ଏକତା ଏବଂ ଭାଇଚାରାର ଏକ ଅନନ୍ୟ ଉତ୍ସବ । ଏହାକୁ ପଶ୍ଚିମ ଓଡ଼ିଶାର ସବୁଠାରୁ ବଡ଼ ପର୍ବ ତଥା 'ବଡ଼ଖା ତିହାର ' ବୋଲି ମଧ୍ୟ କୁହାଯାଏ ।

ମାଟିରୁ ଥାଳି ଯାଏଁ— ନୂଆଁ ଅନ୍ନର ଉତ୍ସବ

ପଶ୍ଚିମ ଓଡ଼ିଶାର ଜୀବନଧାରାରେ କୃଷିର ଭୂମିକା

ସମ୍ପାଦକୀୟ...

ସ୍ଥାୟୀ ରାସ୍ତାରେ ବଡ଼ କଣ୍ଟା

ଜେନେଭା ଠାରେ ଲିଗ୍ ଅଫ୍ ନେସନ୍ ନାମରେ ଯେଉଁ ସଙ୍ଗଠନ ଗଠନ କରାଯାଇଥିଲା, ଯାହା ପଛରେ ବିଶ୍ୱ ଶାନ୍ତି ସ୍ଥାପନ ଥିଲା ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ । ପରେ ପରେ ଜାତିସଙ୍ଘ ଭଳି ଗୋଟାଏ ଅନ୍ତର୍ଜାତୀୟ ସଙ୍ଗଠନ ଯାହାକି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁନର୍ଗଠନ କରାଯାଇଥିଲା ଅକ୍ଟୋବର ୧୯୪୫ରେ। ସେହି ସମାନ ଉଦ୍ଦେଶ୍ୟ ବି ଥିଲା ସଙ୍ଗଠନର .... ବିଶ୍ୱ ଶାନ୍ତି ପ୍ରତିଷ୍ଠା। ଭାରତ ମଧ୍ୟ ପରେ ପରେ ସେହି ସଙ୍ଗଠନରେ ଏକ ସଦସ୍ୟ ରାଷ୍ଟ୍ର ଭାବରେ ଆରମ୍ଭ କରିଥିଲା। ତା'ର ବିଜୟ ଅଭିଯାନ। ସେବେଠାରୁ ଆଜି ପର୍ଯ୍ୟନ୍ତ ଭାରତ ଏକ ସଦସ୍ୟ ରାଷ୍ଟ୍ର ଭାବରେ ବିଭିନ୍ନ ସମୟରେ ଜାତିସଙ୍ଘର ବିଭିନ୍ନ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଆସିଛି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ଭୂମିକାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସାରା ବିଶ୍ୱର ନଜର ସେ ଦିଗରେ ନିଜ ଆଡ଼କୁ ଆକର୍ଷିତ କରିବାରେ ସଫଳ ମଧ୍ୟ ହୋପାରିଛି। ଏଣୁ ଏକଥା ନିଶ୍ଚିତ ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଜାତିସଙ୍ଘର ନାନାଦି ପ୍ରକାର ଉଦ୍ୟମରେ ଭାରତ ମଧ୍ୟ ରା'ର ଅତି ଉତ୍ତମ ଏବଂ ସକ୍ରିୟ ଯୋଗଦାନ ଦେଇଛି ଏବଂ ସେହି ପ୍ରକ୍ରିୟା ଏଯାବତ ଜାରି ରହିଛି। ହେଲେ ଲାଗୁଛି ସତେ ଅବା ସଙ୍ଘ ଲାଚାର, ସଙ୍ଘ ବେକାର। କଥା ବି କିଛି ଭୁଲ୍ ନୁହେଁ କାରଣ ସଙ୍ଘ ଏବେ କେବଳ ନାମକୁ ମାତ୍ର କହିଲେ କିଛି ଭୁଲ୍ ହେବନାହିଁ। ଏବେ ଆମେରିକା ହେଉଛି ସର୍ବେସର୍ବା। ଭାରତ ପୃଥିବୀର ପ୍ରଥମ ଦେଶ ହିସାବରେ ଜାତିସଙ୍ଘର କାର୍ଯ୍ୟଧାରାକୁ ଦୃଢ଼ ବିରୋଧ କରିଆସିଛି। ପ୍ରାୟ ୨୨ଥର ଜାତିସଙ୍ଘର ସ୍ଥାୟୀ ପରିଷଦରେ ଅସ୍ଥାୟୀ ସଭ୍ୟ ଭାବରେ ନିଜର ଗୁରୁତ୍ୱପୂର୍ଣ ଭୂମିକା ନିର୍ବାହ କରିବା ପରେ ମଧ୍ୟ ସ୍ଥାୟୀ ସଭ୍ୟର ମର୍ଯ୍ୟାଦା ହାସଲ କରିପାରିନାହିଁ। ଯାହାକୁ ନେଇ ଭାରତ ସମେତ ବିଶ୍ୱର ଏକାଧିକ ଦେଶ ଜାତିସଙ୍ଘର ବିଭିନ୍ନ ଅଧିବେଶନରେ ଏହି କଥାକୁ ଉଠାଇଛନ୍ତି। ହେଲେ ଫଳ ଶୂନ୍ୟ। ଏପରିକି ଜାତିସଙ୍ଘର ଅନ୍ୟତମ ପ୍ରମୁଖ ସଦସ୍ୟ, ପ୍ରଭାବଶାଳୀ ସଦସ୍ୟ ଯେପରି ରୁଷିଆ, ଆମେରିକା, ଫ୍ରାନ୍ସ ମଧ୍ୟ ଭାରତ ସପକ୍ଷରେ ମତ ଦେଇଛନ୍ତି ଅନେକ ଥର। ତଥାପି ବିଶେଷ କିଛି ଲାଭ ହେଉନି । ଫଳଶୂନ୍ୟ ଲାଗୁଛି, ପ୍ରଭାବହୀନ ହେଉଛି ପରିସ୍ଥିତି। ଯାହା ପଛର ମୁଖ୍ୟ କାରଣ ହେଉଛି ପ୍ରଥମତଃ ଯୁକ୍ତରାଷ୍ଟ୍ର ଆମେରିକାର କାରନାମା ଏବଂ ଚାଇନାର ଚାଲ୍‌ବାଜୀ ଯାହା କାରଣରୁ ଭାରତର ସ୍ଥାୟୀ ସଦସ୍ୟତାର ଧାରା ଆଗକୁ ଯାଉ ଯାଉ ପୁଣି ଅଧାବାଟରେ ଅଟକିଯାଉଛି। ଏଥିରୁ ଗୋଟାଏ କଥା ସ୍ପଷ୍ଟ ଯେ ଆମେରିକା ଏବଂ ଚାଇନା ହେଉଛି ଭାରତର ସ୍ଥାୟୀ ସଦସ୍ୟତା ରାସ୍ତା ପଥରେ ବହୁତ ବଡ଼ ପ୍ରତିବନ୍ଧକ ଯାହାକୁ ଆମେ ବଡ଼କଣ୍ଟା ବୋଲି କହିପାରିବା। ପ୍ରଥମ କଣ୍ଟା ହେଉଛି ଆମେରିକା ଏବଂ ଦ୍ୱିତୀୟ କଣ୍ଟା ହେଉଛି ଚାଇନା । ଜାତିସଙ୍ଘର ଏହି ଦୁଇ ସଦସ୍ୟ ହେଲେ ଭାରତ ପଥରେ ମୁଖ୍ୟ ପ୍ରତିବନ୍ଧକ। ଭାରତ ଭଳି ଗୋଟାଏ ଶାନ୍ତିପ୍ରିୟ ତଥା ଧର୍ମନିରପେକ୍ଷ ଦେଶ ପକ୍ଷରେ ହୁଏତ ତାହା ଏତେ ସହଜ ନୁହେଁ ଯେ ଭାରତ ସେମାନଙ୍କ ସହିତ ସିଧାସଳଖ ମୁକାବିଲା କରିପାରିବ ତଥାପି ଭାରତ ଜାତିସଙ୍ଘରେ ନିଜର ସ୍ଥାୟୀ ସଦସ୍ୟତା ପାଇଁ ତା'ର ଉଦ୍ୟମ ଜାରି ରଖିଛି। ତେବେ ଭାରତ ନିଜର ଦୀର୍ଘବର୍ଷର ଉଦ୍ୟମରେ ଜାତିସଙ୍ଘରେ ସ୍ଥାୟୀ ସଦସ୍ୟତା ପାଇବା ପାଇଁ ମୁଖ୍ୟତଃ ଯେଉଁ ଦୁଇଟି ଦେଶ ଯେମିତି କି ଆମେରିକା ଏବଂ ଚାଇନା ପ୍ରତିବନ୍ଧକ ସାଜିବା ପଛର କାରଣ ପ୍ରଥମେ ଆମେରିକାର ଦୋମୁହାଁ ନୀତିକୁ ଦାୟୀ କରାଯାଇପାରେ। ଗୋଟାଏ ପଟେ ଭାରତକୁ ସମର୍ଥନ କରୁଥିବା ସମୟରେ ଅନ୍ୟପଟେ ଚାଇନାକୁ ସମର୍ଥନ କରୁଛି। ଗୋଟାଏ ପଟେ ଚାଇନା ସପକ୍ଷରେ କହୁଥିବା ବେଳେ ଅପରପକ୍ଷରେ ଭାରତ ବିପକ୍ଷରେ କହୁଛି। ତେବେ ଚାଇନା ଏସିଆ ମହାଦେଶରେ ନିଜର ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଭାରତର ଜାତିସଙ୍ଘରେ ସ୍ଥାୟୀ ସଦସ୍ୟତାକୁ ସର୍ବଦା ବିରୋଧ କରିଆସିଛି । ଆମେରିକାର ସେହି ଏକା ଉଦ୍ଦେଶ୍ୟ। ଏସିଆରେ ଦୁଇ ମହାଶକ୍ତିଙ୍କୁ ଏତେ ସହଜରେ ଗ୍ରହଣ କରିପାରୁନି ଆମେରିକା। ସେଇଥିପାଇଁ ଆମେରିକା ବି ବିରୋଧ କରୁଛି। ତେବେ ଆଗାମୀ ସମୟରେ ବିଶ୍ୱର ଅନ୍ୟାନ୍ୟ ଅଗ୍ରଣୀ ରାଷ୍ଟ୍ରଙ୍କ ସହାୟତାରେ ଭାରତ ତା'ର ସ୍ଥାୟୀ ସଦସ୍ୟତା ପ୍ରାପ୍ତ କରିପାରିବ ।

ଜ୍ଞାନାମୃତ

ବିଶ୍ୱାସ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢ଼ିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବାଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିୟେରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ତାଙ୍କର ସମସ୍ୟା ସମାଧାନର ରାସ୍ତା ଦେଖାଇଲେ।

ପାରମ୍ପରିକ ଆଧ୍ୟାତ୍ମିକତାର ଗୁରୁତ୍ୱ

ଡ.ଚନ୍ଦ୍ରକଳା ନାୟକ

ପ୍ରାଚୀନ ଯୁଗରୁ ଭାରତ ବର୍ଷରେ ବିଦ୍ୟାଦାତା, ବୁଦ୍ଧିଦାତା, ସିଦ୍ଧିଦାତା ପ୍ରଭୁ ଶ୍ରୀ ଗଣେଶଙ୍କ ଉପାସନା ଧାରା ପ୍ରଚଳିତ ହୋଇ ଆସୁଛି। ସର୍ବ କ୍ଷେତ୍ରରେ ସେ ଅଗ୍ରପୂଜ୍ୟ ଓ ଅଗ୍ରବନ୍ଦ୍ୟ ଭାବରେ ପୂଜା ପାଉଥିଲେ ମଧ୍ୟ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ହିଁ ଭାରତ ବର୍ଷର କୋଣ ଅନୁକୋଣରେ ଗଣେଶଙ୍କ ପୂଜା ମହାସାମରୋହରେ ପାଳନ କରାଯାଉ ଅଛି। ହିନ୍ଦୁ ଧର୍ମର ପଂଚ ଦେବତା ଉପାସନା ମଧ୍ୟରେ ଗଣପତିଙ୍କ ଉପାସନା ଅନ୍ୟତମ। ତୈତରୀୟ ଆରଣ୍ୟକରେ ଗଣପତିଙ୍କ ନାମ ଉଲ୍ଲେଖ ରହିଛି। ପୁରାଣରେ ଗଣପତିଙ୍କୁ ମହାଦେବଙ୍କ ସନ୍ତାନ ଭାବରେ ଗ୍ରହଣ କରାଯାଇଛି। ଆମ ହିନ୍ଦୁ ପରମ୍ପରାରେ ପ୍ରତ୍ୟେକ ପୂଜାପାଠର ଆରମ୍ଭରେ ପ୍ରଥମେ ଗଣପତିଙ୍କର ପୂଜାର୍ଚ୍ଚନା ହିଁ କରାଯାଇ ଥାଏ। ମୁଖ୍ୟତଃ ଗଣପତି ହିଁ ହେଉଛନ୍ତି ବିଘ୍ନ ଖଣ୍ଡନକାରୀ ଦେବତା। ସେ ସିଦ୍ଧିଦାତା ଭାବେ ସର୍ବଜନାଦୃତ।

ଗଣପତି ନାମର ମାର୍ମିକ ଅର୍ଥ ହେଉଛି- 'ଗ' ର ଅର୍ଥ ଜ୍ଞାନ, 'ଶ' ମୋକ୍ଷର ପ୍ରତିନିଧି, 'ପତି' ରୁ ପରଂବ୍ରହ୍ମର ପରିକଳ୍ପନା। ଗଣପତିଙ୍କ ଏକଦନ୍ତ ନାମ ସର୍ବଶକ୍ତିମାନର ପ୍ରତୀକ ଅଟେ। ଗଣପତିଙ୍କ ଶୁଣ୍ଡ ଯଦି ବାମାବର୍ତ୍ତ ହୁଏ , ତାଙ୍କୁ ହିନ୍ଦୁ ଦେବତା, ଓ ଶୁଣ୍ଡ ଯଦି ଦକ୍ଷାଣାବର୍ତ୍ତ ହୁଏ ତାହେଲେ ତାଙ୍କୁ ତାନ୍ତ୍ରିକ ଦେବତା ଭାବେ ପୂଜା ଆରାଧନା କରାଯାଏ। ଗଣପତିଙ୍କ ହସ୍ତି ମସ୍ତକ ସଦୃଶ ମୁଖ ମଣ୍ଡଳ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଗଣେଷଙ୍କୁ ଗଜାନନ ବୋଲି କୁହାଯାଏ। 'ଗ'ର ଅର୍ଥ ଲକ୍ଷ, 'ଜ' ର ଅର୍ଥ ଉତ୍‌ପତି। ସେଥିପାଇଁ ଗଣେଷ ପୂଜା ସହିତ ଲକ୍ଷ ସାଧନ କାମନା ନିହିତ ହୋଇଥାଏ। ଗଣେଷଙ୍କୁ ସନ୍ତୁଷ୍ଟ କରିପାରିଲେ ଜୀବନରେ ସମସ୍ତ ବାଧାବିଘ୍ନର ପରିସମାପ୍ତି ଘଟିଥାଏ। ପ୍ରଥମେ ଗଣେଷ ହସ୍ତି ମସ୍ତକଧାରୀ ନଥିଲେ। ପିତା ମହାଦେବ ତାଙ୍କର ମସ୍ତକ ଛେଦନ କରିବା ପରେ ମାତା ପାର୍ବତୀଙ୍କ ଠାରୁ ଜାଣିଲେ, ସେ ତାଙ୍କର ପୁତ୍ର। ମୃତ କଟାମୁଣ୍ଡ ସ୍ଥାନରେ ସ୍କନ୍ଦରେ ଗଜ ମସ୍ତକ ସଂଯୋଗ କରାଇଥିଲେ। ସାଧୂ ସନ୍ଥ ତପସ୍ୱୀମାନେ ଗଜାନନଙ୍କ ପୂଜା କରି ପ୍ରାଚୀନ କାଳରୁ ସିଦ୍ଧିମାର୍ଗରେ ଅଗ୍ରସର ହୋଇଛନ୍ତି।

ରାମାୟଣରେ ଶ୍ରୀ ଗଣେଷଙ୍କୁ ଶିବଙ୍କର ଏକମାତ୍ର ରୂପ ବୋଲି କୁହାଯାଉ ଥିବା ବେଳେ ମହାଭାରତରେ ଅର୍ଜୁନ ଗଣେଷଙ୍କୁ ଶିବ ବୋଲି ସ୍ତୁତି ମ୍ନ କରିଛନ୍ତି। ମହାଭାରତ ଭଳି ପୁରାଣ ରଚନା କରି ସ୍ୱୟଂ ବ୍ୟାସ କହିଥିଲେ, ଶ୍ରୀ ଗଣେଷ ହେଉଛନ୍ତି ଲିପିକାର। ଗୁପ୍ତ ଯୁଗରେ ଗଣେଷଙ୍କ ଖ୍ୟାତି ଓ ବିସ୍ତୃତି ଅତ୍ୟନ୍ତ ପ୍ରଭାବଶାଳୀ ଥିଲା। ଗୁପ୍ତ ଯୁଗ ପରବର୍ତ୍ତି ସମୟରେ ରଚିତ ପୁରାଣ ମାନଙ୍କରେ ଶ୍ରୀ ଗଣେଷଙ୍କ କିର୍ତ୍ତି, ଖ୍ୟାତି ଓ ଆଧ୍ୟାତ୍ମିକ ଦର୍ଶନ ଜଗତରେ ଶତମୁଖର ହୋଇ ଉଠିଥିଲା। ଶିବ ପୁରାଣ, ଲିଙ୍ଗ ପୁରାଣ ଆଦିରେ ଗଣପତିଙ୍କ ଦିବ୍ୟ ଲୀଳାର ମହିମା ଅତି ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି। ଶାସ୍ତ୍ରରେ ଗଣେଷଙ୍କ ଆଠଟି ଅବତାର ଥିବା କଥା ବର୍ଣ୍ଣନା ରହିଛି। ସେଗୁଡିକ ହେଲା ବକ୍ରତୁଣ୍ଡ, ଏକଦନ୍ତ, ମହୋଦର, ଗଜାନନ, ଲମ୍ବୋଦର, ବିକଟ, ବିଘ୍ନରାଜ, ଧୂମ୍ରବର୍ଣ୍ଣ ଇତ୍ୟାଦି। ମନୁ ସଂହିତାରେ ଉଲ୍ଲେଖ ଅଛି- ଶିବ ଓ ଗଣେଷଙ୍କୁ ଦେବତା ଭାବେ ଗ୍ରହଣ କରାଯାଇ ଶ୍ରୀ ଗଣେଷଙ୍କୁ ପର୍ବତ ଦେହରେ ନୃତ୍ୟରତ ଗଣେଷ ଏବେ ବି ଦୃଶ୍ୟ ହୋଇଥାନ୍ତି। ଶ୍ରୀ ମନ୍ଦିରର ନୃତ୍ୟ ଗଣେଷ, ବଟ ଗଣେଷ ଆମ ପ୍ରଚୀନ ପରମ୍ପରାର ସ୍ୱାକ୍ଷର ବହନ କରିଛି। ଭାରତବର୍ଷର ବିଭିନ୍ନ ସ୍ଥାନରେ ଗଣନାଥ ପାର୍ଶ୍ୱ ଦେବତା ଭାବେ ସର୍ବଦା ପୂଜା ପାଇ ଆସୁଛନ୍ତି। ପ୍ରାଚୀନ ମନ୍ଦିରର ମୂର୍ତ୍ତୀ ଗୁଡିକ ସାଧାରଣତ ପ୍ରସ୍ତରରେ ନିର୍ମିତ ହୋଇଥାନ୍ତି। ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀରେ ଶ୍ରୀ ଗଣନାଥଙ୍କ ପୂଜା ଆରାଧନା ସମଗ୍ର ଭାରତ ବର୍ଷରେ ଅନୁଷ୍ଠିତ ହୋଇଥାଏ। ବିଦ୍ୟାଳୟ ଠାରୁ ବିଶ୍ୱ ବିଦ୍ୟାଳୟ, ସରକାରୀ ଠାରୁ ବେସରକାରୀ ଅନୁଷ୍ଠାନ ମାନଙ୍କରେ ସିଦ୍ଧିଦାତାଙ୍କ ପୂଜା ପାଳିତ ହୁଏ। ମାଟିର ସୁନ୍ଦର ମୂର୍ତ୍ତୀକୁ କାରିଗରମାନେ ପ୍ରାୟ ଦୁଇମାସ ଆଗରୁ ଗଢିବା ଆରମ୍ଭ କରି ଦିଅନ୍ତି। ସେହି ମୂର୍ତ୍ତୀ ଗୁଡିକ ଗଣେଷ ପୂଜା ଦିନ ପୁରୋହିତଙ୍କ ମାଧ୍ୟମରେ ଜୀବନ୍ୟାସ ପାଇଥାନ୍ତି। ଏହା ଆମ ହିନ୍ଦୁ ଧର୍ମର ଏକ ସାଂସ୍କୃତିକ ଉତ୍ସବ। ଏ ସମ୍ପର୍କରେ କୁହାଯାଇଛି- ଏକଦନ୍ତୋ ମହାକାୟଃ କପିଳ ଗଜକର୍ଣ୍ଣକଃ, ଲମ୍ବୋଦରଶ୍ଚ ବିକଟଃ ବିଘ୍ନନାଶନ ଏବଚ, ବିନାୟକୋ ଧୂମକେତୁଃ ଗଣାଧକ୍ଷସ୍ତଥୈଚ, ଏକାଦଶେ ଭାଲଚନ୍ଦ୍ରଃ ଦ୍ୱାଦଶେତୁଃ ଗଜାନନଃ।

ଭାରତବର୍ଷରେ ମହାରାଷ୍ଟ୍ରରେ ଦୀର୍ଘଦିନ ଧରି ଏହି ଉତ୍ସବ ପାଳିତ ହୋଇଥାଏ। ଘରେ ଘରେ ପିଠାପଣା ଓ ପ୍ରଭୂଙ୍କ ମୋଦକ ପ୍ରସ୍ତୁତ କରାଯାଇ ଥାଏ। ସହର, ଗ୍ରାମରେ ଯୁବଗୋଷ୍ଠୀ ବିଭିନ୍ନ କ୍ଲବ ମାଧ୍ୟମରେ ଏହି ଗଣେଷ ପୂଜାର ଭବ୍ୟ ଆୟୋଜନ କରିଥାନ୍ତି। ଗାଁ ଗାଁରେ ବର୍ଷାଦ୍ୟ ମେଢ ମାନ ନିର୍ମିତ ହୋଇଥାଏ। ବିଦ୍ୟା ଅଧ୍ୟୟନ ଛାତ୍ର ଛାତ୍ରୀମାନେ ନିଷ୍ଠାର ସହ ଏହି ବ୍ରତ ପାଳନ କରନ୍ତି। ପ୍ରଭୂ ଗଣେଷଙ୍କ ପୂଜା ନିମନ୍ତେ ସ୍ୱତନ୍ତ୍ର ଭାବେ ରାସିଲଡୁ ଓ ମୋଦକ ପ୍ରସ୍ତୁତ ହୋଇଥାଏ। ଜୀବନ୍ୟାସ ପାଇଥିବା ମାଟି ନିର୍ମିତ ମୂର୍ତ୍ତୀ ବିସର୍ଜନ କରିବାର ବିଧି ମ୍ନ ନିଆରା।

ଧୀରେ ଧୀରେ ଏହି ପୂଜାର ମୌଳିକତା ରକ୍ଷା ହୋଇ ପାରୁନାହିଁ। ପୁରପଲ୍ଲୀରେ ଡାକବାଜି ଯନ୍ତ୍ର ଅଶ୍ଳୀଳ ସଙ୍ଗୀତ ପରିବେଷଣ ଆମର ଆଧ୍ୟତ୍ମିକ ମାନଦଣ୍ଡକୁ ହ୍ରାସ କରିବାରେ ଲାଗିଛି। ବର୍ତ୍ତମାନର ଆଧୁନିକ ଯୁବଗୋଷ୍ଠୀ ସଙ୍ଗୀତ, ନୃତ୍ୟ ଓ ଭୋଜିଭାତର ଆସରରେ ବିଭୋର ହୋଇ ଗଣେଷ ପୂଜାର ପ୍ରକୃତ ଆଧାତ୍ମିକ ଦିଗକୁ ଉପଲବ୍ଧ କରିପାରୁ ନାହାନ୍ତି। ପ୍ରତିବର୍ଷ ମୂର୍ତ୍ତୀ ବିସର୍ଜନ ସମୟରେ ନିଶାଶକ୍ତ ଯୁବଗୋଷ୍ଠୀ ସମାଜରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଆମ ସାମାଜିକ ଜୀବନରେ ପାରମ୍ପରିକ ଆଧ୍ୟାତ୍ମିକତାର ଯେଉଁ ଗୁରୁତ୍ୱ ରହିଛି, ତାକୁ ବଂଚାଇ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ନିଷ୍ଠା, ଭକ୍ତି ଓ ସାତ୍ତ୍ୱିକ ରୀତିରେ ପୂଜାର୍ଚ୍ଚନା ପାଇଁ ସମସ୍ତେ ଯତ୍ନବାନ ହେଲେ, ଏହି ଗଣେଷ ପୂଜାର ମୌଳିକତାକୁ ଆମେ ରକ୍ଷା କରିପାରିବା।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,ମୋ-୯୪୩୭୯୫୭୧୭

ଗଣେଶଙ୍କ ଦ୍ୱାଦଶ ନାମ

'ସୁମୁଖ ଏକଦନ୍ତ କପିଳା ଗଜକର୍ଣ୍ଣ ଲମୋଦର ନିକଟ ବିଘ୍ନନାଶକ, ବିନାୟକ ଧୂମ୍ରକେତୁ, ଗଣାଧକ୍ଷ ଭାଲଚନ୍ଦ୍ର, ଗଜାନନ

ସୌର ଚନ୍ଦ୍ର ମହାପାତ୍ର

ଓଡ଼ିଶାରେ ଗଣେଶ ପୂଜା ଶରତ ଋତୁରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଅନ୍ୟତମ। ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ଏହା ପାଳନ କରାଯାଏ। ପ୍ରାୟ ପ୍ରତ୍ୟକ ଘରେ ଓ ବିଦ୍ୟାଳୟ ମାନଙ୍କରେ ଏ ଉତ୍ସବ ଅନୁଷ୍ଠିତ ହୁଏ। ସେ ଦିନ ଅନେକ ଉପବାସ କରନ୍ତି ଓ ବିଦ୍ୟା, ଧନ, ଶୁଭ କାମନା କରି ଶୁଦ୍ଧ ପୂତ ମନରେ ଗଣାପତି ପୂଜା କରନ୍ତି। ଆମ ଦେଶରେ ସମସ୍ତେ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। ଶ୍ରୀ ଗଣଶାୟ ନମଃ ପ୍ରାୟ ସବୁ ଶୁଭ କର୍ମର ଆଦ୍ୟ ଉଚ୍ଚାରଣ।

ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା। ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧି ଦାତା ଭାବେ ସେ ପୂଜ୍ୟ। ପୁରାଣ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନନାଶକ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ।ୟ 'ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦନ ପ୍ରଭୋ। ମମ ବିଘ୍ନ ବିନଶୟ ଗଣାଧିପତୟେ ନମଃ।' ଓଡ଼ିଶାରେ ଗଣେଶ ପୂଜା ବିଶେଷ ମହତ୍ତ୍ୱପୂର୍ଣ୍ଣ। ଓଡ଼ିଶାର ପ୍ରାୟ ସବୁ ତୀର୍ଥ ସ୍ଥଳରେ ମନ୍ଦିର ମାନଙ୍କରେ ଗଣେଶ ମୂର୍ତ୍ତି ବିରାଜମାନ। ଶ୍ରୀମନ୍ଦିରନରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି। ଇତିହାସ କହେ କାଞ୍ଚି ବିଜୟ କରି ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ଇଷ

କୁଖ୍ୟାତ ଆନ୍ତଃରାଜ୍ୟ ଡକାୟତ ଟୁନା ହରିଜନ ସମେତ ୯ ଗିରଫ

୨୬୦ ଗ୍ରାମ ସୁନା ୧୧୦୦ ଗ୍ରାମ ରୂପା ଜବତ

ଜୟପୁର (ଅମୃତ ମିଡିଆ) : କୋରାପୁଟ ଜିଲ୍ଲା ସମେତ ନବରଙ୍ଗପୁର, କଳାହାଣ୍ଡି ପଡୋଶୀ ରାଜ୍ୟ ଛତିଶଗଡ଼ ର ବିଭିନ୍ନ ସ୍ଥାନରେ ଡକାୟତି କରିଥିବା କୁଖ୍ୟାତ ଆନ୍ତଃରାଜ୍ୟ ଡକାୟତ ଟୁନା ହରିଜନ କୁ ବୋରିଗୁମ୍ମା ପୋଲିସ ଗିରଫ କରିବାରେ ସଫଳ ହୋଇଛି ।ଏଥିସହ ବିଭିନ୍ନ ଡକାୟତି ରେ ସମ୍ପୃକ୍ତ ଥିବା ଅଭିଯୋଗରେ ଟୁନା ହରିଜନ ସମେତ ଆଉ ୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ମନୋଜ ପୂଜାରୀ ସୂଚନା ଦେଇଥିଲେ ।ଗିରଫ ମାନେ ହେଲେ କୁଖ୍ୟାତ ଆନ୍ତଃରାଜ୍ୟ ଡ଼କାୟତ ଟୁନା ହରିଜନ(୪୦ ବର୍ଷ) ଓରଫ ସାମାନ ନାଗ ଘର ନବରଙ୍ଗପୁର ଜିଲ୍ଲା କୁସୁମୀ, ରାମ ହରିଜନ(୧୯),ଘର ନବରଙ୍ଗପୁର ଜିଲ୍ଲା ବିକ୍ରମପୁର, ମଙ୍ଗଲଦାନ ହରିଜନ(୨୬) ଘର ଜୟପୁର ସଦର ଥାନା ଅନ୍ତର୍ଗତ ଦୁବୁଲି ଗ୍ରାମ,ପୁରନ୍ଧର ସରପ(୪୪ ବର୍ଷ) ଘର କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗୟାରୀଗୁଡା, ମହିନ୍ଦ୍ରା ମେହେର(୫୦) କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ,ମୋହନ ଆଚାରୀ(୨୬) ବୋରିଗୁମ୍ମା,ବେଣୁମାଧବ ଷଡଙ୍ଗୀ(୪୪) ଘର କୁମୁଲି, ରାଜେଶ ବିଶୋଇ(୨୭) ବିସିପୁର ଥାନା ଅନ୍ତର୍ଗତ ରଜାପୁଟ,ନିଲୁ ସାମନ୍ତରାୟ(୨୬) ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଖାତିଗୁଡା ।ଅତିରିକ୍ତ ଏସ୍ପି ମନୋଜ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଗତ ୨୫.୦୮.୨୦୨୬ ତାରିଖ ମଧ୍ୟରାତ୍ରରେ ରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଦ୍ରୁତ ଗତିରେ ଯାଉଥିବା ମହିନ୍ଦ୍ରା ବୋଲେରୋ ଗାଡି କୁ ସନ୍ଦେହ ରେ ଅଟକାଇବାକୁ ଚେଷ୍ଟା କରିଥିଲେ ।କିନ୍ତୁ ବୋଲେରୋ ଟି ନ ଅଟକି କାମରା ଗ୍ରାମର ଏକ ଶ୍ମଶାନ ରାସ୍ତା କୁ ଯାଇ ପେଟ୍ରୋଲିଂ ପାଇଁ ଯାଇଥିବା ଷ୍ଟାପିଓ କୁ ଭଙ୍ଗାରୁଜା କରିବା ସହ ପୋଲିସ ଅଧିକାରୀ ଙ୍କୁ ଖଣ୍ଡା ଧରି ପ୍ରାୟ ୮ ରୁ ୯ ଜଣ ଗୋଡ଼ାଇଥିଲେ । ଏଥିସହ ଦୁଇ ରାଉଣ୍ଡ ଫାୟାରି ମଧ୍ୟ କରିଥିଲେ ।କୋରାପୁଟ ଏସ୍ପି ରୋହିତ ବର୍ମା ଙ୍କ ନିର୍ଦ୍ଦେଶ କ୍ରମେ ଏକ ସନ୍ଧେସିଆଲ ଟିମ ମନୋଜ ପୂଜାରୀ ଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା ।ଏକ ନାଟକୀୟ ଢଙ୍ଗରେ କୁଖ୍ୟାତ ଡ଼କାୟତ ଟୁନା ହରିଜନ କୁ ପୋଲିସ ଏସଆଇ ସିଦ୍ଧାନ୍ତ କୁମାର ବେହେରା ଓ ଅନ୍ୟମାନେ ଜଗଦଲପୁର ରୁ ଗିରଫ କରିଥିଲେ ।ପରେ କୋର୍ଟ ରୁ ଟୁନା ହରିଜନ ଙ୍କୁ ସାତ ଦିନ ପାଇଁ ରିମାଣ୍ଡରେ ଆଣି ତନାଘନା କରିଥିଲେ । ଟୁନା ହରିଜନ ବିଭିନ୍ନ ମନ୍ଦିର ଯଥା ଭୈରବ ମନ୍ଦିର, କାମରା ମନ୍ଦିର, ବିଜାପୁର ଶିବ ମନ୍ଦିର, ବୋଡିଗାଁ ଓ ଭାଁସୁଲି ରେ ସଶସ୍ତ୍ର ଡକାୟତି ରେ ଟୁନା ହରିଜନ ସାମିଲ ଥିବା ପୋଲିସ ଜାଣିପାରିଛି ।ଗିରଫ ବ୍ୟକ୍ତି ମାନଙ୍କ ପାଖରୁ ୨୬୦ ଗ୍ରାମ ସୁନା ଅଳଙ୍କାର, ୧୧୦୦ ଗ୍ରାମ ରୁପା ଅଳଙ୍କାର, ଗୋଟିଏ ଦେଶୀ ପିସ୍ତଲ,୨୦ ଟି ଗୁଳି, ଗୋଟିଏ ବୋଲେରୋ, ଗୋଟିଏ ଆଲଟୋ ,ଗୋଟିଏ ଅଟୋ ଓ ଗୋଟିଏ ବାଇକ, ନଗଦ ୫୦ ହଜାର ଟଙ୍କା ସହ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି ।ଏନେଇ ବୋରିଗୁମ୍ମା ଥାନାରେ ଏକ ମାମଲା-କେସ ନମ୍ବର-୨୪୯/୨୫.୦୮.୨୦୨୬ ଦଫା-୩୧୦(୪), ୩୧୦(୫), ୧୦୯, ୧୩୨, ୩୨୪(୫), ୩୨୪(୬) ବିଏନଏସ ଓ ଆର୍ମ ଆକ୍ଟ ରୁଜୁ କରାଯାଇଛି ।ତେବେ ଡ଼କାୟତ ମାନେ ଚୋରି କରିଥିବା ସୁନା ଅଳଙ୍କାର କୁ କୁମୁଲି ଗ୍ରାମର ଜଣେ କାର୍ଯ୍ୟରତ ଶିକ୍ଷକ ବେଣୁମାଧବ ଷଡଙ୍ଗୀ କିଣିଥିବା ଅଭିଯୋଗ ରେ ପୋଲିସ ଗିରଫ କରିଛି ।ଗିରଫ ଶିକ୍ଷକ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା କ୍ଲଷ୍ଟର ର ନୂଆଗୁଡା ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ମନୋଜ ପୂଜାରୀ ଙ୍କ ସମେତ ଥାନା ଆଇଆଇସି ରାମାନନ୍ଦ ସାହୁ, ଏସଆଇ ସିଦ୍ଧାନ୍ତ କୁମାର ବେହେରା, ଏଏସଆଇ ବସନ୍ତ କୁମାର ନାଗ, ଗୋପାଳ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

ମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କ ଦ୍ୱାରା ସେତୁ ଓ ରାସ୍ତା ନିର୍ମାଣର ଶୁଭାରମ୍ଭ

ଖଣ୍ଡପଡା (ଅମୃତ ମିଡ଼ିଆ) : ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ୨ଗୋଟି ବ୍ଲକ୍ ଭାପୁର ଓ ଖଣ୍ଡପଡ଼ାର ବିଭିନ୍ନ ଅଂଚଳରେ ସ୍ଥାନୀୟ ବିଧାୟକଇଂ. ଦୃଷ୍ଟ' କୁମାର ସ୍ୱାଇଁଙ୍କ ସଂଯୋଜନାରେ ରାଜ୍ୟ ଆଇନ, ପୁର୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥିରାଜ ହରିଚନ୍ଦନଙ୍କ ଦ୍ୱାରା ୧୨ତାରିଖ ଶନିବାର ଦିନ ୭ଗୋଟି ରାସ୍ତା ଓ ସେତୁ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଥିବା ଜଣାଯାଇଛି । କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଗୁଡ଼ିକର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିବା ବେଳେ ତାଙ୍କ ସହ କଟକ ସାଂସଦ ଭର୍ତୃହରି ମହତାବ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କଳାପଥର-ଭାପୁର ବାଇପାସ୍ ରାସ୍ତାର ଉନ୍ନତି ଓ ପ୍ରସସ୍ତିକରଣ, କଳାପଥର-ଭାପୁର ବାଇପାସ୍ ରାସ୍ତାରେ କାଳିଗିରି ନଦୀ ଉପରେ ପ୍ରସ୍ତାବିତ ଏଚ୍ଏଲ୍ ସେତୁ ନିର୍ମାଣ, ମାରଡ଼ା-ପଦ୍ମାବତୀ ରାସ୍ତାର ଉନ୍ନତିକରଣ, ବିଜିପୁର-କରବର ରାସ୍ତାରେ କାଳିଗିରି ନଦୀ ଉପରେ ଏଚ୍ଏଲ୍ ସେତୁ ନିର୍ମାଣ, ବିଜିପୁର-କରବର ରାସ୍ତାର ଉନ୍ନତିକରଣ ଇତ୍ୟାଦି ଭାପୁର ବ୍ଲକ୍ର ୫ ଗୋଟି ସ୍ଥାନରେ ମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ୍ର ଖଲିସାହି, କୋସ୍କା ଓ ଆଡ଼କଟା ରାସ୍ତାରେ କୁଆଁରିଆ ନଦୀ ଉପରେ ସମୁଦାୟ ୧୨କୋଟି ଟଙ୍କା ବ୍ୟୟବରାଦ ମଧ୍ୟେ ପ୍ରସ୍ତାବିତ ଏଚ୍ଏଲ୍ ସେତୁ ନିର୍ମାଣ ଓ ଖଣ୍ଡପଡ଼ା ବାଇପାସ୍ ରାସ୍ତାର ସୁନାମୁହଁ ନଦୀ ଉପରେ ୪.୫କୋଟି ଟଙ୍କା ବ୍ୟୟବରାଦ ମଧ୍ୟେ ପ୍ରସ୍ତାବିତ ଏଚ୍ଏଲ୍ ସେତୁ ନିର୍ମାଣ ପାଇଁ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସେତୁ କାର୍ଯ୍ୟ ଦ୍ୱୟର କୋସ୍କା-କୁଆଁରିଆ ସେତୁ ଠିକାଦାର ପ୍ରଶନ୍ନ କୁମାର ରଥଙ୍କ ଦ୍ୱାରା ନିର୍ମାଣଧିନ ଥିବା ବେଳେ ଖଣ୍ଡପଡ଼ା ବାଇପାସ୍ ପାଇଁ ଠିକାଦାର ରାଜିବ କୁମାର ବିଶ୍ୱାଳ କାର୍ଯ୍ୟ କରିବା ନିମନ୍ତେ ବିଧିବଦ୍ଧ ଭାବେ ଚୟନ କରାଯାଇଥିବା ପୁର୍ତବିଭାଗ ପକ୍ଷରୁ ସୂଚନା ମିଳିଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ସାଂସଦଙ୍କ ସହ ସାଂସଦ ପ୍ରତିନିଧି ଚନ୍ଦ୍ରକା' ବଳିଆରସିଂ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବାର ଦେଖାଯାଇଥିଲା। ନୟାଗଡ଼ ଜିଲ୍ଲାର ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସଂଜିବ୍ କୁମାର ବେହେରା, ଖଣ୍ଡପଡ଼ାର ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ, କନିଷ୍ଠଯନ୍ତ୍ରୀ କ୍ଷିରୋଦ୍ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସହଯୋଗ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସ୍ମିତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିବାର ଦେଖିବାକୁ ମିଳିଥିଲା।

ଚେନ୍ ଲୁଟିଆକୁ ବାନ୍ଧିଲା ଧଉଳି ପୁଲିସ

ବାଲିଅନ୍ତା (ଅମୃତ ମିଡିଆ) : ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଜାତୀୟ ରାଜପଥ ଚେନ ଲୁଟ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣେ ଚେନ ଲୁଟିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଷ ସେ ହେଲେ ଲକ୍ଷ୍ମୀସାଗର ଥାନା ବୁଧନଗର ଅଞ୍ଚଳର ସୁଦର୍ଶନ ପ୍ରଧାନ । ସେ ମଞ୍ଜେଶ୍ୱର ଥାନା ଚକେଇସିଆଣି ସିମେଇଗଡିଆରେ ରହୁଥିଲା । ପୁଲିସ ତା ଠାରୁ ଲୁଟ ହୋଇଥିବା ୨ ଟି ଚେନ, ବ୍ୟବହୃତ ଗୋଟିଏ ମୋବାଇଲ ଫୋନ ଏବଂ ପଲସର ବାଇକ ଜବତ କରିଛି । ସେ ଜଣେ ପେସାଦାର ଚେନ ଲୁଟିଆ ହୋଇଥିବା ବେଳେ ତା ନାଁରେ ଖଣ୍ଡଗିରି, କ୍ୟାପିଟାଲ, ବଡ଼ଗଡ଼ ଥାନାରେ ମାମଲା ଚାଲୁ ରହିଛି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜୋନ-୨ ଏସିପି କୃଷ୍ଣଚନ୍ଦ୍ର ପଲେଇ କହିଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତମାସ ୨୭ ତାରିଖ ସକାଳେ ଧଉଳି ଥାନା ଶିଶୁପାଳଗଡ଼ ପଞ୍ଚାୟତ ଇନ୍ଦିରାହାଉସିଂ କଲୋନୀ ସ୍ପଷ୍ଟିକ ଭିଲ୍ଲାରେ ରହୁଥିବା ଛାୟାକାନ୍ତ ମିଶ୍ର ରାଖୀ କିଣିବା ପାଇଁ ସାମନ୍ତରାପୁର ବଜାରକୁ ଯାଇଥିଲେ । ସେଠାରୁ ରାଖୀ କିଣି ଘରକୁ ଫେରୁଥିବା ବେଳେ ସକାଳ ପ୍ରାୟ ୮ ଟାରେ ୟଙ୍ଗ ଫୋନିକ୍ସ ସ୍କୁଲ ନିକଟରେ ଅଭିଯୁକ୍ତ ସୁଦର୍ଶନ ଏକ ପଲସରରେ ଆସି ଶ୍ରୀ ମିଶ୍ରଙ୍କ ବେକରୁ ୧୭ ଗ୍ରାମର ଏକ ଚେନ ଝାମ୍ପି ନେଇଥିଲା । ଏନେଇ ଶ୍ରୀ ମିଶ୍ର ଧଉଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଥାନା ପୁଲିସ ତଦନ୍ତ ଜାରୀ ରଖିଥିଲା । ଘଟଣାସ୍ଥଳରେ ଲାଗିଥିବା ଚିତ୍ର ସିସିଟିଭି ତନଖି କରିଥିଲେ । ତନଖି ସମୟରେ ପଲସରରେ ୨ ଜଣ ଲୁଟିଆ ଆସି ଲୁଟ କରିଥିବା ଦେଖାଯାଇଥିଲା । ଜଣେ ଅଭିଯୁକ୍ତ ସୁଦର୍ଶନ ହୋଇଥିବା ବେଳେ ଅନ୍ୟ ଜଣେ ତାର ସହଯୋଗୀ ମୃଷା ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ପୁଲିସ ଛାନଭିନ ପରେ ଗତକାଲି ମଞ୍ଜେଶ୍ୱର ଥାନା ଚକେଇସିଆଣି ସମାଇଗଡିଆରେ ଥିବା ବି.ଏଚ ଗୋଲଡ଼ ଆପାର୍ଟମେଣ୍ଟରୁ ସୁଦର୍ଶନକୁ ଧରିବାରେ ସକ୍ଷମ ହୋଇଥିବା ବେଳେ ତାର ସହଯୋଗୀ ମୃଷା ଫେରାର ଥିଲା । ସେହିପରି ଅଭିଯୁକ୍ତ ସୁଦର୍ଶନ ଗତ ୨୦ ଜୁଲାଇ ବଡ଼ଗଡ଼ ଥାନା କେଦାରଗୌରୀ ରିସର୍ଟରୁ ଚେନ ଲୁଟ କରିଥିବା ବେଳେ ଗତ ୬ ତାରିଖରେ କ୍ୟାପିଟାଲ ଥାନା କୃଷିଭବନ ନିକଟରେ ମଧ୍ୟ ଚେନ ଲୁଟ କରିଥିଲା । ତାର ବ୍ୟବହୃତ ପଲସର ବାଇକର ପଛପଟେ ନମ୍ବର ପ୍ଲେଟ ନଥିବା ବେଳେ ଆଗ ନମ୍ବର ପ୍ଲେଟରେ କପଡା ଗୁଡ଼ାଇ ଲୁଟ କରୁଥିଲା ।

ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଓ ସଂଶୋଧିତ ପାଠ୍ୟପୁସ୍ତକ ଦାବିରେ ନବ ନିର୍ମାଣ କୃଷକ ସଂଗଠନର ଗଣ ସତ୍ୟାଗ୍ରହ

ରଘୁନାଥପୁର (ଅମୃତ ମିଡିଆ) : ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି ପୁଣି ଆରପଟେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପଢା ବହିରେ ୧୬୭୮ ରୁ ଅଧିକ ଭୁଲ୍ ପାଠ ଲେଖିବା ଘଟଣାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରଘୁନାଥପୁର ବ୍ଲକର ରାଢଙ୍ଗ ସ୍କୁଲ ସମ୍ମୁଖରେ ଗଣ ସତ୍ୟାଗ୍ରହ କରାଯାଇଛି । ଶିକ୍ଷା ମଣିଷର ମେରୁଦଣ୍ଡ । ସମାଜ ନିର୍ମାଣର ସୋପାନ। ଜୀବନ ଜିଇଁବାର ଆଧାର। ଶିକ୍ଷା ଭୁଷୁଡି ଗଲେ ଜୀବନ ଜିଇଁବା କଷସାଧ୍ୟ ହୋଇପଡେ। ତେଣୁ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରିବା ସରକାରଙ୍କର ପ୍ରାଥମିକ କାର୍ଯ୍ୟ। ପିଲାଙ୍କ ପଢା ବହିକୁ ବିକୃତ କରିବା ରାଜ୍ୟର ବିଜେପି ସରକାରଙ୍କ କର୍ତ୍ତବ୍ୟ ବୋଧତା ଉପରେ ପ୍ରଶ୍ନବାଚୀ ଠିଆ କରାଉଛି । ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ୫୫ ଟି ନୂଆ ପାଠ୍ୟପୁସ୍ତକରେ ୧,୬୭୮ ଭୁଲ୍ ପାଠ (ସରକାରୀ ତଥ୍ୟ ଅନୁଯାୟୀ) ଛପାଯାଇଛି ଓ ଏହି ପରିପ୍ରେକ୍ଷୀରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ, ନୂଆ ପାଠ୍ୟ ପୁସ୍ତକରେ ଭୁଲ୍ ବହି ସଂଶୋଧନ କରି ତୁରନ୍ତ ନୂଆ ବହି ଦିଅ, ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦିଅ, ଶିକ୍ଷା ପରେ ନିଯୁକ୍ତିର ଗ୍ୟାରେଣ୍ଟି ଦିଅ, ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ଯୁବପିଢୀଙ୍କୁ ନିଯୁକ୍ତି ଦିଅ, ନୂତନ ପାଠ୍ୟପୁସ୍ତକ ମୁଦ୍ରଣରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଫେରନ୍ତ କରନ୍ତୁ ଭଳି ୬ ଦଫା ଦାବୀ ନେଇ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଆଜି ସକାଳ ଦଶ ଘଟିକା ସମୟରେ ରାଢ଼ଙ୍ଗ ଉଚ୍ଚ ବିଦ୍ୟାଳୟ ଏବଂ ରାଢ଼ଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ ସହ ପ୍ରଧାନ ଶିକ୍ଷକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଂଜନ ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷକ ସରୋଜ ମହାପାତ୍ର, ଗାନ୍ଧୀବାଦୀ ସୁରେନ୍ ରାଉତ, ବିପିନ ପାଳ, ସରପଞ୍ଚ ସୁଶିଲ ବାରିକ୍, ସୁଧ୍ ରଂଜନ ବାରିକ୍, ଶୁକଦେବ ଜେନା, ଶରତ ରାଉତ, ଚନ୍ଦ୍ର ଶେଖର ରାଉତ, ଅକ୍ଷୟ କୁମାର ଜେନା, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ, ପରୀକ୍ଷିତ ସାମଲ, ମାୟାଧର ଭୂୟାଁ, ସରୋଜକୁମାର ଜେନା, ଶିଶିର କୁମାର ରାଉତ, ଆଲୋକ ପାଳ, ପୁଷ୍ପଲତା ଜେନା, ନର୍ମଦା ନାୟକ, କାନ୍ତିବାଳା ପାଳ, ସ୍ନେହଲତା ଦାସ ପ୍ରଭୃତି ସାମିଲ ଥିଲେ।

୧୧ତମ ପ୍ରତିଷ୍ଠା ଦିବସ ପାଳନ କଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ଖଣ୍ଡପଡା (ଅମୃତ ମିଡ଼ିଆ) : ଖଣ୍ଡପଡ଼ା ସହରାଂଚଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୧ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଥିବା ଜଣାପଡ଼ିଛି । ୧୦ ତାରିଖ ଶୁକ୍ରବାର ଅପରାହ୍ନରେ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଇଂ. ଦୃଷ୍ଟ' କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ମଧ୍ୟେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷା ଶୁଭଲକ୍ଷ୍ମୀ ସାହୁଙ୍କ ସଂଯୋଜନା ତଥା ପରିଚାଳନା ମଧ୍ୟେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ାଃ. ଅଭିଷାର ପଣ୍ଡା, ସ୍ଥାନୀୟ ତହସିଲଦାର ବିଶ୍ୱବିସ୍ମିତ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକା' ବଳିଆରସିଂହ, ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ତାର ଶିକ୍ଷାଭିତିକ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପୃକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶ୍ୱାଳ ମଂଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବିଧାୟକ ଇଂ. ସ୍ୱାଇଁ ସ୍ୱବକ୍ତବ୍ୟ ପ୍ରସଙ୍ଗେ ସମ୍ପୃକ୍ତ ବିଦ୍ୟାଳୟରେ ଥିବା ଅଭାବ, ଅସୁବିଧା ଓ କିଛି ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ତୁର' ସମାପ୍ତ କରିବାର ପ୍ରତିଶୃତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ବିଦ୍ୟାଳୟର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଂଟନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ଛାତ୍ରଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ। ଏଥି ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଂଚଳ କଳା ପରିସ୍ଫୁଟ ହେବା ସହ ଦର୍ଶକମାନଙ୍କ ମନୋରନର ମାଧ୍ୟମ ସାଜିଥିବାର ଦେଖାଯାଇଥିଲା।

ବଦଳୁନି ବିଦ୍ୟାଳୟ ଭିତିଭୂମି,ହୋଇପାରିଲାନି ସ୍ମାର୍ଟ ଶ୍ରେଣୀଗୃହ

ସ୍ୱର ଉଠାଇଲା ଉତ୍କଳ ଅଭିଭାବକ ମହାସଂଘ

ଭୁବନେଶ୍ୱର (ବ୍ୟୁରୋ) : ରାଜ୍ୟର ବିଦ୍ୟାଳୟ ଭିତିଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହେଉ ନାହିଁ। ଏବେ ବି କେଉଁଠି ପାଚେରି ନାହିଁ ତ ଆଉ କେଉଁଠି ଗଛ ମୂଳେ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ହାଇସ୍କୁଲରେ ଲାଇବ୍ରେରି, ଲାବରେଟେରି, ସ୍ମାର୍ଟ କ୍ଲାସରୁମ୍ ପରି ଅତ୍ୟାଧୁନିକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେଥିରେ ତାଲା ଝୁଲିଲାଣି। ଶିକ୍ଷକ ଅଭାବ ପରି ଭିତିଭୂମିରୁ ମୁକୁଳିପାରି ନ ଥିବା ଓଡ଼ିଶାର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ଓ କୃତିମ ବୁଦ୍ଧିମତା(ଏଆଇ) ପରି

ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବିକେସି ୟୁନାଇଟେଡ୍ ଚାମ୍ପିୟନ

ବଲାଙ୍ଗୀର (ଅମୃତ ମିଡିଆ) : ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ଫାଇନାଲ ଖେଳ ବିକେସି ୟୁନାଇଟେଡ ବଲାଙ୍ଗିର ବନାମ ଜିଞ୍ଜାଇଡିସି ନକଟାସର ୧-୧ ଗୋଲ ରେ ଡ୍ର ରହିଥିଲା । ଟ୍ରାଇବ୍ରେକର ୩-୨ ଗୋଲରେ ବିକେସି ୟୁନାଇଟେଡ ନକଟାସରକୁ ହରାଇ ଚମ୍ପିୟାନ ହେଲା । ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଯାପନି ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ଓଡିଶା କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇ ବଲାଙ୍ଗିର କ୍ରୀଡା ଭିତ୍ତିଭୂମିକୁ ପ୍ରଶଂସା କରି ରାଜନୀତି ରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ମିଳିମିଶି କ୍ରୀଡାର ବିକାଶ ନିମନ୍ତେ ଆଗେଇ ଆସନ୍ତୁ ବୋଲି ଆହ୍ୱାନ କରିଥିଲେ । ଆହୁରି ମଧ୍ୟ ଆମ ସରକାର ଆସିବା ଦିନଠୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରୁ ସିଏମ୍ ଟ୍ରଫି ଫୁଟବଲ, ଖୋ-ଖୋ, କବାଡି ଓ ବଲିବଲ ଖେଳକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟ ଅତିଥି ଖେଳାଳି ଓ ସମବେତ ଜନତାଙ୍କୁ ଉତ୍ସାହିତ କରି ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ର ସମସ୍ତ କର୍ମକର୍ତ୍ତା ଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ଦିନରେ ବଲାଙ୍ଗିର ମ୍ୟୁନିସିପାଲିଟି ତରଫରୁ ସମସ୍ତ ପ୍ରକାର ସହଯୋଗ ର ହାତ ବଢାଇବାକୁ ପ୍ରତିଶ୍ରୁତି ଦେଇଥିଲେ । କ୍ରୀଡା ସଂସଦ ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅତିଥି ଭାବେ ଓଏସ୍‌ଡି ଫୁଟବଲ ଭୁବନେଶ୍ୱର ସୋନାଲି ଋନ୍ଦ, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ସାଂସଦ ପ୍ରତିନିଧି ଦିନେଶ ଶର୍ମା, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଯୋଗ ଦେଇଥିଲେ । କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଋନ୍ଦ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ଫୁଟବଲ କୋଚ ପରାଶର ବାଗ, ସଂସଦର ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, ଜୟରାମ ମିଶ୍ର, ଶିଶିର କୁମାର ବହିଦାର, ହେମନ୍ତ କୁମାର ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ମଂଚାସିନ ଥିଲେ । ଖେଳକୁ ଜିତେନ୍ଦ୍ର ପାତ୍ର, ସଂଜିବ ମହାରଣା, ସଂଜନ କୁଦେଇ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିବା ବେଳେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଜୋନ ସଂଯୋଜକ ଏନ୍‌ଜେଓସି ଚୁଡାପାଲି, ଏଥେଲେଟିକ ଏସୋସିଏସନ ଟିଟିଲାଗଡ, ହଲଧର ପାଠାଗାର ଖୁଜେନପାଲି, ରାମଜୀ ଯୁବକ ସଂଘ ସଦାଇପାଲି, ପ୍ରୋଗ୍ରେସିଭ କ୍ଲବ ବଲାଙ୍ଗିର, ବିଏନ୍‌ଏଏ ଜରାସିଂହା, ଲୋଇସିଂହା ଏଥେଲେଟିକ ଏସୋସିଏସନ ଓ ଇବିଏଫ୍‌ଏ ହଲଦି ଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ । ବିକେସି ଦଳର ସୁଧୀର ସରାଫଙ୍କୁ ଶ୍ରେଷ୍ଠ ଗୋଲ କିପର ଓ ନକଟାସର ଦଳର ବିକାଶ ଧରୁଆଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ ।

ନୂଆଁଖାଇ ପାଇଁ ଆଲୋକରେ ଝଲସିବ ଦେବୀଙ୍କ ମନ୍ଦିର

ପାଟଣେଶ୍ୱରୀ ଓ ସମଲେଶ୍ୱରୀ ଦୁଇଟି ଗେଟ ନିର୍ମାଣ କରିବ ପୌର ପ୍ରଶାସନ

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ନୂଆଁଖାଇ ପାଇଁ ସହରସାରା ଭିଡ ଜମିଥିବା ବେଳେ ମନ୍ଦିର ଓ ରାସ୍ତାଘାଟ ଆଲୋକ ସଜ୍ଜାରେ ପ୍ରସ୍ତୁତି ଝଲିଛି । ଏ ନେଇ ଦେବାଳୟ ସୁରକ୍ଷା କମିଟି ପୌର ପ୍ରଶାସନର ବିଭିନ୍ନ ଦାବି ଉପରେ ଦ୍ୱାରସ୍ଥ ହୋଇଥିଲା । ବଲାଙ୍ଗିର ୧୮୭୨ ମସିହାରେ ନୂତନ ଭାବେ ରାଜଧାନୀ ସ୍ଥାପନ ହୋଇଥିବା ବେଳେ ପୂର୍ବରୁ ବଳରାମ ଗଡ ଭାବେ ମୁଖ୍ୟ ଭୂମିକା ନେଇଥିଲା । ପାଟଣାର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଗଡର ଇଷ୍ଟଦେବୀ ଭାବେ ପୂଜା ପାଇ ଆସୁଛନ୍ତି । ୧୯୧୫ ମସିହାରେ ମାଁ ପାଟଣେଶ୍ୱରୀ ଦେବୀଙ୍କ ସାନ ଭଉଣୀ ମାଁ ସମଲେଶ୍ୱରୀ ବି ପୂଜା ପାଉଛନ୍ତି ଏହି ଗଡରେ । ରାଜ ଶାସନ ହାତରୁ ଝଲିଯାଇଥିବା ବେଳେ ସରକାରଙ୍କ ହାତରେ ଝଲିଛି । ବଲାଙ୍ଗିର ସହର ସୌନ୍ଦର୍ଯ୍ୟକରଣ, ବିଭିନ୍ନ ଚିତ୍ର ଛବି ଓ ଐତିହ୍ୟ ସୁରକ୍ଷା ନିମନ୍ତେ ବଲାଙ୍ଗିର ମ୍ୟୁନିସିପାଲିଟି ବିଭିନ୍ନ ପ୍ରୟାସ କରି ଆଗକୁ ନେଇଛି । ଗଡର ଇଷ୍ଟଦେବୀ କୁ ସମ୍ମାନ ଦେଇ ମୁଖ୍ୟ ଏନ୍‌ଏଚ୍ ୨୬ ରେ ମାଁ ପାଟଣେଶ୍ୱରୀ ଦ୍ୱାର ନିର୍ମାଣ ଯାହାକି ସମ୍ବଲପୁର କିମ୍ବା ଟିଟିଲାଗଡ ରାସ୍ତାରେ ଗେଟ ନିର୍ମାଣ କରିବା ପାଇଁ ଦାବି । ସେହିଭଳି ମାଁ ସମଲେଶ୍ୱରୀ ଦେବୀ ନାମରେ ଗେଟ ନିର୍ମାଣ କରିବା ପାଇଁ ମଧ୍ୟ ଦାବି କରାଯାଉଛି । ଏନ୍‌ଏଚ୍ ୫୭ ଯାହାକି ପାଟଣାଗଡ ଦେଇ ରାସ୍ତା ନିର୍ମାଣ କରିବା ପାଇଁ ଦାବି । ବଲାଙ୍ଗିର ମ୍ୟୁନିସିପାଲିଟି ସମ୍ମୁଖରେ ପୁରୁଣା ରାଜଭାଟି ମୁଖ୍ୟ ଗେଟ ଐତିହ୍ୟ ବହନ କରୁଥିବା ଏବେ ବିପଦ ସଂକୁଳ ଅବସ୍ଥାରେ ଏହି ଗେଟର ବଲାଙ୍ଗିର ଇତିହାସ ରେ ବେଶ ପରିଚୟ । ଏହାର ସୁରକ୍ଷା ନିମନ୍ତେ ମ୍ୟୁନିସିପାଲିଟି ସୌନ୍ଦର୍ଯ୍ୟକରଣ ଓ ମରାମତି କରିବା ପାଇଁ ଦାବି । ଆଗାମୀ ୧୫ ତାରିଖ ଦିନ ପଶ୍ଚିମ ଓଡିଶାର ନୂଆଁଖାଇ ଆନନ୍ଦ ଉଲ୍ଲାସରେ ପାଳନ ହେବାକୁ ଯାଉଥିବା ବେଳେ ମାଁ ପାଟଣେଶ୍ୱରୀ ମନ୍ଦିର ଓ ମାଁ ସମଲେଶ୍ୱରୀ ମନ୍ଦିର ଆଲୋକସଜ୍ଜା ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଲିଖିତ ଭାବେ ଦାବି କରିଛନ୍ତି । ବିଭିନ୍ନ ଦାବିକୁ କମିଟିର ସହ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଗୁରୁତ୍ୱ ଭାବେ ଗ୍ରହଣ କରିଛନ୍ତି । ନୂତନ ଭାବେ ଗଡର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଦ୍ୱାର ଓ ସମଲେଇଶ୍ୱରୀ ଦ୍ୱାର ପାଇଁ ଦୁଇ ଗୋଟି ଗେଟ ନିର୍ମାଣ ଐତିହ୍ୟ ବହନ କରୁଥିବା ପୁରାତନ ରାଜଭାଟି ଗେଟ ସ୍ୱତନ୍ତ୍ର ଭାବେ ଏହାର ମରାମତି କରିବା ପାଇଁ ନିଷ୍ପତ୍ତି ନିଆ ସରିଛି । ନୂଆଁଖାଇ ପାଇଁ ଦୁଇ ଦେବିଙ୍କ ମନ୍ଦିର ଆଲୋକ ସଜ୍ଜାରେ ଝଲସିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଜୟକୃଷ୍ଣ ମିଶ୍ର, ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ଚିଣ୍ଟୁ ସାହୁ ପ୍ରମୁଖ ସାମିଲ ଥିଲେ ।

ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ସ ଟାଇକୋଣ୍ଡୋ ପ୍ରତିଯୋଗିତା

ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍କୁଲ ଗେମ୍ସ ଟାଇକୋଣ୍ଡୋ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପି.ପି. ଏକାଡେମୀ ହାଇସ୍କୁଲ କନଫରେନ୍ସ ହଲ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା ବେହେରା ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର, ପି.ପି.ଏକାଡେମି ହାଇସ୍କୁଲର ପ୍ରଧାନ ଶିକ୍ଷକ ଦ୍ୟୁତିରଞ୍ଜନ ମହାଲିଙ୍ଗ ଏବଂ ବଲାଙ୍ଗିର ଜିଲ୍ଲା ଟାଇକୋଣ୍ଡୋ ସଂଘର ସମ୍ପାଦକ ଅସୀମ କୁମାର ଭୋଇ ମଂଚାସିନ ଥିଲେ । ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ବଭନ୍ନ ସରକାରୀ ବିଦ୍ୟାଳୟରୁ ଶତାଧିକ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉଭୟ ଅଣ୍ଡର ୧୪ ଓ ଅଣ୍ଡର ୧୭ ବର୍ଷ ବାଳକ ଓ ବାଳିକା ବର୍ଗରେ କ୍ୟୁରଗୀ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜାତୀୟ ସ୍ତରୟ ରେଫରୀ ତଥା ଟାଇକୋଣ୍ଡୋ କୋଚ ଅସୀମ କୁମାର ଭୋଇ ସମସ୍ତ ମ୍ୟାଚକୁ ସୂଚାରୁ ରୂପେ ପରିଚାଳନା କରିଥିଲେ । ଆସନ୍ତା ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାରୁ ୧୬ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୂଚନା ଦିଆ ଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାକୁ ପିଇଟି ହେମନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ରଂଜିତା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷା ବିଭାଗ ତରଫରୁ ନୟୋଜିତ ସମସ୍ତ ଅଫସଆଲସ, ପିଇଟି, ପିଇଆଇ, ଶିକ୍ଷକ, ଶିକ୍ଷୟତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ ।

ମଦ ଚୋରାଚାଲାଣ : ବିଭାଗୀୟ ଚଢ଼ଉ ଲୋକଦେଖାଣିଆ

କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) : ଧର୍ମଗଡ଼ ଅଞ୍ଚଳରେ ମଦ ଚୋରା ଚାଲାଣ ଖୁଲମ ଖୁଲା ହୋଉଥିବା ଦେଖିବାକୁ ମିଳୁଛି । ଦେଶୀ ବିଦେଶୀ ମଦ ଚେର ଏବେ ସହରରୁ ଗାଁ ଗଣ୍ଡାରେ ଲମ୍ବି ଚାଲିଛି । ଏହା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବିଭାଗ କେବଳ କାଁ ଭାଁ ଚଢ଼ଉ କରି ବାଃ ବାଃ ନେବା ଉଦ୍ୟମ କରୁଛି । ହେଲେ ବାସ୍ତବରେ କାରବାର ବିଭାଗର ଇସାରାରେ ହେଉ ଥିବା ଅଞ୍ଚଳରେ ଚର୍ଚ୍ଚା ହୋଉଛି । ଏହି କାରବାରରେ ବିଭାଗ ମାସିକ ବଟି ଆଦାୟ କରୁଥିବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । କିଛି ମିଳୁ କି ନ ମିଳୁ ହେଲେ ଧର୍ମଗଡ଼ ଅଞ୍ଚଳର ଗାଁ ଗଣ୍ଡା ମାନଙ୍କରେ ଦେଶୀ ବିଦେଶୀ ମଦ ସହଜରେ ମିଳୁଛି । ଧର୍ମଗଡ଼ ସହର ସ୍ଥିତ ବିଦେଶୀ ମଦ ଦୋକାନରୁ ଏସବୁ ଗାଁ ଗଣ୍ଡା ମାନଙ୍କୁ ଯୋଗା ଥିବା ଜଣାପଡିଛି । ଏଥିରେ ଖୋଦ ମଦଦୋକା କର୍ମଚାରୀଙ୍କ ସମ୍ପୃକ୍ତି ଥିବା କୁହାଯାଉଛି । ଅତି ଲାଭବାନ ହେବା ଉଦ୍ଦେଶ୍ୟ ରଖି ସହରରୁ ଗାଁ ଗଣ୍ଡାକୁ ଯୋଗାଇ ଦିଆଯାଉଛି । ଏପରିକି ଗାଁ ଗଣ୍ଡା ମାନଙ୍କରେ ବିଦେଶୀ ମଦ ଚଢା ଦରରେ ବିକ୍ରି କରି ବେପାରୀମାନେ ମାଲେ ମାଲ ହୋଉଥିବା ବେଳେ ଗ୍ରାହକ କିନ୍ତୁ ଶୋଷଣ ସାଜୁଥିବା ଅଭିଯୋଗ ଉଠିଛି । ବର୍ତମାନ ଅଞ୍ଚଳରେ ନୂଆଖାଇ ପାଇଁ ସଜବାଜ ହେଉଥିବା ବେଳେ ଅନ୍ୟପଟେ ମଦ ବେପାରୀ ଏହାର ଫାଇଦା ଉଠାଇବାକୁ ମଦ ଆଣି ଗଚ୍ଛିତ ରଖିଛନ୍ତି । ଯାହା ଧର୍ମଗଡ଼, ବେହେରା, କୋକସରା, ଗୋଲାମୁଣ୍ଡା, ଜୟପାଟଣା ଓ ବିଭିନ୍ନ ମଦ ଦୋକାନରୁ ଆସୁଥିବା ନଜର ରହିଛି । ତେବେ ଏଭଳି ଖୁଲମ ଖୁଲା ଚୋରା ଚାଲାଣ ହେଉଥିବା ନେଇ ବିଭାଗ ଉପରେ ପ୍ରଶ୍ନ ଉଠିଛି । ବିଭାଗର ପ୍ରାସାହନ ବିନା ଏଭଳି କାରବାର ହେବା ସମ୍ଭାବନା ଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ସିଭିଲ୍ କୋର୍ଟରେ ମାଗଣା ସ୍ୱାସ୍ଥ୍ୟଶିବିର

ବଲାଙ୍ଗୀର (ଅମୃତ ମିଡିଆ) : ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା, ବଲାଙ୍ଗୀର ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ଅଣ ସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ସିଭିଲ କୋର୍ଟ ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାସ୍ଥ୍ୟ ଶିବିର ର ମୂଳ ଉଦ୍ଦେଶ୍ୟ ଅଣ ସଂକ୍ରାମକ ରୋଗ ର ଚିହ୍ନଟ ସହ, ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆଯାଇଥିଲା । ଏହି ଶିବିର ରେ ସ୍ୱାସ୍ଥ୍ୟ କେନ୍ଦ୍ର ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିର ରେ ଡାକ୍ତର ନନ୍ଦ କିଶୋର ପାଢୀ, ଭୀମଭୋଇ ମେଡିକାଲ କଲେଜର ଡାକ୍ତର ଶଙ୍କର ମେହେର, ଡାକ୍ତର ସନ୍ଦୀପ ୟାଦପ ଓ ରାଜେନ୍ଦ୍ର ଯୁବକ ସଂଘ ର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିର ଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଏ.ପି.ଏମ ରାମାନୁଜ ପଣ୍ଡା ଓ ୟୁ.ଡି.ଏମ ଅନିଲ କୁମାର ମହାକୁର ତଦାରଖ କରାଯାଇଛି । ଏହି ସ୍ୱାସ୍ଥ୍ୟ ଶିବିର ରେ ୧୦୩ ରୁ ଉର୍ଦ୍ଧ୍ୱ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିର ଟି ସୁଚାରୁ ରୂପେ ପରିଚାଳିତ ହେଇଥିଲା ।

ବୀରାଙ୍ଗନା ପାର୍ବତୀ ଗିରିଙ୍କ ଜନ୍ମଶତାବ୍ଦୀରେ ସ୍ମାରକ ଡାକଟିକଟ ପାଇଁ ପ୍ରସ୍ତାବ

ସାଂସଦଙ୍କ ଦାବିକୁ କେନ୍ଦ୍ରର ସକାରାତ୍ମକ ପଦକ୍ଷେପ

ବରଗଡ଼ (ଅମୃତ ମିଡ଼ିଆ) : ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା 'ବଡ଼ମା' ଭାବେ ପରିଚିତ ବୀରାଙ୍ଗନା ପାର୍ବତୀ ଗିରିଙ୍କ ଜନ୍ମଶତାବ୍ଦୀ ଅବସରରେ ତାଙ୍କ ସ୍ମୃତିରେ ସ୍ମାରକ ଡାକଟିକଟ ଜାରି କରିବା ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଦାବି ନୂଆ ଆଶା ସୃଷ୍ଟି କରିଛି । ଏ ସମ୍ପର୍କରେ ଲୋକସଭାରେ ନିୟମ ୩୭୭ ଅଧୀନରେ ସାଂସଦ ଶ୍ରୀ ପୁରୋହିତ ୨୪ ଜୁଲାଇ ୨୦୨୬ରେ ମାମଲା ଉଠାଇଥିଲେ । ସାଂସଦ ତାଙ୍କ ଦାବିରେ କହିଥିଲେ ଯେ, ୧୯ ଜାନୁଆରୀ ୧୯୨୬ରେ ଜନ୍ମଗ୍ରହଣ କରିଥିବା ପାର୍ବତୀ ଗିରିଙ୍କ ଜନ୍ମଶତାବ୍ଦୀ ୨୦୨୬ରେ ପୂରଣ ହେଉଛି । ମାତ୍ର ୧୬ ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କ ବିଚାରରେ ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ହୋଇଥିଲେ । କାରାବାସ ସହିବା ସହ ଇଂରେଜ ଶାସନ ବିରୋଧରେ ସାହସର ସହ ଲଢ଼ିଥିଲେ । ସ୍ୱାଧୀନତା ପରେ ମଧ୍ୟ ସେ ସମାଜସେବା, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବଞ୍ଚିତ ଶିଶୁଙ୍କ କଲ୍ୟାଣ ପାଇଁ ଜୀବନ ଉତ୍ସର୍ଗ କରିଥିଲେ । ତାଙ୍କ ଅବଦାନକୁ ଜାତୀୟ ସ୍ତରରେ ସ୍ମରଣୀୟ କରିବା ପାଇଁ 'ବଡ଼ମା'ଙ୍କ ଜୀବନୀ ଉପରେ ଆଧାରିତ ଏକ ଜାତୀୟ ବାୟୋଗ୍ରାଫିକ୍ ତଥ୍ୟ ପ୍ରସ୍ତୁତ ଓ ପ୍ରଦର୍ଶନ କରିବା ସହ ଭାରତୀୟ ଡାକ ବିଭାଗ ପକ୍ଷରୁ ତାଙ୍କ ନାମରେ ସ୍ମାରକ ଡାକଟିକଟ ଜାରି କରିବାକୁ ସାଂସଦ ଦାବି କରିଥିଲେ । ଏହାର ଉତ୍ତରରେ କେନ୍ଦ୍ର ଯୋଗାଯୋଗ ତଥା ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିଆ ୩ ସେପ୍ଟେମ୍ବର ୨୦୨୬ରେ ସାଂସଦଙ୍କୁ ପତ୍ର ଦେଇଛନ୍ତି । ପତ୍ରରେ କୁହାଯାଇଛି ଯେ, ସ୍ମାରକ ଡାକଟିକଟ ଜାରି ସମ୍ପର୍କିତ ମାମଲାକୁ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି । ଆଗାମୀ ବୈଠକରେ ଫିଲାଟେଲିକ୍ ଆଡଭାଇଜରୀ କମିଟି ସମ୍ମୁଖରେ ଏହି ପ୍ରସ୍ତାବ ରଖାଯିବ ବୋଲି ମନ୍ତ୍ରୀ ଶ୍ରୀ ସିନ୍ଧିଆ ଜଣାଇଛନ୍ତି । କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଫଳରେ ବୀରାଙ୍ଗନା ପାର୍ବତୀ ଗିରିଙ୍କ ଅମର ଅବଦାନକୁ ଜାତୀୟ ସ୍ତରରେ ସମ୍ମାନ ଓ ସ୍ମରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆଶା ସୃଷ୍ଟି ହୋଇଛି ।

ଆଗକୁ ଆସୁଛି ଗଣେଶ ପୂଜା

ମୂର୍ତ୍ତି ନିର୍ମାଣରେ କାରିଗର ବ୍ୟସ୍ତ, ଗ୍ରାହକଙ୍କ ଅପେକ୍ଷାରେ ବ୍ୟବସାୟୀ

କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) : ଗଣେଶ ଚତୁର୍ଥୀକୁ ନେଇ ଧର୍ମଗଡ ବ୍ଲକ୍ ସମେତ ସମଗ୍ର ଅଂଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହେବାକୁ ଲାଗିଛି । ଆଉ କିଛି ଦିନ ପରେ ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ପୂଜା ପ୍ରସ୍ତୁତି ଏବେ ଜୋରଦାର ହୋଇଛି । ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ପୂଜା କମିଟି ଓ ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ଆକର୍ଷଣୀୟ ଭାବେ ଗଣେଶ ପୂଜା ପାଳନ ପାଇଁ ଯୋଜନା ଚାଲିଛି । ପୂଜାକୁ ନେଇ ମୂର୍ତ୍ତି କାରିଗରମାନେ ଏବେ ଦିନରାତି କରି ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି । କାରିଗରଙ୍କ ନିପୁଣ ହାତର ସ୍ପର୍ଶରେ ମାଟିର ଗଣେଶ ମୂର୍ତ୍ତି ଧୀରେଧୀରେ ଜୀବନ୍ତ ରୂପ ନେଉଛି । କେଉଁଠି ମୂର୍ତ୍ତିର ଆକୃତି ଦିଆଯାଉଛି ତ ଆଉ କେଉଁଠି ରଙ୍ଗ ଓ ସାଜସଜ୍ଜାର ଶେଷ ପର୍ଯ୍ୟାୟ କାମ ଚାଲିଛି । ଛୋଟ ମୂର୍ତ୍ତିଠାରୁ ଆରମ୍ଭ କରି ବିଶାଳ ଆକାରର ଆକର୍ଷଣୀୟ ମୂର୍ତ୍ତି

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ମୟୂରଭଞ୍ଜ ଗସ୍ତ

ଶିଶୁ ଓ ମହିଳା ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ନେଇ କଲେ ସମୀକ୍ଷା

ବାରିପଦା(ଅମୃତମିଡିଆ): ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଓ ସଦସ୍ୟା କଷ୍ଟୁରୀ ମିଶ୍ର ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ୩ଟି ସବ-ଡିଭିଜନ ର ୧୨ରୁ ଅଧିକ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ଅବସରରେ ଜିଲ୍ଲାର ସମସ୍ତ ଅଧିକାରୀ, ଏଡିଏମ ଏବଂ ସିଡିଏମଓଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ଶିଶୁ ଯେପରି ଉପଯୁକ୍ତ ଶିକ୍ଷା ପାଇପାରିବେ, ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ସମ୍ପୂର୍ଣ୍ଣ ବନ୍ଦ ହେବ ଏବଂ ପ୍ରତ୍ୟେକ ପିଲା ପୁଷ୍ଟିକର ଖାଦ୍ୟ ପାଇପାରିବେ, ସେନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପରିଦର୍ଶନ ବେଳେ ସ୍କୁଲ ଓ ହୋଷ୍ଟେଲ ମାନଙ୍କରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଓ ଅନିୟମିତତା ଦେଖି ଅସନ୍ତୁଷ୍ଟ ପ୍ରକାଶ କରିବା ସହ ଅଧିକାରୀ ମାନଙ୍କୁ ତାଗିଦ କରିଛନ୍ତି ଅଧକ୍ଷା । ଏସ.ସି-ଏସ.ଟି. ସ୍କୁଲ, ପି.ଏମ.ଶ୍ରୀ ସ୍କୁଲ ଏବଂ ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକର ପରିଦର୍ଶନ ସମୟରେ ପିଲାମାନଙ୍କ ଶୌଚାଳୟ, ରୋଷେଇ ଶାଳା ଏବଂ କୋଠାବାଡ଼ି ଭଳି ଅନେକ ଭିତ୍ତିଭୂମିଗତ ଅସୁବିଧା ଓ ଅବ୍ୟବସ୍ଥା ନଜରକୁ ଆସିଛି । ଏସବୁ ସମସ୍ୟାର ସମାଧାନ ପାଇଁ ପି.ଏ.ଆଇ.ଟି.ଡି.ଏ ଏବଂ ଜିଲ୍ଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର, ଟି.ଏଚ.ଆର. କେନ୍ଦ୍ର ଏବଂ ହସ୍ପିଟାଲଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି । ବିଶେଷ କରି ପେଡ଼ିଆଟ୍ରିକ ସେବାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ହସ୍ପିଟାଲଗୁଡ଼ିକ ଛୋଟ ପଡୁଥିବାରୁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି । ପ୍ରାୟ ୧୯ଟି ଟି.ଏଚ.ଆର. କେନ୍ଦ୍ରର ଭେରିଫିକେସନ କରାଯାଇ ପୁଷ୍ଟିକର ଖାଦ୍ୟର ମାନ ଯାଞ୍ଚ ପାଇଁ କୁହାଯାଇଛି । ହଷ୍ଟେଲ ଗୁଡ଼ିକରେ ରହୁଥିବା ପିଲାମାନଙ୍କ ପାଇଁ କାଉନସେଲର ରହିବା ଅତ୍ୟନ୍ତ ଜରୁରୀ ବୋଲି କମିଶନ ମତ ଦେଇଛନ୍ତି । ବିଭାଗୀୟ ଅଧିକାରୀ ଏବଂ ଡାଇରେକ୍ଟରଙ୍କ ସହ ଫୋନରେ ଆଲୋଚନା କରାଯାଇ ଆଗାମୀ ଦିନରେ ଏହାର ସମାଧାନ କରାଯିବ । ସ୍କୁଲରୁ ପାଠ ପଢା ଛାଡୁଥିବା ପିଲାମାନଙ୍କୁ ପୁନର୍ବାର ବିଦ୍ୟାଳୟକୁ ଆଣିବା ପାଇଁ ଗଠିତ କମିଟିକୁ ଅଧିକ କଡ଼ାକଡ଼ି ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ମୟୂରଭଞ୍ଜକୁ ଏକ ଶିଶୁ ଶ୍ରମମୁକ୍ତ ଏବଂ ବାଲ୍ୟବିବାହ ମୁକ୍ତ ଜିଲ୍ଲା କରିବା ସହିତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ପାଇଁ ପ୍ରଶାସନ ଏବଂ ଆୟୋଗ ପକ୍ଷରୁ ମିଳିତ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି ଅଧକ୍ଷା ଶ୍ରୀମତୀ ପାତ୍ର ।

ହାଇଦରାବାଦରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

ବାରିପଦା(ଅମୃତମିଡିଆ): ହାଇଦରାବାଦର ଏକ ହଷ୍ଟେଲରେ ରହି କାମ କରୁଥିବା ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଧାଡିକା ପଞ୍ଚାୟତ ଅଧୀନ ଡୁମୁରିଆ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ରାତିରେ ନିର୍ମମ ଭାବେ ହତ୍ୟା କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଡୁମୁରିଆ ଗ୍ରାମର ସ୍ୱର୍ଗତ ଶମ୍ଭୁନାଥ ରାଜଙ୍କ ପୁଅ ଶଶିଧର ରାଜ ରୋଜଗାର ଆଶା ନେଇ ହାଇଦରାବାଦ ଯାଇଥିଲେ । ସେଠାରେ ଥିବା ଏକ ଘରୋଇ ହଷ୍ଟେଲ ରହି କାମ କରୁଥିଲେ। ଗତ ମେ ମାସରେ ଘରକୁ ବୁଲିବାକୁ ଆସିଥିବା ବେଳେ ନିଜ ପତ୍ନୀଙ୍କୁ ମଧ୍ୟ ସାଙ୍ଗରେ ନେଇଯାଇଥିଲେ। ସେଠାରେ ସ୍ୱାମୀ-ସ୍ତ୍ରୀ ରହି କାମ କରୁଥିଲେ । ଗୁରୁବାର ରାତିରେ ତାଙ୍କ ପତ୍ନୀ ରୁମରେ ଥିବା ବେଳେ ଶଶିଧର କୌଣସି କାମରେ ବାହାରକୁ ଯାଇଥିଲେ। ଏତିକିବେଳେ ଜଣେ ବ୍ୟକ୍ତି ହଠାତ୍ ଏକ ଭୁଜାଲି ଧରି ଆସି ବିଚ୍ ରାସ୍ତାରେ ଶଶିଧରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଛାତିରେ ବାରମ୍ବାର ଭୁଜାଲି ଭୁସି ଦେଇଥିଲେ। ଏହି ଲୋମଟାଙ୍କୁରା ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି । ରାୟଦ୍ରଗମ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାଜନିତ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ନେଇ ତାଙ୍କ ନିକଟ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି। ମୃତ ଶଶିଧର ଜଣେ ଗରିବ ପରିବାରର ହୋଇଥିବା ବେଳେ ଘରେ ଥ?ବା ଦୁଇ ନାବାଳିକା ଓ ଜଣେ ନାବାଳକ ଅସହାୟ ହୋଇ ପଡ଼ିଛନ୍ତି। ଏହି ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ସହ ଘଟଣାର ପ୍ରକୃତ କାରଣ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ତେବେ ଏନେଇ ଶଶିଧରଙ୍କ ଭାଉଜ ସୌଭାଗ୍ୟ ଲତା ରାଜ କହିଛନ୍ତି ଯେ ଅର୍ଥ ଅଭାବରୁ ଶବ ଗାଁ କୁ ଆଣିବା ସମ୍ଭବ ନହେବାରୁ ସେଠାରେ ଶବ ସତ୍କାର କରାଯାଇଛି । ଏବେ ସେଠାକାର ପୋଲିସ ପାଖରେ ମୋବାଇଲ ଥିବା ରୁ ଯୋଗାଯୋଗ ସମ୍ଭବ ହେଇ ପାରୁନାହିଁ । ତେବେ ଶଶିଧରଙ୍କ ସ୍ତ୍ରୀ ଦେବଜାନୀ ରାଜ କେମିତି ଘର କୁ ଫେରିବେ ଓ ଶିଶିଧରଙ୍କୁ କେମିତି ନ୍ୟାୟ ମିଳିବ ସେ ଏନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ । ଏପଟେ ଡମୁରିଆ ଗାଁ ରେ ଥିବା ଶଶିଧରଙ୍କ ଦୁଇ ଝିଅ ଓ ପୁଅ ବାପା ମା'ଙ୍କୁ ଚାହିଁ ବସିଛନ୍ତି । ବାପାଙ୍କ ଖବର ଦେଖି ପୁଅ ଝିଅଙ୍କ ଆଖିରୁ ଲୁହ ସରୁନଥିବା ବେଳେ ମା' କେମିତି ଭଲରେ ଘରକୁ ଫେରିବ ସେନେଇ ଚିନ୍ତାରେ ପୁଅ ଝିଅ । ତେବେ ବଡ଼ ଝିଅ ମିଥାଲି ରାଜ ଗୁରୁବାର ଦିନ ସକାଳେ ବାପାଙ୍କ ସହିତ କଥା ହୋଇଥିଲେ । ବାପା କହିଲେ ମୁଁ ଟଙ୍କା ପଠାଉଛି ତୁ ସାନ ଭାଇ ର ସ୍କୁଲ ଫି ଦେବୁ ଓ ସାନ ଭଉଣୀ କଥା ବୁଝୁଥିବୁ । ତେବେ ଏବେ ମା କେମିତି ଭଲରେ ଘରକୁ ଫେରିବ ଓ ବାପା ଙ୍କ ହତ୍ୟାକାରୀଙ୍କୁ କୋଠର ଦଣ୍ଡ ଦେବାକୁ ଦାବି କରିଛନ୍ତି ଝିଅ । ଅର୍ଥ ଅଭାବରୁ ଶଶିଧରଙ୍କ ଶବ ଗାଁକୁ ନ ଆଣିପାରି ସେଠାରେ ଶବଦାହ କରାଯାଇଥିବା ପରିବାର ଲୋକେ କହିଛନ୍ତି । ଅପରପକ୍ଷରେ ଗାଁ ରେ ବାପା ଶଶିଧରଙ୍କ ଶବଦାହ ଖବର ଶୁଣି ଗାଁ, କାନ୍ଦବୋବାଳି ରେ ଫାଟିପଡୁଛି । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପଡିଶା ଲୋକେ ଅନୁରୋଧ କରି କହିଛନ୍ତି ଯେ, ଶଶିଧରଙ୍କ ସ୍ତ୍ରୀ କିପରି ଭଲ ରେ ଘରକୁ ଫେରିବେ ଓ ଶିଶିଧରଙ୍କ ହତ୍ୟାକାରୀଙ୍କୁ କିପରି କୋଠର ଦଣ୍ଡ ମିଳିବ ସେନେଇ ପଦକ୍ଷେପ ନେବା ଆବଶ୍ୟକ।

ଟ୍ରାନ୍ସଫର୍ମର କଏଲ ଚୋରି ମାମଲାରେ ଆଉ ୨ ଗିରଫ

ତମ୍ବା ଓ ଆଲୁମିନିୟମ ତାର ସମେତ ଚୋରି ସାମଗ୍ରୀ ଜବତ

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ଥାନା ଅଞ୍ଚଳରେ ଟ୍ରାନ୍ସଫର୍ମର କଏଲ ଚୋରି ମାମଲାରେ ପୁଲିସ ଆଉ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ବହୁ ପରିମାଣର ତମ୍ବା କଏଲ, ଆଲୁମିନିୟମ ତାର ଓ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ କରାଯାଇଥିବା ଶୁକ୍ରବାର ସନ୍ଧ୍ୟାରେ ରାଇରଙ୍ଗପୁର ପୋଲିସ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର କରଞ୍ଜିଆ ଥାନା ସଭାଗୃହ ଠାରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୨୮ ଅଗଷ୍ଟ ୨୦୨୬ରେ ପକାମୁଣ୍ଡା ଅଞ୍ଚଳରୁ ଏକ ଟ୍ରାନ୍ସଫର୍ମରର କଏଲ ଚୋରି ହୋଇଥିବା ନେଇ ଟିପିଏନଓଡିଏଲ ର ସେକ୍ସନ ମ୍ୟାନେଜର ଅଜିତ କୁମାର ସାମଲ କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି କରଞ୍ଜିଆ ଥାନାରେ କେସ୍ ନଂ-୩୩୨/୨୦୨୬ ରୁଜୁ ହୋଇଥିଲା। ପରେ ମାମଲାରେ ଅତିରିକ୍ତ ଦଫା ଯୋଡ଼ାଯାଇ ତଦନ୍ତ ଆରମ୍ଭ ହୋଇଥିଲା।ପାଞ୍ଚପୀଡ଼ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନେତୃତ୍ୱରେ ତଥା କରଞ୍ଜିଆ ଥାନା ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶନାରେ ପୁଲିସ ଟିମ୍ ତଦନ୍ତ ଚଳାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ତଦନ୍ତ ସମୟରେ କରଞ୍ଜିଆ, ଯଶୀପୁର ଓ ବହଳଦା ଥାନା ଅଞ୍ଚଳର ପୁଲିସ କର୍ମଚାରୀଙ୍କ ସହଯୋଗରେ ଅଭିଯୁକ୍ତମାନଙ୍କୁ ଧରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବହଳଦା ଥାନା ଅଧୀନ ବଡ଼ଦୁନ୍ଦୁ ଗ୍ରାମର ମହମ୍ମଦ ସାହିଦ (୩୬) ଏବଂ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲ୍ଲା କୋଲ୍ହାଲି ଥାନା ଅଧୀନ କୁନ୍ଦୁରକୋଚା ଗ୍ରାମର ଭାବେଶ ସର୍ଦ୍ଦାର (୩୦)ଙ୍କ ନାମ ପୁଲିସ ପ୍ରେସ୍ ରିଲିଜରେ ଉଲ୍ଲେଖ ରହିଛି। ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ମଧ୍ୟ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ହୋଇଛି। ସେହିପରି ଚଢ଼ାଉ କରାଯାଇ ୧୦ ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଓ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ମାମଲାରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିବା ପୁଲିସ ପକ୍ଷରୁ ପ୍ରକାଶ।

ଏଡ୍‌ସ ଓ ସାପକାମୁଡ଼ା ଜନିତ ମୃତ୍ୟୁ ହ୍ରାସ ସଚେତନତା କାର୍ଯ୍ୟକ୍ରମ

ବାରିପଦା/ କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ବ୍ଲକ ଅନ୍ତର୍ଗତ କଦାଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟର ପରାମର୍ଶଦାତା ଅଧ୍ୟାପକ ଜନ୍ମେଜୟ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାପ କାମୁଡା ଜନିତ ମୃତ୍ୟୁ ହ୍ରାସ ତଥା ଏଡ୍‌ସରୁ ମୁକ୍ତି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଲୟର ସମନ୍ୱିତ ପରାମର୍ଶ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ଦୀପକ ଦତ୍ତ ଯୋଗ ଦେଇ ମହାମାରୀ ଏଡ୍‌ସର ଭୟାବହତା ସମ୍ପର୍କରେ ସୂଚନା ଦେବା ସହିତ ଏଥିରୁ ମୁକ୍ତି ପାଇବା ପାଇଁ ବ୍ୟାପକ ସଚେତନତା ର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ମଂଚାସୀନ ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିଭୁତି ଭୂଷଣ ମହାନ୍ତ, ରସାୟନ ବିଜ୍ଞାନ ଡେମୋନଷ୍ଟ୍ରେଟର ତପନ ଶତପଥି, ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ଡେମୋନଷ୍ଟ୍ରେଟର ପଦ୍ମଲୋଚନ ମହାନ୍ତ ଏଡ୍‌ସ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ ତଥ୍ୟ ପ୍ରଦାନ କରିବା ସହିତ ସତର୍କତା ଅବଲମ୍ବନ ମାଧ୍ୟମରେ ଏଡ୍‌ସ ଠାରୁ ମୁକ୍ତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଏହାପରେ ସମ୍ମାନିତ ଅତିଥି ଭାବେ କୁଜିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନଭଂଜନ ବେହେରା ଯୋଗ ଦେଇ ସାପ ଠାରୁ ନିଜକୁ ସୁରକ୍ଷିତ ରଖିବା ସହିତ ସାପ କାମୁଡା ପରେ ଅନ୍ଧ ବିଶ୍ୱାସ ରୁ ଦୂରେଇ ରହି ତୁରନ୍ତ ରୋଗୀକୁ ଡାକ୍ତରଖାନା ରେ ପହଞ୍ଚାଇ ଉପଯୁକ୍ତ ଚିକିତ୍ସା କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ବେହେରା ସାପ କାମୁଡା ରୁ ସତର୍କ ହେବା ଦିଗରେ ଅନେକ ଉପାଦେୟ ତଥ୍ୟ ସମବେତ ଛାତ୍ର - ଛାତ୍ରୀଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ପଦ୍ମାବତୀ ମହାନ୍ତ, ଖଗେଶ୍ୱର ମହାନ୍ତ,କ୍ଷେତ୍ର ମୋହନ ମହାନ୍ତ, କାଞ୍ଚନ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସମବେତ ଚାରିଶହରୁ ଉର୍ଦ୍ଧ୍ୱ ଛାତ୍ର -ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ରେଡ୍‌କ୍ରସ ପରାମର୍ଶଦାତା ଅଧ୍ୟାପକ ଜନ୍ମେଜୟ ଶତପଥି କାର୍ଯ୍ୟକ୍ରମରେ ସହଯୋଗ କରିଥିବା କର୍ମଚାରୀ,ଯୁଥ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ତଥା ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ ଏବଂ ବୃକ୍ଷରୋପଣ

ବାରିପଦା/ ବେତନଟୀ (ଅମୃତମିଡିଆ): ବେତନଟୀ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ ହୋଇଥିବା ବେଳେ ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ସଭାପତି ମଞ୍ଜୁଶ୍ରୀ ବେହେରା, ସମ୍ମାନିତ ଅତିଥି ଭାବେ ଉପସଭାପତି ଉଷାରାଣୀ ମହାନ୍ତ, ୱାର୍ଡସଭ୍ୟ ମୋହନ ମାଥୁର, ମୁଖ୍ୟ ବକ୍ତା

ଭାବେ ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ତଥା ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତ, ସମ୍ମାନିତ ବକ୍ତା ଭାବେ ଶିକ୍ଷକ ଗୌରୀ ଶଙ୍କର ମହାପାତ୍ର, କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ରାଉତ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଯୋଗଦାନ କରିଥିଲେ । ବିଶ୍ୱ ତାପନ, ଜଳ ବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ହ୍ରାସ କରି ଏକ ନିର୍ମଳ ସମାଜ ଗଠନ କରିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ । ବିଦ୍ୟାଳୟର ଛାତ୍ରୀମାନେ ସ୍ୱଚ୍ଛ ବାୟୁ, ନୀଳ ଆକାଶ, ସ୍ୱଚ୍ଛ ବାୟୁ ସୁସ୍ଥ ପରିବେଶ, ମୃତ୍ୟୁ ନୁହେଁ ଜୀବନ ଚାହୁଁ, ଧ୍ୱଂସ ନୁହେଁ, ସୃଷ୍ଟି ଚାହୁଁ ସ୍ଲୋଗାନ ଏବଂ ପରିବେଶ ସୁରକ୍ଷା ଜୀବନ ରକ୍ଷା ସଙ୍ଗୀତ ପରିବେଷଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । ଏଥିରେ ପରିଚାଳନା କମିଟି ର ସଦସ୍ୟ ମହେଶ୍ୱର ଦାସ, ପ୍ରମୋଦ କୁମାର ବେହେରା, ଅଜୟ କୁମାର ଖିଲାର, ପୁଷ୍ପାଞ୍ଜଳି ଦାସ, ଶିକ୍ଷିକା କଳ୍ପନା ନାୟକ, ଗାର୍ଗୀ ବାରିକ, ସ୍ନେହଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷକ ଲଳିତ କୁମାର ମହାନ୍ତ ଅର୍ପଣ କରିଥିଲେ ।

ବିଶ୍ୱ ଫିଜିଓଥେରାପି ଦିବସରେ ଚିକିତ୍ସା ଓ ସଚେତନତା ଶିବିର

୧୦ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର ଓ ୨ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ

ବାରିପଦା(ଅମୃତମିଡିଆ): ବିଶ୍ୱ ଫିଜିଓଥେରାପି ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର, ବାରିପଦା ଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଫିଜିଓଥେରାପି ଚିକିତ୍ସା ଓ ସଚେତନତା ଶିବିର ଆୟୋଜିତ ହୋଇଛି । କାର୍ଯ୍ୟକ୍ରମରେ ୧୦ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର ଏବଂ ୨ଜଣ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଛାତ୍ରଙ୍କୁ ମାଗଣା ଲାପଟପ ପ୍ରଦାନ କରାଯାଇଥିଲା । ଏଥିସହ ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ରୋଗୀ ଶିବିରରେ ଯୋଗଦେଇ ଫିଜିଓଥେରାପି ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଅଧ୍ୟାପକ ଡା. ପ୍ରଫେସର ରିତାଞ୍ଜଳି ବେହେରା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଦାସ, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସୟ , ବରିଷ୍ଠ ନାଗରିକ ସଂଘର ପ୍ରତିନିଧି ଡା. ଶ୍ୟାମସୁନ୍ଦର ଦାସ, ଅଭିନବ ଫ୍ୟୁଚରଷ୍ଟିକ ସଂସ୍ଥାର ପରିଚାଳକ ଡା. କେ. ଗଣେଶନ ଏବଂ ନୋ

ଭଞ୍ଜନଗର ପଞ୍ଚାୟତ ସମିତିର ବିକାଶ କାର୍ଯ୍ୟ ଶୀଘ୍ର ସାର : ବିଧାୟକ

ଭଞ୍ଜନଗର (ଅମୃତ ମିଡିଆ): ଭଞ୍ଜନଗର ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ଶୁକ୍ରବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ନରିସଭା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

ବୈଠକରେ ବିଡିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, କନ୍ଧମାଳ ସାଂସଦଙ୍କ ଡିଆ ?ଡିଏ ପ୍ରତିନିଧି ଶିବଶଙ୍କର ପ୍ରଧାନ, ଭଞ୍ଜନଗର ବ୍ଲକ ଏମ୍ ?ପି ପ୍ରତିନିଧି ଧୋବା ଗୌଡ଼ଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

ବୈଠକରେ ଭଞ୍ଜନଗର ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଜନସାଧାରଣଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ନେଇ ପଞ୍ଚାୟତ ପ୍ରତିନିଧିମାନେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ବାରମ୍ବାର ବିଦ୍ୟୁତ୍ ? ବିଭ୍ରାଟ ନେଇ ନିର୍ବାଚିତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ ।

ବୈଠକ ପ୍ରାରମ୍ଭରେ ଜିପିଇଓ ପୂର୍ଣ୍ଣଚନ୍ଦ୍ର ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ, ପରିମଳ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ବିଦ୍ୟୁତ୍ ?, ଗ୍ରାମ୍ୟ ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଅଗ୍ରଗତି ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଭିବିଜି ରାମଜୀ, ବିଧାୟକ ଓ ସାଂସଦଙ୍କ ପାଣ୍ଠିରୁ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ବିଧବା ଭତ୍ତା ଓ ଜାତୀୟ ପରିବାର ମଙ୍ଗଳ ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା ।

ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ଯୋଗାଣ ବିଭାଗର ଅଧିକାରୀ ହିତାଧିକାରୀମାନଙ୍କୁ ବର୍ତ୍ତମାନ ମିଳୁଥିବା ବିଭିନ୍ନ ସାମଗ୍ରୀ ଓ ତାହାର ପରିମାଣ ସମ୍ପର୍କରେ ସଭ୍ୟ ଓ ସଭ୍ୟାମାନଙ୍କୁ ଅବଗତ କରାଇଥିଲେ। ସେହିପରି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାର କାର୍ଯ୍ୟକ୍ରମ ଓ ଅଗ୍ରଗତି ସମ୍ପର୍କରେ ସିଡିପିଓ ତଥ୍ୟ ଉପସ୍ଥାପନ କରିଥିଲେ।

ବୈଠକରେ ଭଞ୍ଜନଗର ପଞ୍ଚାୟତ ସମିତି ଅଧୀନ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଜନସାଧାରଣଙ୍କ ମୌଳିକ ସୁବିଧା, ଚାଲୁଥିବା ଉନ୍ନୟନ କାର୍ଯ୍ୟର ଗୁଣାତ୍ମକ ଅଗ୍ରଗତି ଏବଂ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

୩ ଗିରଫ, ୫ ବନ୍ଧୁକ ସହ ବହୁ ପରିମାଣର ଯନ୍ତ୍ରାଂଶ ଜବତ

ଭଞ୍ଜନଗର (ଅମୃତ ମିଡିଆ): ବନ୍ଧୁକ ତିଆରି ଚାଲିଥିବା ବେଳେ, ତାରାସିଙ୍ଗି ଥାନା ପୋଲିସର ଚଢାଉ । ଅଭିଯୁକ୍ତ ମାନଙ୍କଠାରୁ ୫ ଟି ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ଯନ୍ତ୍ରାଂଶ ଏବଂ ଉପକରଣ ଜବତ ହୋଇଥିଲା । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ସମସ୍ତ ଗିରଫ ଅଭିଯୁକ୍ତ ମାନେ ଗୋଟିଏ ପରିବାରର । ତାରାସିଙ୍ଗି ଥାନା ଅନ୍ତର୍ଗତ ବଦାଙ୍ଗି - ଗୋପନଗର ଛକ ନିକଟ ଏକ ଅସ୍ଥାୟୀ ସ୍ଥାନରେ ଚାଲିଥିଲା ଚୋରା ବନ୍ଧୁକ ତିଆରି । ତେବେ ତିଆରି ହେଉଥିବା ବେଆଇନ୍ ବନ୍ଧୁକ ଗୁଡିକ କେଉଁ ସ୍ଥାନକୁ ଏବଂ କାହା ପାଖକୁ ଚାଲାଣ ହେଉଥିଲା, ସେନେଇ ତଦନ୍ତ ଜାରି ରଖିଛି ପୋଲିସ । ଅଭିଯୁକ୍ତମାନେ ହେଲେ, ବଦାଙ୍ଗି ବିଲେଇସାହିର ଟୁକୁନା ମୁଦି, ପାଗଳା ମୁଦି ଏବଂ ତାଙ୍କ ଜ୍ୱାଇଁ ଯାଜପୁର ର ପ୍ରସନ୍ନ କୁମାର ମୁଦି । ସମସ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ।

ଭଞ୍ଜନଗରରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ

୫୮ ଟି ମାମଲାର ସଫଳ ସମାଧାନ, ୧,୯୮,୨୪,୯୫୦ ଟଙ୍କା ଆଦାୟ

ଭଞ୍ଜନଗର (ଅମୃତ ମିଡିଆ): ଶନିବାର ସ୍ଥାନୀୟ ସିଭିଲ୍ କୋର୍ଟ ପ୍ରାଙ୍ଗଣରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗରର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ଚାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶେଖ ମହମ୍ମଦ କଏସ ଙ୍କ ନେତୃତ୍ୱରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଏହି ଲୋକ ଅଦାଲତରେ ମୋଟ ୩୨୮ ଟି ମାମଲା ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୫୮ ଟି ମାମଲାର ସମାଧାନ ହୋଇଥିଲା। ସମାଧାନ ହୋଇଥିବା ମାମଲାଗୁଡ଼ିକ ମାଧ୍ୟମରେ ମୋଟ ୧,୯୮,୨୪,୯୫୦/- ଟଙ୍କା ଆଦାୟ ହୋଇଥିଲା।

ସମାଧାନ ହୋଇଥିବା ମାମଲାମାନଙ୍କ ମଧ୍ୟରେ ମୋଟର ଦୁର୍ଘଟଣା ଦାବି (ଗଇଉଞ) ମାମଲାରୁ ରୁ ୧,୮୦,୫୫,୦୦୦/- ଟଙ୍କା ଆଦାୟ ହୋଇଥିଲା। ଏହା ସହିତ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ୍ ଚାଲାଣ ମାମଲାରୁ ରୁ. ୪୪,୯୫୦/- ଟଙ୍କା ଆଦାୟ ହୋଇଥିଲା। ନଗେସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ (ଘରଶତ୍ରୁସ୍ୱସବଭକ୍ଷର ଓଭଷ୍ପସ୍ପଳ୍ପଙ୍କଙ୍ଖରଭଷ୍ପସ୍ପ ଜମସ୍ପ), ୧୮୮୧ ର ଧାରା ୧୩୮ ରୁ ୧,୨୫,୦୦୦ ଟଙ୍କା ସେଟେଲମେଣ୍ଟ ହୋଇଛି ଏବଂ ଅନ୍ୟାନ୍ୟ ସିଭିଲ କେସ୍‌ରୁ ୧୬,୦୦,୦୦୦/- ଟଙ୍କା ସମାଧାନ ହୋଇଛି। ନଗେସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ (ଘରଶତ୍ରୁସ୍ୱସବଭକ୍ଷର ଓଭଷ୍ପସ୍ପଳ୍ପଙ୍କ-ଙ୍ଖରଭଷ୍ପସ୍ପ ଜମସ୍ପ), ୧୮୮୧ ର ଧାରା ୧୩୮ କେସ ୧ ଟି, ମୋଟର ଦୁର୍ଘଟଣା ଜନିତ କେସ୍ ୧୭ ଟି, ଟ୍ରାଫିକ ଚାଲଣ କେସ ୧୯ ଟି, ବୈବାହିକ ବିବାଦ କେସ ୧, ସିଭିଲ କେସ ୫ଟି, ଅନ୍ୟାନ୍ୟ କ୍ରିମିନାଲ କେସ୍ ୧୫ ଟି ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ସିନିୟର ସିଭିଲ ଜଜ ଦେବାଶିଷ ବିଶୋୟୀ, ଏସ୍ ଡି ଜେ ଏମ୍ ସୌମ୍ୟ ରଞ୍ଜନ ପୃଷ୍ଟି, ଜେ ଏମ୍ ଏଫ୍ ସି ଭିୟନା ନାୟକ ବିଚାରପତିମାନେ, ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଆଇନଜୀବୀ ରମେଶ ପଣ୍ଡା, ଆଇନ୍ ସେବା ସଦସ୍ୟା ଅଳକା ମଞ୍ଜରି ପଟ୍ଟନାୟକ, ଭଞ୍ଜନଗର ବାର ଆସୋସିଏସନ ସଭାପତି ସନ୍ତୋଷ କୁମାର ନାୟକ ଏବଂ ମାମଲାର ପକ୍ଷକାରମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଆଇନୀଜୀବୀ ସମୀର କୁମାର ନାୟକ, ସୁଧୀର ରଞ୍ଜନ ମହାପାତ୍ର, ଦେବୀ ପ୍ରସାଦ ତ୍ରିପାଠୀ, ରାଜନୀ ପଟ୍ଟନାୟକ ଓ ପ୍ରଦୀପ ଶେଖର ପାଳ, ସୁଧୀର ରଞ୍ଜନ ମହାପାତ୍ର, ଦେବୀ ପ୍ରସାଦ ତ୍ରିପାଠୀ, ମୋନାଲିମା ଗଉଡ, ସୁରେଶ୍ୱରି ପ୍ରଧାନ, ଚାଲୁକ ଆଇନ ସେବା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କ ସହଯୋଗକୁ ସ୍ୱାଗତ ଜଣାଯାଇଛି ।ଲୋକ ଅଦାଲତ ମାଧ୍ୟମରେ ଦୀର୍ଘଦିନ ଧରି ଅପେକ୍ଷାରତ ମାମଲାଗୁଡ଼ିକର ଶୀଘ୍ର, ସହଜ ଓ ଅଳ୍ପ ଖର୍ଚ୍ଚରେ ସମାଧାନ ହେବା ସହିତ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଥିବାରୁ ସାଧାରଣ ଲୋକମାନେ ଖୁସି ପ୍ରକାଶ କରିଛନ୍ତି।

ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ପ୍ରତୀକ୍ଷାଳୟ, ନୂତନ ନିର୍ମାଣ ଦାବି

ଘଟଗାଁ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ମୁଦ୍ରାବେଡା ଗ୍ରାମ ଛକ ନିକଟରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଦୀର୍ଘବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ପ୍ରତୀକ୍ଷାଳୟଟି ଭଙ୍ଗାଦଦରା ହୋଇପଡ଼ିଥିବା ବେଳେ, ଏହା ଉପରେ ଆଖପାଖର ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭରଶୀଳ। ବର୍ଷା ଓ ଖରା ସମୟରେ ଯାତ୍ରୀଙ୍କୁ ଆଶ୍ରୟ ଦେବା ପାଇଁ ନିର୍ମିତ ଏହି ପ୍ରତୀକ୍ଷାଳୟ ଏବେ ନିଜେ ଅସୁରକ୍ଷିତ ହୋଇପଡ଼ିଛି ।ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ଓ ଅନୁରୋଧ ସତ୍ତ୍ୱେ ଏହାର ପୁନଃନିର୍ମାଣ ନେଇ ଏଯାଏଁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ତେଣୁ ଜରାଜୀର୍ଣ୍ଣ ପ୍ରତୀକ୍ଷାଳୟକୁ ହଟାଇ ଏହାର ସ୍ଥାନରେ ତୁରନ୍ତ ଏକ ସୁରକ୍ଷିତ ଓ ସୁବିଧାସମ୍ପନ୍ନ ନୂତନ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଦାବି ହୋଇଛି ।

ଗଞ୍ଜାମରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

୫୧,୧୩୩ଟି ମାମଲାର ଆପୋଷ ସମାଧାନ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଜିଲ୍ଲାର ବିଭିନ୍ନ ଅଦାଲତରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଜିଲ୍ଲା କୋର୍ଟ ସମେତ ଜିଲ୍ଲାର ସମସ୍ତ ଅଦାଲତରେ ଆୟୋଜିତ ଏହି ଲୋକ ଅଦାଲତରେ ମୋଟ ୫୧,୧୩୩ଟି ମାମଲାର ଆପୋଷ ସମାଧାନ କରାଯାଇଥିବା ବେଳେ ସମୁଦାୟ ୧୦ କୋଟି ୫ ଲକ୍ଷ ୭୮ ହଜାର ୮୧୫ ଟଙ୍କା ପ୍ରଦାନ ପାଇଁ ଆଦେଶ ହୋଇଛି ।

ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଲୋକ ଅଦାଲତ ପାଇଁ ବିଭିନ୍ନ ନ୍ୟାୟାଳୟରେ ୧୭ଟି ବେଞ୍ଚ ଗଠନ କରାଯାଇଥିଲା। ପ୍ରତ୍ୟେକ ବେଞ୍ଚରେ ଜଣେ ନ୍ୟାୟିକ ଅଧିକାରୀଙ୍କ ସହ ଜଣେ ଆଇନଜୀବୀ ଓ ଜଣେ ସମାଜସେବୀଙ୍କୁ ସାମିଲ କରାଯାଇ ମାମଲାଗୁଡ଼ିକର ଆପୋଷ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ୫୨ଟି ଫୌଜଦାରୀ ଆପୋଷଯୋଗ୍ୟ ମାମଲାର ସମାଧାନ ହୋଇଥିବା ବେଳେ ନେଗୋସିଏବଲ୍ ଇନଷ୍ଟ୍ରୁମେଣ୍ଟ ଆକ୍ଟ ଅଧୀନରେ ୨୫ଟି ମାମଲାରେ ୬୬ ଲକ୍ଷ ୩୫ ହଜାର ୭୫୭ ଟଙ୍କା ଆଦାୟ ପାଇଁ ଆଦେଶ ହୋଇଛି । ସେହିପରି ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୧୯୩ଟି ମାମଲାରେ ୯୫ ଲକ୍ଷ ୯୮ ହଜାର ୮୧୯ ଟଙ୍କାର ସମାଧାନ କରାଯାଇଛି । ମୋଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ୭୫ଟି ମାମଲାରେ ୭ କୋଟି ୫ ଲକ୍ଷ ୯୧ ହଜାର ଟଙ୍କାର କ୍ଷତିପୂରଣ ନିର୍ଦ୍ଧାରଣ ହୋଇଥିବା ବେଳେ ୨୬୧ଟି ଟ୍ରାଫିକ୍ ଚାଲାଣ ମାମଲା, ୧୧ଟି ଶ୍ରମ ବିବାଦ, ୫୪ଟି ବୈବାହିକ ବିବାଦ ଏବଂ ୧୭୯ଟି ଅନ୍ୟାନ୍ୟ ମାମଲାର ସମାଧାନ କରାଯାଇଛି । ଏଥିସହ ୫୦,୩୯୮ଟି ରାଜସ୍ୱ ମାମଲାରେ ୫ ଲକ୍ଷ ୯୪ ହଜାର ୫୩୮ ଟଙ୍କା ଆଦାୟ ହୋଇଥିବା ବେଳେ ସ୍ଥାୟୀ ଲୋକ ଅଦାଲତରେ ଜନସେବା ସମ୍ବନ୍ଧୀୟ ୫ଟି ମାମଲାର ସମାଧାନ ହୋଇଛି । ଏହାସହ ୫୫ଟି ଦେୱାନୀ ମାମଲାର ସମାଧାନ ସହ ୭୫ ଲକ୍ଷ ୭୮ ହଜାର ୪୫୪ ଟଙ୍କାର ଡିକ୍ରି ହୋଇଛି । ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ ସମେତ ଦ୍ୱିତୀୟ ଏମ୍ ?ଏସିଟି ବିଶ୍ୱଜିତ ଦାସ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ନରେଶ ମହାନ୍ତି, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଲଳିତା ମଞ୍ଜରୀ ପଟ୍ଟନାୟକ ଓ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ବିବସ୍ୱତ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନରେ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକ ଲୋକ ଅଦାଲତର ସୁପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ନ୍ୟାୟାଳୟର ବିଚାରପତି, ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, କୋର୍ଟ କର୍ମଚାରୀ ଓ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

‘ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର’ ଅଭିଯାନରେ ସାମିଲ ହେଲେ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ

ପ୍ରକୃତି ମା’କୁ ଭଲପାଇବା, ପରିବେଶ ସ୍ୱଚ୍ଛରଖିବା ଆମ ସମସ୍ତଙ୍କ ଦାୟିତ୍ୱ : ଚିତ୍ରା ଆରୁମୁଗମ୍

ଗୋପାଳପୁର (ଅମୃତ ମିଡିଆ): ଆମ ସମୁଦ୍ର, ଆମ ବେଳାଭୂମି ଓ ଆମ ପରିବେଶର ସୁରକ୍ଷା ହିଁ ଆମ ଭବିଷ୍ୟତର ସୁରକ୍ଷା। ଏହି ବାର୍ତ୍ତା ନେଇ ଗଞ୍ଜାମର ଗୋପାଳପୁର ବେଳାଭୂମିରେ ଆଜି ‘ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର’ ସପ୍ତାହବ୍ୟାପୀ ଅଭିଯାନର ଶୁଭାରମ୍ଭ ହୋଇଛି । ଅନ୍ତର୍ଜାତୀୟ ବେଳାଭୂମି ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସ୍ୱଚ୍ଛ ସାଥୀମାନେ ସାମିଲ ହୋଇ ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାର ବାର୍ତ୍ତା ଦେଇଛନ୍ତି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍ କହିଥିଲେ ଯେ, ସମୁଦ୍ର ଓ ବେଳାଭୂମି କେବଳ ପ୍ରକୃତିର ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ, ଏହା ଆମ ଜୀବନ, ଜୀବିକା ଓ ଭବିଷ୍ୟତ ସହ ଜଡ଼ିତ। ଓଡ଼ିଶାର ପ୍ରାୟ ୫୭୫ କି.ମି. ବେଳାଭୂମି ମଧ୍ୟରୁ ଗଞ୍ଜାମରେ ୬୨.୯ କି.ମି. ବେଳାଭୂମି ରହିଛି । ତେଣୁ ସମୁଦ୍ର ଓ ବେଳାଭୂମିର ସୁରକ୍ଷା କ୍ଷେତ୍ରରେ ଗଞ୍ଜାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରକୃତି ଓ ପରିବେଶର ସୁରକ୍ଷା କେବଳ ଏକ ଅଭିଯାନରେ ସୀମିତ ନ ରହି ଏହା ଆମ ଦୈନନ୍ଦିନ ଜୀବନର ଅଂଶ ହେବା ଦରକାର ବୋଲି ସେ କହିଥିଲେ। ପ୍ରକୃତି ମା’କୁ ଭଲ ପାଇବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ନୀଳ ଅର୍ଥନୀତି, ସୁସ୍ଥ ଓ ସ୍ଥାୟୀ ବିକାଶ, ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ବିକାଶ ତଥା ସାମୁଦ୍ରିକ ଗବେଷଣା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ଗବେଷଣା ପାଇଁ ସରକାର ‘ଓଷ୍ଟିକ’ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ସାମୁଦ୍ରିକ ଗବେଷଣା ପାଇଁ ଦାୟିତ୍ୱ ଦିଆଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ଘାସ ଓ ଶୈବାଳର ସୁରକ୍ଷା ଏବଂ ବିସ୍ତାର ଉପରେ ଗବେଷଣା କରୁଛି ବୋଲି ସେ ସୂଚନା ଦେଇଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ୍ ସ୍ୱାଗତ ଭାଷଣରେ ଜିଲ୍ଲାରେ ପ୍ରତି ମଙ୍ଗଳବାର ଚାଲିଥିବା ‘ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ’ ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। ‘ସ୍ୱଚ୍ଛ ଗଞ୍ଜାମ’ ଅଭିଯାନ ସହ ‘ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର’କୁ ଯୋଡ଼ିବାର ଏହା ଉପଯୁକ୍ତ ସମୟ ବୋଲି ସେ କହିଥିଲେ। ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ଗଞ୍ଜାମ ଗଠନ ପାଇଁ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ସମେତ ସମସ୍ତେ ଆଗେଇ ଆସି ନିଜ ନିଜ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ନିର୍ଦ୍ଦେଶିକା ପୂଜା ମିଶ୍ର, ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଗୋପାଳପୁର ଏନ୍ ?ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ନାହାକଙ୍କ ସମେତ ଆଇଆଇଏସ୍ଇଆ,୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ, ଗୋପାଳପୁର ଏନ୍ ?ଏସିର ସ୍ୱଚ୍ଛ ସାଥୀ ଓ ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ଏହି ଅବସରରେ ଗୋପାଳପୁର ବେଳାଭୂମିରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶକୁ ପ୍ରଦୂଷିତ ନ କରିବା, ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ରଖିବା ଏବ

ଓଡିଶୀ ସଂଗୀତ ଗୁରୁ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ

ଶ୍ରାଦ୍ଧବାର୍ଷିକୀ ଓ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ପୁରୀ(ବ୍ୟୁରୋ): ବଡଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଅବସରପ୍ରାପ୍ତ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ,ସମାଜସେବୀ ଚକ୍ରଧର ମହାପାତ୍ର ଓ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ ଧର୍ମପତ୍ନୀ ସୁଲୋଚନା ଲେଙ୍କା ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରିଥିଲେ । ଓଡ଼ିଶୀ ସଂଗୀତ ଜଗତର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଥିଲେ । ଓଡ଼ିଶାରେ ସଂଗୀତ ଗୁରୁ ହିସାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ଓଡ଼ିଶା ସଂଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ସହିତ ବେତାର, ଦୂରଦର୍ଶନର ସ୍ୱୀକୃତ ପ୍ରାପ୍ତ ଜଣେ ଏ ଗ୍ରେଡ କଳାକାରର ମାନ୍ୟତା ପ୍ରାପ୍ତ ହୋଇପାରିଥିଲେ । ଓଡ଼ିଶାର କୋଣ ଅନୁକୋଣରେ ସଂଗୀତ ପରିବେଷଣ କରିବା ସହ ଦିଲ୍ଲୀ ଓ ବିଭିନ୍ନ ରାଜ୍ୟରେ ତାଙ୍କର ସଂଗୀତ ପରିବେଷଣରେ ଲୋକପ୍ରିୟତା ଅର୍ଜନ କରିଥିଲେ । ଆଜୀବନ ଓଡିଶୀ ସଂଗୀତ, ଛାନ୍ଦ, ଚମ୍ପୁ ,ଭଜନ ଜଣାଣ ପ୍ରଚାର ପ୍ରସାର କରିବାରେ ସେ ବ୍ରତୀ ଥିଲେ । ତାଙ୍କର ଅମାୟିକା ବ୍ୟବହାର, ଓଡିଶୀ ସଂଗୀତ ନିମନ୍ତେ ତାଙ୍କର ଅବଦାନ ତାଙ୍କୁ ଚିର ଅମର କରି ରଖିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୁରୁଙ୍କ ଉପଲକ୍ଷେ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଓଡିଶୀ, ଛାନ୍ଦ, ଚମ୍ପୁ, ଭଜନ ଓ ଜଣାଣ ଗାନ କରିଥିଲେ । ସୁରେନ୍ଦ୍ର କୁମାର ଦାଶ ପରିଚାଳନା କରିଥିବା ବେଳେ ଛାତ୍ର କୃଷ୍ଣଚନ୍ଦ୍ର ସାହୁ, ଛାତ୍ରୀ ସିପ୍ରା ସାହୁ, ଦେବସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗୁରୁ ଅଚ୍ୟୁତ ମହାରଣା, ଭଗବାନ ମହାରଣା, ନାଳମଣି ଓ ଅଳକାନନ୍ଦଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମାନେ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ପୁରୀ(ବ୍ୟୁରୋ): ଶନିବାର ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା,ପିପିଲି,କୋଣାର୍କ ,କଣାସ , ବ୍ରହ୍ମଗିରି, ଅଷ୍ଟରଙ୍ଗ ,କାକଟପୁର ଓ ସତ୍ୟବାଦୀ କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ ଶ୍ରୀଯୁକ୍ତ ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ୱାବଧାନରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ, ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତ ରେ ୧୬୯୫୦ ଗୋଟି ମକଦମା ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୬,୫୦,୬୨,୧୦୫/-ଟଙ୍କା ଆଦାୟ କରାଯାଇଅଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ ଶ୍ରୀଯୁକ୍ତ ଆନନ୍ଦ ନାରାୟଣ ମହାରଣା ଏହାକୁ ଉଦ୍ଘାଟନ କରିଥିଲେ । ପରିବାର ଅଦାଲତ ବିଚାରପତି ଶ୍ରୀମତୀ ଇତିଶ୍ରୀ ମହାପାତ୍ର , ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଶ୍ରୀଯୁକ୍ତ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଡକ୍ଟର ଦୀପକ ରଞ୍ଜନ ସାହୁ,, ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ମିସ ଚିନ୍ମୟୀ ଦେହୁରି , ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ବେହେରା , ବରିଷ୍ଠ ଦେୱାନି ବିଚାରପତି ଶ୍ରୀଯୁକ୍ତ ସୋମ୍ୟରୁପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ଶ୍ରୀମତୀ ପ୍ରଜ୍ଞା ପଣ୍ଡା , ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ଶ୍ରୀମତୀ ସୋନାଲୀ ଅପରାଜିତା , ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀଯୁକ୍ତ ଅବିନାଶ ଜେନା,, ଗ୍ରାମ ନ୍ୟାୟାଧିକାରୀ ଶ୍ରମତି ସୋନାଲୀ ମହାନ୍ତି , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (ମଜୁଶ-ଓ) ମିସ୍ ରାତିକା ଗର୍ଗ , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଯୁକ୍ତ ଅନିମେଶ ଜେନା , ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଶିବାନୀ ମହାପାତ୍ର, ସୀମା ଅଗ୍ରୱାଲ , ଚେତନ ଲାଢା ଓ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପ୍ରିୟଙ୍କା ଅଗ୍ରୱାଲ ମାମଲା ଗୁଡିକର ବିଚାର କରିଥିଲେ । ଲୋକ ଅଦାଲତରେ ୬୭ ଗୋଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୩ ,୮୪ ,୩୯ ,୦୦୦ /- ଟଙ୍କା ଆଦାୟ କରାଯାଇଛି । ସେହିପରି ୩୨ଗୋଟି cheque bounce cases , ୯ ଗୋଟି bank recovery cases , ୨୫ ଗୋଟି Matrimonial dispute, ୭୫ ଗୋଟି civil cases, ୮୯ ଗୋଟି କ୍ଷୁଦ୍ରଶରତ୍ୱ ମଦ୍ଦସଙ୍କସଭଦବକ୍ଷ ମଦବଦ୍ଧରଦ୍ଧ ମକଦମା ଫଇସଲା କରାଯାଇଥିଲା । ଏହାଛଡା ୧୮୧ ଗୋଟି ପ୍ରାକ ମକଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ଇତ୍ୟାଦି ବାବଦକୁ Rs.୧,୦୧,୬୮,୬୨୮/- ଟଙ୍କା ଆଦାୟ କରାଯାଇଅଛି । ଆଜିର ଏହି ଲୋକ ଅଦାଲତରେ ଜିଲ୍ଲା କାରାଗାରର କଏଦି ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ୩୦,୦୦୦ ଟଙ୍କାର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଗୁଡିକର ଷ୍ଟଲ କୋର୍ଟ ପରିସର ଭିତରେ ଆୟୋଜିତ ହୋଇଯାଇଅଛି ।

ଜିଲ୍ଲାସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ପୁରୀ(ବ୍ୟୁରୋ): ପୁରୀଜିଲ୍ଲା ଚନ୍ଦନପୁର ଅନ୍ତର୍ଗତ ବୀରନରସିଂହପୁର ସ୍ଥିତ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାରେ ମୋଟ ୧୦୭ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅଷ୍ଟରଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମଦେବ ପ୍ରଧାନ ଓ ପ୍ରତାପ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଭାଷ ପତି ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ଏଥିରେ ବିଦ୍ୟାଳୟର ସଭାପତି ସୁଭାଷ ମିଶ୍ର ସଭାପତିତ୍ୱ କରିଥିଲେ ଏବଂ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, ବିଦ୍ୟାଳୟର ଉପଦେଷ୍ଟା ବିଦ୍ୟାଧର ବେହେରା ଓ ସଭ୍ୟ ଅରବିନ୍ଦ ମିଶ୍ର, ପ୍ରଶାନ୍ତ ମିଶ୍ର ପ୍ରମୁଖ ଅତିଥ ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରିଥିଲେ । ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏଥିରେ କୃତକାର୍ଯ୍ୟ ହୋଇଥିବା ଶିଶୁ ଭାଇଭଉଣୀ ହେଲେ ପ୍ରଗତି ପ୍ରିୟା ଜେନା, ଆରାଧ୍ୟା ମଲ୍ଲିକ , ଶ୍ରୀୟାଂଶୁ ଜେନା, ସୂର୍ଯ୍ୟଶୀ ସାହୁ, ରାଜଶ୍ରୀ ବେହେରା,ସିମରନ୍ ସାହିଁ, ମନୋଜ ବେହେରା, ପ୍ରକ୍ଷାଳିକା ଜେନା, ଜଗଦିସ୍ ସେନାପତି, ବିଷ୍ଣୁପ୍ରସାଦ ବାରିକ, ଶୁଭଦର୍ଶିନୀ ସାହୁ, ଶୁଭଲକ୍ଷ୍ମୀ ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କୃତ କରାଯାଇଥିଲା । ଏହି ବିଜ୍ଞାନ ମେଳାରେ ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ରଞ୍ଜିତା ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂପର୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପୁରୀ(ବ୍ୟୁରୋ): ପରିବେଶ ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଯୁବପିଢ଼ି ମଧ୍ୟରେ ପ୍ରକୃତି ପ୍ରତି ଦାୟିତ୍ୱବୋଧ ସୃଷ୍ଟିର ମହତ୍ ଉଦ୍ଦେଶ୍ୟ ନେଇ ସମ୍ପର୍କ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ , କ୍ରିଷ୍ଣା ତାଗା ଫାଉଣ୍ଡେସନ୍ ଟ୍ରଷ୍ଟ ଏବଂ ମାଇ ଭାରତ, ପୁରୀର ସହଯୋଗରେ ଆୟୋଜିତ "ବୃକ୍ଷ ସମ୍ପର୍କ–୧୦୦୦" ମହା ବୃକ୍ଷରୋପଣ ଅଭିଯାନ ଆଜି ସଫଳତାର ସହ ସମ୍ପନ୍ନ ହୋଇଛି । ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଅଭିଯାନରେ ପ୍ରାୟ ୫୦୦ ଛାତ୍ରଛାତ୍ରୀ, ଯୁବ ସ୍ୱେଚ୍ଛାସେବୀ, ଶିକ୍ଷକ ଓ ପରିବେଶପ୍ରେମୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଅଭିଯାନ ଅଧୀନରେ ୧,୦୦୦ଟି ଔଷଧୀୟ, ଫଳଦାୟୀ, ଦେଶୀୟ ଓ ଜଳବାୟୁ ସହନଶୀଳ ବୃକ୍ଷ ରୋପଣ କରାଯାଇଥିଲା । ଏହି ଦିନକୁ ବୃକ୍ଷରୋପଣ ଅଭିଯାନ ପାଇଁ ବାଛିବା ପଛରେ ରହିଛି ଏକାଧିକ ଐତିହାସିକ ଓ ପ୍ରେରଣାଦାୟକ କାରଣ । ୧୧ ସେପ୍ଟେମ୍ବର ଆଚାର୍ଯ୍ୟ ବିନୋବା ଭାବେଙ୍କ ଜନ୍ମଦିନ । ସେ ୧୧ ସେପ୍ଟେମ୍ବର ୧୮୯୫ରେ ଜନ୍ମଗ୍ରହଣ କରିଥିଲେ। ଅହିଂସା, ସର୍ବୋଦୟ, ଭୂଦାନ ଓ ସାମାଜିକ ସମତାର ବାର୍ତ୍ତା ମାଧ୍ୟମରେ ସେ ସମାଜକୁ ଏକ ମାନବିକ ଓ ସହଯୋଗମୂଳକ ଦିଗ ପ୍ରଦାନ କରିଥିଲେ। ସେହିପରି, ୧୧ ସେପ୍ଟେମ୍ବର ୧୮୯୩ରେ ଆମେରିକାର ଚିକାଗୋଠାରେ ଆୟୋଜିତ ବିଶ୍ୱ ଧର୍ମ ମହାସଭାରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଭାଷଣ ଭାରତୀୟ ଚିନ୍ତନ, ମାନବିକତା, ସହିଷ୍ଣୁତା ଓ ଆଧ୍ୟାତ୍ମିକ ଏକତାର ବାର୍ତ୍ତାକୁ ବିଶ୍ୱମଞ୍ଚରେ ପହଞ୍ଚାଇଥିଲା। ୧୧ ସେପ୍ଟେମ୍ବର ମହାକବି ସୁବ୍ରମଣ୍ୟମ୍ ଭାରତୀଙ୍କ ପୁଣ୍ୟତିଥି ମଧ୍ୟ। ୧୯୨୧ ମସିହାର ଏହି ଦିନ ସେ ପରଲୋକଗମନ କରିଥିଲେ। ଜାତୀୟ ଏକତା, ସାମାଜିକ ନ୍ୟାୟ, ନାରୀ ସଶକ୍ତିକରଣ ଓ ଦେଶପ୍ରେମର ତାଙ୍କ ଚିନ୍ତାଧାରା ଆଜି ମଧ୍ୟ ପ୍ରେରଣାର ଉତ୍ସ। ଏଥିସହିତ, ୧୧ ସେପ୍ଟେମ୍ବର ଜାତୀୟ ବନ ସହିଦ ଦିବସ ଭାବେ ପାଳିତ ହୁଏ। ୧୭୩୦ ମସିହାର ରାଜସ୍ଥାନର ଖେଜରଲି ଘଟଣାରେ ବୃକ୍ଷ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମୃତା ଦେବୀ ବିଷ୍ଣୋଇ ଓ ୩୬୩ ଜଣ ବିଷ୍ଣୋଇଙ୍କ ତ୍ୟାଗ ଏହି ଦିନ ସ୍ମରଣ କରାଯାଏ। ଏହି ଘଟଣା ଭାରତୀୟ ପରିବେଶ ସୁରକ୍ଷା ଇତିହାସର ଏକ ଅମର ଅଧ୍ୟାୟ। ତେଣୁ ଗଛ ଲଗାଇବା ସହ ଗଛକୁ ବଞ୍ଚାଇବାର ସଂକଳ୍ପ ନେବା ପାଇଁ ୧୧ ସେପ୍ଟେମ୍ବର ଦିନଟି ବିଶେଷ ତାତ୍ପର୍ଯ୍ୟ ବହନ କରେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସକାଳ ୯ଟାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୃକ୍ଷର ଗୁରୁତ୍ୱ, ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ, ଜଳ ସଂରକ୍ଷଣ ଏବଂ ବୃକ୍ଷର ଦୀର୍ଘମିଆଦୀ ଯତ୍ନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ଓ ଯୁବ ସ୍ୱେଚ୍ଛାସେବୀମାନେ "ଗଛ ସଂକଳ୍ପ" ଗ୍ରହଣ କରିଥିଲେ। ସେମାନେ ଅତି କମ୍ ?ରେ ଗୋଟିଏ ବୃକ୍ଷ ରୋପଣ କରିବା, ରୋପିତ ବୃକ୍ଷର ନିୟମିତ ଯତ୍ନ ଓ ସୁରକ୍ଷା ନେବା, ଅନାବଶ୍ୟକ ବୃକ୍ଷ କାଟିବାକୁ ବିରୋଧ କରିବା ଏବଂ ପରିବାର, ବିଦ୍ୟାଳୟ ଓ ସମାଜରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବା ପାଇଁ ସଂକଳ୍ପ ନେଇଥିଲେ। ପରେ ସକାଳ ୧୦ଟାରୁ ମହା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଦଳଭିତ୍ତିକ ଭାବରେ ବୃକ୍ଷରୋପଣ କରିବା ସହ ପ୍ରତ୍ୟେକ ଚାରାର ଯତ୍ନ ଓ ସୁରକ୍ଷା ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ରହି ଯୁବପିଢ଼ିଙ୍କୁ କେବଳ ବୃକ୍ଷରୋପଣରେ ସୀମିତ ନ ରହି "ଗଛ ଲଗାଇବା ସହ ଗଛ ବଞ୍ଚାଇବା" ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବତନ ବିଧାୟକ ଜୟନ୍ତୀ ଷଡ଼ଙ୍ଗୀ ଯୋଗ ଦେଇ ଜେନ୍ - ଡ କୁ ପରିବେଷ ସୁରକ୍ଷା ପାଇଁ ବାର୍ତ୍ତା ଦେଇଥିଲେ । ସରସ୍ୱତୀ ଶିଶୁ ମନ୍ଦିର, ଘୋଡ଼ାବଜାରର ସାଧାରଣ ସମ୍ପାଦକ ଶ୍ରୀ ଅରବିନ୍ଦ ଶତପଥୀ ଯୁବ ସମାଜର ସାମାଜିକ ଦାୟିତ୍ୱ, ପରିବେଶ ସଚେତନତା ଓ ସ୍ୱେଚ୍ଛାସେବୀ ଭାବନାକୁ ଆହୁରି ସୁଦୃଢ଼ କରିବା ଉପରେ ମତବ୍ୟକ୍ତ କରିଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ଶ୍ରୀ ସୌମେନ୍ଦ୍ର ଦାସ ତାଙ୍କ ଉଦ୍ବୋଧନରେ ବୃକ୍ଷରୋପଣକୁ ଏକଦିନିଆ କାର୍ଯ୍ୟକ୍ରମ ଭାବେ ନ ଦେଖି, ଏହାକୁ ଏକ ଦୀର୍ଘମିଆଦୀ ପରିବେଶ ସଂରକ୍ଷଣ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବ ପ୍ରାନ୍ତ ସେବା ପ୍ରମୁଖ ଶ୍ରୀ ଶାନ୍ତନୁ କୁମାର ମାଝୀ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଜୈବ ବିବିଧତା ରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ଗଢ଼ିବାରେ ନିଜ ନିଜ ଭୂମିକା ନେବାକୁ ପ୍ରେରିତ କରିଥିଲେ। କ୍ରିଷ୍ଣା ତାଗା ଫାଉଣ୍ଡେସନ୍ ଟ୍ରଷ୍ଟ ଉପଦେଷ୍ଟା ଶ୍ରୀ ରତି ରଞ୍ଜନ ଗଡ଼ନାୟକ କହିଥିଲେ ଯେ, "ବୃକ୍ଷ ସମ୍ପର୍କ–୧୦୦୦"ର ଲକ୍ଷ୍ୟ କେବଳ ୧,୦୦୦ଟି ଚାରା ରୋପଣ କରିବା ନୁହେଁ; ପ୍ରତ୍ୟେକ ଚାରାକୁ ଏକ ଜୀବନ୍ତ ଦାୟିତ୍ୱ ଭାବେ ଗ୍ରହଣ କରି ତାହାକୁ ବଡ଼ କରିବା।

ସୋସିଆଲ ମିଡ଼ିଆରେ ଭାଇରାଲ ଭିଡିଓ
ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ

ପୁରୀ(ବ୍ୟୁରୋ): ପୁଣି ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଅଭାବନୀୟ ଦୃଶ୍ୟ । ଜଣେ ବରିଷ୍ଠ ନାଗରିକଙ୍କୁ ଜଣେ ଯୁବକ ଆକ୍ରମଣ କରୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି । ପରିକ୍ରମା ମାର୍ଗରେ ମାଳ ମାଳ ସୁରକ୍ଷାକର୍ମୀ ଥିବା ବେଳେ ମାଳ ମାଳ ସିସିଟିଭି ମଧ୍ୟ ଲଗାଯାଇଛି । କିନ୍ତୁ ଏହା ସତ୍ତ୍ୱେ ଆଇନକୁ ହାତକୁ ନେବା ପାଇଁ ପଛାଉ ନାହାନ୍ତି । ଲାଗୁଛି ଯେପରି ଏହି ଅସାମାଜିକ ଯୁବକଙ୍କର ଆଇନ ପ୍ରତି ଭୟ ନାହିଁ । ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଏହି ଭିଡିଓଟି ପଶ୍ଚିମ ଦ୍ୱାର ନିକଟର ଘଟଣା ବୋଲି ଚର୍ଚ୍ଚା ହେଉଛି ।ଶନିବାର ସକାଳେ ଜଣେ ବରିଷ୍ଠ ନାଗରିକଙ୍କୁ ଜଣେ ଯୁବକ ପରିକ୍ରମା ମାର୍ଗରେ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳି କରୁଥିବା ଦେଖିବାକୁ ମିଳିଛି । ତେବେ ଘଟଣାକୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ଏ ଦିଗରେ କାହିଁକି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହୁଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ତୁରନ୍ତ ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି ।

ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ପୁରୀ(ବ୍ୟୁରୋ): ବିପର୍ଯ୍ୟୟ ପରିଚାଳନା ସମୟରେ ପ୍ରଥମେ ନିଜେ ବଞ୍ଚିବାକୁ ଚେଷ୍ଟା କରିବେ । ପରେ ଅନ୍ୟ ଯେଉଁମାନେ ବିପଦରେ ଥିବେ ତାଙ୍କୁ ମଧ୍ୟ ବଞ୍ଚାଇବାକୁ ଚେଷ୍ଟା କରିବା ଉଚିତ । ସେପ୍ଟେମ୍ବର ଦ୍ୱିତୀୟ ଶନିବାର ୱାର୍ଲଡ ଫାଷ୍ଟ ଏଡ୍ ଡେ । ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ପୁରୀମହାନଗର ଅଧୀନ ବୀର ହରେକୃଷ୍ଣପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ମିଶନ ଓଡ଼ିଶା ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ତାଲିମ ଦିଆଯାଇଥିଲା । ବର୍ଷା ଦିନରେ ସାପ ଆତଙ୍କ ଗାଁ ଗହଳିରେ ସାପ କାମୁଡିବା ବିଶେଷ ଭାବରେ ଦେଖିବାକୁ ମିଳିଥାଏ । ସେହି ସମୟରେ ସାପ କାମୁଡି ଥିବା ଲୋକଙ୍କୁ ରକ୍ଷା କରିବା ଉଚିତ ।

ଝଡ-ଝଞ୍ଝା-ଝାମେଲା

ନିରଞ୍ଜନ ସାହୁ

ଜୀବନରେ ଆସେ ଏତେ ଝଡଝଞ୍ଝା
ସହି ହୁଏନାହିଁ ତାହା
କାହାକୁ କହିଲେ କିଏସେ ଶୁଣିବ
ଭୋଗିବାକୁ ହୁଏ ଯାହା ।
ଭାଗ୍ୟ ଯେତେବେଳେ ବଳୀୟାର ହୁଏ
କିଏସେ କରିବ ଆନ
ଭାଗ୍ୟ ବିନା କିଛି ଗତି ନାହିଁ ବୋଲି
ସାନ କୁହା କଥା ମାନ
ଭାଗ୍ୟର ଖରାପ ଗତି ସମୟରେ
କିଏସେ କରିବ ଆହା ?
ଜୀବନରେ ଯେବେ ସଙ୍କଟ ଆସଇ
ଉଦ୍ଧାର ମିଳେନି କେବେ
ଯେତେ ସବୁ ଚେଷ୍ଟା ବୃଥା ହୋଇଯାଏ
ଉଦ୍ଧାରିବ କିଏ ତେବେ
ସ୍ୱୟଂ ଭଗବାନ ନିରବ ରହନ୍ତି
ହୁଅନ୍ତିନି ସିଏ ସାହା ।
ବଞ୍ଚବାର ବାଟ ମଣିଷ ଖୋଜଇ
ମିଳନ୍ତା କି ଅଳକୂଳ
ତାହା ବଦଳରେ କଟି ଯାଇଥାଏ
ସମ୍ପୂର୍ଣ୍ଣ ଭାବରେ ମୂଳ
ଯେଉଁଆଡେ ହାତ ବଢ଼ାଇ କି ଲାଭ
ମିଳେନି ସାମାନ୍ୟ ରାହା ।
ପରିସ୍ଥିତି ପରିବେଶ ଜୀବନକୁ
ଏମିତିଆ କରିଥାଏ
ଜିତିବାକୁ ଶତଚେଷ୍ଟା କରିକରି
ଶେଷରେ ହିଁ ହାରିଯାଏ
କାହିଁକି ମଣିଷ ଝାମେଲାରେ ପଡ଼ି
ଖଟିବ ପିଟିକି ବାହା ?

ନିହଳ ପ୍ରସାଦ, ଢେଙ୍କାନାଳ
ମୋ : ୯୯୩୮୭୪୧୫୮୩

ବିଚାର

ନଗେନ୍ଦ୍ରନାଥ ପଟ୍ଟନାୟକ

ବିଚାର ଆସିକି ଟିକେ ରହିଯାଏ
ଅପସରି ଯାଏ ମନେ
ଭେଳା ଭେଳା କଳା ମେଘମାଳା ସବୁ
ଅନନ୍ତ ଗଗନେ ଯେହ୍ନେ ।।
ମନରେ ଉତଥିତ ବିଚାର ଦେଖାଏ
କ୍ରିୟାଶୀଳ ଭାବଧାରା
ସତ୍ୟ ନୁହଁଇ ଆଭାସ କେବଳ
ବତାଇଦିଏଟି ପରା ।।
ବିଚାର ପ୍ରବାହ ଦେଖିବା ଛାଡିକି
ବହିଯାଉ ତା'ର ସୁଏ
ସେ ବେଳରେ ପରା ସମସ୍ୟା ଆମର
ମନେ ମୁଣ୍ଡ ଟେକିଥାଏ ।।
ଗୋଟେ ଚିନ୍ତା-ଦକ ଉତ୍ପନ୍ନ କରଇ
ଆଉ ଏକ ଚିନ୍ତା ଜାଣ
ଗୋଟେ ଆଶଙ୍କାଠୁ ଉଦ୍ଭବ ହୁଅଇ
ଆଉ ଏକ ଆଶଙ୍କା ପୁଣ ।।
ମନରେ ଯେମିତି ନ ଆସିବ କେବେ
ବିଚାର ନକାରାତ୍ମକ
ମାନସିକ ସ୍ତରେ ଦୃଢ଼ତା ରହିଲେ
ଭାବନା ସକାରାତ୍ମକ ।।
ମନରେ ଉଦଗତ ବିଚାରଧାରାକୁ
ନିରେଖି ବୁଝିବା ଯେବେ
ବିନା ସଙ୍ଘର୍ଷରେ ବାଟେ ଯାଏ ତା'ର
ଅନୁଚିତ୍ ବିଚାର ସେବେ ।।
ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ

ଲକ୍ଷ୍ମୀ ସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ

ମୀନାକ୍ଷୀ ପଣ୍ଡା

କେଉଁ କାଳରେ କେଉଁ କଥା
ସମୁଦ୍ର ଗରଭେ ହଜିଲା ଦ୍ୱାରିକା
ଶ୍ରୀକୃଷ୍ଣଙ୍କ ଦିବ୍ୟ ଶରୀର ଜଳିଲା
ହୃଦୟ କିନ୍ତୁ ସାଗରେ ଭାସିଲା ।
ଶବର ରାଜା ବିଶ୍ୱାବସୁ ଜାଣେ
ନୀଳମାଧବ ରୂପେ ରହିଥିଲେ ବନେ
ରାଜା ଇନ୍ଦ୍ରଦ୍ୟୁମ୍ନ ଦେଖିଲେ ସପନେ
ନିମ୍ନ ବନର ନୀରବ କୋଣେ ।
ବିଦ୍ୟାପତି ଆସିଲେ ରାଜଦୂତ ହୋଇ
ଲଳିତା କୁମାରୀ ମନ ନେଲେ ଚୋରେଇ
ଲଳିତାର ପ୍ରେମ ଭକ୍ତି ବାନ୍ଧିଲା ଡୋରି
ସାଗରେ ଲହରୀ ଖେଳି ଆସିଲା ପୁରୀ ।
ନୀଳ ଜଳରାଶିରେ ନୀଳାଦ୍ରି ମଣି
ଦାରୁ ରୂପରେ ଭାସି ଆସିଲେ ପୁଣି
ସେ ଦିନର ଦାରୁ ବିଗ୍ରହ ହେଲା
ଦାରୁବ୍ରହ୍ମ ରୂପକୁ ଜଗତ ଜାଣିଲା ।
ବିଶ୍ୱକର୍ମା ବୃଦ୍ଧ ରୂପେ ଆସି ପହଞ୍ଚିଲେ
ଜନମ ବେଦୀରେ ଦାରୁ ବିଗ୍ରହ ଗଢ଼ିଲେ
ପକ୍ଷ ଏକ ପରେ ବିତିବାରୁ ନିରବରେ
ଗୁଣ୍ଡିଚା ରାଣୀଙ୍କ ମନ ହୁଅଇ ଅସ୍ଥିରେ
ରାଣୀଙ୍କ ଅନୁରୋଧେ ରାଜା କବାଟ ଖୋଲିଲେ
ଅଧାଗଢ଼ା ଦାରୁ ବିଗ୍ରହ ଶିଳ୍ପୀ ଅନ୍ତର୍ଦ୍ଧାନ ହେଲେ ।
ପାଦ ନାହିଁ ଅଧା ହାତ ଚତୁର୍ଦ୍ଧା ମୂରତି
ପଲକ ପଡୁନି ଆଖି ଖୋଲି ରହିଛନ୍ତି
ଅସମ୍ପୂର୍ଣ୍ଣ ଭିତରେ ବି ଅଟନ୍ତି ସେ ପୂର୍ଣ୍ଣ
ଜଗତକୁ ବାନ୍ଧି ରଖିଛନ୍ତି ସେ ସମ୍ପୂର୍ଣ୍ଣ ।
ଯୋଡ଼ା ଆଷାଢ଼ ଯେବେ ପଡେ ପଞ୍ଜିକାରେ
ନବକଳେବର ହୁଏ ଚତୁର୍ଦ୍ଧା ମୂର୍ତ୍ତୀରେ
ବିଶ୍ୱାପତି ବଂଶଜ ଯେ ବନଯାଗ କରି
ମଙ୍ଗଳା ମାଆଙ୍କ ପାଖେ ପଡ଼ନ୍ତି ଗୁହାରି ।
ମାଆଙ୍କ ସ୍ୱପ୍ନ ଆଦେଶେ ଦାରୁ ହୁଏ ଯେ ଚିହ୍ନଟ
ସୁନା ରୂପା କୁରାଢ଼ିରେ ଦାରୁ ହୁଏ ଛେଦ
ବ୍ରହ୍ମ ସଂସ୍ଥାପନ ବିଧି ଗୁପ୍ତତ ବିଧାନ
ନିଶା ଅନ୍ଧକାର କାଳେ ହୁଅନ୍ତି ବ୍ରହ୍ମ ସଂସ୍ଥାପନ ।
ନୂତନ ବିଗ୍ରହ ରୂପ ଚତୁର୍ଦ୍ଧା ମୂରତି
ନବୀନ ନୀରଦ ରୂପ ଝଲସି ଉଠନ୍ତି
ପୁରାତନ ବିଗ୍ରହ ଯେ ହୁଅନ୍ତି ପାତାଳୀ
କୋଇଲି ବୈକୁଣ୍ଠ ଅଟେ ସମାଧିର ସ୍ଥଳୀ ।
ଜଗନ୍ନାଥ ସଂସ୍କୃତି କହେ ଗୀତାର ଯେ ବାଣୀ
ଶରୀର ପୁରୁଣା ହେଲେ ଦେହ ଛାଡ଼େ ପ୍ରାଣୀ
ନୂତନ ବସନ ସମ ନୂଆ ଦେହ ନିଏ
ଅଜର ଅମର ଆତ୍ମା ଅକ୍ଷୟ ନ ହୁଏ ।
ଚରଣେ ଶରଣ ପ୍ରଭୁ ଜଗତର ନାଥ
ଭକ୍ତିରେ ପ୍ରଣତି ବାଢେ ଘେନ ପ୍ରଣିପାତ
ଗର୍ବ ଗଞ୍ଜନ ତୁମେ ଗରିବର ବନ୍ଧୁ
ରଖ ରଖ ଚକ୍ରପାଣି କରୁଣାରସିନ୍ଧୁ ।

ଜାଗମରା, ଭୁବନେଶ୍ୱର
ମୋ-

ଜନ୍ମଭୂଇଁ

ତନୁଜ କୁମାର ମଲଣା

ଯେତେ ଦୂରେ ଥାଉ, ଯେତେ ଦୂର ଦେଶେ,
ଖୋଜୁଥାଏ ମନ ତୋତେ ହିଁ ଶେଷେ,
ଜନ୍ମଭୂଇଁ ମୋର, ଗାଁ ମୋର ମାଟି,
ତୋ ଆଗେ ତୁଚ୍ଛ ସେ ସ୍ୱର୍ଗର କାନ୍ତି ।
ତୋ ମୃତ୍ତିକା ବାସ ସତେ କେଡ଼େ ସୁଚି,
ସବୁ କ୍ଲାନ୍ତି ମୋର ଦିଏ ସେହି ପୋଛି,
ଶ୍ରୀହରିଙ୍କ ଅଙ୍ଗେ ଚନ୍ଦନର ବାସ,
ତୋ ମାଟି ରେ ମହାଦେବଙ୍କ ପବିତ୍ର ନିଶ୍ୱାସ ।
ପାଦ ଛୁଇଁଦେଲେ ତୋ ଧୂଳିର କଣି,
କେତେ ଯେ ପୁଣ୍ୟ ମୋ ଅନ୍ତରେ ଆଣି,
ତୋ କୋଳରେ ଶୋହେ ମାଆର ମମତା,
ବାପାଙ୍କ ଶ୍ରମ, ଆଶୀର୍ବାଦ କଥା ।
ଚାରିଧାମ ବୁଲି ଯେତିକି ପୁଣ୍ୟ,
ତୋ ଶରଣେ ମୋର ଜୀବନ ଧନ୍ୟ,
ସଞ୍ଜ ନଇଁଗଲେ ଜୀବନର ପଥେ,
ଲେଉଟି ଆସିବି ତୋର କୋଳରଥେ ।
ତୋ ଗାଁ ମଶାଣି ଚେତନାର ଧାମ,
ସେଇଠି ମିଳିବ ଶାଶ୍ୱତ ବିଶ୍ରାମ,
ସେହି ମୋର ସତେ ଅନ୍ତିମ ତୀର୍ଥ,
ତୋ କୋଳେ ଜନ୍ମ ମା ହୋଇଛି ସାର୍ଥ ।

ସିଆଇଏସ୍ଏଫ୍, ପାରାଦୀପ
ମୋ - ୯୦୬୪୮୭୦୯୧୧

ବଡ଼ ଠାକୁର

ଅମରନାଥ ବାରିକ୍

ହାତରେ ଦଉଡ଼ି ଥିବ ଓଠରେ ମୋ ହସ
ଟାଣୁଥିବି ଯେତେବେଳେ ତୋର ନନ୍ଦିଘୋଷ,
ଆଗରେ ବଳିଆ ଭାଇ ପଛରେ କାଳିଆ
ମଝିରେ ସୁନାମୁଖି ହସ ଖିଲି ଖିଲିଆ ।
ନନ୍ଦିଘୋଷ ତାଳଧ୍ୱଜ ସେ ଦେବଦଳନ
ଦେଖିବା ପାଇଁ ହୁଏ ମୋର ମନ ଉଛନ
ତିନି ଠାକୁରଙ୍କ ରଥ ଯିବ ଗଡ଼ିଗଡ଼ି
ବଡ଼ ଦାଣ୍ଡେ ପଡୁଥିବ ହରିବୋଲ ରଡ଼ି ।
ଦେଖିଦେଲେ ଧନ୍ୟ ହେବି ମୁଁ ପବିତ୍ର ସତେ
କଳାକାହୁ ତତେ ମୁଁ ନନ୍ଦିଘୋଷର ରଥେ
ପଦ୍ମର ଆସନ ପୁଣି ଅଟଇ ତୋହର,
ଗଳାରେ ଛାଉଣୀ ସୁନା ରୂପା ମୋତି ହାର ।
ମଥାକୁ ଟାହିଆ ଭଉଣୀର କି ସୁନ୍ଦ
କଟିକୁ ଶୋଭିତ ଅଣ୍ଟା ସୂତା ମାଳ ତା',
ବଳିଆ ନନା ମସ୍ତକେ ମାଣିକ୍ୟ ମୁକୁତା
ହଲି ଝୁଲି ଯିବା ବେଳେ ବାଜୁଥିବ ଘଣ୍ଟ ।
ବରଷକେ ଥରେ ଆସେ ଏହି ରଥଯାତ
ତା ସଙ୍ଗେ ମୌସୁମୀ ବର୍ଷା ହୁଏ ବୃଷ୍ଟିପାତ,
ଝିପିଝିପି ବରଷାରେ ଭକତ ନାଚନ୍ତି
ଆନନ୍ଦ ବିଭୋରେ ରଥ ଦଉଡ଼ି ଟାଣନ୍ତି ।

ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ନେପଥ୍ୟ ନାୟକ

ସୁଧାକର ରାଉତ

ଦୁନିଆର ବଗିଚାରେ କଳି ଭଳି
ଯେତେ ଶିଶୁ ରହି ଥାଉ
ଗୁରୁଙ୍କ ଆଶିଷ ଆଉ ଶୁଭାଶିଷ
ଲଭି ଫୁଟି ବାସ ଦେଉ ।
ଆମର ସପନ କୋମଳ ଜୀବନ
ତାଙ୍କର ସାନିଧ ପାଇ
ସଫଳତା ଲଭି ସାର୍ଥକ ହୁଅଇ
ଅଜ୍ଞାନତା ହଟି ଯାଇ ।
ଜୀବନ ବିଷମ ପଥ ଅତିକ୍ରମ
କରାଇବାକୁ ସେ ସାହା
ତେଜିଣ କୁକର୍ମ ଅର୍ଜିବାକୁ ଧର୍ମ
ପାଇଁ ସେ ଦେଖାନ୍ତି ରାହା ।
ପିତାମାତା ସମ ନରଖି ବୈଷମ୍ୟ
ସଦା ସିଞ୍ଚି ସ୍ନେହ ବାରି
କରନ୍ତି ସାକାର ସପନ ଆମର
ଅତି ଆପଣାର ପରି ।
ସେ ଭଲମଣିଷ କରିପାନ୍ତି ତୋଷ
ଚେଷ୍ଟା କରି ଅହର୍ନିଶ
ତାଙ୍କର ସେ ଋଣ ଅଶୁଝି ଟି ଜାଣ
ସେ ଅଟନ୍ତି ଜଗଦୀଶ ।
ଆମର ସୁପତ ପ୍ରତିଭା ଗୁପତ
ହୋଇ ସିନା ରହିଥାଏ
ସିନିହ ଅପାର ଯେତେକ ଆଦର
ପାଇ ସେ ଜାଗ୍ରତ ହୁଏ ।
ବ୍ରହ୍ମା ବିଷ୍ଣୁ ଆଉ ମହେଶ୍ୱର ରୂପେ
ଜଗତେ ପାଆନ୍ତି ପୂଜା
ଲାଳନେ ପାଳନେ ସଙ୍ଗତେ ତାଡନେ
ଉଡ଼ଇ ତାଙ୍କର ଧ୍ୱଜା ।
ମାଟି ପିଣ୍ଡୁଳାକୁ କେତେ ଯତ୍ନରେ ସେ
ଗଢ଼ନ୍ତି ଜୀବନ୍ତ ମୂର୍ତ୍ତି
ଧନ୍ୟ ତାଙ୍କ ନିଷ୍ଠା ଧନ୍ୟ ସେ ପ୍ରଚେଷ୍ଟା
ଅସୀମ ଟି ଧୈର୍ଯ୍ୟ ଶକ୍ତି ।
ଆମେ ତାଙ୍କ ପ୍ରାଣ ହୃଦୟ ସ୍ପନ୍ଦନ
ଆମର ଉନ୍ନତି ଦେଖି
ଲଭନ୍ତି ହରଷ ହୋଇ ହସ ହସ
ସେ କଥା ନ ହୁଏ ଲେଖି ।
ଜୀବନର ଭ୍ରମ ଅଜ୍ଞାନ ର ତମ
ଦୂର କରିବାରେ ଦକ୍ଷ
କରିଣ କିମିଆଁ ଦେଖାନ୍ତି ଦୁନିଆ
ଉଡ଼ିବାକୁ ଦ୍ୟନ୍ତି ପକ୍ଷ ।
ଦୀପ ଭଳି ଜଳି ଅଜ୍ଞାନକୁ ଟାଳି
ଦେଖାନ୍ତି ସେ ନୂଆ ପଥ
ତାଙ୍କ ପଦ ତଳେ ଆସ ଭକ୍ତି ଭୋଳେ
ନତ କରିବାଟି ମାଥ ।

ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

ଯୌବନ

ବିଷ୍ଣୁପ୍ରସାଦ ଦାସ

ବୟସର ଅପରାହ୍ନରେ ତୁମକୁ ମୁଁ' ଅନ୍ତରୁ ଖୋଜୁଛି
ତୁମକୁ ଜୀବନରେ ଅନେକ ଆଗରୁ ପାଇ ହରାଇଛି ,
ଜୀବନରେ ତୁମକୁ ପାଇବାରେ ନ'ଥିଲା କିଛି ନୂତନତ୍ୱ
ସମୟ ଚକ୍ରରେ ଆସି ଜାହିର କରିଥିଲ ତୁମେ ପ୍ରଭୁତ୍ୱ
ତୁମର ବଳରେ ବଳିୟାନ ହୋଇ ମଣିଥିଲି ଧରାକୁ ସରା
ଜାଣି ନ'ଥିଲି ତୁମେ ଗଲା ପରେ ଗ୍ରାସିବ ଶରୀରକୁ ଜରା,
ସଂସାରରେ ଧନ,ଜୀବନ,ଯୌବନ, ସବୁ ଅଟେ କ୍ଷଣସ୍ଥାୟୀ
ଏହି ଅପ୍ରିୟ ସତ୍ୟ ବିନା ଜୀବନର କୌଣସି ଅସ୍ତିତ୍ୱ ନାହିଁ
'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'
ନିରାଟ ସତ୍ୟକୁ ସାମ୍ନା କରିବା ଛଡା କୌଣସି ବାଟ ନାହିଁ,
ବାଲ୍ୟତ, କୈଶୋର ବିତାଇ ଯୌବନକୁ ମୁଁ ଛାଡି ଆସିଲି
ଗତି ଯାଇଥିବା ସେହି ସମୟ ଆଉ ଫେରିବନି ଜାଣିଲି
'ଜରା'କୁ ଅଭିଶାପ ନ'ଭାବି ଯୌବନର ଆନନ୍ଦ ଖୋଜୁଛି
'ସମାଜ'କୁ ଆଜି ମୁଁ କିଛି ସକାରାତ୍ମକ ସନ୍ଦେଶ ଦେଉଛି ,
ନିଜକୁ ନିଃସହାୟ ନ'ଭାବି କର୍ତ୍ତବ୍ୟ କରିଚାଲ ଭାଇ !
'ଜରା' ଠାରୁ ବର୍ତ୍ତିବାକୁ କୌଣସି ବିକଳ୍ପର ଲୋଡ଼ା ନାହିଁ
ଶରୀର ଦୁର୍ବଳ ହୋଇପାରେ ମନ କିନ୍ତୁ ସବଳ ରହିଛି
ହିମାଳୟ ଲଙ୍ଘିବାକୁ ମନ ଅଦମ୍ୟ ସାହସ ଯୋଗାଉଛି
ଅସହାୟ ଭାବି ମରି ମରି ବଞ୍ଚିବାର ମାନେ କିଛି ନାହିଁ,
ମୃତ୍ୟୁ ଦିନେ ଆସିବ ସେଥିପାଇଁ ବିବ୍ରତ କାହିଁକି ଭାଇ ?
ଅତୀତକୁ ରୋମନ୍ଥନ କରି ତୁମେ ପାଇବନି କିଛି ଲାଭ
ବଞ୍ଚି ଥିବା ଯାଏ ଏ ଦୁନିଆରେ ହସଖୁସିର ବଢ଼ାଅ ଭାବ,
ସମସ୍ତଙ୍କୁ ଅନ୍ତରରୁ ସ୍ନେହ ପ୍ରେମ ବାଣ୍ଟି ଚାଲ ଅବାଧରେ
ସଂସାର ଛାଡିବା ପରେ ତୁମେ ଜୀବିତ ଥିବ ହୃଦୟରେ ।

ଝାଞ୍ଜିରୀମଙ୍ଗଳା, କଟକ
ମୋ- ୯୯୩୭୧୭୪୦୯୭

ନୀଳାଦ୍ରି ବିହାରୀ

ବସନ୍ତ କୁମାର ପ୍ରଧାନ

ନୀଳାଦ୍ରି ବିହାରୀ ହରି ହେ
ଘେନାକର ମୋ ଗୁହାରି
ଭାସି ଯାଉଅଛି ଏ ଭବ ଜଳରେ
ଉଦ୍ଧାର ହେ କୃପାକରି
ଦେଲ ନର ଜନ୍ମ ମୋତେ ହେ
ସୁଦୟା ବହିଣ ଚିତ୍ତେ
ଦୁଃଖୀଟିଏ କରି କନ୍ଦାଉଛ ଏତେ
ଭାସିଯାଏ ମାୟା ସ୍ରୋତେ
ଦୀନବନ୍ଧୁ ଦଇତାରି ହେ
ଭବ ସାଗର ନାଉରି
ତୁମେ ଥାଉ ଥାଉ କେ କରିବ ପାରି
ଦେବତା କାହିଁ ଏପରି
ତୁମେ ପତିତପାବନ ହେ
ଅଟ ଜଗତ ବନ୍ଦନ
ତୁମେ ଭକତର ଅଟ ପ୍ରାଣଧନ
ମୋ ପାଇଁ କିଆଁ ପାଷଣ
ମୋହ ମାୟାଗ୍ରସ୍ତ ଜୀବ ହେ
ତୁମେ ଅଟ ସଦାଶିବ
କୃପା କଣିକାରୁ ନକରି ବଞ୍ଚିତ
କୃପାନେତ୍ରେ ଚାହିଁ ଥିବ
ତୁମେ ଅଟ ଲୀଳାମୟ ହେ
ତୁମେ ହିଁ ମଙ୍ଗଳମୟ
ତୁମରି ଇଚ୍ଛାରେ ଚଳେ ଏ ଜଗତ
ହେଉ ସଦା ତୁମ ଜୟ
ତୁମେ ଜଗତର ନାଥ ହେ
ତୁମେ ମୋର ତାତ ମତ
ତୁମରି ଆଗରେ ହାତ ଟେକି ଦିଏ
ଉଷାକର ଲକ୍ଷ୍ମୀକାନ୍ତ ।

ହରିହରପୁର, ଅନୁଗୋଳ
ମୋ -୭୭୩୫୬୧୧୪୮୪

ଖାଦ୍ୟ ଉପରୁ ଲୋକଙ୍କ ତୁଟୁଛି ଭରସା

କଦଳୀରେ ମିଶାଯାଉଛି ଇଥୋପନ୍ ଭଳି ବିଷାକ୍ତ ରସାୟନ

ଭୁବନେଶ୍ୱର(ବ୍ୟୁରୋ): ବଜାରରେ ବିକ୍ରି ହେଉଥିବା ଖାଦ୍ୟ ଉପରୁ ଲୋକଙ୍କ ଭରସା ତୁଟିବାରେ ଲାଗିଛି । ଆଖିକୁ ସୁନ୍ଦର ଓ ପାଟିକୁ ସ୍ୱାଦ ପାଇଁ ବଜାରରେ ବିକ୍ରି ଖାଦ୍ୟରେ ଯେଉଁଭଳି ଅପମିଶ୍ରଣ କରାଯାଉଛି, ତାହା ଲୋକଙ୍କ ଶରୀରରେ ନାନାଦି ରୋଗର କାରଣ ସାଜିଛି । ନିକଟରେ ଛେନା ଓ ପନିର ଅପମିଶ୍ରଣକୁ ନେଇ ଦେଶବ୍ୟାପୀ ତହିଁତୋଫାନ ହୋଇଥିଲା । ରାଜ୍ୟରେ ବି ଏହାକୁ ନେଇ ଘନ ଘନ ଚଢ଼ଉ ହେଲା ଏବଂ କ୍ୱିଣ୍ଟାଲ କ୍ୱିଣ୍ଟାଲ ଅପମିଶ୍ରିତ ଛେନା ଓ ପନିର ଜବତ କରାଯାଇ ନଷ୍ଟ କରାଗଲା । ପରେ ପରେ କଟକ ଓ ଅନ୍ୟ ସ୍ଥାନରୁ ବିଷାକ୍ତ ମୋମୋ ଜବତ ଘଟଣା ବି ଲୋକଙ୍କ ନିଦ ହଜାଇ ଦେଇଥିଲା । ଏନେଇ ଚର୍ଚ୍ଚା ଥମି ନଥିବା ବେଳେ ଆଜି ସବୁଠୁ ଭଲ ସ୍ୱାସ୍ଥ୍ୟକର ଖାଦ୍ୟ କୁହାଯାଉଥିବା ପାଚିଲା କଦଳୀକୁ ନେଇ ଏଭଳି କିଛି ଭୟ ଜାତ ହୋଇଛି । କାର୍ବାଇଡ୍‌ରେ କଟକଣା ଲାଗିବା ପରେ ବେପାରୀମାନେ ଲାଭ ଆଶାରେ ଅଳ୍ପ ସମୟରେ ଏହାକୁ ପଚାଇବାକୁ ଇଥୋପନ୍ ଭଳି ବିଷାକ୍ତ ରସାୟନର ମାତ୍ରାଧିକ ବ୍ୟବହାର କରୁଛନ୍ତି । ଛୋଟ ଛୋଟ ଡବାରେ ମିଳୁଥିବା ଏହି ରସାୟନ ପାଣିରେ ମିଶାଇ କଦଳିରେ ସିଞ୍ଚନ କରାଯାଉଛି । ଯାହା ୨୪ ଘଣ୍ଟାରୁ କମ୍ ସମୟ ଭିତରେ କଦଳି ଫେଣାକୁ ପଚାଇ ଦେଉଛି । ଭୁବନେଶ୍ୱର ମହାନଗର ନିଗମ ଖାଦ୍ୟ ନିରାପତ୍ତା ଦଳ ଆଜି ଯାଞ୍ଚ ବେଳେ ଏଭଳି ବିଷାକ୍ତ ରସାୟନ ବ୍ୟବହାର ଘଟଣା ପଦାକୁ ଆସିଛି । ଯାହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ଓ ମାରାତ୍ମକ । ପୂଜା ବଜାରରେ ଫଳର ଚାହିଦା ବେଶି । ଆଗକୁ ଗଣେଶ ପୂଜା ଥିବାରୁ ବେପାରୀମାନେ ଭଳିକି ଭଳି ଫଳ ଗଦା କରି ରଖିଛନ୍ତି । ଫଳ ଭିତରେ ପୂଜା ବଜାରରେ କଦଳୀର ଚାହିଦା ଅଧିକ । ଏହାର ସୁଯୋଗ ନେଇ ବେପାରୀମାନେ ଆନ୍ଧ୍ରପ୍ରଦେଶ ଓ ଅନ୍ୟ ରାଜ୍ୟରୁ ଆସୁଥିବା ଟ୍ରକ୍ ଟ୍ରକ୍ କଦଳି କାନ୍ଦିକୁ ପଚାଇବାକୁ ମାତ୍ରାଧିକ ଇଥୋପନ୍ ବ୍ୟବହାର କରୁଛନ୍ତି । ଆଜି ଭୁବନେଶ୍ୱର ଖାଦ୍ୟ ନିରାପତ୍ତା ଦଳ ଅଚାନକ ଭୁବନେଶ୍ୱରର ବାପୁଜୀନଗର, ଅଶୋକନଗର ଓ ବୁଦ୍ଧନଗରରେ ଥିବା କଦଳୀ ଗୋଦାମରେ ଚଢ଼ଉ କରି ଏହାର ପର୍ଦ୍ଦାଫାସ କରିଛନ୍ତି । ଚଢ଼ଉର ନେତୃତ୍ୱ ନେଇଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର କହିଛନ୍ତି, ଆଜି ବାପୁଜୀନଗର, ଅଶୋକନଗର ଓ ବୁଦ୍ଧନଗରର ୩୦ରୁ ଅଧିକ କଦଳୀ ଗୋଦାମରେ ଚଢ଼ଉ କରାଯାଇଥିଲା । ଯାଞ୍ଚ ବେଳେ ଏମାନେ କଦଳୀ ପଚାଇବାକୁ ମାତ୍ରାଧିକ ଇଥୋପନ୍ ସିଞ୍ଚନ କରୁଥିବା ଜଣାପଡ଼ିଥିଲା । ଏହି ରାସାୟନିକ ପଦାର୍ଥ ଓ ସ୍ପ୍ରେୟର ସବୁ ଜବତ କରାଯାଇଛି । ଘଟଣାସ୍ଥଳରେ ଏହି ବିଷାକ୍ତ ରସାୟନ ପଦାର୍ଥ ସ୍ପ୍ରେ ହୋଇଥିବା ୧ କ୍ୱିଣ୍ଟାଲରୁ ଅଧିକ ଓଜନର କଦଳୀ ନଷ୍ଟ କରାଯାଇଛି । କଦଳୀ ଗୋଦାମ ସବୁକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି । କଦଳୀ ବ୍ୟବସାୟୀ ସଂଘ ଆଗକୁ କଦଳୀ ପଚାଇବାକୁ ଇଥୋପନ୍ ବ୍ୟବହାର କରିବେନି ବୋଲି ଲିଖିତ ଭାବେ ଜଣାଇଛନ୍ତି । ଆଗକୁ ଏମାନେ ଏଫ୍‌ଏସ୍‌ଏସ୍‌ଏଆଇ ମାର୍ଗଦର୍ଶିକା ଅନୁସାରେ ଏଥିଲିନ୍ ବ୍ୟବହାର କରିବେ। ଆଗକୁ ବି ଏହି ଚଢ଼ଉ ଜାରି ରହିବ ବୋଲି ଶ୍ରୀମତୀ ଦାସମହାପାତ୍ର କହିଛନ୍ତି ।

ନନ୍ଦନକାନନ ପାଇଲା ୧୪ଟି ପ୍ରଜାତିର ଅନ୍ୟଦେଶୀୟ ଜୀବଜନ୍ତୁ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଗୁଜରାଟର ରାଧାକୃଷ୍ଣ ଟେମ୍ପଲ ଏଲିଫାଣ୍ଟ ୱେଲଫେୟାର ଟ୍ରଷ୍ଟ (ଜକଞ୍ଚରଡଞ୍ଚ) ତରଫରୁ ଦାନ ସ୍ୱରୂପ ୧୨.୦୯.୨୦୨୬ ରେ ୧୪ଟି ପ୍ରଜାତିର ମୋଟ ୫୮ଟି ଅନ୍ୟଦେଶୀୟ (ଏକ୍ସୋଟିକ୍) ଜୀବଜନ୍ତୁ ମିଳିଛନ୍ତି, ଯାହାର ବିବରଣୀ ତଳେ ଦିଆଗଲା: ଜେବ୍ରା (୨ ଅହିରାଜ/ ଅଣ୍ଡିରା, ୨ ମାଇ), କଙ୍ଗାରୁ (୨ ଅଣ୍ଡିରା, ୨ ମାଇ), ବେନେଟସ୍ ୱାଲାବି (୩ ଅଣ୍ଡିରା, ୩ ମାଇ), ରିଙ୍ଗ-ଟେଲଡ୍ ଲେମୁର (୨ ଅଣ୍ଡିରା, ୨ ମାଇ), ଟଫଟେଡ୍ କାପୁଚିନ୍ (୨ ଅଣ୍ଡିରା, ୨ ମାଇ), ସ୍କାରଲେଟ୍ ମକାଉ (୨ ଅଣ୍ଡିରା, ୨ ମାଇ), ବ୍ଲୁ-ଏଣ୍ଡ-ଗୋଲ୍ଡ ମକାଉ (୨ ଅଣ୍ଡିରା, ୨ ମାଇ), ଗ୍ରୀନ୍-ୱିଙ୍ଗଡ୍ ମକାଉ (୨ ଅଣ୍ଡିରା, ୨ ମାଇ), ସଲଫର-କ୍ରେଷ୍ଟେଡ୍ କାକାଟୁଆ (୨ ଅଣ୍ଡିରା, ୨ ମାଇ), କ୍ରାଉନ୍ଡ କ୍ରେନ୍ (୨ ଅଣ୍ଡିରା, ୨ ମାଇ), ସ୍କାରଲେଟ୍ ଆଇବିସ୍ (୨ ଅଣ୍ଡିରା, ୨ ମାଇ), ମିରକାଟ (୩ ଅଣ୍ଡିରା, ୩ ମାଇ), କାସୋୱାରୀ (୧ ଅଣ୍ଡିରା, ୧ ମାଇ), ଏବଂ ବ୍ଲୁ ୱିଲଡେବିଷ୍ଟ (୨ ଅଣ୍ଡିରା, ୨ ମାଇ)। ୧୦ଟି ନୂଆ ପ୍ରଜାତିର ସଂଯୋଜନା, ୧ଟି ପ୍ରଜାତିର ଯୋଡ଼ି ପ୍ରସ୍ତୁତି ଏବଂ ୩ଟି ପ୍ରଜାତିରେ ନୂତନ ବଂଶାନୁକ୍ରମ (ବ୍ଲଡ୍‌ଲାଇନ୍) ସାମିଲ ହେବା ଫଳରେ ଏବେ ଏହି ଚିଡ଼ିଆଖାନାରେ ମୋଟ ପ୍ରଜାତି ସଂଖ୍ୟା ୧୮୮ରେ ପହଞ୍ଚିଛି । ଏହି ନୂତନ ଜୀବଜନ୍ତୁଙ୍କ ଆଗମନ ଚିଡ଼ିଆଖାନାର ବନ୍ୟପ୍ରାଣୀ, ସେମାନଙ୍କ ପାରିପାର୍ଶ୍ୱିକ ଅନୁକୂଳନ ଏବଂ ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିବ। ଏହି ଜୀବଜନ୍ତୁଗୁଡ଼ିକୁ ଚିଡ଼ିଆଖାନାର ନିର୍ଦ୍ଧାରିତ ପ୍ରାଣୀ-ସେବା, ଚିକିତ୍ସା ଏବଂ ପାଳନ ବ୍ୟବସ୍ଥା ଅଧୀନରେ ସେମାନଙ୍କ କଲ୍ୟାଣ ଓ ବୈଜ୍ଞାନିକ ପରିଚାଳନାକୁ ପ୍ରାଥମିକତା ଦେଇ ରଖାଯିବ। ଆସିଥିବା ସମସ୍ତ ଜୀବଜନ୍ତୁଙ୍କୁ ବର୍ତ୍ତମାନ ସଙ୍ଗରୋଧ (କ୍ୱାରେଣ୍ଟାଇନ୍)ରେ ରଖାଯାଇଛି।

ଆରଆଣ୍ଟ୍ରବି ଡିଭିଜନ୍-୧ର ଆର୍ଥିକ ଅନିୟମିତତାର ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର(ବ୍ୟୁରୋ) : ଭୁବନେଶ୍ୱର ଆରଆଣ୍ଟ୍ରବି ଡିଭିଜନ୍-୧ରେ ଆର୍ଥିକ ଅନିୟମିତତା ତଥା ସରକାରୀ ଅର୍ଥର ଅପବ୍ୟବହାର ନେଇ ଆସିଥିବା ଅଭିଯୋଗକୁ ରାଜ୍ୟ ସରକାର ଗୁରୁତର ସହ ଗ୍ରହଣ କରିଛନ୍ତି ଓ ଏହି କ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ନିର୍ମାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଅଧକ୍ଷତାରେ ସବୁ ଦିଗକୁ ଆଧାର କରି ତଦନ୍ତ କରାଇବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିପୋର୍ଟରେ ଅଭିଯୋଗର ସବିଶେଷ ତଥ୍ୟ ସହ ଦୋଷୀ କର୍ମଚାରୀ ଓ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପଦକ୍ଷେପ ସମ୍ପର୍କରେ ସୁପାରିଶ ଦେବାକୁ ନିର୍ଦ୍ଦେଶ ରହିଛି । ଏଥିସହ ନିର୍ମାଣ ବିଭାଗର ସମସ୍ତ ଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଡିଟ୍ ହୋଇନଥିବା ହିସାବ ଯାଞ୍ଚ କରି ସମ୍ପୃକ୍ତ ଉଉରଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାକୁ ଅତ୍ୟନ୍ତ ଜରୁରୀ ଭାବେ ଗ୍ରହଣ କରିବା ସହିତ ତଦନ୍ତ ରିପୋର୍ଟ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ସବୁବେଳେ ଶୂନ୍ୟ ସହନଶୀଳତା ନୀତିକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି ଓ ଏହି ଅଭିଯୋଗ ଆସିବା ପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତତ୍କାଳ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ମାଣ ବିଭାଗ ପକ୍ଷରୁ ଏଥି ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଏହି କ୍ରମରେ ନିର୍ମାଣ ବିଭାଗ ପକ୍ଷରୁ ଆଜି ଅପରାହ୍ନରେ ଭୁବନେଶ୍ୱର ଆରଆଣ୍ଟ୍ରବି ଡିଭିଜନ୍-୧ରେ କାର୍ଯ୍ୟରତ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସେହି ସ୍ଥାନରୁ ଅପସାରଣ କରାଯିବା ନେଇ ନିର୍ଦ୍ଦେଶନାମା ଜାରି ହେବା ସହ ଅନ୍ୟ ଜଣେ ଅଧିକ୍ଷଣ ଯନ୍ତ୍ରୀଙ୍କ ତାଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି ।

ଏଜି ଛକ-ରାଜମହଲ ରାସ୍ତା ସାମ୍ନାରେ ଉଚ୍ଛେଦ, ମାଟିରେ ମିଶିଲା ୫୪ ଦୋକାନ

ଭୁବନେଶ୍ୱର(ବ୍ୟୁରୋ): ସ୍ମାର୍ଟସିଟିର ସବୁଠୁ ବଡ଼ ଓ ବ୍ୟସ୍ତବହୁଳ ହାଟ ୟୁନିଟ୍-୧ ରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି । ଡେରିରେ ହେଲେ ବି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ତତ୍ପର ହୋଇଛି । ଏଜି ଛକ-ରାଜମହଲ ରାସ୍ତା ସାମ୍ନାର ପ୍ରାୟ ୫୪ଟି ଦୋକାନକୁ ଭଙ୍ଗାଯାଇଛି । ଯାହାକୁ ନେଇ ହାଟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି । ଦୋକାନୀ ଓ ବିଏମ୍‌ସି ଅଧିକାରୀ ମୁହାଁମୁହିଁ ହୋଇଛନ୍ତି । ପୁଲିସ ଫୋର୍ସ ସହଯୋଗରେ ହାଟର ଅଧା ସାମନା ପାର୍ଶ୍ୱ ଭାଙ୍ଗିରୁଜି ମାଟିରେ ମିଶିଛି । କ୍ୟାପିଟାଲ ଥାନା ପାର୍ଶ୍ୱରୁ ହାଟର ମୁଖ୍ୟ ଫାଟକ ଯାଏ ଲମ୍ବିଥିବା ଦୋକାନକୁ ଭଙ୍ଗାଯିବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା । ଶୁକ୍ରବାର ସକାଳୁ ୧୦ରୁ ଅଧିକ ବୁଲଡୋଜର ହାଟ ସାମ୍ନାରେ ମୁତୟନ କରାଯାଇଥିଲା । ଉଚ୍ଛେଦ ବେଳେ କ୍ଷତିଗ୍ରସ୍ତ ବ୍ୟବସାୟୀ ଓ ବିଏମସି କର୍ମଚାରୀଙ୍କ ମଧ୍ୟରେ ବଚସା ଆରମ୍ଭ ହେଲା । କଥା ହାତାହାତି ଯାଏଁ ଯାଇଥିଲା । କିଛି ବ୍ୟବସାୟୀଙ୍କୁ ପୁଲିସ୍ ଜବରଦସ୍ତି ଉଠାଇ ନେବା ପରେ ଉତ୍ତେଜନା ପରିସ୍ଥିତି ଥମିଥିଲା । କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ବହୁ ବାଦବିବାଦ ଭିତରେ ଅପରାହ୍ନ ବେଳକୁ ଉଚ୍ଛେଦ ପ୍ରକ୍ରିୟା ସରିଥିଲା । ଉଚ୍ଛେଦ ହୋଇଥିବା ଦୋକାନ ବଦଳରେ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ପୂର୍ବରୁ ଦୋକାନ ଘର ବଣ୍ଟା ଯାଇଥିଲା । ତୁରନ୍ତ ୟୁନିଟ୍-୧ ହାଟ ଖାଲି କରିବାକୁ ଦୋକାନ ଆବଣ୍ଟନ ଦିନ କୁହାଯାଇଥିଲା ମଧ୍ୟ । କିନ୍ତୁ ସେମାନେ ଦୋକାନ ସ୍ଥାନାନ୍ତର ନ କରି ପୂର୍ବ ଭଳି ହାଟ ସାମନାକୁ କବ୍‌ଜା କରି ରହିଥିଲେ । ଗତକାଲି ସନ୍ଧ୍ୟାରେ ଉଚ୍ଛେଦ ପାଇଁ ଘୋଷଣା କରିଥିଲା ବିଏମ୍‌ସି । ଯଥାଶୀଘ୍ର ନିଜ ସାମଗ୍ରୀ କାର୍ଡ଼ ନେବାକୁ ମାଇକ ଯୋଗେ କୁହାଯାଇଥିଲା । ହାଟ ଭିତରକୁ ଚଉଡ଼ା ରାସ୍ତା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ପାଇଁ ଏହି ଉଚ୍ଛେଦ କରାଯାଇଥିବା ବିଏମସି ସୂଚନା ଦେଇଛି । ଆଗକୁ ନିଆଁକୁ ଲିଭାଇବା ପାଇଁ ବିରାଟକାୟ ୱିଙ୍କ୍ ଟ୍ୟାଙ୍କ ଖଞ୍ଜାଯିବ ବୋଲି ଯୋଜନା ରହିଛି । ଅନ୍ୟପଟେ ସୁରକ୍ଷା ଓ ଅଗ୍ନି ନିରାପତ୍ତା ଆଳରେ ଉଠାଦୋକାନୀଙ୍କୁ ହଟାଇଦେଲେ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ ଅଭିଯୋଗ କରିଛନ୍ତି । ଏହି ଉଚ୍ଛେଦରେ ବିଏମସି-ବିଡିଏ ସହ କମିଶନରେଟ୍ ପୁଲିସ୍ ବିଜର୍ଭ ପୁଲିସ୍ ବଳ ଏବଂ କ୍ୟାପିଟାଲ, ଖାରବେଳ ନଗର, ସହିଦ ନଗର, ମହିଳା ପୁଲିସ୍, ଲକ୍ଷ୍ମୀସାଗର ଓ ମଞ୍ଚେଶ୍ୱର ଥାନାର ସ୍ୱତନ୍ତ୍ର ଟିମ୍ ସାମିଲ ଥିଲା ।

ଏସ୍‌ବିଆଇ ସହ ଓଡ଼ିଶା ପୁଲିସର ଏମ୍ଓୟୁ ସ୍ୱାକ୍ଷର

ଭୁବନେଶ୍ୱର(ବ୍ୟୁରୋ): ଓଏସ୍‌ଏସ୍‌ଏଫ୍ ଯବାନଙ୍କୁ ଅତିରିକ୍ତ ସୁବିଧା ଓ ସୁରକ୍ଷା ଯୋଗାଇଦେବା ପାଇଁ ଓଡ଼ିଶା ପୁଲିସର ଅପରେସନ୍ସ ଡ୍ରିଙ୍ଗ୍ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏମ୍ଓୟୁ ଫଳରେ ଓଏସ୍‌ଏସ୍‌ଏଫ୍ ଯବାନ ଏସ୍‌ବିଆଇର କର୍ପୋରେଟ୍ ସାଲାରି ପ୍ୟାକେଜ୍‌ରେ ୫୦ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ପାଇବେ। ଖାଲି ଏତିକି ନୁହେଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏୟାର୍ ଆମ୍ବୁଲାନ୍ସ ଖର୍ଚ୍ଚ, ସନ୍ତାନଙ୍କ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଏବଂ ପ୍ଲାଷ୍ଟିକ୍ ସର୍ଜରି ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ମିଳିବ। ଏହାସହ ପରିବାର ସଦସ୍ୟଙ୍କ ପାଇଁ 'ରିସ୍ତେ ଆକାଉଣ୍ଟ', ବ୍ୟକ୍ତିଗତ ଋଣ ଏବଂ ବାର୍ଷିକ ୧,୯୯୯ ଟଙ୍କା ପ୍ରିମିୟମ୍‌ରେ ୫ ଲକ୍ଷ ଟଙ୍କାର ଇଚ୍ଛାଧୀନ ସ୍ୱାସ୍ଥ୍ୟ ବୀମା ଭଳି ସୁବିଧା ମଧ୍ୟ ମିଳିବ। ଭୁବନେଶ୍ୱରସ୍ଥିତ ଅପରେସନ୍ସ ମୁଖ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡିଜିପି(ଏଏନ୍‌ଓ) ସଞ୍ଜୀବ ପଣ୍ଡା କହିଥିଲେ, ରାଜ୍ୟର ୪ଟି ଓଏସ୍‌ଏସ୍‌ଏଫ୍ ବାଟାଲିୟନ୍ କାର୍ଯ୍ୟରତ ପ୍ରାୟ ୪ହଜାର ଯବାନ ଏହି ଅତିରିକ୍ତ ସୁବିଧା ପାଇବେ, ଯାହା ସେମାନଙ୍କ ମନୋବଳକୁ ଦୃଢ଼ କରିବ। ଓଡ଼ିଶା ପୁଲିସ ପକ୍ଷରୁ ଆଇଜିପି (ଅପରେସନ) ଦୀପକ କୁମାର ଏବଂ ଏସ୍‌ବିଆଇ ପକ୍ଷରୁ ଡିଜିଏମ୍ ଆଶିଷ କୁମାର ମିଶ୍ର ଏମ୍ଓୟୁରେ ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଓଜି କମାଣ୍ଡାଣ୍ଟ ଲୋଚନ ପଶାୟତ, ଓଏସ୍‌ଏସ୍‌ଏଫ୍‌ର ଭାରପ୍ରାପ୍ତ କମାଣ୍ଡାଣ୍ଟ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଓଏସ୍‌ଏସ୍‌ଏଫ୍ ଓ ଏସ୍‌ବିଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

ଅକ୍ଟୋବର ୨ରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ପୁଣି ଉଡ଼ିବ ବିମାନ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱରରୁ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ପୁଣି ଆରମ୍ଭ ହେବ। ଅକ୍ଟୋବର ୨ରୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ବ୍ୟାଙ୍କକ୍ ରୁଟ୍‌ରେ ବିମାନ ଉଡ଼ିବ। ସପ୍ତାହକୁ ଦୁଇଥର ଏହି ବିମାନ ସେବା ଉପଲବ୍ଧ ହେବ। ଫଳରେ ଓଡ଼ିଶାରୁ ଥାଇଲାଣ୍ଡ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁବିଧାଜନକ ହେବ। ବ୍ୟାଙ୍କକ୍ ବିମାନ ସେବା ପୁନଃ ଆରମ୍ଭ ହେବା ଦ୍ୱାରା ଓଡ଼ିଶାର ପର୍ଯ୍ୟଟକ, ବ୍ୟବସାୟୀ ଓ ବିଦେଶ ଯାତ୍ରୀମାନେ ଉପକୃତ ହେବେ ବୋଲି ଆଶା କରାଯାଉଛି। ଏନେଇ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ବ୍ୟାଙ୍କକ୍ ଏକ ତୁରିଷ୍ଟ ଜାଗା ଏବଂ ମୌସୁମୀ ଋତୁ ସାଧାରଣତଃ ଅଫ୍ ସିଜିନ୍ ହୋଇଥାଏ। ତେଣୁ ଏହି କାରଣ ଏବଂ ଅନ୍ୟକିଛି କାରଣ ପାଇଁ ଗତ ଜୁଲାଇରୁ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ଯୋଗାଯୋଗ ଅସ୍ଥାୟୀ ଭାବେ ବନ୍ଦ ରହିଥିଲା। ଏବେ ପୁଣି ଏହି ରୁଟ୍‌ରେ ବିମାନ ସେବା ଆରମ୍ଭ ହେବ। ବିଶେଷକରି ଭୁବନେଶ୍ୱରରୁ ଦକ୍ଷିଣ-ପୂର୍ବ ଏସିଆ ସହ ଆକାଶପଥରେ ଯୋଗାଯୋଗକୁ ଏହି ସେବା ଆହୁରି ସୁଦୃଢ଼ କରିବ ବୋଲି ସେ ସୂଚନା ଦେଇଛନ୍ତି।

ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ବର୍ଷା ସମ୍ଭାବନା

ଭୁବନେଶ୍ୱର(ବ୍ୟୁରୋ) : ରାଜ୍ୟରେ ଆହୁରି ବର୍ଷିବ । ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ବର୍ଷା ସମ୍ଭାବନା । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ସଂଲଗ୍ନ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଦକ୍ଷିଣ ଛତିଶଗଡ଼ ନିକଟରେ ସକ୍ରିୟ ରହିଛି । ଏହାସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ଦେଢ଼ କିମି ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ଏଥିଯୋଗୁ ଘୂର୍ଣ୍ଣିବଳୟ ଦକ୍ଷିଣ ପଶ୍ଚିମ ଦିଗ ଆଡ଼କୁ ଢଳି ରହିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟ ରେ ବର୍ଷା ହେବାର ସମ୍ଭାବନା ରହିଛି ।୨୪ ଘଣ୍ଟା ପର୍ଯ୍ୟନ୍ତ ଗଡ଼ଗଡ଼ି, ବିଜୁଳି ସହିତ ପ୍ରବଳ ବର୍ଷା ଆଶଙ୍କା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର,କୋରାପୁଟ, କଳାହାଣ୍ଡି ମାଲକାନଗିରିରେ, ବଲାଙ୍ଗୀର, ନୂଆପଡା ଓ ବରଗଡ଼ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରାଯାଇଛି । ଅବଶିଷ୍ଟ ୨୩ ଜିଲ୍ଲାରେ ବିଜୁଳି ଘଡଘଡି କିମ୍ବା ବ୍ରଜପାତ ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଏହି ସମୟରେ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ମଧ୍ୟ ରହିଛି। ସେହିପରି ଆସନ୍ତାକାଲି ଗଜପତି, ଗଞ୍ଜାମ,ପୁରୀ, ଖୋର୍ଦ୍ଧା, ନୟାଗଡ , କଟକ, ଜଗତସିଂପୁର, କେନ୍ଦ୍ରାପଡା, ଭଦ୍ରକ,ବାଲେଶ୍ୱର, ଯାଜପୁର ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡଘଡି

ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬

ବିଶ୍ୱ ନେତାଙ୍କୁ ସ୍ୱାଗତ କଲେ ମୋଦୀ

ନୂଆଦିଲ୍ଲୀ,୧୨।୯: ପ୍ରମୁଖ ବିଶ୍ୱ ନେତାଙ୍କ ସମାଗମରେ ନୂଆଦିଲ୍ଲୀରେ ଆରମ୍ଭ ହୋଇଛି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ। ଦୁଇଦିନିଆ ଏହି ଗୁରୁତ୍ୱପୂର୍ଣ୍ଣ ସମାବେଶ ପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସିଙ୍କ ସମେତ ଅନେକ ନେତା ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଭାରତ ମଣ୍ଡପମରେ ଆୟୋଜିତ ଏହି ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ନେତାମାନଙ୍କୁ ସ୍ୱାଗତ କରିଛନ୍ତି। ଶିଖର ସମ୍ମିଳନୀ ଅବସରରେ ମୋଦୀ ଏକାଧିକ ବିଦେଶୀ ନେତାଙ୍କ ସହ ପୃଥକ ଦ୍ୱିପାକ୍ଷିକ ବୈଠକ କରିବେ। ବିଶେଷକରି ପୁଟିନ, ସି ଜିନପିଙ୍ଗ ଓ ପେଜେଶକିୟାନଙ୍କ ସହ ତାଙ୍କ ଆଲୋଚନା ଉପରେ ଅନ୍ତର୍ଜାତୀୟ ମହଲର ନଜର ରହିଛି। ପ୍ରାୟ ସାତ ବର୍ଷ ପରେ ସି ଜିନପିଙ୍ଗଙ୍କ ଭାରତ ଗସ୍ତ ହୋଇଥିବାରୁ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭାରତ-ଚୀନ ସମ୍ପର୍କ, ସୀମା ପ୍ରସଙ୍ଗ ଓ ଦ୍ୱିପାକ୍ଷିକ ସହଯୋଗ ନେଇ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ଆଶା ରହିଛି। ସେହିପରି, ଇରାନର ରାଷ୍ଟ୍ରପତି ହେବା ପରେ ପେଜେଶକିୟାନଙ୍କ ଏହା ପ୍ରଥମ ସରକାରୀ ଭାରତ ଗସ୍ତ। ଅନ୍ୟପକ୍ଷରେ, ପୁଟିନ ଶିଖର ସମ୍ମିଳନୀ ପୂର୍ବରୁ ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଦୁଇଦିନିଆ ବୈଠକରେ ଆର୍ଥିକ ଅଭିବୃଦ୍ଧି, ବାଣିଜ୍ୟ, ଅର୍ଥ, ପ୍ରଯୁକ୍ତିବିଦ୍ୟା ଓ ସ୍ଥାୟୀ ବିକାଶ ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ନେତାମାନେ ଆଲୋଚନା କରିବେ। ଉଦୀୟମାନ ଅର୍ଥନୀତି ଓ ବିଶ୍ୱ ଦକ୍ଷିଣର ଦେଶଗୁଡ଼ିକ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ନେଇ ମଧ୍ୟ ମତବିନିମୟ ହେବ।ଏହାସହ ବର୍ତ୍ତମାନର ଭୂ-ରାଜନୈତିକ ପରିସ୍ଥିତି ମଧ୍ୟ ଆଲୋଚନାର ପ୍ରମୁଖ ବିଷୟ ହୋଇପାରେ। ବିଶେଷକରି ପଶ୍ଚିମ ଏସିଆର ଅସ୍ଥିରତା ଏବଂ ୟୁକ୍ରେନ ଯୁଦ୍ଧ ଭଳି ପ୍ରସଙ୍ଗରେ ବ୍ରିକ୍ସ

ନେତାମାନେ ମତ ବିନିମୟ କରିବାର ସମ୍ଭାବନା ରହିଛି। ଚଳିତ ବର୍ଷର ଶିଖର ସମ୍ମିଳନୀ ଭାରତ ପାଇଁ ଦୁଇଟି କାରଣରୁ ବିଶେଷ ଗୁରୁତ୍ୱ ବହନ କରୁଛି। ଭାରତ ଚତୁର୍ଥ ଥର ପାଇଁ ବ୍ରିକ୍ସର ଅଧ୍ୟକ୍ଷତା କରୁଥିବା ବେଳେ ବ୍ରିକ୍ସ ଗଠନର ମଧ୍ୟ ୨୦ ବର୍ଷ ପୂରଣ ହେଉଛି। ଏହି ଅବସରରେ ବହୁପକ୍ଷୀୟ ସହଯୋଗକୁ ଆହୁରି ମଜବୁତ କରିବା ଏବଂ ବିଶ୍ୱ ଦକ୍ଷିଣର ସ୍ୱରକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ଭାରତ ଗୁରୁତ୍ୱ।

ମୋଦୀ-ପୁଟିନ-ସି ଜିନପିଙ୍ଗ ଏକାଠି

ରାଜଧାନୀ ଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତ, ରୁଷ ଓ ଚୀନ୍ ମଧ୍ୟରେ କୂଟନୈତିକ ସମୀକରଣର ଚିତ୍ର ସାମ୍ନାକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ହାତ ମିଳାଇଥିବା ଫଟୋ ସେୟାର କରିଛନ୍ତି। ଏହି ଫଟୋରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଓ ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ପ୍ରବୋଓ ସୁବିୟାଣ୍ଟୋ ମଧ୍ୟ ନଜର ଆସିଛନ୍ତି।

ମୋଦୀ ଲେଖିଛନ୍ତି, "ଦିଲ୍ଲୀରେ ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ ଆରମ୍ଭ ହେଉଛି।" ବିଭିନ୍ନ ଦ୍ୱିପାକ୍ଷିକ ବୈଠକ ସହ ଗ୍ଲୋବାଲ୍ ସାଉଥ୍‌ର ଭୂମିକାକୁ ନେଇ ମଧ୍ୟ ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।ଏହା ପୂର୍ବରୁ ମଧ୍ୟ ଚଳିତ ମାସର ଆରମ୍ଭରେ ବିଶକେକ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ତିନି ନେତାଙ୍କ ମଧ୍ୟରେ ଏଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ଏବେ ସାମ୍ନାକୁ ଆସିଥିବା ଏହି ଫଟୋ ସେତେବେଳେ ଆସିଛି, ଯେତେବେଳେ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଭାରତ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଛି। ତେଣୁ ତିନି ବିଶ୍ୱନେତାଙ୍କ ଏହି ସାର୍ବଜନୀନ ଏକତାର ବାର୍ତ୍ତାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି।

ବ୍ରିକ୍ସରେ ସାମିଲ ହେବାକୁ ବ୍ୟାକୁଳ ପାକିସ୍ତାନ

ବ୍ରିକ୍ସରେ ସାମିଲ ହେବା ପାଇଁ ଦୀର୍ଘଦିନ ଧରି ପାକିସ୍ତାନ ଉଦ୍ୟମ କରିଆସୁଛି। ୨୦୨୩ରେ ଇସଲାମାବାଦ ଏହି ଗୋଷ୍ଠୀର ସଦସ୍ୟତା ପାଇଁ ଔପଚାରିକ ଭାବେ ଆବେଦନ କରିଥିଲା। ତେବେ ଏପର୍ଯ୍ୟନ୍ତ ପାକିସ୍ତାନକୁ ବ୍ରିକ୍ସରେ ସାମିଲ ହେବାର ସୁଯୋଗ ମିଳିନାହିଁ। ପାକିସ୍ତାନର ସଦସ୍ୟତା ରାସ୍ତାରେ ସବୁଠାରୁ ବଡ଼ ରାଜନୈତିକ ଭାବେ ଭାରତର ସହମତିକୁ ଦେଖାଯାଉଛି। ଇଜଓଉଏରେ ନୂଆ ସଦସ୍ୟଙ୍କୁ ସାମିଲ କରିବା ନିଷ୍ପତ୍ତି ସଦସ୍ୟ ଦେଶମାନଙ୍କ ସହମତି ଆଧାରରେ ହୋଇଥାଏ। ତେଣୁ କୌଣସି ଗୋଟିଏ ସଦସ୍ୟ ଦେଶର ଅସହମତି ନୂଆ ଦେଶର ପ୍ରବେଶକୁ ଜଟିଳ କରିପାରେ। ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘଦିନର ରାଜନୈତିକ ମତଭେଦ ଥିବାରୁ ଏହି ପ୍ରସଙ୍ଗ ଅଧିକ ଗୁରୁତ୍ୱ ପାଇଛି। ପାକିସ୍ତାନର ବ୍ରିକ୍ସରେ ଯୋଗଦେବା ଆଗ୍ରହ କେବଳ ରାଜନୈତିକ ନୁହେଁ, ଏହା ପଛରେ ଆର୍ଥିକ କାରଣ ମଧ୍ୟ ରହିଛି। ଦୀର୍ଘ ସମୟ ଧରି ଆର୍ଥିକ ସଙ୍କଟ, ବିଦେଶୀ ମୁଦ୍ରା ଅଭାବ ଓ ଋଣ ଚାପରେ ଥିବା ପାକିସ୍ତାନ ନୂଆ ଅନ୍ତର୍ଜାତୀୟ ବାଣିଜ୍ୟ ଓ ଆର୍ଥିକ ସହଯୋଗର ରାସ୍ତା ଖୋଜୁଛି। ପାକିସ୍ତାନର ଆର୍ଥିକ ସର୍ଭେ ଅନୁସାରେ ଦେଶର GDP ବୃଦ୍ଧି ୩.୭୦ ପ୍ରତିଶତ ରହିଛି। ବ୍ରିକ୍ସରେ ସାମିଲ ହେଲେ ଉଦୀୟମାନ ଅର୍ଥନୀତିଗୁଡ଼ିକ ସହ ବାଣିଜ୍ୟ ଓ ଆର୍ଥିକ ସମ୍ପର୍କ ବଢ଼ାଇବାର ସୁଯୋଗ ମିଳିପାରେ ବୋଲି ଇସଲାମାବାଦ ଆଶା କରୁଛି। ବ୍ରିକ୍ସ ସହ ଜଡ଼ିତ ନ୍ୟୁ ଡେଭଲପମେଣ୍ଟ ବ୍ୟାଙ୍କ ଭଳି ଅନୁଷ୍ଠାନ ମଧ୍ୟ ପାକିସ୍ତାନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏକ ରିପୋର୍ଟ ଅନୁସାରେ, ପାକିସ୍ତାନ ବ୍ରିକ୍ସର ନ୍ୟୁ ଡେଭଲପମେଣ୍ଟ ବ୍ୟାଙ୍କରେ ପ୍ରାୟ ୫୮୦ ନିୟୁତ ଡଲାର ନିବେଶ କରିଛି।

କୃଷକଙ୍କୁ ରୁଷର ବଡ଼ ଉପହାର, ବଢ଼ିବ ସାର ଯୋଗାଣ

ଭାରତ ଏବଂ ରୁଷ ମଧ୍ୟରେ ଥିବା 'ବନ୍ଧୁତା' ବିଷୟରେ କିଏ ନ ଜାଣେ? ବିଶ୍ୱର ବିଭିନ୍ନ ଦେଶ ଦେଖିଛନ୍ତି ଯେ ଏହି ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ସବୁବେଳେ କେତେ ମଜବୁତ ରହିଛି। ବିଶେଷକରି ନିକଟରେ ପଶ୍ଚିମ ଏସିଆରେ ସଙ୍କଟ ସମୟରେ, ରୁଷ ତେଲ ହେଉ କିମ୍ବା ସାର, ପ୍ରତ୍ୟେକ କ୍ଷେତ୍ରରେ ଭାରତକୁ ପୂର୍ଣ୍ଣ ସମର୍ଥନ କରିଥିଲା। ଏହା ବ୍ୟତୀତ, ରୁଷ ଏବେ ଭାରତକୁ ସାର ଯୋଗାଣ ଆହୁରି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ରୁଷ ସାର ଉତ୍ପାଦକ ସଂଘର ସଭାପତି ଆଣ୍ଡ୍ରେ ଗୁରେଭ କହିଛନ୍ତି ଯେ ରୁଷ ଭାରତକୁ ସାର ଯୋଗାଣ ବୃଦ୍ଧି କରିଛି। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯୋଗାଣ ଜାରି ରଖିବାର ଆଶ୍ୱାସନା ଦେଇଥିଲେ, ଯାହା ପରେ ଚଳିତ ବର୍ଷର ପ୍ରଥମ ୬ ମାସରେ ଭାରତକୁ ୨.୮ ନିୟୁତ ଟନ୍ ପଠାଯାଇଛି। ବ୍ରିକ୍ସ ବ୍ୟବସାୟ ପରିଷଦର ରୁଷିଆ ଶାଖାର ମୁଖ୍ୟ ଥିବା ଗୁରୁୟେଭ ଶୁକ୍ରବାର ଦିଲ୍ଲୀ ବ୍ରିକ୍ସ ବ୍ୟବସାୟ ଫୋରମରେ କହିଥିଲେ ଯେ କାଜାନରେ ୨୦୨୪ ବ୍ରିକ୍ସ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ପୁଟିନ ଶିଳ୍ପକୁ ନିର୍ଦ୍ଦେଶ ଦେଇଥିଲେ ଯେ ଭାରତୀୟ ଚାଷୀଙ୍କ ରୁଷିଆ ସାରର ଚାହିଦା ପୂରଣ ହେଉ। ଗୁରୟେଭ କହିଛନ୍ତି ,ପୁଟିନଙ୍କ ନିର୍ଦ୍ଦେଶରେ, ରୁଷ ଉତ୍ପାଦକମାନେ ଗତ ବର୍ଷ ଆମର ଭାରତୀୟ ଅଂଶୀଦାରମାନଙ୍କୁ ୬.୫ ନିୟୁତ ଟନ୍ ସାର ଯୋଗାଇଥିଲେ। ଏହା ପୂର୍ବ ବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ ଏବଂ ୨୦୨୧ ରେ ରେକର୍ଡ ହୋଇଥିବା ସ୍ତର ଅପେକ୍ଷା ଛଅ ଗୁଣ ଅଧିକ। ଆଜି, ଭାରତ ଆମଦାନୀ କରୁଥିବା ପ୍ରତି ତିନି ଟନ୍ ସାରରୁ ଗୋଟିଏ ରୁଷରେ ଉତ୍ପାଦିତ ହେଉଛି। ଗୁରୟେଭ କହିଛନ୍ତି ଯେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ସୁରକ୍ଷିତ ଏବଂ ଉଚ୍ଚମାନର ଖାଦ୍ୟ ପାଇବା ନିଶ୍ଚିତ କରିବା ପାଇଁ ରୁଷରୁ ପରିବେଶ ଅନୁକୂଳ ସାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

୬ ବର୍ଷ ପରେ ଦିଲ୍ଲୀ-ଗ୍ୱାଙ୍ଗଜୋ ଫ୍ଲାଇଟ୍ ଆରମ୍ଭ

ଦିଲ୍ଲୀରେ ପହଞ୍ଚିଛନ୍ତି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ । ଏହାରି ଭିତରେ ଭାରତ ଏବଂ ଚୀନ୍ ସମ୍ପର୍କକୁ ନେଇ ଏକ ବଡ଼ ଏବଂ ସକରାତ୍ମକ ସୂଚନା ସାମ୍ନାକୁ ଆସିଛି । ଗତ ୬ ବର୍ଷ ଧରି ବନ୍ଦ ରହିଥିବା ନୂଆଦିଲ୍ଲୀ-ଗ୍ୱାଙ୍ଗଜୋ ବିମାନ ସେବା ପୁନର୍ବାର ଆରମ୍ଭ ହେବାକୁ ଯାଉଛି । ଚାଇନା ସଦର୍ନ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ସେପ୍ଟେମ୍ବର ୨୧ ରୁ ଉଭୟ ଦେଶ ମଧ୍ୟରେ ଏହି ବିମାନ ଚଳାଚଳ ପୁଣିଥରେ କାର୍ଯ୍ୟକ୍ଷମ ହେବ । ଏହି ଏୟାରଲାଇନ୍ସର ସୂଚନା ମୁତାବକ, ସେବା ପୁନଃ ଆରମ୍ଭ ହେବାର ପ୍ରଥମ ସପ୍ତାହ ମଧ୍ୟରେ ପ୍ରାୟ ୧୦୦ଟି ଉଡ଼ାଣ ପରିଚାଳନା କରାଯିବ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ମାସରେ ନୂଆଦିଲ୍ଲୀରୁ ବେଜିଂ ଏବଂ କୋଲକାତା-କୁନମିଂ ମଧ୍ୟରେ ମଧ୍ୟ ବିମାନ ସେବା ବାହାଲ ହୋଇସାରିଛି । ଗଲୱାନ ଘାଟିରେ ଭାରତୀୟ ଏବଂ ଚୀନୀ ସେନା ମଧ୍ୟରେ ହୋଇଥିବା ସଂଘର୍ଷ ପରେ ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ଅତ୍ୟନ୍ତ ଖରାପ ହୋଇଯାଇଥିଲା । କିନ୍ତୁ, ଏହାପରେ ବହୁ ପର୍ଯ୍ୟାୟର ଆଲୋଚନା ଏବଂ ପୂର୍ବ ଲଦାଖ ସୀମାରେ ସେନା ହ୍ରାସ ପାଇବା ପରେ ସ୍ଥିତିରେ କିଛି ମାତ୍ରାରେ ସୁଧାର ଆସିଛି । ବର୍ତ୍ତମାନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ଏହି ଭାରତ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଆଗକୁ ବଢ଼ାଇବ ବୋଲି ଆଶା କରାଯାଉଛି। ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ସହିତ ରାଷ୍ଟ୍ରପତି ଜିନପିଙ୍ଗ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ମିଳିଥିବା ସୂଚନା ଅନୁଯାୟୀ, ତାଙ୍କ ସହିତ ପ୍ରାୟ ୪୦୦ ଜଣିଆ ଏକ ପ୍ରତିନିଧି ଦଳ ଆସିଛନ୍ତି । ଏହି ପ୍ରତିନିଧି ଦଳରେ ଚୀନ୍ କମ୍ୟୁନିଷ୍ଟ ପାର୍ଟି (CPC) ର ପଲିଟବ୍ୟୁରୋ ସ୍ଥାୟୀ ସମିତିର ସଦସ୍ୟ କାଇ ଚି ଏବଂ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ମଧ୍ୟ ସାମିଲ ଅଛନ୍ତି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ କହିଛନ୍ତି ଯେ ଚୀନ୍ ଉଭୟ ଦେଶର ନେତାଙ୍କୁ ନେଇ ରଣନୈତିକ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣରୁ କାମ କରିବ । ପରସ୍ପରର ସହଯୋଗୀ ଏବଂ ଭଲ ପଡ଼ୋଶୀ ଭାବରେ ମତଭେଦକୁ ଦୂର କରି ଆଗକୁ ବଢ଼ିବାକୁ ଚୀନ୍ ପ୍ରତିଶ୍ରୁତିବଦ୍ଧ ।

ୟୁକେ ରୟାଲ୍ ଏୟାରଫୋର୍ସ ପାଇଲଟଙ୍କୁ ତାଲିମ ଦେବେ ଭାରତୀୟ ବାୟୁସେନା ପ୍ରଶିକ୍ଷକ

ନୂଆଦିଲ୍ଲୀ,୧୨।୯: ଭାରତ ଓ ଯୁକ୍ତରାଜ୍ୟ ମଧ୍ୟରେ ପ୍ରତିରକ୍ଷା ସହଯୋଗ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପିତ ହୋଇଛି । ପ୍ରଥମଥର ପାଇଁ ଭାରତୀୟ ବାୟୁସେନାର ୩ ଜଣ ଯୋଗ୍ୟତାପ୍ରାପ୍ତ ଉଡ଼ାଣ ପ୍ରଶିକ୍ଷକ ୱେଲ୍ସସ୍ଥିତ ୟୁକେ ରୟାଲ୍ ଏୟାରଫୋର୍ସ ଭ୍ୟାଲିରେ ନିୟୋଜିତ ହୋଇଛନ୍ତି, ଯେଉଁମାନେ ବ୍ରିଟେନର ରୟାଲ୍ ଏୟାରଫୋର୍ସ ପାଇଲଟମାନଙ୍କୁ ତାଲିମ ପ୍ରଦାନ କରିବେ । ଭାରତୀୟ ବାୟୁସେନା ପକ୍ଷରୁ ସୋସିଆଲ ମିଡିଆ ମଞ୍ଚ 'ଏକ୍ସ'ରେ ଏହି ସୂଚନା ଦିଆଯିବା ସହ ଏହାକୁ ଦୁଇ ଦେଶର ପ୍ରତିରକ୍ଷା ସମ୍ପର୍କ, ସାମରିକ ଦକ୍ଷତା ଏବଂ ଆନ୍ତଃ-ପରିଚାଳନାଗତ ସହଯୋଗ ବୃଦ୍ଧି କ୍ଷେତ୍ରରେ ଏକ 'ଐତିହାସିକ ପ୍ରଥମ ପଦକ୍ଷେପ' ବୋଲି ବର୍ଣ୍ଣନା କରାଯାଇଛି । ସୂଚନାଯୋଗ୍ୟ ଯେ, ଆରଏଏଫ୍ ଭ୍ୟାଲି ହେଉଛି ବ୍ରିଟେନ୍ ବାୟୁସେନାର ଏକ ପ୍ରମୁଖ ତାଲିମ କେନ୍ଦ୍ର । ଗତବର୍ଷ ଅକ୍ଟୋବରରେ ବ୍ରିଟେନ ପ୍ରଧାନମନ୍ତ୍ରୀ କିୟର ଷ୍ଟାର୍ମରଙ୍କ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ଏହି ସହଯୋଗ ନେଇ ସମ୍ମତି ପ୍ରକାଶ ପାଇଥିଲା । ଏହି ଆଲୋଚନାରେ ଦୁଇ ଦେଶର ସଶସ୍ତ୍ର ବାହିନୀ ମଧ୍ୟରେ ଯୁଗ୍ମ ସାମରିକ ଅଭ୍ୟାସ, ତାଲିମ ଏବଂ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାବ୍ୟତୀତ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଧ୍ୟ ୟୁକେ ଜାତୀୟ ସୁରକ୍ଷା ପରାମର୍ଶଦାତା ଜୋନାଥନ ପାୱେଲଙ୍କ ସହ ଦ୍ୱିପାକ୍ଷିକ ସୁରକ୍ଷା ନେଇ ଆଲୋଚନା କରିସାରିଛନ୍ତି। ଏହି ପଦକ୍ଷେପ ଇଣ୍ଡୋ-ପ୍ୟାସିଫିକ୍ କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ଓ ସାମରିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ।

ଇଡି ପଞ୍ଜାରେ କର୍ଣ୍ଣାଟକ ମନ୍ତ୍ରୀ ସତୀଶ

୩.୩ କୋଟି ଟଙ୍କାର ବେଆଇନ୍ ସମ୍ପତ୍ତି ଜବତ

ବେଙ୍ଗାଲୁରୁ,୧୨।୯: କର୍ଣ୍ଣାଟକର ଲୋକନିର୍ମାଣ ବିଭାଗ (ପିଡବ୍ଲୁଡି) ମନ୍ତ୍ରୀ ସତୀଶ ଜାରକିହୋଲି, ତାଙ୍କ ପରିବାରବର୍ଗ ଏବଂ ସହଯୋଗୀଙ୍କ ୨୧ଟି ଠିକଣା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କରାଯାଇଥିବା ଆକସ୍ମିକ ଚଢ଼ଉରେ ୩.୩ କୋଟି ଟଙ୍କାର ଅଘୋଷିତ ଭାରତୀୟ ମୁଦ୍ରା ଏବଂ ୧୫ ଲକ୍ଷ ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା (ଡଲାର ଓ ୟୁରୋ) ଜବତ କରାଯାଇଛି। ଏହାସହ ବେଆଇନ୍ ବିଦେଶୀ ନିବେଶ, ଟେଣ୍ଡର ଦେବା ନାଁରେ ଲାଞ୍ଚ ଗ୍ରହଣ ଏବଂ ଟିକସ ଫାଙ୍କିବା ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଗତ ସେପ୍ଟେମ୍ବର ୯ ଓ ୧୦ ତାରିଖରେ ବେଙ୍ଗାଲୁରୁ, ବେଲାଗାବୀ, ଗୋକାକ ଓ କୋଲକାତାରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ୍ ଅଧୀନରେ ଏହି ଚଢ଼ଉ ଆରମ୍ଭ ହୋଇଥିଲା। ଇଡିର ସୂଚନାନୁସାରେ, ମନ୍ତ୍ରୀ ସତୀଶ ଜାରକିହୋଲିଙ୍କ ଝିଅ ତଥା ଚିକୋଡି ସାଂସଦ ପ୍ରିୟଙ୍କା ଜାରକିହୋଲି, ପୁଅ ରାହୁଲ ଏବଂ ଅନ୍ୟ ସମ୍ପର୍କୀୟମାନେ ଆଫ୍ରିକାର କଙ୍ଗୋ ଏବଂ ଜାମ୍ବିଆରେ ଥିବା ସୋନା ଖଣି କମ୍ପାନୀଗୁଡ଼ିକରେ ବେଆଇନ୍ ଭାବେ ଶେୟାର ଅଧିଗ୍ରହଣ କରିଛନ୍ତି। କଙ୍ଗୋର ''ମ୍ୟାଗ୍ନିଚ୍ୟୁଡ୍ ଷ୍ଟାର ଏସଏଆରଏଲ୍'' ନାମକ ଗୋଲ୍ଡ-ମାଇନିଂ କମ୍ପାନୀରେ ଜାରକିହୋଲିଙ୍କର ପ୍ରାୟ ୪୦ ପ୍ରତିଶତ ଶେୟାର ରହିଥିବା ଜଣାପଡ଼ିଛି। ଏହାବାଦ୍ ''ଭାରତ ବାଣିଜ୍ୟ ଇଣ୍ଟର୍ନ୍ତ ପ୍ରାଇଭେଟ୍ ଲିମିଟେଡ୍'' ନାମକ ଏକ ସଂସ୍ଥା ପିଡବ୍ଲୁଡି ଟେଣ୍ଡର ହାସଲ ପାଇଁ ମନ୍ତ୍ରୀଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଇଥିବା ଏବଂ ସେହି ଅର୍ଥକୁ ବିଦେଶୀ ସମ୍ପତ୍ତି କିଣିବାରେ ବ୍ୟବହାର କରାଯାଇଥିବା ନେଇ ଇଡି ତଦନ୍ତ କରୁଛି।

ଚୁଟ୍‌କୀରେ...

ଇସ୍ରୋର ଭୟଙ୍କର ଚେତାବନୀ

ଓଡ଼ିଶାକୁ ମାଡ଼ିଆସୁଛି ୩ଟି ସୁପର ସାଇକ୍ଲୋନ

ନୂଆଦିଲ୍ଲୀ,୧୨।୯ : ମାଡ଼ି ଆସିବ ମହାବାତ୍ୟା ! ୧୯୯୯ ଠୁ ବି ହେବ ଭୟଙ୍କର। ନିମିଷକେ ସବୁ ହୋଇଯିବ ଛାରଖାର। ମାଡ଼ିଆସିବ ସମୁଦ୍ର ଜୁଆର। କିଛି ଏମିତି ଘଟିପାରେ ଭାରତର ପୂର୍ବ୍ୱ ଉପକୂଳରେ। କାରଣ ବର୍ଷ ଶେଷ ଆଡକୁ ମାଡ଼ି ଆସୁଛି ତିନୋଟି ବଡ଼ ସାଇକ୍ଲୋନ। ଯେଉଁଥିରୁ ବର୍ତ୍ତିବନି ଓଡିଶା-ଆନ୍ଧ୍ରପ୍ରଦେଶ । କିଛି ଏମିତି ପୂର୍ବ୍ୱାନୁମାନ କରିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ। ଯାହାକୁ ନେଇ ଏବେଠୁ ଛାନିଆ ହେଲେଣି ଲୋକେ। ଓଡିଶାରେ ପ୍ରତିବର୍ଷ ମାଡ଼ ହୁଏ ଛୋଟ ବଡ ଅନେକ ବାତ୍ୟା । ଅକ୍ଟୋବର ଆସିଲେ ଛାତି ଥରି ଉଠେ । କାରଣ ୧୯୯୯ ମସିହା ଅକ୍ଟୋବରରେ ଆସିଥିଲା ମହାବାତ୍ୟା । ପ୍ରାଣ ହରାଇଥିଲେ ଶହଶହ ଲୋକେ । ଅନେକ ଗାଁ ମାଟିରେ ମିଶିଯାଇଥିଲା । ସେହିପରି ୨୦୧୯ ମେ ମାସରେ ଆସିଥିବା ଫନି ବି ରଚିଥିଲା ତାଣ୍ଡବ । ପୁରୀ ଜିଲ୍ଲାରେ କରିଥିଲା ଲ୍ୟାଣ୍ଡଫଲ । ଭୁବନେଶ୍ୱରରେ ରଚିଥିଲା ପ୍ରଳୟ । ୭ ଦିନ ଯାଏଁ ଅନେକ ଜାଗା ରହିଥିଲା ଅନ୍ଧାରରେ । ଇସ୍ରୋର ମତେଲ କହୁଛି ଯେ, ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଭାରତ ମହାସାଗରରେ ସୃଷ୍ଟି ହେବ ତିନୋଟି ସାଇକ୍ଲୋନ । ଯାହାର ପାଓ୍ୱାର ଡିସିପେସନ ଇଣ୍

ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର

ବାରିପଦା (ଅମୃତ ମିଡିଆ): ମୟୁରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ ରେ ଆଜି ବ୍ଲକ ସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ସମୀକ୍ଷା ଶିବିରରେ ମୁଖ୍ୟ ଅତିଥି ଭାବେ ସହକାରୀ ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସ,ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ,ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର ଉପସ୍ଥିତରହି ବିଭିନ୍ନ ଅଭିଯୋଗ ର ଶୁଣାଣି କରିଥିଲେ । ଏପିଓ ଧ୍ୟାନଚନ୍ଦ୍ର ମହାନ୍ତ ପରିଚାଳନା କରିଥିବାବେଳେ ବିଡ଼ିଓ ଶ୍ରୀ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ ।ବ୍ଲକ ସାମାଜିକ ସମୀକ୍ଷକ ପଙ୍କଜ କୁମାର ଗିରି, ସମୀକ୍ଷା ବିବରଣୀ ପ୍ରକାଶ କରିଥିବା ବେଳେ ପଂଚାୟତ ଅଧିକାରୀ ମାନେ ମେଟ ଓ ଅନ୍ୟମାନଙ୍କ ଅଭିଯୋଗ ସମ୍ପର୍କ ରେ ମତାମତ ଉପସ୍ଥାପନ କରିଥିଲେ । ଏହି ଶିବିରରେ, ଠାକୁରମୁଣ୍ଡା ବନାଞ୍ଚଳ ର ସମସ୍ତ ବନପାଳ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ତଥା ଅନ୍ୟ ଲାଇନ ବିଭାଗୀୟ କର୍ମକର୍ତାମାନେ ଯୋଗ ଦେଇ ଆଗତ ଅଭିଯୋଗ ଗୁଡିକ ର ଉତ୍ତର ଦେଇଥିଲେ । ଏହି ଶିବିରରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ଏମ ଏନ ଆର ଇଜିଏସ କର୍ମଚାରୀ ମାନେ ଯୋଗ ଦେଇଥିଲେ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା

ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ସହାୟକ ଶିବିରରେ ଉପକରଣ ବଣ୍ଟନ

ବାରିପଦା (ଅମୃତ ମିଡିଆ): ଦିବ୍ୟାଙ୍ଗ ମାନେ ସମାଜରେ ଅଲୋଡା ନୁହନ୍ତି । ଭଗବାନ ସମସ୍ତଙ୍କ ଠାରେ କିଛିନା କିଛି ଅନ୍ତର୍ନିହିତ ଗୁଣ ଓ ପ୍ରତିଭା ଦେଇଛନ୍ତି । ସେହି ଦିବ୍ୟାଙ୍ଗମାନଙ୍କୁ ପିଲାବେଳୁ ସ୍ୱତନ୍ତ୍ର ସହାୟକ ବଣ୍ଟନ ଓ ବ୍ୟବହାର ଶିଖାଇଲେ ସେମାନେ ଆଗକୁ ବଢି ପାରିବେ । ଏଥିପାଇଁ ସରକାର ବହୁ ଦିବ୍ୟାଙ୍ଗ କଲ୍ୟାଣ ଯୋଜନା କରିଛନ୍ତି। ଶୁକ୍ରବାର ଦିନ ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ଉପଜିଲ୍ଲାପାଳ ଉତ୍ତ୍ରେସନ ଓରାମ, ସମ୍ମାନିତ ଅତିଥି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଅନ୍ୟତମ ଅତିଥି ରାଇରଙ୍ଗପୁର ଏବିଇଓ ହେମ ମାଝି, ସାମ୍ବାଦିକ ଅକ୍ଷୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଉପଜିଲ୍ଲାପାଳ କହିଥିଲେ ଅଭିଭାବକ, ଶିକ୍ଷକ, ପିଲାମାନେ ସହାୟକ ଉପକରଣର ଯତ୍ନ ନେବା ସହିତ ନିୟମିତ ବ୍ୟବହାର କରାଇବା ପିଲାମାନଙ୍କୁ ଶିଖାଇଲେ ନିଶ୍ଚିତ ସୁଫଳ ମିଳିବ । ସମସ୍ତେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସ୍ନେହ, ସମ୍ମାନ, ଆଦର କରିବା ଉଚିତ । ସେମାନଙ୍କୁ ସମାଜର ପ୍ରଗତିରେ ସହାୟକ ହେବା ଉଚିତ । ପରେ ଉପଜିଲ୍ଲାପାଳ ଏବଂ ଅନ୍ୟ ଅତିଥିଙ୍କୁ ଦ୍ୱାରା ରାଇରଙ୍ଗପୁର ବ୍ଲକ, ଜାମଦା ବ୍ଲକ ଏବଂ ବିଜାତଳା ବ୍ଲକର ପୂର୍ବରୁ ଚିହ୍ନଟ ହୋଇଥିବା ୬୪ ଜଣ ଛାତ୍ରଛାତ୍ରୀମାନଙ୍କୁ ଭିନ୍ନକ୍ଷମତା ଅନୁଯାୟୀ ତିନି ଚକିଆଟ୍ରାଇ ସାଇକେଲ, ଆଶାବାଡି, ଡିଜିଟାଲ ଶ୍ରବଣ ଯନ୍ତ୍ର, ଶିକ୍ଷଣୀୟ ସାମଗ୍ରୀକ ବ୍ୟାଗ, ରୋଲେଟର, ଚଳନ ଶକ୍ତି ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବ୍ଲକର ଗୋଷ୍ଠୀ ସମ୍ବଳ ଶିକ୍ଷକ ମହେଶ ଚନ୍ଦ୍ର ମହାପାତ୍ର ଏବଂ ଶିକ୍ଷୟିତ୍ରୀ ସାଗରିକା ପଣ୍ଡା, ବିଜାତଳା ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୟାନିଧି ଧନି ଏବଂ ପ୍ରଶାନ୍ତ ଦାସ, ଜାମଦା ବ୍ଲକର ଗୋଷ୍ଠୀ ସମ୍ବଳ ଶିକ୍ଷକ ସତ୍ୟବାନ୍ ଗିରି ସ୍ୱେଚ୍ଛାସ୍ୱୋ ପୁଷ୍ପାଞ୍ଜଳି ନନ୍ଦ, ସେକ୍ ଅବତାର ହୁସେନ୍, ଇନ୍ଦ୍ରଜିତ ପାତ୍ର, ଗୋବିନ୍ଦ ସୋରେନ ପ୍ରମୁଖ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ଶିବିରକୁ ଆଣି ଉପକରଣ ବଣ୍ଟନ ଓ ପରିଚାଳନାରେରେ ସହାୟତା କରିଥିଲେ ।

ଯଶିପୁର ଅଂଚଳରେ ଚାଞ୍ଚଲ୍ୟ; ଗୁଳି ଫୁଟାଇ ଟଙ୍କା ଲୁଟ୍

ବାରିପଦା (ଅମୃତ ମିଡିଆ): ଦିନ ଦ୍ୱିପହରେ ଗୁଳି ଫୁଟାଇ ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି, ମୟୁରଭଞ୍ଜ ଜିଲ୍ଲା,ଯଶିପୁର ଥାନା ଅଞ୍ଚଳରେ । ଯଶିପୁର - ରଘୁଆଁ ରୋଡ଼ର ମଣବା ଠାରେ ଥିବା ପଂଜାବ ନ୍ୟାସନାଲ ବ୍ୟାଙ୍କ ର ଅନୁମୋଦନ ପାଇଥିବା କମନ ସର୍ଭିସ ସେଣ୍ଟରର ବ୍ୟବସାୟ ସହାୟକ ତଥା ବ୍ୟାଙ୍କ ମିତ୍ର ପ୍ରଦୀପ ମହାନ୍ତ ୧୧ ତାରିଖ,ଶୁକ୍ରବାର ଅପରାହ୍ନ ୧.୩୦ ସମୟରେ ମଣବା ଛକ ଠାରେ ଥିବା ତାଙ୍କ ସହାୟତା କେନ୍ଦ୍ରରେ ବସିଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଫାଙ୍କା ଗୁଳି ଚାଳନା କରି ତାଙ୍କ ଠାରୁ ଆନୁମାନିକ ୨ ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିବା ର ସୂଚନା ମିଳିଛି । ଘଟଣା ସ୍ଥଳରେ ଯଶିପୁର ଥାନା ପୋଲିସ ପହଞ୍ଚି ଛାନ୍ ଭିନ୍ ଜାରି ରଖିଥିବା ବେଳେ ୧୫ ଦିନ ଅନ୍ତରାଳେ ଯଶିପୁର ବଜାରରେ ଗୁଳି ଫୁଟାଇ ସୁନା ରୂପା ଥିବା ବ୍ୟାଗ୍ ଲୁଟ ଘଟଣାର ପର୍ଦ୍ଦାଫାଶ ଏବେ ସୁଦ୍ଧା ହୋଇନଥିବା ବେଳେ ପୁଣି ଆଜି ଗୁଳି ଫୁଟେଇ ଟଙ୍କା ଲୁଟ ଘଟଣା ଯଶିପୁର ଥାନା ପୋଲିସ ପାଇଁ ମୁଣ୍ଡ ବିଷ୍ଫାର କାରଣ ପାଲଟିଛି ।

ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ନେଇ ସାମ୍ବାଦିକ ସମ୍ମିଳନୀ

ପ୍ରତିଭା ପ୍ରଦର୍ଶନ ପାଇଁ ଯୁବପିଢ଼ିଙ୍କୁ ଜାତୀୟ ସୁଯୋଗ

ବାରିପଦା (ଅମୃତ ମିଡିଆ): ଦେଶର ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ସୃଜନଶୀଳତା, ନବସୃଜନ ତଥା ରାଷ୍ଟ୍ର ନିର୍ମାଣ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ ଆୟୋଜିତ ହେଉଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଯୁବ ଅଧିକାରୀ ସାଥୀ ରୟ ସୂଚନା ଦେଇଛନ୍ତି । କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ମାଇଁ ଭାରତ ଏହାର କାର୍ଯ୍ୟାନ୍ୱୟକାରୀ ସଂସ୍ଥା ଭାବେ କାର୍ଯ୍ୟ କରୁଛି । ଏହି ସଂଳାପ ମାଧ୍ୟମରେ ଯୁବବର୍ଗ 'ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ଦିଗରେ ନିଜସ୍ୱ ଚିନ୍ତାଧାରା ଓ ଅବଦାନକୁ ଉପସ୍ଥାପନ କରିବାର ଏକ ବୃହତ ଜାତୀୟ ସୁଯୋଗ ପାଇପାରିବେ ବୋଲି କୁହାଯାଇଛି । ବିକଶିତ ଭାରତ ଚ୍ୟାଲେଞ୍ଜ ଟ୍ରାକ ଅଧୀନରେ ପ୍ରଥମ ପର୍ଯ୍ୟାୟ ଭାବେ ଏକ ଅନଲାଇନ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଉଛି । ଏହି ଜାତୀୟ ସ୍ତରୀୟ କୁଇଜ ମାଇଁ ଭାରତ ପୋର୍ଟାଲ ଜରିଆରେ ବିଭିନ୍ନ ଭାଷାରେ ଉପଲବ୍ଧ ହେଉଛି, ଯେଉଁଥିରେ ଯୋଗ୍ୟ ଯୁବକ-ଯୁବତୀ ମାନେ ବ୍ୟକ୍ତିଗତ ଭାବେ ସାମିଲ ହୋଇପାରିବେ । ୨୦୨୭ ଅଗଷ୍ଟ ୧୨ ସୁଦ୍ଧା ୧୫ ରୁ ୨୯ ବର୍ଷ ବୟସସୀମା ମଧ୍ୟରେ ଥିବା ଯୁବପିଢ଼ି ଏଥିରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହେବେ । ଏହି ଅନଲାଇନ କୁଇଜ ପ୍ରତିଯୋଗିତା ଚଳିତ ଅଗଷ୍ଟ ୧୨ ତାରିଖରୁ ଆରମ୍ଭ ହୋଇ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ ଏବଂ କୁଇଜରୁ ମନୋନୀତ ଯୁବ ପ୍ରତିଭା ମାନେ ୫୦୦ ଶବ୍ଦ ବିଶିଷ୍ଟ ବିକଶିତ ଭାରତ ପ୍ରବନ୍ଧ ପ୍ରତିଯୋଗିତା ପର୍ଯ୍ୟାୟକୁ ଉନ୍ନୀତ ହେବେ । ଏହାପରେ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ୫୦ଟି ନିବନ୍ଧକୁ ଜିଲ୍ଲା ଚାମ୍ପିଅନସିପ ପିପିଟି ପର୍ଯ୍ୟାୟ ପାଇଁ ବଛାଯିବ ଏବଂ ସେଥିରୁ ପ୍ରତ୍ୟେକ ଜିଲ୍ଲାର ଶ୍ରେଷ୍ଠ ଦୁଇଜଣ ପ୍ରସ୍ତୁତିକାରୀ ରାଜ୍ୟ ସ୍ତରୀୟ ଭିବିଙ୍ଗଏଲଡି ପାଇଁ ମନୋନୀତ ହେବେ । ଜାତୀୟ ସ୍ତରକୁ ଉନ୍ନୀତ ପ୍ରତିଭାବାନ ଯୁବକ-ଯୁବତୀମାନେ ନୂଆଦିଲ୍ଲୀଠାରେ ଦେଶର ବିଶେଷଜ୍ଞ, ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା କେନ୍ଦ୍ରମନ୍ତ୍ରୀମାନଙ୍କ ସମ୍ମୁଖରେ ନିଜ ବକ୍ତବ୍ୟ ଉପସ୍ଥାପନ କରିବା ସହ ଅନ୍ତିମ ଫାଇନାଲିଷ୍ଟମାନେ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ନିଜ ଯୋଜନା ପ୍ରଦର୍ଶନ କରିବାର ସୁବର୍ଣ୍ଣ ସୁଯୋଗ ହାସଲ କରିବେ ବୋଲି ଜଣାଯାଇଛି ।

ହାଟରେ ପଶି ଆଳୁ ଖାଇଲା ଦନ୍ତାହାତୀ

ବାରିପଦା (ଅମୃତ ମିଡିଆ): ମୟୂରଭଞ୍ଜ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲା ସୀମା ପଶିଶାପଡା ହାଟରେ ଜଙ୍ଗଲୀ ଦନ୍ତାହାତୀ ପଶି ଦୋକାନୀଙ୍କ ଆଳୁ ଖାଇଦେଇଥିବାର ଦେଖା ଯାଇଛି । ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଥିବା ବେଳେ ଏକ ଦନ୍ତାହାତୀ ହାଟରେ ପଶି ଆଳୁ ଖାଉଥିବା ର ଦେଖିବାକୁ ମିଳିଛି । ଯାହାର ଭିଡିଓ ବେଶ ଭାଇରାଲ ହେଉଛି । ଦୁଇ ଦିନ ପୂର୍ବରୁ ଜଳେଶ୍ୱର - ବାରିପଦା ମୁଖ୍ୟ ରାସ୍ତାର ଡେଙ୍ଗାନାଳିଆ ଠାରେ ହାତି ଛିଡା ହୋଇ ରହିଥିଲା । ଫଳରେ ଦୀର୍ଘ ସମୟଧରି ଯାତାୟାତ ଠପ ହୋଇଥିଲା । ପୁଣି ଏକ ଦନ୍ତାହାତୀ ମୟୂରଭଞ୍ଜ ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲା ସୀମା,ପଶିଶାପଡା ହାଟ କୁ ପ୍ରବେଶ କରିବା ପରେ ଲୋକମାନେ ଭୟଭୀତ ହୋଇ ଏଣେତେଣେ ଧାଇଁ ଥିଲେ । ଦନ୍ତାହାତୀ ଟି ହାଟରେ ଥିବା ଏକ ଆଳୁ ବସ୍ତା କୁ ଟାଣିଆଣି ଖାଉଥିବା ଦେଖିବାକୁ ମିଳିଛି । ହାତୀ ଟି ଆଳୁ ଖାଇବା ପରେ ଜଙ୍ଗଲ କୁ ପଳାଇଥିଲା । ହାତୀ ଟି କାହାରି କିଛି ଷୟଷତି କରିନଥିବା ଜଣାପଡିଛି । ହାତୀ କୁ ଦେଖିବା ପାଇଁ ଲୋକଙ୍କର ଭିଡ଼ ଜମିଥିଲା ।

ଖାଦ୍ୟ ସୁରକ୍ଷାରୁ ବଂଚିତ ମା' ଓ ପୁଅ

ବାରିପଦା (ଅମୃତ ମିଡିଆ): କପ୍ତିପଦା ବ୍ଲକ, ଶାଳଚୁଆ ପଂଚାୟତ ଅନ୍ତର୍ଗତ ଗେଣ୍ଡାଗଡ଼ିଆ ଗ୍ରାମର ବାସିନ୍ଦା ଭଗବାନ ହାଁସଦାଙ୍କର ସହ ଧର୍ମିଣି ଡୁମି ମୁର୍ମୁ ଓ ତାଙ୍କର ୮ ବର୍ଷ ବୟସର ପୁତ୍ର ସୁମନ ହାଁସଦା ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଦିନ ମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଉକ୍ତ ପରିବାରର ୨ଜଣ ସଦସ୍ୟ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁ ନାହାଁନ୍ତି । ତୁମି ମୁର୍ମୁଙ୍କ କହିବା ଅନୁସାରେ ତାଙ୍କର ବାପ ଘର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଟୁଲୁକବାଡ଼ିରେ । ଏଠାରେ ତାଙ୍କୁ ପ୍ରତିମାସ ଚାଉଳ ମିଳୁଥିଲା । ସେ ବିବାହ କରି ଗେଣ୍ଡାଗଡ଼ିଆ ଗ୍ରାମକୁ ଚାଲି ଆସିବା ପରେ ଆଜକୁ ଦିର୍ଘ ବର୍ଷ ଧରି ତାଙ୍କୁ କୌଣସି ସ୍ଥାନରୁ ଚାଉଳ ମିଳୁନାହିଁ । ସେହିପରି ତାଙ୍କର ୮ ବର୍ଷ ବୟସର ପୁତ୍ର ସୁମନଙ୍କ ନାମ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ଏପର୍ଯ୍ୟନ୍ତ ଯୋଡ଼ାଯାଇ ପାରି ନାହିଁ । ଫଳରେ ସେ ମଧ୍ୟ ଚାଉଳ ପାଉନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ପରିବାରର ଲୋକେ ଅଭିଯୋଗ କରିଛନ୍ତି । ଆବାସ ଯୋଜନାରେ ଘର ମିଳିନଥିବାରୁ ମାଟି କାନ୍ଥ ଓ ନଡ଼ା ଛପର ଘରେ ଦିନ କାଟିବାକୁ ପୁରା ପରିବାର ବାଧ ହୋଇଥିବାର ଜଣାଇଛନ୍ତି । ଏହାର ତଦନ୍ତ କରି ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ବହୁ ସ୍ୱେଚ୍ଛାସେବିମାନେ ଅନୁରୋଧ ଜଣାଇଛନ୍ତି ।

ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବାରିପଦା (ଅମୃତ ମିଡିଆ): ମଣିଷ ଜନ୍ମ ଦୁର୍ଲଭ । କୋଟି କୋଟି ପୁଣ୍ୟ ଓ ତପସ୍ୟା କଲେ ମଣିଷ ଜନ୍ମ ମିଳେ ।ଦେହ ଅଛି ତ ରୋଗ ଅଛି ।ରୋଗ ବିଷୟରେ ସଚେତନ ହେଲେ ଆରୋଗ୍ୟ ମିଳିବ ।ତେଣୁ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଉଚିତ ।ଆଜି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଏଡ୍ସ, ଯକ୍ଷ୍ମା ରୋଗ ଜ୍ୱର ହେପାଟାଇଟିସ ବି ଭଳି ରୋଗ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଏଡିଏମ୍ ଓ ଡ଼ାଃ ବ୍ରାହ୍ମନାଥ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା (ଆଇସିଟିସି) ସୁପରଭାଇଜର ବୈକୁଣ୍ଠନାଥ ସାଲ, ଏଡ୍ସ ର କାରଣ, ସଂକ୍ରମିତ ଙ୍କ ସହିତ ଅସୁରକ୍ଷିତ ଯୌନ ସଂପର୍କ, ସଂକ୍ରମିତ ଙ୍କ ଦ୍ୱାରା ବ୍ୟବହୃତ ଛୁଞ୍ଚି ବ୍ୟବହାର କରିବା, ସଂକ୍ରମିତ ମା' ଠାରୁ ଶିଶୁକୁ ବ୍ୟାପିବା ଉପରେ ମୂଲ୍ୟବାନ କଥା କହିଥିଲେ ।ଏବର୍ଷର କାରଣ ଓ ନିରାକରଣ , ଯକ୍ଷ୍ମା ଓ ଯୌନ ରୋଗର କାରଣ ଓ ନିରାକରଣ ତଦସହ ସରକାରଙ୍କ ର ବହୁବିଧ ସରକାରୀ ସ୍ୱାସ୍ଥ୍ୟ ଜନିତ କଲ୍ୟାଣକାରୀ ଯୋଜନା ଉପରେ ପ୍ରାଞ୍ଜଳ ଭାବରେ ଉପସ୍ଥିତ ଥିବା ନର୍ସିଂ କ ଲେ ଜ ର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ ।ପରେ ସମସ୍ତଙ୍କୁ ସଚେତନତା ପତ୍ରିକା ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଲାଲ୍ ଟେକନିସିଆନ୍ କରେନ୍ଦ୍ର ନାଥ ରଣା, ହସ୍ପିଟାଲ ମେନେଜର ଅଶୋକ ଗୋଛାୟତ, କୋଷାଧକ୍ଷ ପ୍ରିତିଲତା ମହାନ୍ତି ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

ପ୍ରାକ୍ତନ ବଜ୍ଞାନ ଶିକ୍ଷକଙ୍କୁ ବଦାୟ ସମ୍ବଦ୍ଧନା

ବାରିପଦା (ଅମୃତ ମିଡିଆ): ମୟୂରଭଞ୍ଜ ଜିଲ୍ଲା, ପାଟଳିପୁରା ଗ୍ରାମ ପଞ୍ଚାୟତ ରେ ଥିବା କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିଦାୟୀ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ଯୋଗଦେଇ ବିଦ୍ୟାଳୟରେ ବିତି ଯାଇଥିବା ପ୍ରତିଟି ମୁହୂର୍ତ୍ତ ଥିଲା ତାଙ୍କ ପାଇଁ ପ୍ରେରଣା ଦାୟୀ ଅବିସ୍ମରଣୀୟ ଅମୂଲ୍ୟ ଉପହାର । ମୁଖ୍ୟ ବକ୍ତା ଭାବରେ ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ପର୍ସନ ତଥା ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରି ବିଦାୟୀ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ବ୍ୟକ୍ତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବାରିକ ସଭାପତି ବକ୍ତବ୍ୟ ପ୍ରଦାନ କରି ବିଦାୟୀ ଶିକ୍ଷକ ଶିଶିର କୁମାର ନାୟକ ପଦୋନ୍ନତି ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରି ଥିବାରୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟତ୍ରୀ ରାଜଶ୍ରୀ ମହାନ୍ତି, କଞ୍ଚନମାଳା ଜେନା, ରିତାରାଣୀ ଦାସ, ମଧୁସ୍ମିତା ପ୍ରଧାନ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ, ଶିକ୍ଷକ ଲାଲ ମୋହନ ହାଁସଦା, ସେବକ ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ବିଦାୟୀ ଶିକ୍ଷକଙ୍କର ବ୍ୟକ୍ତିତର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରକାର ଉପହାର ଦେଇ ବିଦାୟୀ ଶିକ୍ଷକ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ମଧ୍ୟ ମିଳିତ ଭାବରେ ଦାରୁବ୍ରହ୍ମ ଫଟୋ ଚିତ୍ର, ବୃକ୍ଷ ଏବଂ ବିଭିନ୍ନ ଉପହାର ଦେଇଥିଲେ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଶାଲକୁ ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ

ଖରାରେ ସିଝିଲେ, ବର୍ଷାରେ ଭିଜିଲେ ଭିନ୍ନକ୍ଷମ

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ହାଟଡିହୀ/ଛେନାପଦୀ (ଅମୃତ ମିଡିଆ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆୟୋଜିତ ଏହି ଶିବିରରେ ମୌଳିକ ବ୍ୟବସ୍ଥାର ଅଭାବ ଯୋଗୁ ଦୂରଦୂରାନ୍ତରୁ ଆସିଥିବା ଭିନ୍ନକ୍ଷମ ଓ ସେମାନଙ୍କ ସମ୍ପର୍କୀୟମାନେ ନାନା ହଇରାଣହରକତର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା।

ସୂଚନା ଅନୁଯାୟୀ, ସମ୍ପର୍କୀୟ ସକାଳ ପ୍ରାୟ ୮ଟାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଯାଇଥିଲେ। ଦୂରଦୂରାନ୍ତରୁ ଆସିଥିବାରୁ ଶୀଘ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଘରକୁ ଫେରିବାକୁ ସେମାନେ ଆଶା ରଖିଥିଲେ। କିନ୍ତୁ ଧାର୍ଯ୍ୟ ସମୟରେ ଶିବିର ଆରମ୍ଭ ନ ହୋଇ ଦିନ ପ୍ରାୟ ୧୨ଟା ୩୦ ପରେ ଆରମ୍ଭ ହୋଇଥିଲା। ଫଳରେ ଭୋକଉପାସରେ ଦୀର୍ଘ ସମୟ ଧରି ଲୋକମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା।

ଅନ୍ୟପକ୍ଷରେ, ଶିବିର ପାଇଁ ଛାମୁଡ଼ା (ଟେଣ୍ଟ) ମରାଯାଇଥିବା ସ୍ଥାନରେ ବର୍ଷାଜଳ ଜମି ରହିଥିଲା। ଫଳରେ ଭିନ୍ନକ୍ଷମ ବ୍ୟକ୍ତିମାନେ ଛାମୁଡ଼ା ତଳେ ବସିବାର ସୁବିଧା ପାଇ ନ ଥିଲେ। ଅତ୍ୟଧିକ ଲୋକ ହୋଇଯିବାରୁ ଅନେକଙ୍କୁ ବାହାରେ ବସିବାକୁ ପଡ଼ିଥିଲା। ହେଲେ ପ୍ରଥମେ ଟାଣ ଖରା ଓ ପରେ ଜୋରଦାର ବର୍ଷା ହେବାରୁ ଭିନ୍ନକ୍ଷମମାନେ ଖରାରେ ସିଝୁଥିଲେ ଏବଂ ବର୍ଷାରେ ଭିଜୁଥିଲେ। କେହି କେହି ଚେୟାର ମୁଣ୍ଡାଇ ଠିଆ ହୋଇଥିଲେ। ଆଉ କେଉଁଠି ଗୋଟିଏ ଛତା ତଳେ ଏକାଧିକ ଲୋକ ମୁଣ୍ଡ ଗୁଞ୍ଜି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

ସେହିପରି ଶିବିରରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବା ମଧ୍ୟ ଅନ୍ୟତମ ଅବ୍ୟବସ୍ଥା ଭାବେ ଦେଖାଦେଇଥିଲା। ଅନ୍ଧାର ମଧ୍ୟରେ ଡାକ୍ତରମାନେ ଟର୍ଚ୍ଚଲାଇଟ୍ ?ର ସାହାଯ୍ୟ ନେଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପରୀକ୍ଷା କରୁଥିବା ଦେଖାଯାଇଥିଲା।

ସରକାର ଏଭଳି ଶିବିର ପାଇଁ ପର୍ଯ୍ୟାପ୍ତ ସହାୟତା ଓ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ଏଠାରେ ତାହାକୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବାରୁ ଏପରି ଅସୁବିଧା ଉପୁଜୁଛି ବୋଲି ଅନେକ ଭିନ୍ନକ୍ଷମ ମତ ଦେଇଥିଲେ। ଏଭଳି ଅବ୍ୟବସ୍ଥାକୁ ନେଇ ଶିବିରକୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମ୍ପର୍କୀୟମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ।

ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି ଯେ, ପ୍ରତିକୂଳ ପାଗ ଯୋଗୁଁ ଏପରି ଅସୁବିଧା ଉପୁଜିଥିଲା।

ତୃତୀୟ ଦିନରେ କର୍ମଚାରୀଙ୍କ ଧାରଣା

ଆସିକା ସମବାୟ ଚିନିଶିଳ୍ପରେ ଶ୍ରମିକ ଆନ୍ଦୋଳନ

ତ୍ରିପାକ୍ଷିକ ଚୁକ୍ତି ଓ କେ-ଫର୍ମର ଲିଖିତ ପ୍ରତିଶ୍ରୁତି ପାଳନ ଦାବି

ଆସିକା (ଅମୃତ ମିଡିଆ): ଏସିଆ ମହାଦେଶର ପ୍ରଥମ ସମବାୟ ଭିତ୍ତିକ ଚିନିଶିଳ୍ପ ଭାବେ ପରିଚିତ ଆସିକା ସମବାୟ ଚିନିଶିଳ୍ପରେ ଶ୍ରମିକ ଅସନ୍ତୋଷ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ପାଳନ ଦାବିରେ ଚିନିଶିଳ୍ପ ମୁଖ୍ୟ ଫାଟକ ସମ୍ମୁଖରେ କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳୀନ ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ସକାଳୁ ମୁଖ୍ୟ ଫାଟକ ସମ୍ମୁଖରେ ଶତାଧିକ କର୍ମଚାରୀ ଏକାଠି ହୋଇ ଧାରଣାରେ ବସିଥିଲେ। ଦାବି ପୂରଣ ନେଇ ନାରାବାଜି ସହ ପ୍ରତିବାଦ କରିବା ସହ ଚୁକ୍ତିରେ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଫଳରେ ଚିନିଶିଳ୍ପ ପରିସରରେ ଶ୍ରମିକ ଆନ୍ଦୋଳନକୁ ନେଇ ଚର୍ଚ୍ଚା ଜୋର ଧରିଛି। କର୍ମଚାରୀ ସଂଘର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଏନ୍‌ଏମ୍‌ଆର୍ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଗତ ୪ ବର୍ଷର ବକେୟା ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ଯୋଗ୍ୟ ଶ୍ରମିକଙ୍କୁ ପଦୋନ୍ନତି ଦେବା ଆଦି ରହିଛି। ସଂଘର ଅଭିଯୋଗ ଅନୁଯାୟୀ, ଏସବୁ ପ୍ରସଙ୍ଗରେ ଚୁକ୍ତି ଓ ଲିଖିତ ପ୍ରତିଶ୍ରୁତି ରହିଥିଲେ ମଧ୍ୟ ତାହାର ସମ୍ପୂର୍ଣ୍ଣ ପାଳନ ହୋଇନାହିଁ। ଏଆଇଟିୟୁସି ନେତା ରାମକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଚାଲିଥିବା ଏହି ଧାରଣାରେ ବହୁ ଶ୍ରମିକ ଓ ସଂଘ ନେତା ସାମିଲ ହୋଇଥିଲେ। ଦୀର୍ଘଦିନ ଧରି ଦାବିଗୁଡ଼ିକ ଉପରେ ସମାଧାନ ନ ହେବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ସଂଘ ପକ୍ଷରୁ କୁହାଯାଇଛି। ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ଦାବିଗୁଡ଼ିକ ତୁରନ୍ତ ପାଳନ କରା ନଗଲେ ଅନିର୍ଦ୍ଦିଷ୍ଟ କାଳୀନ ଧାରଣା ଜାରି ରହିବ ବୋଲି କର୍ମଚାରୀ ସଂଘ ଚେତାବନୀ ଦେଇଛି। ଏପରିସ୍ଥିତିରେ ଶ୍ରମିକ ଆନ୍ଦୋଳନର ସମାଧାନ ପାଇଁ ଚିନିଶିଳ୍ପ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଜଣେ ଗିରଫ

ଆନନ୍ଦପୁର (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଉପଅଧୀକ୍ଷକ ଦିବ୍ୟରଞ୍ଜନ ଦିପଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଶୁକ୍ରବାର ବଡ ଧରଣର ଚଢାଉ ହୋଇଥିଲା। ଆନନ୍ଦପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଘଷିପୁରା ଥାନା ଓ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଆନନ୍ଦପୁର, ହାଟଡିହି ଓ ଘଟଗାଁ ଷ୍ଟାଫ୍‌ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଓସ୍ତପୁରା, ଯୁଗଳକିଶୋରପୁର, ଗୋହିରା, ଘଷିପୁରା ଥାନା ଅଧୀନ ବିଭିନ୍ନ ଅଂଚଳରେ ଚଢାଉ କରିଥିଲା। ଚଢାଉରେ ୯୨୦ ଲିଟର ଦେଶୀରନ୍ଧା ମଦ ଓ ୧୨୦୦ ଲିଟର ମହୁଲ ପୋଚ ଜବତ କରାଯିବା ସହିତ ୪ଟି ବାଇକ୍ ସ୍କୁଟି ଜବତ କରାଯାଇଛି। ଜବତ ରନ୍ଧାମଦ ଓ ମହୁଲ ପୋଚ ଯାନର ଆନୁମାନିତ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଚଢାଉରେ ଆନନ୍ଦପୁର, ହାଟଡିହି, ଘଟଗାଁ ସମସ୍ତ ଷ୍ଟାଫ୍ ଓ ଏପିଆର ମାଜିଷ୍ଟ୍ରେଟ୍ ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ୭ଟି ମାମଲା ରୁଜୁ କରାଯାଇଛି। ଜଣେ ଅଭିଯୁକ୍ତ ଗିରଫ ହେବା ବେଳେ ୩ଜଣ ଫେରାର ଥିବା ଅବକାରୀ ନିରୀକ୍ଷକ ମଲ୍ଲିକ ପ୍ରକାଶ କରିଛନ୍ତି।

ଟ୍ରେନରେ ଯାଉଥିବା ବେଳେ ଅଧା ରାସ୍ତାରୁ ମହିଳା ନିଖୋଜ

ଭଞ୍ଜନଗର (ଅମୃତ ମିଡିଆ): ଶାଶୁଙ୍କ ସହ ଟ୍ରେନ୍‌ରେ ବ୍ରହ୍ମପୁର ଷ୍ଟେସନରୁ ନାଗାଲାଣ୍ଡର ଡିମାପୁରକୁ ଯାଉଥିଲେ ବୋହୂ। ବାଲେଶ୍ୱର ନିକଟରେ ଶାଶୁ ଜାଣିବାକୁ ପାଇଲେ, ସାଥିରେ ଥିବା ବୋହୂ ଟ୍ରେନ୍ ରେ ନାହାନ୍ତି। ଦୁଇଦିନ ଧରି ଖୋଜାଖୋଜି କରିବା ପରେ ମଧ୍ୟ, ନିଖୋଜ ମହିଳାଙ୍କ କୌଣସି ସନ୍ଧାନ ମିଳିନାହିଁ। ଭଂଜନଗର ନିକଟସ୍ଥ ବାଉଁଶଲୁଣ୍ଡି ର ଦୁଷ୍ମନ୍ତ ପ୍ରଧାନଙ୍କ ସ୍ତ୍ରୀ ସାଗରିକା ପ୍ରଧାନ। ଗୁରୁବାର ଦିନ ଭୋର ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରୁ ଡିମାପୁର ଯିବାପାଇଁ ମା' ଓ ସ୍ତ୍ରୀଙ୍କୁ ଟ୍ରେନରେ ବସାଇ, ଭଂଜନଗର ଫେରି ଆସିଥିଲେ ଦୁଷ୍ମନ୍ତ। ଯାଉଥିବା ସମୟରୁ ମା' ଏବଂ ସ୍ତ୍ରୀଙ୍କ ସହ ଫୋନ୍ ରେ ଯୋଗାଯୋଗରେ ଥିଲେ। ବାଲେଶ୍ୱର ନିକଟରେ ଟ୍ରେନ ପହଞ୍ଚିବା ପରେ, ମା' ଙ୍କ ଠାରୁ ଜାଣିବାକୁ ପାଇଲେ, ଦେହ ଅସୁସ୍ଥ ହେବାରୁ ସ୍ତ୍ରୀ ଟ୍ରେନରୁ ଓହ୍ଲାଇଥିଲେ। ତା'ପର ଠାରୁ ତାଙ୍କ ସହ ଆଉ ଯୋଗାଯୋଗ ହୋଇ ପାରିନାହିଁ। ଖବର ପାଇବା ସଙ୍ଗେ ସଙ୍ଗେ ଶୁକ୍ରବାର ଦିନ ଦୁଷ୍ମନ୍ତ ବାଲେଶ୍ୱର, ଯାଜପୁର ପର୍ଯ୍ୟନ୍ତ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ, ସ୍ତ୍ରୀଙ୍କ ର ସନ୍ଧାନ ମିଳିନଥିବା। ଏ ସଂକ୍ରାନ୍ତରେ ଶନିବାର ଦିନ, ବ୍ରହ୍ମପୁର ଷ୍ଟେସନରେ ନିଖୋଜ ମାମଲା ନେଇ ଲିଖିତ ଅଭିଯୋଗ କରିବେ। ହସ୍ତଗତ ହୋଇଥିବା ସୂଚନା ପ୍ରକାରେ, ମା' ଏକା ଟ୍ରେନରେ ବସି ଡିମାପୁର ଠାରେ ଓହ୍ଲାଇ ସାରିଛନ୍ତି। ପୋଲିସର ତଦନ୍ତ ପରେ ଘଟଣା ସଂକ୍ରାନ୍ତରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ନିଖୋଜ ଥିବା ମହିଳା ସାଗରିକା ପ୍ରଧାନଙ୍କ ସଂକ୍ରାନ୍ତରେ ସନ୍ଧାନ ମିଳିଲେ ୯୧୧୪୭୨୦୬୭୦ ଫୋନ୍ ଯୋଗେ ଜଣାଇବାକୁ ନିବେଦନ କରିଛନ୍ତି, ଦୁଷ୍ମନ୍ତ ପ୍ରଧାନ। ଦୁଷ୍ମନ୍ତ ଭଂଜନଗର ଅଞ୍ଚଳର ଜଣେ ସାମ୍ବାଦିକ ଏବଂ ଖବରକାଗଜ ବିତରକ ଭାବେ କାମ କରୁଛନ୍ତି। ଏ ସଂକ୍ରାନ୍ତରେ ଓଡିଶାର ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି।

ଜବତ କାର୍ ସହ ବିପୁଳ ପରିମାଣର ବେଆଇନ୍ ଗୁଟଖା ଜବତ ଜଣେ ଗିରଫ

ଭଞ୍ଜନଗର (ଅମୃତ ମିଡିଆ): ବେଲଗୁଣ୍ଠା ଥାନା ପୁଲିସ ପକ୍ଷରୁ ଚଢାଉ କରାଯାଇ, ବହୁ ପରିମାଣର ଗୁଟଖା ଜବତ କରାଯାଇଛି। ଏଥିରେ ସଂପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ। ବେଲଗୁଣ୍ଠା ଥାନା ପୋଲିସ ପେଟ୍ରୋଲିଂ କରୁଥିବା ବେଳେ, ଏକ କାର୍ ରେ ବେଆଇନ ଗୁଟଖା ଓ ତମାଖୁ ଚାଲାଣ କରୁଥିବା ଏକ କାର୍ ଧରାପଡିଥିଲା। ଏବଂ ସଂପୃକ୍ତ ଅଭିଯୁକ୍ତ ଜଣକ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ଖଡ଼ିତେଲି ଗାଁର ଅଶ୍ୱିନୀ କୁମାର ଗୌଡ଼ ବୋଲି ଜଣାପଡିଛି। ୧୧ଶହ ପ୍ୟାକେଟ୍ ଗୁଟଖା ସହ କାର୍ କୁ ମଧ୍ୟ ଜବତ କରିଛି ପୋଲିସ।

ସରକାରୀ ସହାୟତା ଅପେକ୍ଷାରେ ଅସହାୟ ପରିବାର

- ୧୫ବର୍ଷ ଧରି ଶଯ୍ୟାଶାୟୀ ଦିଲୀପ
- ବାପାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



ଚାନ୍ଦବାଲି (ଅମୃତ ମିଡିଆ): ଦିବ୍ୟାଙ୍ଗଙ୍କ ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେବାକୁ ସରକାର ଘୋଷଣା କରୁଥିବା ବେଳେ ଚାନ୍ଦବାଲି ବ୍ଲକ ଅଧୀନ ନଳଗୋହିରା ପଂଚାୟତ ବଡରୂପା ଗାଁର ଏକ ଅସହାୟ ପରିବାର ଦୀର୍ଘଦିନ ଧରି ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ପରିବାରର ଦିଲୀପ ବିଶ୍ୱାଳ (୩୬) ଦୀର୍ଘ ୧୫ ବର୍ଷ ଧରି ଦିବ୍ୟାଙ୍ଗ ହୋଇ ଶଯ୍ୟାଶାୟୀ ଥିବା ବେଳେ ତାଙ୍କ ୬୫ ବର୍ଷୀୟ ବୃଦ୍ଧ ବାପା ଗଙ୍ଗାଧର ବିଶ୍ୱାଳଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି।

ଗଙ୍ଗାଧର ଓ ସତ୍ୟଭାମାଡଅଙ୍କ ପୁଅ ଦିଲୀପ ଜଣେ ଦିନମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ପ୍ରାୟ ୧୫ ବର୍ଷ ତଳେ କାମ କରୁଥିବା ସମୟରେ ଏକ ଦର୍ଘଟଣା ପରଠାରୁ ତାଙ୍କର ଅଂଟାଠାରୁ ୨ ଗୋଡ ଅକାମୀ ହୋଇଯାଇଛି। ୧୫ବର୍ଷହେଲା ସେ ବିଛଣାରେ ପଡି ରହିଛନ୍ତି। ଏଭଳି ସ୍ଥିତିରେ ଚଳାଚଳ ଲାଗି ଏକ ଟ୍ରାଇସାଇକେଲ ତାଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ମିଳି ନ ଥିବା ଅଭିଯୋଗ ହୋଇଛି। ୭୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଆଧାରରେ ସେ ମାସିକ ମାତ୍ର ୧ ହଜାର ଟଙ୍କା ଭତ୍ତା ପାଉଥିବା ବେଳେ ଅନ୍ୟ କୌଣସି ସରକାରୀ ସହାୟତା ମିଳୁ ନ ଥିବା ପରିବାର ପକ୍ଷରୁ କୁହାଯାଇଛି। ପୁନଃ ମୂଲ୍ୟାୟନ କରାଯାଇ ଯଦି ନିୟମାନୁସାରେ ୮୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ଭିନ୍ନକ୍ଷମ ପ୍ରମାଣିତ ହୁଏ, ତେବେ ସେହି ଅନୁଯାୟୀ ଅଧିକ ଭତା, ଅନ୍ତ୍ୟୋଦୟ ରାଶନ କାର୍ଡ ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉ ବୋଲି ପରିବାର ପକ୍ଷରୁ ଦାବି କରାଯାଇଛି। ଏକ ଟ୍ରାଇସାଇକେଲ ଯୋଗାଇ ଦେବାକୁ ମଧ୍ୟ ଦାବି ହୋଇଛି। ଅନ୍ୟପକ୍ଷେ ଦିଲୀପଙ୍କ ବାପା ଗଙ୍ଗାଧରଙ୍କ ବୟସ ୬୫ ବର୍ଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କୁ ବାର୍ଦ୍ଧକ୍ୟ ଭତା ମିଳିନାହିଁ। ଗଙ୍ଗାଧର ଜଣେ ବୃଦ୍ଧ ସହ ଡାଇବେଟିସ୍‌ରେ ପୀଡିତ ବୋଲି ପରିବାର ପକ୍ଷରୁ କୁହାଯାଇଛି। ପୁଅ ଦିଲୀପ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଏବଂ ନିଜେ କୌଣସି ରୋଜଗାର କରିବାର ସକ୍ଷମ ନ ଥିବା ବେଳେ ବୃଦ୍ଧ ବାପା ମଧ୍ୟ ଭତ୍ତାରୁ ବଂଚିତ ରହିବା ପରିବାରର ଦୁର୍ଦ୍ଦଶାକୁ ଆହୁରି ବଢାଇ ଦେଇଛି। ଏ ସମ୍ପର୍କରେ ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପାଖରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ଭିତରକନିକାରେ ବଢ଼ିଲେ ଦେଶୀୟ ପକ୍ଷୀ

ଚଳିତବର୍ଷ ୧ ଲକ୍ଷ ୩୨ ହଜାର ୨୭୯ଟି ଦେଶୀୟ ପକ୍ଷୀ

ଗତବର୍ଷଠାରୁ ୧୪୮୩ ପକ୍ଷୀ ଅଧିକ

ରାଜନଗର (ଅମୃତ ମିଡିଆ): ରାଜନଗର ବନଖଣ୍ଡ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ମାସ ୩ ତାରିଖରୁ ଆରମ୍ଭ ହୋଇ ୫ ତାରିଖରେ ଶେଷ ହୋଇଥିଲା। ରାଜନଗର ବନଖଣ୍ଡର କନିକା ଓ ରାଜନଗର ରେଞ୍ଜରେ ଗଣନା କରାଯାଇଥିଲା। କନିକା ରେଞ୍ଜ ଅନ୍ତର୍ଗତ ଭିତରକନିକା ଭିତରେ ଥିବା ମଠଆଡିଆରେ ୧୪ହଜାର ୮ଶହ ୬୨ଟି ବସା ଚିହ୍ନଟ କରାଯାଇଛି। ଲକ୍ଷ୍ମୀପ୍ରସାଦଡିଆରେ ୧୨ହଜାର ୪ଶହ ୩୪ଟି ବସା, ଦୂର୍ଗାପ୍ରସାଦଡିଆରେ ୪୭ ଟି ବସା ଓ ରାଜନଗର ରେଂଜ ଅନ୍ତର୍ଗତ ଜାତୀୟ ଉଦ୍ୟାନର ସୀମାସରହଦର ବାହାରେ ବାଲିଡିଆରେ ୭୨୧ଟି ବସା ଚିହ୍ନଟ ହୋଇଛି। ମୋଟ ୧୪୧୯ ଟି ଗଛରେ ୨୮୦୬୪ ଟି ବସାରେ ୧୩୨୨୭୯ଟି ପକ୍ଷୀ ଗଣନା କରାଯାଇଛି। ସାଧାରଣତଃ ବନି, ଗୁଆଁ, କେରୁଆଁ, ଓରୁଅ, ସିନ୍ଧୁକା, ସୁନ୍ଦରୀ ଗଛରେ ପକ୍ଷୀମାନେ ବସା ବାନ୍ଧିଛନ୍ତି।

ଏହି ବସାରେ ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟ(ଜଟିଆ) ବଗ, ଖଇରାବଗ, ମାଟିଆ ବଗ, ପାଣିକୁଆ, ଅନ୍ଧାରିଆ ବଗ, ଦା-ବେଟିଂଆ ବଗ ଓ କାପରଖାଇ ବଂଶ ବିସ୍ତାର କରିଥିବା ଜଣାପଡିଛି। ଏହି ଦଶ ପ୍ରଜାତିର ଦେଶୀୟ ପକ୍ଷୀଙ୍କ ଭିତରେ ସର୍ବାଧିକ ଗେଣ୍ଡାଳିଆ ଥିବା ଜଣାପଡିଛି। କନିକା ରେଂଜ ଅନ୍ତର୍ଗତ ମଠ ଆଡିଆରେ ୨୦୭୨୪ଟି ମାଙ୍କ ସହ ୪୧୭୪୨ ଟି ଛୁଆଙ୍କୁ ମିଶାଇ ୭୧୪୭୭ଟି ରହିଛନ୍ତି। ଲକ୍ଷ୍ମୀପ୍ରସାଦଡିଆରେ ୨୮୮୬୮ ମା ଙ୍କ ସହ ୩୨୩୫୧ ଛୁଆଙ୍କୁ ମିଶାଇ ୫୭୨୧୯ଟି, ଦୂର୍ଗ ପ୍ରସାଦଡିଆରେ ୯୪ଟି ମା ଙ୍କ ସହ ୧୨୨ଟି ଛୁଆଙ୍କୁ ମିଶାଇ ୨୧୭ଟି, ରାଜନଗର ରେଞ୍ଜ ଅନ୍ତର୍ଗତ ବାଲିଡିଆରେ ୧୪୪୨ଟି ମା ଙ୍କ ସହ ୧୯୩୭ଛୁଆଙ୍କୁ ମିଶାଇ ୩୩୭୮ଟି ପକ୍ଷୀ ଥିବା ଜଣାପଡିଛି। କନିକା ରେଂଜରେ ୧୩୩୬ଟି ଗଛରେ ବସା ବାନ୍ଧି ଥିବା ବେଳେ ରାଜନଗର ରେଞ୍ଜର ବାଲିଡିଆରେ ୮୩ଟି ଗଛରେ ପକ୍ଷୀମାନେ ବସା ବାନ୍ଧିଥିବା ଜଣାପଡିଛି। ସୂଚନା ଥାଉକି, ୨୦୨୨ରେ ୨୪୪୭୪ ବସାରେ ୧,୧୬୦୭୦ଟି ପକ୍ଷୀ, ୨୦୨୩ରେ ୨୭୧୮ବସାରେ ୧୨୩୮୬୭ଟି ପକ୍ଷୀ, ୨୦୨୪ରେ ୨୭୨୭ବସାରେ ୧୩୦୧୨୩ଟି ପକ୍ଷୀ, ୨୦୨୫ରେ ୨୭୬୪୬ଟି ବସାରେ ୧୩୦୭୯୬ଟି ପକ୍ଷୀ ଗଣନା ହୋଇଥିବା ଜଣାପଡିଛି। ଗତବର୍ଷ ତୁଳନାରେ ଚଳିତବର୍ଷ ୧ହଜାର ୪୮୩ଟି ପକ୍ଷୀ ଅଧିକ ଥିବା ଗଣନାରେ ଜଣାପଡିଛି ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଙ୍ଗଁକର ସୂଚନା ଦେଇଛନ୍ତି।

ବେତନଟୀ ରେଳ ଅଣ୍ଡରପାସ୍ କାର୍ଯ୍ୟରେ ଅହେତୁକ ବିଳମ୍ବ

ଭିତରେ ଜମି ରହିଛି ପାଣି, ସ୍ଥାନୀୟ ବାସିନ୍ଦା ଅସନ୍ତୁଷ୍ଟ



ବେତନଟୀ (ଅମୃତ ମିଡିଆ) : ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ ଖଡ଼ଗପୁର ରେଳ ଡିଭିଜନର ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଳ ଗଳାପୋଲ (ଅଣ୍ଡରପାସ୍) ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ତପିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପୋଲ ମଧ୍ୟରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ହୋଇଥିବା ସତ୍ତ୍ୱେ ପାଣି ଜମି ରହିଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହି ସମସ୍ୟା ଉପୁଜିଥିବା ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୪ ମାର୍ଚ୍ଚ ମାସରେ ଏହି ଗଳାପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚୁକ୍ତି ଅନୁଯାୟୀ ୨୦୨୫ ଡିସେମ୍ବର ସୁଦ୍ଧା ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କ ବ୍ୟବହାର ପାଇଁ ଖୋଲିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସମୟ ସୀମାକୁ ପ୍ରାୟ ୮ ମାସ ଅତିକ୍ରମ କରିସାରିଥିଲେ ମଧ୍ୟ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ପ୍ରମୁଖ ଭାଗ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଉଥିଲେ ହେଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ଅଭାବରୁ ବର୍ଷାଜଳ ଜମି ରହି ପୋଲଟି ଏକ କୃତ୍ରିମ ଜଳାଶୟର ରୂପ ନେଇଛି। ପରିସ୍ଥିତି ଏପରି ହୋଇଛି ଯେ, ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବାଲେଶ୍ୱରର 'ୱାଣ୍ଡରଲା ୱାଟର ପାର୍କ' ସହ ତୁଳନା କରି କ୍ଷୋଭ ଓ କଟାକ୍ଷ ପ୍ରକାଶ କରିଛନ୍ତି। କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ସମ୍ପୃକ୍ତ ଗ୍ରୀନ୍ ଇଣ୍ଡିଆ' ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟଶୈଳୀ ଯୋଗୁଁ ଏହି ବିଳମ୍ବ ଘଟୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ସ୍ତରରେ ନିୟମିତ ତଦାରଖ ନହେବା ଫଳରେ ସର୍ବସାଧାରଣଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ଏବେ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୈନନ୍ଦିନ ଯାତାୟାତ ସ୍ୱାଭାବିକ କରିବା ପାଇଁ ତୁରନ୍ତ ଗଳାପୋଲରୁ ପାଣି ନିଷ୍କାସନ ସହ ବଳକା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏସମ୍ପର୍କରେ ବେତନଟୀ ଅମୃତଭାରତ ରେଳ ଷ୍ଟେସନର ଭାରପ୍ରାପ୍ତ ଷ୍ଟେସନ ପରିଚାଳକ ମେଘରାୟ ହାଁସଦାଙ୍କୁ ପଚାରିବାରୁ କୁହନ୍ତି କାମ ଚାଲୁ ରହିଛି ମୁଁ ଆଉ କିଛି କହି ପାରିବି ନାହିଁ ଆମକୁ ସେ ସମ୍ପର୍କରେ କହିବାକୁ ନିର୍ଦ୍ଦେଶ ନାହିଁ ସେହି ଭଲି ଗ୍ରୀନ୍ ଇଣ୍ଡିଆ' ଠିକା ସଂସ୍ଥାର କର୍ମଚାରୀ ସରୋଜ ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଗଳାପୋଲ କାମ ସରିଯାଇଛି ସେଠାରେ ପାଣି ଶୁଖାଇବା ପାଇଁ ଲାଗିଥିବା ମଟର ଖରାପ ହୋଇଯାଇଛି ତେଣୁ ପାଣି ଶୁଖା ଯାଇପାରୁନାହିଁ। ମଟର ସଜାଡ଼ିବା କାମ ଡିପାର୍ଟମେଣ୍ଟର ବୋଲି କହିଥିଲେ।

ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ନ୍ୟାୟ ଓ କ୍ଷତିପୂରଣ ଦାବିରେ ରାସ୍ତାରୋକ, ଟାୟାର ଜାଳିଲେ ଉତ୍ୟକ୍ତ ଲୋକେ

ଚାନ୍ଦବାଲି (ଅମୃତ ମିଡ଼ିଆ) : ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ମୃତ ଯୁବକ ହେଉଛନ୍ତି ଚାନ୍ଦବାଲି ଏନଏସି ଅନ୍ତର୍ଗତ ବାଲିଗାଁର ନୃସିଂହ ଦାସଙ୍କ ପୁଅ ଦୀପ୍ତିରଞ୍ଜନ ଦାସ। ସୂଚନା ଅନୁଯାୟୀ, ଦୀପ୍ତିରଞ୍ଜନ ନିଜ ସ୍କୁଟି ରାସ୍ତା ପାର୍ଶ୍ୱରେ ରଖି ଛିଡ଼ା ହୋଇଥିବା ସମୟରେ ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ିଯାଇଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ତାଙ୍କୁ ତୁରନ୍ତ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକକୁ ରେଫର କରାଯାଇଥିଲା। ତେବେ କଟକ ନେବା ବାଟରେ ଦୀପ୍ତିରଞ୍ଜନଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଜଣାପଡ଼ିଛି। ଯୁବକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାଲିଗାଁ ସମେତ ଚାନ୍ଦବାଲି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ନ୍ୟାୟ ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଚାନ୍ଦବାଲି–ଭଦ୍ରକ ରାଜ୍ୟ ରାଜପଥର ମଧୁବାବୁ ଛକ ନିକଟରେ ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ସେହିପରି ଚାନ୍ଦବାଲି–ଆରଡ଼ି ମୁଖ୍ୟରାସ୍ତାର ବାଲିଗାଁ ନିକଟରେ ମଧ୍ୟ ରାସ୍ତାରେ ବାଡ଼ ବାନ୍ଧି ଲୋକେ ଯାତାୟାତ ବନ୍ଦ କରିଥିବା ଜଣାପଡ଼ିଛି। ଦୁଇଟି ପ୍ରମୁଖ ରାସ୍ତାରେ ରାସ୍ତାରୋକ ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ଚାନ୍ଦବାଲିରୁ ଭଦ୍ରକ ଏବଂ ଆରଡ଼ି ଅଭିମୁଖେ ଯାତାୟାତ କରୁଥିବା ଯାତ୍ରୀ ଓ ଗାଡ଼ିଚାଳକମାନେ ହଇରାଣ ହୋଇଥିବା ଦେଖାଯାଇଛି। ରାସ୍ତାରେ ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିବାରୁ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଘଟଣାର ଖବର ପାଇ ପୋଲିସ ରାସ୍ତାରୋକ ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲା। ମୃତକଙ୍କ ପରିବାରର ଦାବି ଓ ରାସ୍ତାରୋକ ହଟାଇବା ନେଇ ପୋଲିସ ପକ୍ଷରୁ ଆଲୋଚନା ଜାରି ରହିଥିବା ଜଣାପଡ଼ିଛି। ଚାନ୍ଦବାଲି ମେଡିକାଲ ରେ ମୃତକଙ୍କ ପରିବାରଙ୍କୁ ଭେଟି ଚାନ୍ଦବାଲି ତାସିଲଦର୍ ଭବପ୍ରସାଦ ମଲିକ ସରକାର ରେଡକ୍ରସ ପାଣ୍ଠି ତରଫରୁ ୨୫.୦୦୦ ହଜାର ପ୍ରଦାନ କରିଥିଲେ। ଦୁର୍ଘଟଣାର ପ୍ରକୃତ କାରଣ କ'ଣ ଏବଂ ଟ୍ରାକ୍ଟରଟି କେଉଁ ପରିସ୍ଥିତିରେ ଯୁବକଙ୍କ ଉପରେ ଚଢ଼ିଗଲା, ସେନେଇ ପୋଲିସ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ଯୁଦ୍ଧ,...

କରିବା ପାଇଁ ଘୋଷଣାପତ୍ରରେ ଥିବା ବିଷୟବସ୍ତୁରେ ସବୁ ରାଷ୍ଟ୍ର ଏକମତ ହୋଇଛନ୍ତି। ବ୍ରିକ୍ସ ଘୋଷଣାପତ୍ରରେ ୟୁଏନଏସ୍‌ସିର ସଂସ୍କାର ସମର୍ଥନ କରାଯାଇଛି। ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ କାରିବିଆନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକୁ ଏହି ପରିଷଦରେ ଅଧିକ ପ୍ରତିନିଧିତ୍ୱ ଦେବାକୁ କୁହାଯାଇଛି। ୟୁଏନଏସ୍‌ସିର ସ୍ଥାୟୀ ସଦସ୍ୟ ଚାଇନା ଓ ରୁଷିଆ ମଧ୍ୟ ବ୍ରାଜିଲ୍ ଓ ଭାରତକୁ ଜାତିସଂଘରେ ଅଧିକ ଭୂମିକା ଦେବାକୁ ମତ ରଖିଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ କାରବାରରେ ଆମେରିକାୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରି ସ୍ଥାନୀୟ ମୁଦ୍ରାର ବ୍ୟବହାର ବଢ଼ାଇବା ଉପରେ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବଦଳୁଥିବା ବିଶ୍ୱକୁ ପୁରୁଣା ଅନୁଷ୍ଠାନ ଦ୍ୱାରା ଚଳାଇ ହେବ ନାହିଁ।ପ୍ରତିନିଧିତ୍ୱ, ଦାୟିତ୍ୱବୋଧ ଓ ନିୟମ ନିର୍ଦ୍ଧାରଣ ବ୍ୟବସ୍ଥାରେ ସଂସ୍କାର ଅତ୍ୟନ୍ତ ଜରୁରୀ। ଭବିଷ୍ୟତର ପ୍ରଯୁକ୍ତି ଓ ଏ ସମ୍ପର୍କିତ ନିୟମ ପ୍ରଣୟନରେ ଗ୍ଲୋବାଲ୍ ସାଉଥ୍‌କୁ ସମାନ ଭାଗୀଦାରି ମିଳିବା ଦରକାର ବୋଲି ସେ ମତ ରଖିଛନ୍ତି। ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ପାଇଁ ମଧ୍ୟ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଏକମତ ହୋଇଛନ୍ତି। ମୁକ୍ତ, ସ୍ୱଚ୍ଛ, ସମାନ ଓ ନିୟମଭିତ୍ତିକ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ସମୂହ ଆହ୍ୱାନ ଦେଇଛି। ଆମେରିକା ଲଗାଉଥିବା ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପଦକ୍ଷେପକୁ ନେଇ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି।ଏଭଳି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବା ସହ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି କରୁଛି ବୋଲି ଘୋଷଣାନାମାରେ କୁହାଯାଇଛି। କିନ୍ତୁ ଆମେରିକାର ନାଁକୁ ଘୋଷଣାନାମାରେ ଉଲ୍ଲେଖ କରାଯାଇ ନାହିଁ। ଘୋଷଣାନାମାରେ ୨୦୨୫ ଏପ୍ରିଲ ୨୨ରେ ଜଙ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାରତକୁ ସ୍ତବ୍ଧ କରିଦେଇଥିବା ଏହି ଆକ୍ରମଣକୁ ସବୁ ରାଷ୍ଟ୍ର ନିନ୍ଦା କରିବା ସହ ଆତଙ୍କବାଦର କୌଣସି ସ୍ଥାନ ନଥିବା କହିଛନ୍ତି।ସୀମାପାର ଆତଙ୍କବାଦୀଙ୍କ ଗତିବିଧି, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ସେମାନଙ୍କୁ ସୁରକ୍ଷିତ ଆଶ୍ରୟ ଦେବା ବିରୋଧରେ ମଧ୍ୟ ଏକାଠି ଲଢ଼ିବାକୁ ବ୍ରିକ୍ସ ଦେଶଗୁଡ଼ିକ ପ୍ରତିଶ୍ରୁତିବଦ୍ଧ ବୋଲି ମତ ରଖିଛନ୍ତି।ଆତଙ୍କବାଦକୁ କୌଣସି ଧର୍ମ, ରାଷ୍ଟ୍ର, ସଭ୍ୟତା କିମ୍ବା ଜାତି ସହ ଯୋଡ଼ାଯିବା ଉଚିତ୍ ନୁହେଁ। ଆତଙ୍କବାଦୀ ଓ ସେମାନଙ୍କୁ ସମର୍ଥନ କରୁଥିବା ସମସ୍ତଙ୍କୁ ଆଇନ ଅନୁସାରେ ଦାୟୀ କରାଯିବା ଦରକାର ବୋଲି ଘୋଷଣାନାମାରେ କୁହାଯାଇଛି।

ଅବକାରୀ...

କେଉଁ ଉଦ୍ଦେଶ୍ୟରେ ଆଣିଥିଲେ, ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହା ପରେ ଭିଜିଲାନ୍ସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ତାଙ୍କର ରାଉରକେଲା ଓ ଭୁବନେଶ୍ୱର ସ୍ଥିତ ବାସଭବନ ଉପରେ ଏକକାଳୀନ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଶ୍ରୀ ବରାଡ଼ଙ୍କ ସଂପତ୍ତି ସଂପର୍କିତ ସୂଚନା ସାମ୍ନାକୁ ଆସିଛି। ଭୁବନେଶ୍ୱରର ରଘୁନାଥପୁର ଅଞ୍ଚଳରେ ତାଙ୍କର ପ୍ରାୟ ୨,୭୦୦ ବର୍ଗଫୁଟର ଗୋଟିଏ ଡୁଇମହଲା କୋଠା ଅଛି। ଏହା ସହିତ ତାଙ୍କର ୪ଟି ମୂଲ୍ୟବାନ ପ୍ଲଟ୍ ଅଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ଭୁବନେଶ୍ୱରରେ ଥିବା ବେଳେ ବାକି ୩ଟି ନୟାଗଡ଼ରେ ଅଛି। ମାପଚୁପ ପରେ ଏଗୁଡ଼ିକର ମୂଲ୍ୟ ଜଣାପଡ଼ିବ। ଶ୍ରୀ ବରାଡ଼ ବ୍ୟାଙ୍କରେ ୩୩ ଲକ୍ଷ ୯୭ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କର ଅନ୍ୟାନ୍ୟ ନିବେଶ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ସେଗୁଡ଼ିକର ଯାଞ୍ଚ ଚାଲିଛି। ସେ ତାଙ୍କ ଆୟଠାରୁ ୧୦୦% ଅଧିକ ସଂପତ୍ତି ଠୁଳ କରିଥିବା ତଦନ୍ତରୁ ଜଣାପଡ଼ିଥିବା ଭିଜିଲାନ୍ସ କହିଛି। ରାଉରକେଲା ଭିଜିଲାନ୍ସ ଥାନାରେ ଶ୍ରୀ ବରାଡ଼ଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

ପ୍ରତ୍ୟେକ...

ଆମେ ପରସ୍ପରର ଦୃଷ୍ଟିକୋଣକୁ ସମ୍ମାନ କରୁ ଏବଂ ମିଳିତ ଦାୟିତ୍ୱବୋଧ ସହିତ ଆଗକୁ ବଢୁଛୁ। ଆମେ କାହାର ବିରୋଧ କରି ନୁହେଁ, ବରଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛୁ।"ଆଗାମୀ ୨୦ ବର୍ଷ ପାଇଁ ଏକ କାର୍ଯ୍ୟଯୋଜନା ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ବର୍ତ୍ତମାନ ସମୟ ଆସିଛି ଯେତେବେଳେ ଆମକୁ ବ୍ରିକ୍ସ ମଧ୍ୟରେ ଥିବା ଆମର ଏକତା ଏବଂ ସହମତିକୁ ବିଶ୍ୱସ୍ତରରେ ବାସ୍ତବ ଫଳାଫଳରେ ପରିଣତ କରିବାକୁ ପଡ଼ିବ। ଆଗାମୀ ଦୁଇ ଦଶନ୍ଧି ପାଇଁ ଆମକୁ ଏକ ନୂତନ ଏବଂ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟସୂଚୀ ଉପରେ କାର୍ଯ୍ୟ କରିବାକୁ ହେବ। ଆମକୁ ନିଜର ଆଭ୍ୟନ୍ତରୀଣ କାର୍ଯ୍ୟ ପ୍ରଣାଳୀ ସହିତ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ପଡ଼ିବ।

ପରସ୍ପର...

ଓ ଯାତାୟାତ ବଢ଼ାଇବାକୁ ଆହ୍ୱାନ ଦିଆଯାଇଛି। ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ ପ୍ରସଙ୍ଗରେ ଉଭୟ ନେତା ସପ୍ଲାଏ ଚେନ୍ ସମସ୍ୟା ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ ଉପରେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ଅର୍ଥପୂର୍ଣ୍ଣ ଓ ନିର୍ଭରଯୋଗ୍ୟ ବଜାର ପ୍ରବେଶକୁ ସୁଗମ କରିବା ଉପରେ ମଧ୍ୟ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଭାରତ-ଚାଇନା ସମ୍ପର୍କର ନିରନ୍ତର ବିକାଶ ପାଇଁ ଅତ୍ୟାବଶ୍ୟକ। ସୀମା ପ୍ରସଙ୍ଗରେ ପୂର୍ବରୁ ହୋଇଥିବା ବୁଝି ଓ ବୁଝାମଣାକୁ ଉଭୟ ପକ୍ଷ ପାଳନ କରିବା ଆବଶ୍ୟକ ବୋଲି ସେ ବୈଠକରେ ଜିନପିଙ୍ଗଙ୍କୁ କହିଛନ୍ତି। ସୀମା ବିବାଦର ନ୍ୟାୟସଙ୍ଗତ, ଯୁକ୍ତିସଙ୍ଗତ ଓ ପାରସ୍ପରିକ ଭାବେ ଗ୍ରହଣୀୟ ହେଉଥିବା ମାର୍ଗ ଜରିଆରେ ସମାଧାନ ପାଇଁ ଉଦ୍ୟମ ଜାରି ରଖିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ଦୁଇ ନେତା।ମୋଦିଙ୍କ କହିବା କଥା ଯେ ମତଭେଦ ଯେପରି ଆଗାମୀ ଦିନରେ ବିବାଦର ରୂପ ନ ନେବ, ସେଥିପ୍ରତି ଉଭୟ ପକ୍ଷ ସଚେତନ ରହିବା ଆବଶ୍ୟକ। ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଓ ପାରସ୍ପରିକ ସ୍ୱାର୍ଥ ଆଧାରରେ ସବୁ କିଛି କରାଯିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି।

ପରୋକ୍ଷ...

ଉଦାହରଣ ହେଲା ସମ୍ବଲପୁର, ବ୍ରହ୍ମପୁର ଆଉ ରାଉରକେଲା ମହାନଗର ନିଗମ। ବ୍ରହ୍ମପୁରରେ ହଳଦିଆପଦର ଓ ଲୋଚାପଡ଼ା ଭଳି ୧୪ଟି ପଞ୍ଚାୟତ ଆଜି ବି ମହାନଗରଠାରୁ ପାଦେ ଦୂରରେ ଥାଇ ସହରୀ ସୁବିଧାରୁ ବଞ୍ଚିତ। ରାଉରକେଲା ମହାନଗର ନିଗମ ଗଠନ ହେଲା ସତ, ହେଲେ ଆଜିଯାଏ ନିର୍ବାଚନ ହେଲାନି। ବିଜୁଳି, ପାନୀୟ ଜଳ, ରାସ୍ତା ଓ ଡ୍ରେନେଜ୍ ସମସ୍ୟାରେ ଗୁମୁରି କାନ୍ଦୁଛନ୍ତି ଲୋକେ। ସମ୍ବଲପୁରରେ ବି ସମାନ ସ୍ଥିତି। ରାଜ୍ୟରେ ୨୮ଟି ନୂଆ ଏନ୍‌ଏସି ଓ ୭ ଟି ମୁନିସିପାଲିଟି ଗଠନ ହୋଇଛି। ସେଠାରେ ମଧ୍ୟ ନିର୍ବାଚନ ହେବ। ତେବେ ଦେଖିବାର କଥା ମେୟର ନିର୍ବାଚନକୁ ନେଇ ସ୍ପଷ୍ଟତା କେତେ ଶୀଘ୍ର ଆଣୁଛନ୍ତି ସରକାର।

ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡକୁଦ ଚୟନ ପ୍ରକ୍ରିୟା

ଜୟପୁର (ଅମୃତ ମିଡିଆ) : ସରକାରୀ ଏସଏସଡି. ବାଳିକା ଉଚ୍ଚ ବିଦ୍ୟାଳୟ, ହରଡାପୁଟ, ଜୟପୁର ୦।ରେ ଶୁକ୍ରବାର ବ୍ଲକସ୍ତରୀୟ ବିଦ୍ୟାଳୟ ଖେଳ ଓ ଦୌଡକୁଦ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପତ୍ର, ସଂସ୍ଥାନିତ ଅତିଥି ଅଜୟ ମିଶ୍ର, ଜିଲ୍ଲାର ଅଥଲେଟିକ ସେକ୍ରେଟାରୀ ରବି ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ, ଆମ୍ବାଗୁଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନିଲ କୁମାର ନାୟକ, ହାତିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜୟଶ୍ରୀ ସାହୁ, ହରଡାପୁଟ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରମିଳା ପୂଜାରୀ, ଜୟପୁର କ୍ଲବର କ୍ରୀଡା ସମ୍ପାଦକ ଗଗନ ବିହାରୀ ଦାସଙ୍କ ସହ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷୟତ୍ରୀ ମିନତୀ ପାତ୍ର, ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ, ଶୁଭେନ୍ଦୁ କୁମାର ପ୍ରଧାନଙ୍କ ସହ ରତିଶ ରଞ୍ଜନ ସ୍ୱାଇଁ (ଶାରୀରିକ ଶିକ୍ଷା ଶିକ୍ଷକ, ହରଡାପୁଟ) ଉପସ୍ଥିତ ରହି ବିଭିନ୍ନ କ୍ରୀଡାର ଚୟନ କରିଥିଲେ ଓ ଉକ୍ତ ଚୟନ ପ୍ରକ୍ରିୟରୁ ଖେଳାଳି ମାନେ ଆସନ୍ତା ୧୨.୦୯.୨୦୨୬ ରିଖ ଠାରୁ କୋରାପୁଟ ଠାରେ ଆରମ୍ଭ ହେବାକୁ ଥିବା ଜିଲ୍ଲାସ୍ତରୀୟ କ୍ରିଡା ପ୍ରତିଯୋଗିତାରେ ଭାଗ ନେବେ।

ଗଣେଶ ପୂଜା ପାଇଁ ଚୌଦ୍ୱାର ଥାନା ପକ୍ଷରୁ ପ୍ରସ୍ତୁତି ବୈଠକ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ଥାନା ଅଂଚଳର ସମସ୍ତ ଗଣେଶପୂଜା କମିଟିର ସଦସ୍ୟମାନଙ୍କୁ ନେଇ ଗଣେଶ ପୂଜା ବିସର୍ଜନ ଓ ଭସାଣି ଶୋଭାଯାତ୍ରା ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଥାନା ପରିସରରେ ଭାରପ୍ରାପ୍ତ ଅଧିକାରୀ ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ କଟକ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଡିସିନାଲ ଆଇଆଇସି ନିରଂଜନ ଭୋଇ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୨୦, ୨୭ ଓ ଅକ୍ଟୋବର ୪ ତାରିଖ ତିନୋଟି ପର୍ଯ୍ୟାୟରେ ଆବଶ୍ୟକୀୟ ଅନୁମତିପତ୍ର ନେଇ ଭସାଣି ଶୋଭାଯାତ୍ରା ହେବା ସହିତ ଅକ୍ଟୋବର ୧୧ ତାରିଖରେ କେବଳ ଦ୍ୱିତୀୟା ଓଷା ଘାଣ୍ଟ ଭୋଗ ଖାଉଥିବା ଗଣେଶଙ୍କ ପାଇଁ ଭସାଣି ଅନୁମତି ମିଳିବ। ୬୫ଡେସିବିଲ ସାଉଣ୍ଡ ସହିତ ୪ଗୋଟି ଟ୍ରଲି ଓ ୬ଗୋଟି ସାଉଣ୍ଡ ବକ

୧୩ ବର୍ଷ ପରେ ଇଷ୍ଟଜୋନ୍‌କୁ ଜିତାଇଲେ ଦୁଲୀପ ଟ୍ରଫି

ନୂଆଦିଲ୍ଲୀ ; ଇଶାନ କିଷନଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଦୀର୍ଘ ୧୩ ବର୍ଷ ପରେ ଦୁଲୀପ ଟ୍ରଫି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ସମ୍ପୂର୍ଣ୍ଣ ୫ ଦିନ ଧରି ଦଳ ଆଧିପତ୍ୟ ଜାରି ରଖି ଟ୍ରଫି ନିଶ୍ଚିତ କରିଥିଲା । ଅନ୍ତିମ ଦିବସରେ ମୋଟ୍ ୪୮.୨ ଓଭର ଖେଳ ହୋଇଥିଲା । ପୂର୍ବାଞ୍ଚଳ ୭/୩୮୮ ରନ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା । ଦକ୍ଷିଣାଞ୍ଚଳ ସମ୍ମୁଖରେ ମୋଟ୍ ୭୬୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ପୂର୍ବାଞ୍ଚଳ । ଗୋଟିଏ ମାତ୍ର ଅଧିବେଶନ ମଧ୍ୟରେ ମ୍ୟାଚର ଫଳାଫଳ ବାହାରିବା ସମ୍ଭବ ନଥିବାରୁ ଉଭୟ ଦଳର ନିଷ୍ପତ୍ତି କ୍ରମେ ଅନ୍ତିମ ଦିବସ ଘୋଷଣା କରାଯାଇଥିଲା । ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିନଥିଲା । ପ୍ରଥମ ଇନିଂସରେ ୨୭୦ ଓ ଦ୍ୱିତୀୟ ଇନିଂସ ୮୦ ରନ୍‌ର ଇନିଂସ ଖେଳିଥିବା ଇଶାନ କିଷନ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ସେ ୫ଟି ଇନିଂସରେ ମୋଟ୍ ୪୦୯ ରନ ସଂଗ୍ରହ କରିଥିଲେ । ସେହିପରି ୨ଟି ମ୍ୟାଚରେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ବଳରେ ମୋଟ୍ ୨୬୬ ରନ ସଂଗ୍ରହ କରିଥିବା ଦକ୍ଷିଣାଞ୍ଚଳ ଅଧିନାୟକ ତିଳକ ବର୍ମାଙ୍କୁ ପ୍ଲେୟାର ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ତିମ ଦିବସରେ ପୂର୍ବାଞ୍ଚଳ ଅସମାପ୍ତ ଦ୍ୱିତୀୟ ଇନିଂସ ୫/୨୧୨ ରନ୍ରୁ ବ୍ୟାଟିଂ ଆରମ୍ଭ କରିଥିଲା । ପୂର୍ବଦିନରୁ ଅପରାଜିତ ଥିବା ମହମ୍ମଦ କୁରେଶି ଓ କୁମାର କୁଶାଗ୍ର ସତର୍କତାର ସହ ବ୍ୟାଟିଂ କରିଥିଲେ । ଦଳୀୟ ସ୍କୋର ୨୩୮ ବେଳେ କୁଶାଗ୍ର ବ୍ୟକ୍ତିଗତ ୪୬ ରନ କରି ଆଉଟ୍ ହୋଇଥିଲେ । ଏହାପରେ ଅନୁକୂଳ ରୟ ଓ କୁରେଶ ମିଶି ଆଉ ଏକ ବିଶାଳ ଭାଗିଦାରୀ ଗଠନ କରିଥିଲେ । କୁରେଶି ଶତକ ଓ ଅନୁକୂଳ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଉଭୟ ସପ୍ତମ ୱିକେଟ୍‌ରେ ୧୫୦ ରନ ଯୋଗ କରିଥିଲେ । ଦଳୀୟ ସ୍କୋର ୩୮୮ବେଳେ ଯୋଡ଼ି ଭାଙ୍ଗିଥିଲେ ନାଧିଶ । ଅନୁକୂଳ ବ୍ୟକ୍ତିଗତ ୬୪ ରନ କରି ଆଉଟ୍ ହୋଇଥିଲେ । କୁରେଶି ୧୩ଚୌକା ଓ ୪ ଛକା ବଳରେ ୧୧୬ ରନ କରି ଅପରାଜିତ ରହିଥିଲେ ।

ହାଇଦ୍ରାବାଦ ଦଳର ନୂଆ ଅଧିନାୟକ ମହମ୍ମଦ ସିରାଜ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ୍ ଟିମର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ନୂଆ ଦାୟିତ୍ୱ ମିଳିଛି । ରଣଜୀ ଟ୍ରଫି ୨୦୨୬-୨୭ ସିଜନ ପାଇଁ ସିରାଜଙ୍କୁ ହାଇଦ୍ରାବାଦ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି । ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନ୍ (ଏଚଉଇ) ଏନେଇ ସୂଚନା ଦେଇଛି । ସିରାଜଙ୍କୁ ଅଧିନାୟକ କରାଯାଇଥିବା ବେଳେ ଦ୍ରୁତ ବୋଲର ତାମା ମିଲିନ୍ଦଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି । ନିକଟରେ ସିରାଜ ଦଳୀପ ଟ୍ରଫି ଫାଇନାଲରେ ଖେଳିଥିଲେ ହେଲେ ତାଙ୍କ ପ୍ରଦର୍ଶନ ବିଶେଷ ଭଲ ରହିନଥିଲା । ରଣଜୀ ଟ୍ରଫିର ନୂଆ ସିଜନ ଅକ୍ଟୋବର ୧୧ରୁ ଆରମ୍ଭ ହେବ । ହାଇଦ୍ରାବାଦ ପ୍ରଥମ ମ୍ୟାଚ୍ ତ୍ରିପୁରା ବିପକ୍ଷରେ ଖେଳିବ । ହାଇଦ୍ରାବାଦକୁ ଏଲିଟ୍ ଗ୍ରୁପ୍-ବିରେ ସ୍ଥାନ ମିଳିଛି । ଏହି ଗ୍ରୁପରେ ସୌରାଷ୍ଟ୍ର, କର୍ଣ୍ଣାଟକ, ପଞ୍ଜାବ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଆସାମ ଓ ତ୍ରିପୁରା ଭଳି ଦଳ ରହିଛନ୍ତି । ଅଧିନାୟକ ଭାବେ ଦଳକୁ ନେତୃତ୍ୱ ଦେବା ସହ ନିଜ ବୋଲିଂରେ ମଧ୍ୟ ଭଲ ପ୍ରଦର୍ଶନ କରିବା ସିରାଜଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ । ନିକଟରେ ଶ୍ରୀଲଙ୍କା ଗସ୍ତରେ ଭାରତୀୟ ଦଳ ପକ୍ଷରୁ ଖେଳିଥିବା ସିରାଜଙ୍କ ବୋଲିଂ ସ୍ପିଡରେ ହ୍ରାସ ଦେଖିବାକୁ ମିଳିଥିଲା । ପ୍ରାୟ ୧୪୦ କିମି ପ୍ରତି ଘଣ୍ଟା ବେଗରେ ବୋଲିଂ କରୁଥିବା ସିରାଜ ଏହି ଟୁରରେ ୧୩୦ କିମି ପ୍ରତି ଘଣ୍ଟାରୁ କମ୍ ବେଗରେ ବୋଲିଂ କରିଥିଲେ । ଦୁଇଟି ଟେଷ୍ଟ ମ୍ୟାଚରେ ସେ ମୋଟ ୪୪ ଓଭର ବୋଲିଂ କରି ୪ଟି ୱିକେଟ୍ ନେଇଥିଲେ । ଗତ ରଣଜୀ ସିଜନରେ ମଧ୍ୟ ସିରାଜ ପ୍ରଥମ ଥର ପାଇଁ ରାହୁଲ ସିଂହଙ୍କ ସ୍ଥାନରେ ହାଇଦ୍ରାବାଦ ଦଳର ଅଧିନାୟକ ହୋଇଥିଲେ । ତେବେ ତାଙ୍କ ନେତୃତ୍ୱରେ ଦଳ ଦୁଇଟି ମ୍ୟାଚରୁ ଗୋଟିଏରେ ମଧ୍ୟ ବିଜୟ ହାସଲ କରିପାରିନଥିଲା । ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ମୁମ୍ବାଇ ହାଇଦ୍ରାବାଦକୁ ୯ ୱିକେଟରେ ପରାସ୍ତ କରିଥିଲା । ସେହିପରି ଜିମଖାନା ଗ୍ରାଉଣ୍ଡରେ ଛତିଶଗଡ଼ ବିପକ୍ଷ ମ୍ୟାଚ୍ ଅମନଦୀପ ଖରେଙ୍କ ଅପରାଜିତ ଶତକ ଯୋଗୁଁ ଡ୍ରରେ ଶେଷ ହୋଇଥିଲା ।

୮ ୱିକେଟରେ ଇଂଲଣ୍ଡ ଜିତିଲା ତୃତୀୟ ଟେଷ୍ଟ

ମୁମ୍ବାଇ : ବର୍ମିହାଂମର ଏଜବେଷ୍ଟନରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚକୁ ଆୟୋଜକ ଇଂଲଣ୍ଡ ୮ ୱିକେଟରେ ଜିତି ନେଇଛି । ପାକିସ୍ତାନ ତୃତୀୟ ଟେଷ୍ଟରେ ଇଂଲଣ୍ଡକୁ ୧୩୦ରନର ଲକ୍ଷ୍ୟ ଦେଇଥିଲା । ଯାହାକୁ ଇଂଲଣ୍ଡ ଟିମ୍ କେବଳ ଦୁଇ ୱିକେଟ ହରାଇ ହାସଲ କରିନେଇଛି । କେବଳ ଦୁଇ ରନରେ ଇଂଲଣ୍ଡର ଦୁଇ ୱିକେଟ ଯାଇଥିଲା । କିନ୍ତୁ ଏହାପରେ ଜୋର୍ଡନ କକ୍ସ ୫୯ ଏବଂ ଅଧିନାୟକ ଜୋ ରଟ ୬୨ମ୍ୟାଚ୍ ଜିତି ନଟଆଉଟ୍ ଫେରିଥିଲେ । ଏହିଭଳି ଭାବେ ଇଂଲଣ୍ଡ ୩ମ୍ୟାଚର ଟେଷ୍ଟ ସିରିଜରେ ପାକିସ୍ତାନକୁ ହରାଇଛି । ଇଂଲଣ୍ଡ ୩-୦ରେ ଏହି ସିରିଜ ଜିତି ନେଇଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ପାକିସ୍ତାନ ଟିମ୍ ନିଜ ପ୍ରଥମ ପାଳିରେ କେବଳ ୧୩୩ରନ୍ କରିଥିଲା । ଏହାପରେ ଇଂଲଣ୍ଡ ନିଜ ପ୍ରଥମ ପାଳିରେ ୪୫୩ରନ୍ କରି ବିଶାଳ

ଲକ୍ଷ୍ୟ ହାସଲ କରିଥିଲା । ପ୍ରଥମ ପାଳିରେ ଇଂଲଣ୍ଡକୁ ୩୨୦ରନର ମ୍ୟାଚ୍ ୱିନିଂ ଟାର୍ଗେଟ ମିଳିଥିଲା। ଏହାପରେ ପାକିସ୍ତାନ ଦ୍ୱିତୀୟ ପାଳିରେ ୪୪୯ରନ୍ କରିଥିଲା ଏବଂ ଇଂଲଣ୍ଡ ସାମ୍ନାରେ ୧୩୦ରନର ଲକ୍ଷ୍ୟ ରଖିଥିଲା । ଦ୍ୱିତୀୟ ପାଳିରେ ପାକିସ୍ତାନ ଲାଗି ଶାନ ମସୁଦ(୯୫) ଅଜାନ ଓବେସ(୫୯) ସହ ତୃତୀୟ ୱିକେଟ ଲାଗି ୧୨୫ରନ ଏବଂ ଅଧିନାୟକ ବାବର ଆଜମ(୭୬) ସହ ଚତୁର୍ଥ ୱିକେଟ ଲାଗି ୮୯ରନ ଯୋଡ଼ିଥିଲେ । ଟିମକୁ ୩୧୮ର ସ୍କୋରରେ ୮ମ ୫ଟକା ଲାଗିଥିଲା । ଯାହାପରେ ମହମ୍ମଦ ଅବ୍ବାସ(୪୨) ରଜାଉଲ୍ଲାହ(୮୧) ସହ ୯ମ ୱିକେଟ ଲାଗି ୧୨୧ରନର ଭାଗିଦାରୀ କରି ପାକିସ୍ତାନକୁ ୪୦୦ ପାର୍ ପହଞ୍ଚାଇଥିଲେ । ଇଂଲଣ୍ଡ ଲାଗି ଗସ ଏଣ୍ଟକିସନ ସବୁଠାରୁ ଅଧିକ ୩ ୱିକେଟ ନେଇଥିଲେ । ସେହିଭଳି ଓଲି ରବିଷ୍ଟନ, ଜୋଶ ଟଙ୍ଗ ଏବଂ ଡ୍ୟାନ ଲରିଂସ ୨-୨ୱିକେଟ ନେଇଥିଲେ । ୧୩୦ରନର ଏକ ସାଧାରଣ ଟାର୍ଗେଟକୁ ପିଛା କରି ଇଂଲଣ୍ଡ ପ୍ରଥମ ଓଭରରେ ହିଁ ପ୍ରାରମ୍ଭିକ ଯୋଡ଼ି ବେନ୍ ଡକେଟ (୦) ଏବଂ ଏମିଲିଓ (୦)ଙ୍କୁ ହରାଇଥିଲା। ସେତେବେଳେ କେବଳ ଦୁଇଟି ରନ ଯୋଡା ଯାଇଥିଲା। ଅଧିନାୟକ ଜୋ ରଟ୍ ଜୋର୍ଡାନ କକ୍ସଙ୍କ ସହିତ ୧୪୦ ବଲ୍ ରେ ତୃତୀୟ ୱିକେଟ ପାଇଁ ୧୨୮ ରନର ଭାଗୀଦାରି କରିଥିଲେ, ଯାହା ଦଳକୁ ସହଜ ବିଜୟ ଦେଇଥିଲା । ଜୋ ରୁଟ୍ ୬୯ବଲ୍ ରେ ୯ ଚୌକା ସହ ୬୨ରନ କରି ଅପରାଜିତ ରହିଥିଲେ । ଯାହାକି ଜୋର୍ଡାନ କକ୍ସ ୭୬ ବଲରେ ୮ ଚୌକା ସହ ୫୯ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସ ୮ ଓଭରରେ ୨୭ ରନ ଦେଇ ଦୁଇଟି ୱିକେଟ ନେଇଥିଲେ।

ୱାର୍ଲ୍ଡ ଚାମ୍ପିୟନଶିପ ଅଫ ଲିଜେଣ୍ଡର ସିଡ୍ୟୁଲ ଘୋଷଣା

ମୁମ୍ବାଇ : ୱାର୍ଲ୍ଡ ଚାମ୍ପିୟନଶିପ ଅଫ ଲିଜେଣ୍ଡ ୨୦୨୬ର ଆରମ୍ଭ ୩ ଅକ୍ଟୋବରରୁ ହେବ । ଯାହାର ପୂରା ସିଡ୍ୟୁଲର ଘୋଷଣା ଶନିବାର ହୋଇଯାଇଛି । ପ୍ରଥମ ଦିନ ଭାରତର ମ୍ୟାଚ୍ ଅଷ୍ଟ୍ରେଲିଆ ସହ ଏବଂ ପାକିସ୍ତାନର ମ୍ୟାଚ୍ ବାଂଲାଦେଶ ସହ ହେବ । ଭାରତର ଅଧିନାୟକ ଯୁବରାଜ ସିଂହ କରିବେ, ଯାହାଙ୍କ ସାମ୍ନାରେ ଅଧିନାୟକ ଭାବେ ପ୍ରଥମ ମ୍ୟାଚରେ ଡେଭିଡ ୱର୍ଣ୍ଣର ରହିବେ । ପାକିସ୍ତାନର କମାଣ୍ଡ ସାହିଦ ଅଫରୀଦୀ ସମ୍ଭାଳିବେ । ୱାର୍ଲ୍ଡ ଚାମ୍ପିୟନଶିପ ଅଫ ଲିଜେଣ୍ଡ ୨୦୨୬ରେ ପ୍ରାୟ ୭ ଟିମ୍ ଖେଳିବେ । ଏହାର ଆୟୋଜନ ୩ ଅକ୍ଟୋବରରୁ ଆରମ୍ଭ ହେବ । ଫାଇନାଲ ୧୮ ଅକ୍ଟୋବରରେ ହେବ । ସମସ୍ତ ମ୍ୟାଚ୍ ଶାରଜାହ କ୍ରିକେଟ ଷ୍ଟାଡିୟମ ଏବଂ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ହେବ । ଅଧିନାୟକର କଥା ଯଦି ଆମେ କହିବା ତେବେ ଇଂଲଣ୍ଡର ଅଧିନାୟକ ମୋଇନ ଅଲୀ, ୱେଷ୍ଟଇଣ୍ଡିଜର କ୍ରିସ ଗେଲ୍ , ଦକ୍ଷିଣ ଆଫ୍ରିକାର ଏବି ଡେଭିଲିୟର୍ସ, ଭାରତର ଯୁବରାଜ ସିଂହ, ପାକିସ୍ତାନର ଶାହିଦ ଅଫରିଦି, ଅଷ୍ଟ୍ରେଲିଆର ଡେଭିଡ ୱର୍ଣ୍ଣର ଏବଂ ବାଂଲାଦେଶର ଅଧିନାୟକ ମହମ୍ମଦୁଲ୍ଲାହ ରିୟାଦ ଅଛନ୍ତି । ୱାର୍ଲ୍ଡ ଚାମ୍ପିୟନଶିପ ଅଫ ଲିଜେଣ୍ଡ ୨୦୨୬ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୦ଅକ୍ଟୋବରରେ ହେବ । ଏହି ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ହେବ ।

ସେମି ଫାଇନାଲରେ ହାରିବା ପରେ ଭୋ-ଭୋ ହୋଇ କାନ୍ଦିଲେ ଫାତିମା ସାନା

ନୂଆଦିଲ୍ଲୀ ; ଚଳିତ ମହିଳା ଟି-ଟ୍ୱେଣ୍ଟି ଏସିଆ କପର ଦ୍ୱିତୀୟ ସେମି ଫାଇନାଲ୍ରେ ପାକିସ୍ତାନକୁ ୪ ୱିକେଟ୍ରେ ହରାଇ ଡିଫେଣ୍ଡିଂ ଚାମ୍ପିଅନ୍ ଶ୍ରୀଲଙ୍କା ଫାଇନାଲ୍ରେ ପ୍ରବେଶ କରିଛି । ଏହି ପରାଜୟ ପାକିସ୍ତାନ କ୍ୟାପ୍ଟେନ୍ ଫାତିମା ସନାଙ୍କ ପାଇଁ ଯନ୍ତ୍ରଣାଦାୟକ ଥିଲା । ଦଳକୁ ଫାଇନାଲ୍ରେ ପହଞ୍ଚାଇବା ପାଇଁ ଫାତିମା ଉଭୟ ବ୍ୟାଟ୍ ଏବଂ ବଲ୍ ସହିତ ତାଙ୍କର ସବୁକିଛି ଦେଇଥିଲେ, କିନ୍ତୁ ତାଙ୍କର ପ୍ରୟାସ ଶେଷରେ ଅସଫଳ ଥିଲା । ସେପ୍ଟେମ୍ବର ୧୧ ତାରିଖ ଶୁକ୍ରବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଶ୍ରୀଲଙ୍କା ପାକିସ୍ତାନକୁ ୪ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ମ୍ୟାଚ୍ ଶେଷ ହେବା ପରେ ଫାତିମା ନିଜକୁ ଅଟକାଇ ପାରିନଥିଲେ । ତାଙ୍କ ଆଖିରୁ ଲୁହ ଝରି ଆସିଥିଲା । କ୍ୟାମେରାରେ ଏହି ସମୟର ଭିଡ଼ିଓ କଏଦ ହୋଇଥିଲା । ଏହି ମ୍ୟାଚରେ ଫାତିମା ସାନା ଅପରାଜିତ ଇନିଂସ ଖେଳି ୪୭ ରନ୍ ର ଅପରାଜିତ ୪ ୱିକେଟ୍ ନେଇଥିଲେ ଏବଂ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। କିନ୍ତୁ ଏହି ସଫଳତା ତାଙ୍କ ପରାଜୟର ଯନ୍ତ୍ରଣାକୁ କମ କରିପାରିନଥିଲା । ଭାରତ ବିପକ୍ଷ ମ୍ୟାଚରେ ବି ଫାତିମା ନେତୃତ୍ୱ ନେଇ ଖେଳିଥିଲେ । ୩ଟି ୱିକେଟ୍ ନେଇଥିଲେ । କିନ୍ତୁ ଭାରତ ପାକିସ୍ତାନକୁ ମାତ୍ ଦେଇଥିଲା । ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ସରିବା ପରେ

ଫାତିମା ତାଙ୍କ ଲୁହକୁ ନିୟନ୍ତ୍ରଣ କରିପାରିନଥିଲେ । ତାଙ୍କ ଆଖିରେ ଲୁହ ଥିଲା ଏବଂ ଏହା ସ୍ପଷ୍ଟ ଥିଲା ଯେ, ପାକିସ୍ତାନକୁ ଫାଇନାଲରେ ପହଞ୍ଚାଇବା ପାଇଁ ସେ ଶେଷ ବଲ୍ ପର୍ଯ୍ୟନ୍ତ ଯଥାସମ୍ଭବ ଚେଷ୍ଟା କରିଥିଲେ। ତାଙ୍କର ଏହି ଫଟୋ ମହିଳା ଏସିଆ କପର ସବୁଠାରୁ ଭାବପ୍ରବଣ ଚିତ୍ର ପାଲଟିଛି । ଫିଲ୍ଡିଂରେ ହୋଇଥିବା ଭୁଲ୍ ଦଳକୁ କ୍ଷତି ପହଞ୍ଚାଇଛି ବୋଲି ମ୍ୟାଚ୍ ପରେ ପାକିସ୍ତାନ କ୍ୟାପ୍ଟେନ୍ ସ୍ୱୀକାର କରିଛନ୍ତି । ସେ କହିଛନ୍ତି, ୧୩୦ ସ୍କୋର ବଞ୍ଚାଇ ପାରିଥାନ୍ତା କିନ୍ତୁ ବ୍ୟାଟିଂରେ ଉନ୍ନତୀ ଆଣିବାର ଆବଶ୍ୟକ ଥିଲା । ପାକିସ୍ତାନ ବିପକ୍ଷରେ ଶ୍ରୀଲଙ୍କାର ଏହା ଲଗାତାର ତୃତୀୟ ବିଜୟ । ଶ୍ରୀଲଙ୍କା ବନାମ ପାକିସ୍ତାନ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବାବଦରେ କହିବାକୁ ଗଲେ , ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫/୧୩୦ରନ୍ ସଂଗ୍ରହ କରିଥିଲା । ଜବାବରେ ଶ୍ରୀଲଙ୍କା ୮ଟି ବଲ୍ ବାକି ଥାଇ ୬ ୱିକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଶ୍ରୀଲଙ୍କା-ଭାରତ ଫାଇନାଲ୍ ଶ୍ରୀଲଙ୍କା ପାଇଁ ଫଳପ୍ରଦ ରହିଥିଲା । ବୋଲରମାନେ ଶୃଙ୍ଖଳିତ ବୋଲିଂ କରିଥିଲେ । ଅଧିନାୟିକା ଫାତିମା ସାନା ପ୍ରଥମ ୱିକେଟର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ଗୁଲ ସହ ଫିରୋଜାଙ୍କ ସହ ମିଶି ସ୍କୋରକୁ ୯୨ରେ ପହଞ୍ଚାଇଥିଲେ । ଫିରୋଜା ୨୧ରନ୍ ଆଉଟ୍ ହୋଇଥିଲେ । ମାତ୍ର ସାନା ୩୬ବଲ୍ ?ରେ ଅପରାଜିତ ୪୭ (୪ଚୌକା, ୨ଛକା) ରନ୍ ଯୋଗ ପଡ଼ିଲେ ଅନୁ, ଶାହାନବାଜ କରିବା ଫଳରେ ଦଳୀୟ ସ୍କୋର ୫/୧୩୦ରେ ପହଞ୍ଚିଥିଲା । ଅନ୍ୟ ବ୍ୟାଟର ଟୁବା ହାସାନ ୧୨ରନ୍ କରି ଅପରାଜିତ ଥିଲେ । ଶ୍ରୀଲଙ୍କା ପକ୍ଷରୁ ଚାମରି ଆଟାପଟୁ ଓ ଚାମୁଡ଼ି ପ୍ରବୋଦା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଶ୍ରୀଲଙ୍କା ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଭାରତ ସହ ଟ୍ରଫି ଟକ୍କରରେ ମୁହାଁମୁହିଁ ହେବ ।

ନେଟ୍ ବୋଲର ଇଶାନ କିଶନଙ୍କୁ ମାରିଲେ ବାଉନ୍ସର ଅଧାରୁ ବ୍ୟାଟିଂ ଅଭ୍ୟାସ ଛାଡ଼ିଲେ ଇଶାନ

ନୂଆଦିଲ୍ଲୀ : ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ୩ଟି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ୧୩ ସେପ୍ଟେମ୍ବରରୁ ଆରମ୍ଭ ହେବ । ଏହି ସିରିଜ ଆରମ୍ଭ ହେବା ପୂର୍ବରୁ ଟିମ୍ ଇଣ୍ଡିଆରେ ଚିନ୍ତା ବଢିଯାଇଛି । ଇଶାନ କିଶନ ନେଟ୍ସରେ ଅଭ୍ୟାସ କରୁଥିବା ବେଳେ ପିଠିରେ ଯନ୍ତ୍ରଣା ଅନୁଭବ କରିଛନ୍ତି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ୧୩, ୧୫ ଏବଂ ୧୭ରେ ମ୍ୟାଚ୍ ଖେଳାଯିବ । ଇଶାନ କିଶନ ଅଧିନାୟକ ଶ୍ରେୟସ ଆୟରଙ୍କ ସହିତ ସ୍ପିନ ବୋଲିଂ ବିପକ୍ଷରେ ୧ ଘଣ୍ଟା ଧରି ବ୍ୟାଟିଂ କରିଥିଲେ । ଇଶାନଙ୍କ ଲୟ ମଧ୍ୟ ଭଲ ରହିଥିଲା । ଏହାପରେ ଇଶାନ ଫାଷ୍ଟ ବୋଲିଂ ବିପକ୍ଷରେ ନେଟ୍ସରେ ବ୍ୟାଟିଂ କରୁଥିଲେ । ଏହି ସମୟରେ ନବଦୀପ ସଇନି ଇଶାନଙ୍କୁ ଏକ ସର୍ଟ ବଲ୍ ପକାଇଥିବା ବେଳେ ଇଶାନ ବ୍ୟାଟିଂ ପାଇଁ ବୁଲିଯାଇଥିଲେ । ଏହି ସମୟରେ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଇଶାନ ଏହି ସମୟରେ ଅସହଜ ଅନୁଭବ କରିଥିଲେ । ଇଶାନଙ୍କ ସ୍ଥିତି ଦେଖି ଫିଜିଓ ଏବଂ ଟିମ୍ ସପୋର୍ଟ ଷ୍ଟାଫ ଇଶାନ କିଶନଙ୍କୁ ଯାଞ୍ଚ କରିଥିଲେ । ଏହାପରେ ନିଜର ଅଭ୍ୟାସ ଛାଡି ନେଟ୍ରୁ ବାଦ ପଡିଥିଲେ । ଇଶାନଙ୍କ ଆଘାତଜନିତ ସମସ୍ୟାକୁ ନେଇ ନବଦୀପ କହିଛନ୍ତି, ଇଶାନଙ୍କୁ ସେ ବହୁତ ଦିନରୁ ଜାଣିଛନ୍ତି । ଉଭୟେ ବହୁତ ମ୍ୟାଚ୍ ଖେଳିଛନ୍ତି । ତେଣୁ ଇଶାନଙ୍କୁ ସର୍ଟ ବଲ୍ ମାରିବାକୁ ଚେଷ୍ଟା କରିଥିଲି । ତେବେ ଇଶାନ ସୁସ୍ଥ ଥିବା ନେଇ ସେ କହିଛନ୍ତି । ସୂଚନାଯୋଗ୍ୟ, ଇଶାନ କିଶନ ଦଲୀପ ଟ୍ରଫି ୨୦୨୬-୨୭ ଫାଇନାଲରେ ଭଲ ପ୍ରଦର୍ଶନ କରିଛନ୍ତି । ସାଉଥ ଜୋନ ବିପକ୍ଷରେ ପ୍ରଥମ ଇନିଂସ ଖେଳି ୨୭୦ ରନ ଏବଂ ଆଉ ଏକ ଇନିଂସରେ ୮୦ ରନ କରିଛନ୍ତି । ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ ପୂର୍ବରୁ ଟିମ୍ ମ୍ୟାନେଜମେଣ୍ଟ ଆଗରେ ତାଙ୍କ ଫର୍ମ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି ।

ଦକ୍ଷିଣ କୋରିଆକୁ ୫-୧ରେ ମାତ ଦେଲା ଭାରତ

ନୂଆଦିଲ୍ଲୀ : କମାଲ କରିଛନ୍ତି ଡ୍ରାଗ ଫ୍ଲିକ ସ୍ପେଶାଲିଷ୍ଟ ସୁପ୍ରିୟା କୁଜୁର । ଭାରତକୁ ଫାଇନାଲରେ ପହଞ୍ଚାଇଛନ୍ତି ଓଡ଼ିଆ ଝିଅ ସୁପ୍ରିୟା। ଜୁନିୟର ଏସିଆ କପ ସେମିରେ ସୁପ୍ରିୟାଙ୍କ ଷ୍ଟିକରୁ ଦେଖିବାକୁ ମିଳିଛି ହ୍ୟାଟ୍ରିକ। ସୁପ୍ରିୟାଙ୍କ ହ୍ୟାଟ୍ରିକ ଯୋଗୁ ସେମି ଫାଇନାଲରେ ଦକ୍ଷିଣ କୋରିଆକୁ ୫-୧ରେ ହରାଇ ଦେଇଛି ଭାରତ। ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଜୁନିୟର ମହିଳା ହକି ଟିମ ପୁଣି ଟ୍ରଫି ଟକ୍କର ପାଇଁ ଟିକେଟ ହାସଲ କରିଛି। ସୁପ୍ରିୟା ୩ଟି ଗୋଲ ଦେଇଥିବା ବେଳେ ମଧୁ ସିଦାର ଓ ସୁଖବୀର କୌର ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ସେମିରେ ଦମଦାର ପ୍ରଦର୍ଶନ ପାଇଁ ଓଡ଼ିଆ ଝିଅ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ଜିତିଛନ୍ତି। ଭାରତୀୟ ମହିଳା ହକି ଟିମ ପୂର୍ବରୁ ପୁରୁଷ ଟିମ ମଧ୍ୟ ଜୁନିୟର ଏସିଆ କପ ଫାଇନାଲରେ ପ୍ରବେଶ କରିଥିଲା। ଦିନକ ତଳେ ମାଲେସିୟାକୁ ୩-୧ରେ ହରାଇ ପୁରୁଷ ଟିମ ଏହି ସଫଳତା ପାଇଥିଲା। ପୁରୁଷ ଟିମ ପାଇଁ ମଧ୍ୟ ଓଡ଼ିଆ ପୁଅ ତଥା ଅଧିନାୟକ ଅନମୋଲ ଏକ୍କା କମାଲ କରିଥିଲେ। ସେ ତବଲ ଗୋଲ

শিক্ষার্থীদের পছন্দের খাবার পাবে মিড-ডে মিলে

আজকের (৮ই ফেব্রুয়ারি) : চলতি বছরের ১লা ফেব্রুয়ারি থেকে দেশের ১১ কোটি ৮০ লাখ শিক্ষার্থী মিড-ডে মিলের আওতায় তাদের পছন্দের খাবার পাবে। এই সিদ্ধান্ত বাস্তবায়নের জন্য ১২ হাজার ৮৫০ কোটি টাকা বরাদ্দ দিয়েছে কেন্দ্রীয় সরকার। এই অর্থের মধ্যে ৬ হাজার ৩৭৪ কোটি টাকা দেবে কেন্দ্রীয় সরকার। বাকি ৬ হাজার ৪৭৬ কোটি টাকা দেবে রাজ্য সরকারগুলি। এই সিদ্ধান্তের ফলে দেশের ১১ কোটি ৮০ লাখ শিক্ষার্থী উপকৃত হবে। এর মধ্যে ৫ কোটি ৫৫ লাখ শিক্ষার্থী প্রাথমিক স্কুলের। ৩ কোটি ৫০ লাখ শিক্ষার্থী উচ্চ প্রাথমিক স্কুলের। ২ কোটি ৭৫ লাখ শিক্ষার্থী মাধ্যমিক স্কুলের। ৭৫ লাখ শিক্ষার্থী উচ্চ মাধ্যমিক স্কুলের। এই সিদ্ধান্তের ফলে ১১ কোটি ৮০ লাখ শিক্ষার্থী উপকৃত হবে। এর মধ্যে ৫ কোটি ৫৫ লাখ শিক্ষার্থী প্রাথমিক স্কুলের। ৩ কোটি ৫০ লাখ শিক্ষার্থী উচ্চ প্রাথমিক স্কুলের। ২ কোটি ৭৫ লাখ শিক্ষার্থী মাধ্যমিক স্কুলের। ৭৫ লাখ শিক্ষার্থী উচ্চ মাধ্যমিক স্কুলের।

এতদিন মিড-ডে মিলে একই ধরনের খাবার দেওয়া হতো। যেমন খিচুড়ি, ডিম, কলা, রসগোল্লা, পায়েস ইত্যাদি। এবার শিক্ষার্থীরা তাদের পছন্দের খাবার বেছে নিতে পারবে। এই সিদ্ধান্তের ফলে শিক্ষার্থীরা তাদের পছন্দের খাবার পাবে। এতে তারা আগ্রহী হবে স্কুলে আসতে। এই সিদ্ধান্তের ফলে শিক্ষার্থীদের উপস্থিতি বাড়বে। এই সিদ্ধান্তের ফলে শিক্ষার্থীদের পুষ্টি বাড়বে। এই সিদ্ধান্তের ফলে শিক্ষার্থীদের স্বাস্থ্য ভালো হবে। এই সিদ্ধান্তের ফলে শিক্ষার্থীদের মেধা বিকাশ হবে। এই সিদ্ধান্তের ফলে শিক্ষার্থীদের মনোবল বাড়বে। এই সিদ্ধান্তের ফলে শিক্ষার্থীদের আত্মবিশ্বাস বাড়বে। এই সিদ্ধান্তের ফলে শিক্ষার্থীদের সৃজনশীলতা বাড়বে। এই সিদ্ধান্তের ফলে শিক্ষার্থীদের নেতৃত্বের গুণাবলী বাড়বে। এই সিদ্ধান্তের ফলে শিক্ষার্থীদের সামাজিক দক্ষতা বাড়বে। এই সিদ্ধান্তের ফলে শিক্ষার্থীদের আবেগিক বুদ্ধিমত্তা বাড়বে। এই সিদ্ধান্তের ফলে শিক্ষার্থীদের সহমর্মিতা বাড়বে। এই সিদ্ধান্তের ফলে শিক্ষার্থীদের সহযোগিতা বাড়বে। এই সিদ্ধান্তের ফলে শিক্ষার্থীদের সহনশীলতা বাড়বে। এই সিদ্ধান্তের ফলে শিক্ষার্থীদের ধৈর্য বাড়বে। এই সিদ্ধান্তের ফলে শিক্ষার্থীদের অধ্যবসায় বাড়বে। এই সিদ্ধান্তের ফলে শিক্ষার্থীদের সফলতা বাড়বে। এই সিদ্ধান্তের ফলে শিক্ষার্থীদের ব্যর্থতা কমবে। এই সিদ্ধান্তের ফলে শিক্ষার্থীদের হতাশা কমবে। এই সিদ্ধান্তের ফলে শিক্ষার্থীদের আত্মহত্যা কমবে। এই সিদ্ধান্তের ফলে শিক্ষার্থীদের মৃত্যু কমবে। এই সিদ্ধান্তের ফলে শিক্ষার্থীদের দুর্ঘটনা কমবে। এই সিদ্ধান্তের ফলে শিক্ষার্থীদের অসুস্থতা কমবে। এই সিদ্ধান্তের ফলে শিক্ষার্থীদের অনুপস্থিতি কমবে। এই সিদ্ধান্তের ফলে শিক্ষার্থীদের ঝরে পড়া কমবে। এই সিদ্ধান্তের ফলে শিক্ষার্থীদের অপুষ্টি কমবে। এই সিদ্ধান্তের ফলে শিক্ষার্থীদের রক্তাল্পতা কমবে। এই সিদ্ধান্তের ফলে শিক্ষার্থীদের ওজন বাড়বে। এই সিদ্ধান্তের ফলে শিক্ষার্থীদের উচ্চতা বাড়বে। এই সিদ্ধান্তের ফলে শিক্ষার্থীদের শারীরিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের মানসিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের আবেগিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের সামাজিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের নৈতিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের আধ্যাত্মিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের সার্বিক বৃদ্ধি বাড়বে। এই সিদ্ধান্তের ফলে শিক্ষার্থীদের সার্বিক উন্নতি হবে। এই সিদ্ধান্তের ফলে শিক্ষার্থীদের সার্বিক কল্যাণ হবে। এই সিদ্ধান্তের ফলে শিক্ষার্থীদের সার্বিক মঙ্গল হবে। এই সিদ্ধান্তের ফলে শিক্ষার্থীদের সার্বিক সুখ হবে। এই সিদ্ধান্তের ফলে শিক্ষার্থীদের সার্বিক শান্তি হবে। এই সিদ্ধান্তের ফলে শিক্ষার্থীদের সার্বিক সন্তুষ্টি হবে। এই সিদ্ধান্তের ফলে শিক্ষার্থীদের সার্বিক আনন্দ হবে। এই সিদ্ধান্তের ফলে শিক্ষার্থীদের সার্বিক উপভোগ হবে। এই সিদ্ধান্তের ফলে শিক্ষার্থীদের সার্বিক তৃপ্তি হবে। এই সিদ্ধান্তের ফলে শিক্ষার্থীদের সার্বিক প্রশান্তি হবে। এই সিদ্ধান্তের ফলে শিক্ষার্থীদের সার্বিক সমৃদ্ধি হবে। এই সিদ্ধান্তের ফলে শিক্ষার্থীদের সার্বিক উন্নয়ন হবে। এই সিদ্ধান্তের ফলে শিক্ষার্থীদের সার্বিক অগ্রগতি হবে। এই সিদ্ধান্তের ফলে শিক্ষার্থীদের সার্বিক সাফল্য হবে। এই সিদ্ধান্তের ফলে শিক্ষার্থীদের সার্বিক কৃতিত্ব হবে। এই সিদ্ধান্তের ফলে শিক্ষার্থীদের সার্বিক গৌরব হবে। এই সিদ্ধান্তের ফলে শিক্ষার্থীদের সার্বিক মর্যাদা হবে। এই সিদ্ধান্তের ফলে শিক্ষার্থীদের সার্বিক সম্মান হবে। এই সিদ্ধান্তের ফলে শিক্ষার্থীদের সার্বিক খ্যাতি হবে। এই সিদ্ধান্তের ফলে শিক্ষার্থীদের সার্বিক প্রসিদ্ধি হবে। এই সিদ্ধান্তের ফলে শিক্ষার্থীদের সার্বিক জনপ্রিয়তা হবে। এই সিদ্ধান্তের ফলে শিক্ষার্থীদের সার্বিক বিখ্যাতি হবে। এই সিদ্ধান্তের ফলে শিক্ষার্থীদের সার্বিক কীর্তি হবে। এই সিদ্ধান্তের ফলে শিক্ষার্থীদের সার্বিক অবদান হবে। এই সিদ্ধান্তের ফলে শিক্ষার্থীদের সার্বিক ঐতিহ্য হবে। এই সিদ্ধান্তের ফলে শিক্ষার্থীদের সার্বিক উত্তরাধিকার হবে। এই সিদ্ধান্তের ফলে শিক্ষার্থীদের সার্বিক ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক উজ্জ্বল ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক সুন্দর ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক সমৃদ্ধ ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক শান্তিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক সুখময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক আনন্দময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক তৃপ্তিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক প্রশান্তিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক সমৃদ্ধিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক উন্নয়নময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক অগ্রগতিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক সাফল্যময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক কৃতিত্বময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক গৌরবময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক মর্যাদাময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক সম্মানময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক খ্যাতিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক প্রসিদ্ধিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক জনপ্রিয়তাময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক কীর্তিময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক অবদানময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক ঐতিহ্যময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক উত্তরাধিকারময় ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক ভবিষ্যৎ হবে। এই সিদ্ধান্তের ফলে শিক্ষার্থীদের সার্বিক ভবিষ্যৎ হবে।

৭ বছরপুষপাড়ায় চালু হলো চালা ডেভালপমেন্ট সেন্টার

ডমরু (পুরুলিয়া) : বরাভূমের 'ডমরুধ্বনি' চর এবার হারিয়ে যেতে বসেছিল। বহু বছর ধরেই কথাটা শুনছিলাম। কিন্তু 'ডমরুধ্বনি' কী, তা কখনও চোখে দেখিনি। বহু বছর আগে ডমরু বাজিয়ে ভিক্ষা করতেন যাঁরা, তাঁদের কথা শুনেছি। কিন্তু ডমরু বাজিয়ে ভিক্ষা করতে কাউকে কখনও দেখিনি। ডমরু বাজিয়ে ভিক্ষা করার মানুষও আর নেই। ডমরু বাজিয়ে ভিক্ষা করার মানুষ নেই বলে ডমরুধ্বনিও নেই। ডমরুধ্বনি নেই বলে ডমরুধ্বনি শোনা যায় না। ডমরুধ্বনি শোনা যায় না বলে ডমরুধ্বনি হারিয়ে যেতে বসেছে। ডমরুধ্বনি হারিয়ে যেতে বসেছে

ଦୁର୍ଗାପୂଜା ପାଇଁ ଏକକ ବାତାୟନ ବ୍ୟବସ୍ଥା

କଟକ (ବ୍ୟୁରୋ) : ଆସନ୍ତା ଦୁର୍ଗାପୂଜା-୨୦୨୬କୁ କଟକ ସହରରେ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଗମ ଭାବେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକକ ବାତାୟନ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯିବ। ପୂଜା କମିଟିଗୁଡ଼ିକୁ ତ୍ୱରିତ ଏନ୍‌ଓସି ଓ ଅନୁମତି ପ୍ରଦାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ବୈଠକରେ କଟକ ମହାନଗର କମିଶନର ସୁଶ୍ରୀ କିରଣଦୀପ କୌର ସହୋଦା ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଲଜିତ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ମହାନଗର ଶାନ୍ତି କମିଟିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ କଟକ ସଦର ଉପଜିଲ୍ଲାପାଳଙ୍କୁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମଗ୍ର ବ୍ୟବସ୍ଥାର ତଦାରଖ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ସମ୍ପୃକ୍ତ ବିଭାଗ ଜଣେ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତ କରି ପୂଜା କମିଟିଗୁଡ଼ିକର ଆବେଦନକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦାରଖ କରି ନିଷ୍ପତ୍ତି କରିବେ। ପୂଜା ପେଣ୍ଡାଲ ଓ ଅନ୍ୟାନ୍ୟ ନିର୍ମାଣ ପାଇଁ R&B ବିଭାଗ ଭିତ୍ତିଭୂମି ନିରାପତ୍ତା ପ୍ରମାଣପତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ TPCODL ବିଦ୍ୟୁତ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବେ। ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ ଦେଇ ଗତବର୍ଷ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀମାନେ ଚଳିତବର୍ଷ ମଧ୍ୟ ନିୟୋଜିତ ରହିବେ। ସମସ୍ତ ପୂଜା ମଣ୍ଡପରେ ପର୍ଯ୍ୟାପ୍ତ ସଂଖ୍ୟକ ଅଗ୍ନିନିର୍ବାପକ ଯନ୍ତ୍ର ରଖିବା ଓ ଜରୁରୀ ସମୟରେ ଏହା ସହଜରେ ଉପଲବ୍ଧ ହେବା ସୁନିଶ୍ଚିତ କରିବାକୁ ଉଦ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ପୂଜା ସମୟରେ ଠଓଚ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ପୂଜା ମଣ୍ଡପ ପରିଦର୍ଶନକୁ ଦୃଷ୍ଟିରେ ରଖି ପୂଜା କମିଟିଗୁଡ଼ିକୁ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏଥିସହ ସାଧାରଣ ଲୋକଙ୍କ ଯାତାୟାତ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। ଦେବୀଗଡ଼ା ନିକଟସ୍ଥ ରାସ୍ତାର ସୁବିଧା ସୁନିଶ୍ଚିତ କରିବା ସହ ଅସ୍ଥାୟୀ ଭସାଣି ପୋଖରୀରେ ଡାରପୋଲିନ୍ ପରିବର୍ତ୍ତେ ରବର୍ ମ୍ୟାଟ୍ କିମ୍ବା ଅନ୍ୟ ଦୃଢ଼ ଓ ଦୀର୍ଘସ୍ଥାୟୀ ସୁରକ୍ଷା ସାମଗ୍ରୀ ବ୍ୟବହାର ପାଇଁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ସମୟରେ ସମସ୍ତ ପୂଜା କମିଟିକୁ ନିର୍ଦ୍ଧାରିତ ନିୟମ, ନିର୍ଦ୍ଦେଶାବଳୀ ଓ ସୁରକ୍ଷା ମାନଦଣ୍ଡ କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି।

ଚୋରାମଦ ଜବତ, ୯ ଗିରଫ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, କୁଦାନଗରୀ, ମହାକାଳପଡ଼ା ଓ ଜମ୍ବୁ ସାମୁଦ୍ରିକ ଅବକାରୀ ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ନହଙ୍ଗ ଗ୍ରାମର ନରେଶ କୁମାର ସାହୁ(୪୯)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ତରାଣ୍ଡ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗେରୁ(୫୦)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ ଏବଂ ନାଳିକଣା ଗ୍ରାମର ବିଚିତ୍ର ସାମଲ(୨୯)ଙ୍କ ନିକଟରୁ ୩୬ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ପ୍ରଭାକରପୁର ଗ୍ରାମର ସୁବାସିନୀ ଖିଲର(୨୪)ଙ୍କ ନିକଟରୁ ୨୫ ଲିଟର ଚୋରା ଦେଶୀ ରନ୍ଧା ମଦ, ଦୀପ୍ତି ଖିଲର(୨୪)ଙ୍କ ନିକଟରୁ ୫୫୦ ଲିଟର ଗୁଡ଼ପୋଚ ଏବଂ ସେହି ଗ୍ରାମର ରବି ଖିଲର(୪୫)ଙ୍କ ନିକଟରୁ ୩୫୦ ଲିଟର ଗୁଡ଼ପୋଚ, ସନ୍ୟାସପୁର ଗ୍ରାମର ପ୍ରମୋଦ ବେହେରା(୪୦)ଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ, କରିଲୋପାଟଣା ଗ୍ରାମର ପ୍ରମୋଦ ବେହେରା(୫୭)ଙ୍କ ନିକଟରୁ ୨୩ ଲିଟର ଚୋରା ବିଦେଶୀ ମଦ ଓ ନଛିପଡା ଗ୍ରାମର ଚଗଲା ଦାସ(୪୭)ଙ୍କ ନିକଟରୁ ୨୭ ଲିଟର ଚୋରା ବିଦେଶୀ ମଦ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୧୦୮୯ ଲିଟର ଚୋରା ବିଦେଶୀ, ଦେଶୀ ରନ୍ଧା ମଦ ଓ ଗୁଡ଼ପୋଚ ମଦ ଜବତ କରାଯାଇଛି। ଏହି ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ତ୍ରିବେଣୀ ମହନ୍ତଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

୨୩ବର୍ଷରେ ପଦାର୍ପଣ କରିବ ଦିଲ୍ଲୀର 'ସର୍ବ ଜନୀନ କଳିଙ୍ଗ ଆସୋସିଏସନ' ଗଣେଶ ପୂଜା

ନୂଆଦିଲ୍ଲୀ (ଲକ୍ଷ୍ମୀନାରାୟଣ ବେବର୍ତ୍ତା) : ଆଉ ମାତ୍ର ଗୋଟିଏ ଦିନ ପରେ ପାଳିତ ହେବ ଅଗ୍ରପୂଜ୍ୟ ମହାପ୍ରଭୁ ଶ୍ରୀଗଣେଶଙ୍କ ପୂଜା ଉତ୍ସବ। ଏଥିନେଇ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଠାରୁ ଏହାର ପାର୍ଶ୍ୱବର୍ତ୍ତୀ ସହର ଗୁରୁଗ୍ରାମ ରେ ଥିବା ବିଭିନ୍ନ ପ୍ରବାସୀ ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ସଂଗଠନ ଗୁଡିକ ତରଫରୁ ଇତି ମଧ୍ୟରେ ତୋରଣ ସାଜସଜ୍ଜା, ମୂର୍ତ୍ତୀ ନିର୍ମାଣ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚି ସାରିଲାଣି। ଦିଲ୍ଲୀ ଏନସିଆରର ସର୍ବପୁରାତନ ପ୍ରମୁଖ ପୂଜା ଅନୁଷ୍ଠାନ 'ସର୍ବଜନୀନ କଳିଙ୍ଗ ଆସୋସିଏସନ' ତରଫରୁ ଦୀର୍ଘ ବାଇଶି ବର୍ଷ ଧରି ମଦନଗିରିଠାରେ ଶ୍ରୀ ଗଣେଶ ପୂଜା ପାଳନ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଦିଲ୍ଲୀ ବିକାଶ ପ୍ରାଧିକାରଣ (ଡି. ଡି. ଏ.) କମ୍ୟୁନିଟି କେନ୍ଦ୍ର ପରିସରରେ ଉତ୍ସାହ ସହ ପାଳିତ ହେବ ତେଇଶି ବର୍ଷର ଗଣେଶ ପୂଜା ଉତ୍ସବ। ଶ୍ରଦ୍ଧାଳୁ ଓ ଦର୍ଶକଙ୍କୁ ଆକୃଷ୍ଟ କଲାଭଳି ଆକର୍ଷଣୀୟ ସାଜସଜ୍ଜା, ରଙ୍ଗବେରଙ୍ଗ ଆଲୋକ ମାଳା ରେ ପୂଜା ମଣ୍ଡପକୁ ସୁସଜ୍ଜିତ କରାଯାଉଛି। ଏଥିସହ ପୂର୍ବାହ୍ନରେ ବିଶାଳ ଭଣ୍ଡରା ସହ ସମସ୍ତ ଆଗନ୍ତୁକ ପାଇଁ ସନ୍ଧ୍ୟାରେ ଅନ୍ନଭୋଗ ସହ ସୁସ୍ୱାଦ ବ୍ୟଞ୍ଜନ ପରସାଯିବ। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ଭଜନ ସନ୍ଧ୍ୟା ସହ ଝାଙ୍କି ମଞ୍ଚର ମୁଖ୍ୟ ଆକର୍ଷଣୀୟ ପାଲଟିବ। ଆୟୋଜିତ ଏହି ଉତ୍ସବ ରେ କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜାତୀୟ ମାନବିକ ଅଧିକାର କମିଶନ ସଦସ୍ୟ ନ୍ୟାୟାଧୀସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଏବଂ ଏନହେଚ. ଆରସିର ସଦସ୍ୟା ବିଦ୍ୟା ଭାରତୀ ସାୟନିଙ୍କ ସହ ସ୍ଥାନୀୟ ସାଂସଦ, ବିଧାୟକ, ନିଗମ ପର୍ଷାଦଙ୍କ ସହ ବହୁ ବ୍ୟକ୍ତି ଯୋଗଦେବାର ଅପାଚତଃ ସ୍ଥିର ହୋଇଛି। ଆସୋସିଏସନର ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସହଯୋଗ ରେ ଶାନ୍ତି ଶୃଙ୍ଖଳା ଓ ଭାଇଚାରା ସହ ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ବୋଲି ସଂଗଠନର ସଭାପତି ବିଶ୍ୱଜିତ ବାରିକ ଆମ ପ୍ରତିନିଧି ଲକ୍ଷ୍ମୀ ନାରାୟଣ ବେବର୍ତ୍ତାଙ୍କୁ ସୂଚନା ଦେଇଛନ୍ତି।

ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ଧର୍ମଘଟ

କଟକ (ବ୍ୟୁରୋ) : ପାଞ୍ଚ ଦିନିଆ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରଚଳନ, କାର୍ଯ୍ୟଦକ୍ଷତା ଆଧାରିତ ପ୍ରୋତ୍ସାହନ ବ୍ୟବସ୍ଥାରେ ସମାନତା ଓ ନ୍ୟାୟ ସଙ୍ଗତତା ସମେତ ବିଭିନ୍ନ ଦାବି ନେଇ ଇଣ୍ଡିଆନ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ସଂଘର ମିଳିତ ଆହ୍ୱାନରେ ଆଜି ଧର୍ମଘଟ ପାଳନ କରାଯାଉଛି। କଟକ ଅଞ୍ଚଳର ବିଭିନ୍ନ ଶାଖାର ଅଧିକାରୀ ଓ କର୍ମଚାରୀ ମାନେ ଏହି ଧର୍ମଘଟରେ ସାମିଲ ହୋଇ ନିଜର ନ୍ୟାୟସଙ୍ଗତ ଦାବି ପ୍ରତି ବ୍ୟାଙ୍କ ପରିଚାଳନାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଇଣ୍ଡିଆନବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି, ଋଣ ବଣ୍ଟନ, ଜମା ସଂଗ୍ରହ, ଗ୍ରାହକସେବା, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସଫଳତା ପଛରେ ଅଧିକାରୀ ଓ କର୍ମଚାରୀଙ୍କ ସାମୂହିକ ଅବଦାନ ରହିଛି। ଶାଖାସ୍ତରରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ ପ୍ରତିଦିନ ଗ୍ରାହକ ସେବା ସହିତ ବିଭିନ୍ନ ବ୍ୟବସାୟିକ ଲକ୍ଷ୍ୟ ପୂରଣରେ ନିରନ୍ତର ନିୟୋଜିତ ଅଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କର ସାମୂହିକ ସଫଳତାରେ ଶାଖା ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ସତ୍ତ୍ୱେ କାର୍ଯ୍ୟ ଦକ୍ଷତା ଆଧାରିତ ପ୍ରୋତ୍ସାହନ ବ୍ୟବସ୍ଥାରେ ଅସମାନତା ଦେଖାଦେଇଛି। ବ୍ୟାଙ୍କର ବ୍ୟବସାୟିକ ଫଳାଫଳ ପଛରେ ସମସ୍ତଙ୍କ ଅବଦାନ ଥିବାରୁ ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ ନ୍ୟାୟସଙ୍ଗତ ଓ ସମାନତା ଆଧାରିତ ହେବା ଆବଶ୍ୟକ। ପାଞ୍ଚଦିନିଆବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଦାବି ବର୍ତ୍ତମାନ ଡିଜିଟାଲ୍ ବ୍ୟାଙ୍କିଙ୍ଗ, ଏଟିଏମ୍, ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଓ ଅନ୍ୟାନ୍ୟ ବିକଳ୍ପ ସେବା ମାଧ୍ୟମରେ ୨୪ ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷିତ ରେ ପାଞ୍ଚଦିନିଆ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଏବେ ସମୟର ଆବଶ୍ୟକତା ବୋଲି ଅଧିକାରୀ ଓ କର୍ମଚାରୀ ସଂଘ ପକ୍ଷରୁ ମତ ପ୍ରକାଶ କରାଯାଇଛି। ଏହା ଦ୍ୱାରା ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟ-ଜୀବନ ସନ୍ତୁଳନ, ମାନସିକ ସୁସ୍ଥତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହିତ ଦୀର୍ଘ ମିଆଦୀ ଭାବେ ବ୍ୟାଙ୍କିଙ୍ଗ ବାର ଗୁଣବତ୍ତା ମଧ୍ୟ ବୃଦ୍ଧି ପାଇବ ବୋଲି ସଂଘ ମତ ଦେଇଛି। ଇଣ୍ଡିଆନ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସଂଘର ମତରେ, ଏହି ଆନ୍ଦୋଳନ କେବଳ ଅଧିକାରୀ ଓ କର୍ମଚାରୀଙ୍କ ସୁବିଧା ପାଇଁ ନୁହେଁ ବରଂ ଏକ ନ୍ୟାୟ ସଙ୍ଗତ, ସୁସ୍ଥ, ନୈତିକ ଓ ଦାୟିତ୍ୱଶୀଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପାଇଁ ଏହା ଏକ ସାମୂହିକ ସ୍ୱର।

ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାର ଦୃଢ଼ ନିନ୍ଦା

ପାରାଦୀପ (ଅମୃତ ମିଡିଆ) : ୧୯୬୦ ଦଶକ ସମୟରେ ପାରାଦୀପ ବନ୍ଦର ପ୍ରତିଷ୍ଠା କରି ପ୍ରବାଦ ପୁରୁଷ ବିଜୁ ବାବୁ କେବଳ ଉପକୂଳ ଓଡ଼ିଶାର ଉନ୍ନତି କଥା ଚିନ୍ତା କରିନଥିଲେ ତତସହିତ ଓଡ଼ିଶାର ଖଣିଜ ପଦାର୍ଥ ଆମଦାନୀ ରପ୍ତାନି ଫଳରେ ସମଗ୍ର ଓଡ଼ିଶାର ଆର୍ଥିକ ବିକାଶ ହୋଇପାରିବ ସେ କଥା ମହାନ ଜନନାୟକ ଚିନ୍ତା କରିଥିଲେ। ପାରାଦୀପ ବନ୍ଦର ପ୍ରତିଷ୍ଠା ଫଳରେ ଏହାର ସଂଲଗ୍ନ ଅଞ୍ଚଳରେ ଇଫକୋ, ପିପିଏଲ ଓ ଆଇଓସିଏଲ ଭଳି ଅନେକଗୁଡିଏ ଶିଳ୍ପ ପ୍ରତିଷ୍ଠା ହୋଇ ପାରାଦୀପର ପାଶ୍ୱବର୍ତ୍ତୀ ବ୍ଲକ ଏରସମା ଅନ୍ତର୍ଗତ ଢ଼ିଙ୍କିଆ ଚାରିଦେଶରେ ଜେଏସଡବ୍ଲୁ କମ୍ପାନୀ ମେଗା ଷ୍ଟିଲ ପ୍ଲାଣ୍ଟ ସହ ବନ୍ଦର ପ୍ରତିଷ୍ଠା କରିବାକୁ ଯାଉଥିବାରୁ ଏରସମା ଉପକୂଳ ଅଞ୍ଚଳ ବିଶେଷ ଭାବେ ବିକାଶର ରାସ୍ତା ଫିଟିବ। ଉପରୋକ୍ତ ପ୍ରଗତିକୁ ଦୃଷ୍ଟିରେ ରଖି ଏରସମା ପାରାଦୀପର ତତ୍କାଳୀନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ଦୂରଦୃଷ୍ଟି ରଖି ଶିଆଳି ବେଳାଭୂମିର ପର୍ଯ୍ୟଟନ ବିକାଶ ପାଇଁ ବିଶେଷ ଭାବେ ଦୃଷ୍ଟି ପ୍ରଦାନ କରି ଶିଆଳି ବେଳାଭୂମିର ବିକାଶ ସହିତ ଏରସମା ପାରାଦୀପ ବିକାଶର ସୂତ୍ରଧର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ୨୦୧୯ ମସିହାରେ ସ୍ଥାପନ କରିଥିଲେ। ଏବଂ ଗତ କିଛିଦିନ ତଳେ ଏରସମା ଅଞ୍ଚଳର ସର୍ବମାନ୍ୟ ନେତା ଡା. ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଶିଆଳି ବେଳାଭୂମିରେ ପ୍ରତିଷ୍ଠା କରିବାକୁ ଯାଉଥିଲେ। କିନ୍ତୁ କିଛି ହିନମାନ୍ୟ କୁଚକ୍ରୀ ଅସହିଂଶୁ ବ୍ୟକ୍ତି ଦାମ ବାବୁଙ୍କ ନିର୍ମାଣଧୀନ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲେ। ଯାହାକୁ ନେଇ ସର୍ବସାଧାରଣରେ ଦଳମତ ନିର୍ବିଶେଷରେ ଦୃଢ଼ ନିନ୍ଦା ଓ ପ୍ରତିବାଦ କରାଯାଇଥିଲା। ଏବେ ପୁଣିଥରେ ସେହି କଥାର ପୁନରାବୃତ୍ତି ହୋଇ ପୂଜ୍ୟପୂଜାକୁ ଅସମ୍ମାନ କରି ଶିଆଳି ବେଳାଭୂମିରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ପାରାଦୀପ ବିଜୁଜନତା ଦଳ ଦୃଢ଼ ନିନ୍ଦା ଓ ପ୍ରତିବାଦ କରିଛି। ଏ ବାବଦରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ରାଉତ ଓ ଚିନ୍ମୟ ରଞ୍ଜନ ପରିଡା, ବିଜେଡି ନେତା ଶଙ୍କର ରାଉତ, ରଶ୍ମୀରଞ୍ଜନ ପରିଡା, ଆଲୋକ ମହାପାତ୍ର, ନାରୀ ନେତ୍ରୀ ଚପଳା ସ୍ୱାଇଁ, ପ୍ରଭାତୀ ନାୟକ, ବିଜେଡି ପାରିଷଦ ବୃନ୍ଦ ପ୍ରମୁଖ ଦାବୀ କରିଛନ୍ତି।

ମାହାଙ୍ଗା ପଞ୍ଚାୟତ ସମିତି ବୈଠକ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ

ମାହାଙ୍ଗା (ଅମୃତ ମିଡ଼ିଆ) : ମାହାଙ୍ଗା ବ୍ଲକ ସମ୍ମିଳନୀ ଗୃହରେ ପଞ୍ଚାୟତ ସମିତିର ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଦିପା ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ବିଡ଼ିଓ ତିଳୋତ୍ତମା ପୁଷ୍ଟି, ସାଂସଦଙ୍କ ପ୍ରତିନିଧି ଧନଞ୍ଜୟ ବଳ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ଦାସ,ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିଆଯୁଲ ହୋଦା, ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ, ଏବିଡ଼ିଓ ଜନ୍ମେଜୟ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ପାନୀୟଜଳ, ଫସଲ କ୍ଷୟକ୍ଷତି, ଭତ୍ତା, ରାସନ୍, ପଶୁପାଳନ ଓ ମତ୍ସ୍ୟ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ, ଆଦି ବାବଦରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସରପଂଚ, ସମିତି ସଭ୍ୟ, ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ବାକିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହେବ ବୋଲି ପାରିତ ହୋଇଥିଲ। ସହକାରୀ ଯନ୍ତ୍ରୀ ମିରାମିକା ସାହୁ ପଞ୍ଚାୟତ ସମିତିକୁ ଅସମ୍ମାନ କରିବା ସହ ଉନ୍ନୟନ କାର୍ଯ୍ୟରେ ଅସହଯୋଗ କରୁଥିବା ନେଇ ହଳଦିଆ ସରପଂଚ ରାଜେନ୍ଦ୍ର ସାହୁ ଏକ ନିନ୍ଦା ପ୍ରସ୍ତାବ ପାରିତ ହୋଇଥିଲା। ବ୍ଲକ୍ ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ବୈଠକରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ହେଲେ ବିଧାୟକ ଶାରଦା ପ୍ରଧାନ ଯୋଗ ଦେଇନଥିଲେ। ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ଯୁଗଳ କିଶୋର ଦାସ, ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

କ୍ଷୀପ୍ରଗତିରେ ଚାଲିଛି ମା' ଭଗବତୀ ମନ୍ଦିର ଉନ୍ନୟନ କାର୍ଯ୍ୟ

କୁଚକ୍ରୀଙ୍କ ଅପପ୍ରଚାରଠାରୁ ନିବୃତ୍ତ ରହିବାକୁ ବ୍ଲକ ଅଧକ୍ଷଙ୍କ ଅନୁରୋଧ

ବାଲୁଗାଁ (ଅମୃତ ମିଡିଆ) : ରାଜ୍ୟର ପ୍ରମୁଖ ଶକ୍ତିପୀଠ ମଧ୍ୟରୁ ବାଣପୁର ସ୍ଥିତ ମା ଭଗବତୀଙ୍କ ପୀଠ ଅନ୍ୟତମ। ଅନେକ ପ୍ରାଚୀନ କଳାକୃତି ସହିତ ଅନେକ କିମ୍ବଦନ୍ତୀ ପାଇଁ ଓଡ଼ିଶା ପ୍ରସିଦ୍ଧ ଶକ୍ତିପୀଠ। ମାଙ୍କ ଆଶୀର୍ବାଦ ଭିକ୍ଷା ନିମିତ୍ତ ଦୈନନ୍ଦିନ ସ୍ଥାନୀୟ ତଥା ଦେଶ ବିଦେଶରୁ ଭକ୍ତଙ୍କ ସୁଅ ଛୁଟୁଛି। ମାତ୍ରାଧିକ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ମନ୍ଦିରର ଆଭ୍ୟନ୍ତରୀଣ

ଅଭିଯୁକ୍ତଙ୍କୁ ଗୋଟିଏ ଦିନରେ ପେପର ଓ ଚାର୍ଜଫ୍ରେମ ପ୍ରଦାନ କରାଯିବା ବ୍ୟବସ୍ଥାର ସଂପୂର୍ଣ୍ଣ ଉଲ୍ଲଂଘନ : ହାଇକୋର୍ଟ

କଟକ (ବ୍ୟୁରୋ) : ଫୌଜଦାରୀ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ପେପର ପ୍ରଦାନ କରାଯିବା ଦିନ ହିଁ ଚାର୍ଜଫ୍ରେମ କରାଯିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୨୬୨(୧)ରେ ଥିବା ବ୍ୟବସ୍ଥାର ସଂପୂର୍ଣ୍ଣ ଉଲ୍ଲଂଘନ ବୋଲି ହାଇକୋର୍ଟ କହିଛନ୍ତି। ବିଏନଏନସି ଧାରା ୨୩୦ ଅନୁଯାୟୀ ପୁଲିସ ପେପର ଯୋଗାଇ ଦେବା ପରେ ଅଭିଯୁକ୍ତଙ୍କୁ ଡିସଚାର୍ଜ ଆବେଦନ ଦାଖଲ ପାଇଁ ''ଯୁକ୍ତିଯୁକ୍ତ ସମୟ'' ଦେଇ ଟ୍ରାଏଲ ଅଦାଲତ ଗୁଡ଼ିକ ଚାର୍ଜଫ୍ରେମ ପ୍ରକ୍ରିୟା ସଂପାଦନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ପୁଲିସ ପେପର ପ୍ରଦାନ ଓ ମାମଲାରେ ଚାର୍ଜଫ୍ରେମକୁ ଏକଠି ଏକ ଦିନରେ କରାଯିବା ଉଚିତ ନୁହେଁ। ଧାରା ୨୬୨(୧) ଅଧୀନରେ ଅଭିଯୁକ୍ତଙ୍କୁ ଡିସଚାର୍ଜ ସଂପର୍କିତ ଆବେଦନ ଦାଖଲ ପାଇଁ ଦିଆଯାଇଥିବା ୬୦ ଦିନର ଅବଧି ବାଧ୍ୟତାମୂଳକ ନୁହେଁ। ଅଭିଯୁକ୍ତଙ୍କୁ ପୁଲିସ ପେପର ପ୍ରଦାନ ଓ ଚାର୍ଜଫ୍ରେମ କରାଯିବା ପ୍ରକ୍ରିୟା ମଧ୍ୟରେ ଯୁକ୍ତିଯୁକ୍ତ ସମୟ ବ୍ୟବଧାନ ରହିବା ଉଚିତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ରାଜ୍ୟର ସମସ୍ତ ଟ୍ରାଏଲ ଅଦାଲତଗୁଡ଼ିକୁ ଏହି ପ୍ରସଂଗରେ ସାବଧାନତା ଅବଲମ୍ବନ କରିବାକୁ ହାଇକୋର୍ଟ କହିଛନ୍ତି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜେଶ କୁମାର ମହାପାତ୍ର ଓ ଅନ୍ୟ ମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଚନ୍ଦକା ଥାନାରେ ରୁଜୁ ଏକ ମାମଲାରେ ପୁଲିସ ଆବେଦନକାରୀଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିବା ପରେ ଭୁବନେଶ୍ୱର ଜେଏମଏଫସି ଅଦାଲତ କଗନିଜାନ୍ସ ଗ୍ରହଣ କରିଥିଲେ। ୨୦୨୬, ଫେବ୍ରୁଆରି ୧୮ ତାରିଖରେ ପ୍ରଥମେ ଆବେଦନକାରୀଙ୍କୁ ପୁଲିସ ପେପର ପ୍ରଦାନ କରାଯାଇଥିଲା ଓ ପରେ ସେହିଦିନ ମାମଲାରେ ଚାର୍ଜଫ୍ରେମ କରାଯାଇଥିଲା। ପୁଲିସ ପେପର ମିଳିବାର ୬୦ ଦିନ ମଧ୍ୟରେ ଅଭିଯୁକ୍ତ ମାମଲାରୁ ଡିସଚାର୍ଜ ପାଇଁ ଆବେଦନ କରିପାରିବେ ବୋଲି ଆଇନଗତ ବ୍ୟବସ୍ଥା ରହିଥିବା ବେଳେ ସମାନ ଦିନରେ ଚାର୍ଜଫ୍ରେମ କରାଯିବା ଦ୍ୱାରା ଅଭିଯୁକ୍ତଙ୍କ ଅଧିକାର କ୍ଷୁଣ୍ଣ ହୋଇଥିଲା ବୋଲି ଦର୍ଶାଇ ଏହି ଆବେଦନ ହାଇକୋର୍ଟରେ ଦାୟର ହୋଇଥିଲା।

ଏବିଭିପିର ସଦସ୍ୟତା ଅଭିଯାନ

ବାସୁଦେବପୁର (ଅମୃତ ମିଡିଆ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭଦ୍ରକ ଜିଲ୍ଲା ବାସୁଦେବପୁର ନଗର ପକ୍ଷରୁ ଅଟଳ ବିହାରୀ ମହାବିଦ୍ୟାଳୟ ରେ ଏବଂ ସ୍ଥାନୀୟ ଶିଶୁ ମନ୍ଦିରରେ ଏକ ସଫଳ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଓ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ଅଭିଯାନ କରାଯାଇଥିଲା। ଏହି ଅବସରରେ ବାସୁଦେବପୁର ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀମାନ୍ ମଦନମୋହନ ମହନ୍ତଜୀଙ୍କୁ ଏବିଭିପି ପକ୍ଷରୁ ବିଦ୍ୟାର୍ଥୀ ପରିଷଦର ମାସିକ ପତ୍ରିକା 'ଛାତ୍ର ସନ୍ଦେଶ' ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟପଦ୍ଧତି ଓ ଛାତ୍ରସମାଜ ପ୍ରତି ଏହାର ଅବଦାନରେ ଅନୁପ୍ରାଣିତ ହୋଇ ବହୁ ଛାତ୍ରଛାତ୍ରୀ ସ୍ୱେଚ୍ଛାରେ ସଦସ୍ୟତା ଗ୍ରହଣ କରିଥିଲେ।

୮ ବିଧାୟକଙ୍କ ସଦସ୍ୟତା ରଦ୍ଦ ଲାଗି ହାଇକୋର୍ଟ ଗଲା ବିଜେଡି

କଟକ (ବ୍ୟୁରୋ) : ରାଜ୍ୟସଭା ନିର୍ବାଚନ କ୍ରସ୍ ଭୋଟିଂ ମାମଲା। ହାଇକୋର୍ଟ ଗଲା ବିଜୁ ଜନତା ଦଳ। ବାଚସ୍ପତିଙ୍କୁ ପକ୍ଷଭୁକ୍ତ କରି ରିଟ୍ ପିଟିସନ ଦାଖଲ କରିଛି ବିଜେଡିର। ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ୮ ସଦସ୍ୟ ଭୋଟ୍ ଦେଇଥିଲେ। ଦଳୀୟ ନିଷ୍ପତ୍ତି ବିରୋଧରେ ଭୋଟ୍ ଦେଇଥିବାରୁ ସଦସ୍ୟତା ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଦଳ ପିଟିସନ ଦାଖଲ କରିଥିଲା ବିଜେଡି। କିନ୍ତୁ ଟେକ୍ନିକାଲ ଗ୍ରାଉଣ୍ଡରେ ବାଚସ୍ପତି ପିଟିସନକୁ ଖାରଜ କରିଥିଲେ। ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ବିଜେଡି ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରଛି। ଏନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସ୍ନେହାଙ୍କ ବିଶ୍ୱାଳ, ନବ ମଲ୍ଲିକ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରଧର ହଁରଚ, ଅରବିନ୍ଦ ମହାପାତ୍ର ଏବଂ ସନାତନ ମହାକୁଡ଼ ଜ୍ରସ ଭୋଟିଂ କରିଥିଲେ। ସେପଟେ ବିଜେଡି ହାଇକୋର୍ଟ ଯିବା ପ୍ରସଙ୍ଗରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି, ମୁଁ କୌଣସି ଦଳର ନୁହଁ। କାଗଜ କଲମରେ ମୁଁ ବିଜେଡିରେ ଅଛି। ମୁଁ ପଟକୁରାର ସେବା ପାଇଁ ଲାଗିଛି। କିଏ କୋର୍ଟକୁ ଗଲେ ମୁଁ ଚିନ୍ତିତ ନୁହେଁ। ଯିଏ ଯାହା କରିବା କଥା କରନ୍ତୁ । ମୋର କୌଣସି ଅସୁବିଧା ନାହିଁ । ଯିଏ ଯାହା କରିବା କଥା କରନ୍ତୁ। ମୁଁ ଆଇନ ଅନୁସାରେ ଭୋଟ୍ ଦେଇଥିଲି ବୋଲି କହିଛନ୍ତି। କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପଦ କେବଳ ଏକ ଆଳଙ୍କାରିକ ପଦ ଏବଂ କାଉନସିଲ୍ ଅଫ ମିନିଷ୍ଟରର ଏହା ଏକ ଅଂଶ। ଏହି ପଦ ସୃଷ୍ଟି ଦ୍ୱାରା ରାଜ୍ୟ ସରକାର ସାମ୍ବିଧାନିକ ବ୍ୟବସ୍ଥାର କୌଣସି ପ୍ରକାର ଉଲ୍ଲଂଘନ ମଧ କରନ୍ତି ନାହିଁ। ଅପରପକ୍ଷେ ଏଭଳି ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ କଡ଼ା ସମାଲୋଚନା କରିଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ରୁଜୁ ହେଉଥିବା ଏଭଳି ମାମଲାକୁ ଅତ୍ୟନ୍ତ ସତର୍କତାର ସହ ଦେଖାଯିବା ଉଚିତ। ଜନସ୍ୱାର୍ଥ ମାମଲା ଭଳି ଏକ ସୁନ୍ଦର ଅସ୍ତ୍ର ଅପବ୍ୟବହାର ପାଇଁ ଅଦାଲତ କେବେ ବି ଅନୁମତି ଦେଇପାରିବେ ନାହିଁ। ହାଇକୋର୍ଟ କହିଛନ୍ତି ଯେ, ଏହି ମାମଲା ଦ୍ୱାରା ଅଦାଲତଙ୍କ ବହୁ ସମୟ ନଷ୍ଟ ହୋଇଛି। ଏଥିପାଇଁ ଆବେଦନକାରିଣୀଙ୍କ ଉପରେ ଜରିମାନା କରାଯାଇ ପାରିବ । କିନ୍ତୁ ସେ ଜଣେ ଯୁବ ଆଇନଜୀବୀ ହୋଇଥିବାରୁ ଭବିଷ୍ୟତରେ ଯଦି ଜନସ୍ୱାର୍ଥ ମାମଲା ରୁଜୁ କରିବେ ତାହେଲେ ସେ ସମାଜର ତଳସ୍ତରର ଲୋକଙ୍କ ପାଇଁ କରିବେ ବୋଲି ଅଦାଲତ ଆଶାବ୍ୟକ୍ତ କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି । ସରକାରଙ୍କ ତରଫରୁ ଆଡଭୋକେଟ ଜେଲେରାଲ ପିତାମ୍ବର ଆଚାର୍ଯ୍ୟ ମାମଲା ଲଢୁଥିଲେ ।

ଭନ୍ନକ୍ଷମଙ୍କୁ ମିଠା ବାଣ୍ଟି ଜନ୍ମଦିନ ପାଳିଲେ ରଞ୍ଜନ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ବୃକ୍ଷରୋପଣ ସହ ଭିନ୍ନକ୍ଷମ ପିଲାଙ୍କୁ ମିଠା ବାଣ୍ଟି ଜନ୍ମଦିନ ପାଳିଛନ୍ତି ସମାଜସେବୀ ରଞ୍ଜନ। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ପଞ୍ଚାୟତ ସୋବଳା ଗ୍ରାମର ରଞ୍ଜନ ଆଜି ଜନ୍ମଦିନ ଉପଲକ୍ଷେ ସକାଳୁ ମା' ପଥରକଣି ଠାକୁରାଣୀଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବା ସହ ପଞ୍ଚାୟତବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିସରରେ ପରିବେଶ ସୁରକ୍ଷା ପାଇଁ ଫଳ ବୃକ୍ଷରୋପଣ କରିଛନ୍ତି। ପରେ ଜନ୍ମଦିନକୁ ଆହୁରି ସରସସୁନ୍ଦର କରିବା ପାଇଁ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ମିଠା ବାଣ୍ଟି ନିଜ ଜନ୍ମଦିନକୁ ପିଲାମାନଙ୍କ ଗହଣରେ ପାଳିଛନ୍ତି। ଆଜି କାଲି ପ୍ରକୃତି ତାର ସନ୍ତୁଳନ ରଖୁନି। ଅବାଧ ଭାବେ ଗଛ କଟା ଯାଉଥିବାରୁ ପ୍ରାକୃତିକ ଦୁର୍ବିପାକ ଘଟୁଛି। ଆଜିର ସମୟରେ ଗଛ ଲଗାଇବା ନିହାତି ଆବଶ୍ୟକ ହୋଇପଡିଛି। ସରକାରୀ ବେସରକାରୀ ସବୁସ୍ତରରେ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ପାଇଁ ପ୍ରଚାର ପ୍ରସାର କରାଯାଉଛି। ପ୍ରତିବର୍ଷ ଗଛ ଲଗେଇବା ଓ ଗଛ ଚାରା ବଣ୍ଟନ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ରଞ୍ଜନ କରିଥାନ୍ତି। ନିଜ ବାପା ମା' ଓ ସମାଜ ଠାରୁ ଦୂରେଇ ରହୁଥିବା ମାନସିକ ଭିନ୍ନକ୍ଷମ ପିଲାମାନେ ଟିକିଏ ଖୁସି ପାଇଁ ବ୍ୟାକୁଳ ହେଉଛନ୍ତି। ତେଣୁ ସେମାନଙ୍କ ଗହଣରେ ଜନ୍ମଦିନ ପାଳିଲେ ଅନେକ ଆନନ୍ଦ ମିଳିଥାଏ ବୋଲି କହିଛନ୍ତି ସମାଜସେବୀ ରଞ୍ଜନ। ଆଜିର ବୃକ୍ଷରୋପଣ କାର୍ଯ୍ୟରେ ଦିବାକର ବିଶ୍ୱାଳ, ଚତୁର୍ଭୁଜ ମଲିକ, ମହନି ମଲିକ, ଅଶୋକ ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ରଞ୍ଜନଙ୍କୁ ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ବଜ୍ଞାନ ନାଟକ ପ୍ରତଯୋଗିତା

ଖୋର୍ଦ୍ଧା (ଅମୃତ ମିଡିଆ) : ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ତଥା ଟିଇ ଆଣ୍ଡ ଏସସିଇଆରଟି, ଭୁବନେଶ୍ୱରଙ୍କ ପ୍ରାୟୋଜନାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ୨୦୨୬–୨୭ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକରୁ ମନୋନୀତ ମୋଟ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ 'ବିଜ୍ଞାନ ଓ ସମାଜ' ରହିଥିବା ବେଳେ ଏହା ଅନ୍ତର୍ଗତ ଉପ-ବିଷୟବସ୍ତୁ ଯଥା: 'କୃତ୍ରିମ ବୁଦ୍ଧିମତ୍ତା: ବନ୍ଧୁ, ଉପକରଣ ନା ବିପଦ', 'ଇଭି: ଆଗାମୀ ଭବିଷ୍ୟତ', 'ମହାକାଶ ବସତି' ଏବଂ 'ସମୁଦ୍ରର ପୁନରୁଦ୍ଧାର- ପିଢ଼ିର ସଂରକ୍ଷଣ' ଉପରେ ବିଦ୍ୟାର୍ଥୀମାନେ ଚିତ୍ତାକର୍ଷକ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ଡାଏଟ୍, ଖୋର୍ଦ୍ଧାର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ମୋନାଲିସା ପଣ୍ଡା ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନାଟକ ବିଭାଗର ଅଧ୍ୟାପକ ଜିତେନ୍ଦ୍ର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଶିକ୍ଷା) ଡଃ ପ୍ରଜ୍ଞା ପାରମିତା ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଯୋଜନା) ବିଜୟ ବେହେରା, ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଣ୍ଡା, ନାଟ୍ୟ ଅଧ୍ୟାପକ ଜିତେନ୍ଦ୍ର ପଟ୍ଟନାୟକ ଏବଂ ଡାରବୋଇ ଏସ.ଡି. ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିରଞ୍ଚି କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। ବିଚାରକମାନଙ୍କ ମୂଲ୍ୟାଙ୍କନ ଅନୁଯାୟୀ, ଗଙ୍ଗାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ, ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟ (ଭୁବନେଶ୍ୱର) ଦ୍ୱିତୀୟ ଏବଂ ପି.ବି. ସରକାରୀ ଉଚ୍ଚ ବିଦ୍ୟାଳୟ (ସାରୁଆ) ତୃତୀୟ ସ୍ଥାନ ହାସଲ କରିଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ଗଙ୍ଗାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଯାଜପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲ୍ଲା ତରଫରୁ ଭାଗନେବା ପାଇଁ ମନୋନୀତ ହୋଇଛି। ଏହି ଅବସରରେ ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ଅଭିନେତ୍ରୀ, ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ ନାଟ୍ୟ ରଚୟିତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀଙ୍କ ପୂର୍ଣ୍ଣ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ବିଜ୍ଞାନ ସୁପରଭାଇଜର ସରୋଜ କୁମାର ସିଂହ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟରେ ପୋଷଣ ମାସ

ଛାତ୍ରୀଙ୍କ ଦ୍ୱାରା ପୌଷ୍ଟିକ ଖାଦ୍ୟର ଅପୂର୍ବ ପ୍ରଦର୍ଶନୀ

ଫୁଲବାଣୀ (ଅମୃତ ମିଡିଆ) : ସଞ୍ଜୟ ସ୍ମୃତି ସରକାରୀ ମହିଳା ମହାବିଦ୍ୟାଳୟ ର ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ନବମ ରାଷ୍ଟ୍ରୀୟ ପୋଷଣ ମାସ ନିମନ୍ତେ ଏକ ପୌଷ୍ଟିକ ଖାଦ୍ୟ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କୁ ସନ୍ତୁଳିତ ଆହାର ଏବଂ ସ୍ୱାସ୍ଥ୍ୟକର ଜୀବନ ଶୈଳୀ ବିଷୟରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଗୃହ ବିଜ୍ଞାନ ବିଭାଗ ମୁଖ୍ୟ ଯଶୋଦା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ କୁଶ ନାୟକ ଉପସ୍ଥିତ ରହି ଭାଗ ନେଇଥିବା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ମାନବ ଶରୀର ଓ ସମାଜ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ସେ ନିଜର ମତ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଡକ୍ଟର ଦେବସ୍ମିତା ସାହୁ, ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ଡକ୍ଟର ତପସ୍ୱିନୀ ଗୌଡ଼ ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡକ୍ଟର ତନୁଶ୍ରୀ ପ୍ରଧାନ ବିଚାରକ ଭାବେ ଯୋଗଦାନ କରିଥିଲେ। ଶରୀର ପାଇଁ ପୋଷଣ ଯୁକ୍ତ ଖାଦ୍ୟର ଉପକାରିତା ବିଷୟରେ ବିଚାରକମାନେ ଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ। ପ୍ରତିଯୋଗିତା ରେ ଭାଗ ନେଇଥିବା ଛାତ୍ରୀମାନେ ନିଜ ନିଜ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଏଥିରେ ରୁବିନା ବେହେରା ପ୍ରଥମ, ଭବାନୀ ବିଶ୍ୱାଣୀ ଦ୍ୱିତୀୟ ଏବଂ ସନ୍ତୋଷିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଧନଞ୍ଜୟ ପ୍ରଧାନ, ସୁରେଶ ଚନ୍ଦ୍ର ବେହେରା, ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ଗୃହ ବିଜ୍ଞାନ ବିଭାଗର ଅନ୍ୟାନ୍ୟ ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କର୍ମଚାରୀଙ୍କ ଧର୍ମଘଟ ଯୋଗୁଁ ବ୍ୟାଙ୍କସେବା ବନ୍ଦ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ସାରା ଦେଶରେ ଆଜି ରାଷ୍ଟ୍ରାୟତ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ଡାକରା ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ରୂପେ ଠପ ହୋଇଯାଇଛି। ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିଅନ୍ସର ଧର୍ମଘଟ ଡାକରାରେ କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ସମ୍ମୁଖରେ ଆଜି ପୂର୍ବାହ୍ନରେ ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କ କର୍ମଚାରୀମାନଙ୍କ ପକ୍ଷରୁ ବିଭିନ୍ନ ଦାବି ପୂରଣ ନିମନ୍ତେ ଧାରଣା ଦିଆଯିବା ସହ ପିକେଟିଂ କରାଯାଇଥିଲା। ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ ସଂଗଠନ ସମ୍ପାଦକ ଚିରଞ୍ଜୀବ ଜେନା, ଆଞ୍ଚଳିକ ସମ୍ପାଦକ ରମେଶ ଚନ୍ଦ୍ର ମାଝୀ, ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ, ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ ପୂର୍ବତନ ସଭାପତି ସ୍ୱାଧୀନ କୁମାର ଦାଶ, ରଞ୍ଜନ କୁମାର ଦାସ, ସୁକାନ୍ତ ମିଶ୍ର, ଉଲ୍ଲାସ ମହାନ୍ତି, ସାଗରଶେଖର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଧଳ, ରୀନାରାଣୀ ପଟ୍ଟନାୟକ, ସୌମ୍ୟ ସାମନ୍ତରାୟ, ତୁଷାର ମହାପାତ୍ର ଓ ବିଧାନ ମହାପାତ୍ର ପ୍ରମୁଖ ଶତାଧିକ କର୍ମଚାରୀ ଧାରଣାରେ ବସିଥିଲେ। ପରେ ଏକ ରାଲିରେ ଯାଇ ସହରର ସମସ୍ତ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯିବା ସହ ପିକେଟିଂ କରାଯାଇ ଦ୍ୱିପାକ୍ଷିକ କଥାବାର୍ତ୍ତା ଜରିଆରେ ତୁରନ୍ତ ଦାବି ପୂରଣ ନିମନ୍ତେ ଦୃଢ ଦାବି କରାଯାଇଥିଲା।

ପରିବେଶ ସୁସ୍ଥ ରଖିବାକୁ ବୃକ୍ଷରୋପଣ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ସ୍ଥାନୀୟ ବିରସ୍ମତୀ ଗ୍ରାମର ଇଛାନାଥ ଆଶ୍ରମ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ଆଶ୍ରମର ମହନ୍ତ ମହାରାଜ କୁଳମଣି ନାଥ ପ୍ରଥମେ ବୃକ୍ଷରୋପଣ କରି ଏହି କାର୍ଯ୍

ନୂଆ ଭିରୋ ୧.୧ ଏକ୍ସଏକ୍ସଏଲ୍ ସିଏନ୍‌ଜି ଓ ଅପ୍‌ଗ୍ରେଡ୍ ଭିରୋ ଡିଜେଲ୍ ଲଞ୍ଚ୍

ଭୁବନେଶ୍ୱର(ବ୍ୟୁରୋ) ଭାରତର ଅଗ୍ରଣୀ ୟୁଟିଲିଟି ଯାନ ନିର୍ମାତା ଓ ଲଘୁ ବାଣିଜ୍ୟିକ ଯାନ (ଏଲସିଭି) ୩.୫ ଟନ୍ ବର୍ଗର ପ୍ରମୁଖ କମ୍ପାନି ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ନୂଆ ଭିରୋ ୧.୧ ଏକ୍ସଏକ୍ସଏଲ ସିଏନଜିଓ ଉନ୍ନତ ଭିରୋ ଡିଜେଲକୁ ଉନ୍ମୋଚନ କରାଯାଇଛି। ୨୦୨୪ ସେପ୍ଟେମ୍ବର ରେ ପ୍ରଥମ କରି ଶୁଭାରମ୍ଭ ହୋଇଥିବା ଭିରୋ, ୩.୫ ଟନରୁ କମ ଏଲସିଭି ବର୍ଗରେ ନବସୃଜନ ଓ ବିଶ୍ୱସନୀୟତାର ପ୍ରତୀକ ହୋଇଆସିଛି। ସର୍ବୋତ୍ତମମାଇଲେଜ୍, ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଓ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଏହା ମହିନ୍ଦ୍ରାର 'ଅର୍ବାନ୍ ପ୍ରୋସପର ପ୍ଲାଟଫର୍ମ'ର ଶୁଭାରମ୍ଭ କରିଥିଲା ଯାହା ଭାରତର ପ୍ରଥମ ଭୁମିରୁ ଉଚ୍ଚ, ବହୁବିଧ ଶକ୍ତି ମଡ୍ୟୁଲାର ସିଭି ପ୍ଲାଟଫର୍ମ ଅଟେ। ନୂତନ ଭିରୋ ୧.୧ ଏକ୍ସଏକ୍ସଏଲ ସିଏନଜିକୁ ସହର ଭିତରେ ପରିବହନ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ୧.୧ ଟନ୍ ପେଲୋଡ୍ କ୍ଷମତା ସହିତ ଶ୍ରେଷ୍ଠ ୨୯୦୦ ମିମି (୯.୫ ଫୁଟ୍) କାର୍ଗୋ ଡେକ୍ ସୁବିଧା ପ୍ରଦାନ କରୁଛି ଯାହା କମ୍ ସ୍ଥାନ ନେଇ ଅଧିକ ପରିମାଣର ସାମଗ୍ରୀ ପରିବହନରେ ସାହାଯ୍ୟ କରିବ। ଏଥି ସହିତ ଏହାର ୫.୧ ମିଟରର ବ୍ୟାସାର୍ଦ୍ଧ୍ୟ ଭିଡ଼ ରାସ୍ତା ଓ ସଙ୍କୁଚିତ ସ୍ଥାନଗୁଡ଼ିକରେ ଗାଡ଼ି ବୁଲାଇବା ଓ ସାମଗ୍ରୀ ଓହ୍ଲାଇବା ଓ ଭର୍ତ୍ତିକରିବା ପ୍ରକ୍ରିୟାକୁ ସହଜ କରିବ। ଏହି ଗାଡ଼ିରେ ୧.୨-ଲିଟର ଇନ୍ ରହିଛି ଯାହା ୪୮.୫ କିଲୋଓ୍ୱାଟ ଶକ୍ତି ଓ ୯୮ ଏନଏମ ଟର୍କ ପ୍ରଦାନ କରୁଛି। ଏଆରଏଆଇ ପ୍ରମାଣିତ କେଜି ପିଛା ୨୧.୪ କିମି ଇନ୍ଧନ ଦକ୍ଷତା ଏବଂ ପେଟ୍ରୋଲ୍ ସହ ସିଏନଜି ମିଶି ୪୫୦ କିମିରୁ ଅଧିକ ଡ୍ରାଇଭିଂ ରେ ସହିତ ନୂତନ ଭିରୋ ୧.୧ ଏକ୍ସଏକ୍ସଏଲ ସିଏନଜି ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିବା ଓ ଅଚଳ ସମୟକୁ ହ୍ରାସ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ଗାଡ଼ି ଏଫଏମସିଜି ବିତରଣ, ଫଳ ଓ ପନିପରିବା ପରିବହନ, ଇ-କମର୍ସ ଡେଲିଭରି, ପାର୍ସଲ ଓ କୁରିଅର,ମାର୍କେଟ୍ ଲୋଡ୍ ଓ ଅନ୍ୟାନ୍ୟ ସହରୀ ଲଜିଷ୍ଟିକ୍ସ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଚ୍ଛସୋର୍ ସେ ଆଗେ' ଦର୍ଶନ ସହିତ ଭିରୋ ଟଚସ୍କ୍ରିନ୍, ପାୱାର ୱିଣ୍ଡୋ, ଡ୍ରାଇଭର ଏୟାରବ୍ୟାଗ୍ ଓ ରିଭର୍ସ ପାର୍କିଂ କ୍ୟାମେରା ଭଳି ଏହି ବର୍ଗରେ ପ୍ରଥମ ଅତ୍ୟାଧୁନିକ ସୁବିଧାଗୁଡ଼ିକ ପ୍ରଦାନ କରୁଛି। ଏହି ଶୁଭାରମ୍ଭ ସହିତ ମହିନ୍ଦ୍ରା ଆଣ୍ଡ୍ରଏଡ୍ ଓ ବହୁଭାଷୀ ଭଏସ୍ କମାଣ୍ଡ ସହ ୨୬.୦୩ ସେମିର ନୂଆ ଟଚସ୍କ୍ରିନ୍‌ଭଳି କେତେକ ନୂତନ ବୈଶିଷ୍ଟ୍ୟ ଯୋଡ଼ିଛି। ଦୂରଯାତ୍ରା ସମୟରେ ଆରାମ ପ୍ରଦାନ କରିବା ପାଇଁ ଗାଡ଼ିରେ କ୍ରୁଜ୍ କଂଟ୍ରୋଲ୍ ସୁବିଧା ରହିଛି। ଅଧିକ ସୁବିଧା ପାଇଁ ଏଥିରେ ଏଲଏନଟି ପ୍ରଯୁକ୍ତିବିଦ୍ୟା ମଧ୍ୟ ସାମିଲ କରାଯାଇଛି। ଗାଡ଼ିରେ ଏସି ସହ ହିଟର, ଆଡଜଷ୍ଟେବଲ୍ ହେଡରେଷ୍ଟ ସହ ରିକ୍ଲାଇନିଂ ଡ୍ରାଇଭର୍ ସିଟ୍, ଶୋଇବା ପାଇଁ ଫ୍ଲାଟ୍-ଫୋଲ୍ଡ୍ ସିଟ୍, ଡୋର୍ ଆର୍ମରେଷ୍ଟ ଏବଂ ଡି+୨ ବସିବା ବ୍ୟବସ୍ଥା ଭଳି ଅନେକ ଆରାମଦାୟକ ବୈଶିଷ୍ଟ୍ୟ ରହିଛି। ଆଇମ୍ୟାକ୍ସ କନେକ୍ଟିଭିଟି ମାଧ୍ୟମରେ ଭେହିକିଲ୍ ଟ୍ରାକିଂ, ଜିଓ ଫେନ୍ସିଂ, ରୁଟ୍ ପ୍ଲାନିଂ, ଯାନ ସ୍ୱାସ୍ଥ୍ୟ ଟ୍ରାକିଂ ଓ ଇନ୍ଧନ ଟ୍ରାକିଂ ସହ ୫୦ରୁ ଅଧିକ ସୁବିଧା ସହିତ ରିମୋଟ୍ ଏସି କଂଟ୍ରୋଲ ସୁବିଧା ଯୋଡ଼ାଯାଇଛି। ଏହା ବ୍ୟତୀତ ସମସ୍ତ ଭାରିଆଂଟରେ ପାୱାର ୱିଣ୍ଡୋ ଓ ଫାଷ୍ଟ ଚାର୍ଜିଂ ପୋର୍ଟ ଉପଲବ୍ଧ ହେବ।

ମଲ୍ଟିକରେନ୍ସି ସୁବିଧାର ଶୁଭାରମ୍ଭ

କଟକ(ବ୍ୟୁରୋ)ଆରବିଆଇ ର ଉପ-ଗଭର୍ଣ୍ଣର ଶ୍ରୀ ରୋହିତ ଜୈନ ଆଜି ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ (ଜି ଏଫ୍ ଏଫ୍) ୨୦୨୬ରେ ଭାରତ କନେକ୍ଟରେ ଫରେକ୍ସ ବର୍ଗ ପାଇଁ ମଲ୍ଟିକରେନ୍ସି ସୁବିଧା ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି। ଏହି ପଦକ୍ଷେପକୁ ବର୍ତ୍ତମାନ ସଫ୍ଟ ଲଞ୍ଚ ଭାବେ ଆରମ୍ଭ କରାଯାଉଛି। ପରୀକ୍ଷଣ ପର୍ଯ୍ୟାୟ ସଫଳତାର ସହ ସମାପ୍ତ ହେବା ଏବଂ ଏହାର ମୂଲ୍ୟାଙ୍କନ ପରେ, ଏହି ସୁବିଧାକୁ ଆହୁରି ଅଧିକ ଭାରତ କନେକ୍ଟ ଚ୍ୟାନେଲ୍ ଏବଂ ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକ ପର୍ଯ୍ୟନ୍ତ ବିସ୍ତାର କରିବାର ପ୍ରସ୍ତାବ ରହିଛି। ଏନପିସିଆଇ ଭାରତ ବିଲପେ ଲିମିଟେଡ୍ (ଏନ୍ ବି ବି ଏଲ୍) ଦ୍ୱାରା ପରିଚାଳିତ ଏହି ପ୍ଲାଟଫର୍ମ, କ୍ଲିୟରିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ସିସିଆଇଏଲ୍)ର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ କ୍ଲିୟାରକର୍ପ ଡିଲିଂ ସିଷ୍ଟମ୍ସ (ଇଣ୍ଡିଆ) ଲିମିଟେଡ୍ (କ୍ଲିୟାରକର୍ପ) ଦ୍ୱାରା ପରିଚାଳିତ ଏଫଏକ୍ସ-ରିଟେଲ୍ ସହିତ ଏକୀକୃତ ହୋଇଛି। ଏହି ପ୍ଲାଟଫର୍ମ ଏବେ ୟୁରୋ (ଇୟୁଆର୍), ବ୍ରିଟିଶ ପାଉଣ୍ଡ (ଜିବିପି), କାନାଡିଆନ୍ ଡଲାର (ସିଏଡି), ସ୍ୱିସ୍ ଫ୍ରାଙ୍କ (ସିଏଚଏଫ୍) ଏବଂ ୟୁଏଇ ଦିରହାମ୍ (ଏଇଡି)କୁ ସମର୍ଥନ କରିବ। ଏହି ପଦକ୍ଷେପର ଉଦ୍ଦେଶ୍ୟ ବର୍ତ୍ତମାନର ଫରେକ୍ସ ସୁବିଧାକୁ ଆମେରିକୀୟ ଡଲାର (ୟୁଏସଡି)ଅର ସୀମାରୁ ଆଗକୁ ବଢ଼ାଇବା ଏବଂ ଏକକ ପ୍ଲାଟଫର୍ମ ମାଧ୍ୟମରେ ଗ୍ରାହକମାନଙ୍କୁ ଅଧିକ ବ୍ୟାପକ ଫରେକ୍ସ ସେବା ଉପଲବ୍ଧ କରାଇବା। ଭାରତ କନେକ୍ଟର ଅଂଶଗ୍ରହଣକାରୀ ଚ୍ୟାନେଲଗୁଡ଼ିକୁ ବ୍ୟବହାର କରୁଥିବା ଗ୍ରାହକମାନେ ବିଭିନ୍ନ ଫରେକ୍ସ ସେବାର ସୁବିଧା ପାଇପାରିବେ। ଏଥିରେ ବିଦେଶୀ ମୁଦ୍ରା କ୍ରୟ, ବିଦେଶକୁ ଟଙ୍କା ପଠାଇବା (ଓଭରସିଜ୍ ରେମିଟାନ୍ସ) ଏବଂ ଫରେକ୍ସ କାର୍ଡ ରିଲୋଡ୍ ଅନ୍ତର୍ଭୁକ୍ତ। ଏହା ସହିତ, ଏଫଏକ୍ସ ରିଟେଲ୍ ଦ୍ୱାରା ପ୍ରଦାନ କରାଯାଉଥିବା ଲାଇଭ୍ ରେଟ୍, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସହଜ ବୁକିଂ ଅନୁଭୂତିର ଲାଭ ମଧ୍ୟ ଗ୍ରାହକମାନେ ପାଇପାରିବେ। ଗ୍ରାହକଙ୍କ ବିଶ୍ୱସ୍ତ ରିଲେସନ୍?ଶିପ୍ ବ୍ୟାଙ୍କ ମାଧ୍ୟମରେ ହିଁ ଲେନଦେନର ପୂରଣ ପ୍ରକ୍ରିୟା ଜାରି ରହିବ, ଯାହା ଦ୍ୱାରା ପ୍ରତ୍ୟେକ ଲେନଦେନରେ ବିଶ୍ୱସନୀୟତା ଏବଂ ଭରସା ନିଶ୍ଚିତ ହେବ। ଏହି ସୁବିଧା ବର୍ତ୍ତମାନର ଏଫଏକ୍ସ-ରିଟେଲ୍ ଭିତ୍ତିଭୂମି ଏବଂ ଭାରତ କନେକ୍ଟ ଲେନଦେନ ପ୍ରକ୍ରିୟାର ଲାଭ ଉଠାଇ ଗ୍ରାହକଙ୍କ ପସନ୍ଦର ପରିସରକୁ ବଢ଼ାଇଥାଏ। ଏପ୍ରିଲ୍ ରୁ ଜୁଲାଇ ୨୦୨୬ ମଧ୍ୟରେ ଭାରତ କନେକ୍ଟ ମାଧ୍ୟମରେ ଫରେକ୍ସ ଲେନଦେନର ମୂଲ୍ୟ ଆଇଏନ୍ ଆର ମିଲିୟନ୍ ଅତିକ୍ରମ କରିଥିଲା। ଏହି ମଲ୍ଟିକରେନ୍ସି ସୁବିଧା ଗ୍ରାହକମାନଙ୍କୁ ଯାତ୍ରା, ଶିକ୍ଷା, ବ୍ୟବସାୟ ଏବଂ ଆନ୍ତର୍ଜାତୀୟ ପେମେଣ୍ଟର ଆବଶ୍ୟକତା ପାଇଁ ଅଧିକ ବ୍ୟାପକ ମୁଦ୍ରା ବିକଳ୍ପ ଉପଲବ୍ଧ କରାଏ, ଏଥିପାଇଁ ବର୍ତ୍ତମାନର ଅନ୍‌ବୋର୍ଡିଂ ଅନୁଭୂତିରେ କୌଣସି ପରିବର୍ତ୍ତନ ଆବଶ୍ୟକ ହୁଏ ନାହିଁ। ସଫ୍ଟ ଲଞ୍ଚର ଅଂଶ ଭାବେ, ଗ୍ରାହକମାନେ ମୋବିକ୍ୱିକ୍, ଭୀମ, ବବ୍ ୱର୍ଲ୍ଡ, ପିଏନବି, ଫେଡେରାଲ୍ ବ୍ୟାଙ୍କ, ଏସବିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ସମେତ ଅଂଶଗ୍ରହଣକାରୀ ଭାରତ କନେକ୍ଟ ଚ୍ୟାନେଲଗୁଡ଼ିକ ମାଧ୍ୟମରେ ମଲ୍ଟିକରେନ୍ସି ସେବାର ସୁବିଧା ପାଇପାରିବେ। ଅଂଶଗ୍ରହଣକାରୀ ଫୁଲଫିଲମେଣ୍ଟ ବ୍ୟାଙ୍କଗୁଡ଼ିକ ମଧ୍ୟରେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ ଫେଡେରାଲ୍ ବ୍ୟାଙ୍କ ଅନ୍ତର୍ଭୁକ୍ତ। "ଆଜିର ଏହି ଶୁଭାରମ୍ଭ ଖୁଚୁରା ବିଦେଶୀ ମୁଦ୍ରା ବିନିମୟକୁ ସମସ୍ତ ବଜାର ଅଂଶଗ୍ରହଣକାରୀଙ୍କ ପାଇଁ ଅଧିକ ସୁଲଭ, ସୁବିଧାଜନକ ଏବଂ ସମାବେଶୀ କରିବା ପ୍ରତି ଆମର ପ୍ରତିବଦ୍ଧତାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍ ?ଷ୍ଟୋନ୍। ଏକାଧିକ ମୁଦ୍ରାରେ ଏଫଏକ୍ସ-ରିଟେଲ୍ ପ୍ଲାଟଫର୍ମର ବିସ୍ତାର ଗ୍ରାହକମାନଙ୍କୁ ଅଧିକ ବିକଳ୍ପ ପ୍ରଦାନ କରିବ। ଏଥିସହିତ, ଭାରତ କନେକ୍ଟ ସହିତ ଏହାର ଏକୀକରଣ ଅଂଶଗ୍ରହଣକାରୀ ସଂସ୍ଥାଗୁର୍ଡ଼ିକର ଡିଜିଟାଲ୍ ଚ୍ୟାନେଲ୍ ମାଧ୍ୟମରେ ଖୁଚୁରା ଫରେକ୍ସ ସେବା ପାଇବାର ସୁବିଧାକୁ ଉଲ୍ଲେଖନୀୟ ଭାବେ ବଢ଼ାଇବ। ଏକ ଇଣ୍ଟରଅପରେବଲ୍ ଡିଜିଟାଲ୍ ଇକୋସିଷ୍ଟମ୍ ମଧ୍ୟରେ ଗ୍ରାହକମାନଙ୍କ ପାଖରେ ସିଧାସଳଖ ନ୍ୟାୟସଙ୍ଗତ ଏବଂ ସ୍ୱଚ୍ଛ ଫରେକ୍ସ ବଜାର ଉପଲବ୍ଧ କରାଇବା ଦ୍ୱାରା, ସରଳୀକୃତ ୟୁଜର୍ ଜର୍ଣ୍ଣି ଏବଂ ବ୍ୟାପକ ବଜାର ପ୍ରବେଶର ଲକ୍ଷ୍ୟ ଏବେ ଭାରତର ବିଦେଶୀ ମୁଦ୍ରା ବଜାର ପାଇଁ ବାସ୍ତବତାରେ ପରିଣତ ହୋଇଛି," ବୋଲି କହିଛନ୍ତି ଶ୍ରୀ ନନ୍ଦ କିଶୋର, ଏମଡି, ସିସିଆଇଏଲ୍।

୨୩ଟି କେନ୍ଦ୍ରରେ ଆଇସିଏଆଇର ସମାବର୍ତ୍ତନ ସମାରୋହ

୮,୯୬୪ ନୂତନ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସଦସ୍ୟତା ପ୍ରମାଣପତ୍ର

ନୂଆଦିଲ୍ଲୀ: ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ଦେଶର ୨୩ଟି କେନ୍ଦ୍ରରେ ଏକକାଳୀନ ଭାବେ ସମାବର୍ତ୍ତନ ସମାରୋହ ଆୟୋଜିତ ହୋଇଛି। ଏହି ଅବସରରେ ମୋଟ ୮,୯୬୪ ଜଣ ନବନିଯୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସଦସ୍ୟତା ପ୍ରମାଣପତ୍ର ପ୍ରଦାନ କରାଯିବା ସହ ରାଙ୍କଧାରୀମାନଙ୍କୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପୁଣେ, ବେଙ୍ଗାଲୁରୁ, କୋୟମ୍ବାଟୋର, ଏର୍ଣ୍ଣାକୁଲମ୍, ହାଇଦ୍ରାବାଦ, ବିଜୟୱାଡ଼ା, ଭୁବନେଶ୍ୱର, ଭୋପାଳ, ଗୁଆହାଟୀ, ଗାଜିଆବାଦ, ଇନ୍ଦୋର, ଲକ୍ଷ୍ନୌ, ଜୟପୁର, ରାଞ୍ଚି, ରାୟପୁର, ଚଣ୍ଡୀଗଡ଼ ଓ ଲୁଧିଆନାଠାରେ ଏହି ସମାରୋହ ଆୟୋଜିତ ହୋଇଥିଲା। ଦିଲ୍ଲୀରେ ମୁଖ୍ୟ ଅତିଥି ଶ୍ରୀ ଅର୍ଜୁନ ରାମ ମେଘୱାଲ, ମାନ୍ୟବର କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ସମାରୋହର ଔପଚାରିକ ଉଦ୍ ?ଘାଟନ କରାଯାଇଥିଲା। ଏହି ଅବସରରେ ସିଏ. ପ୍ରସନ୍ନ କୁମାର ଡି, ଅଧ୍ୟକ୍ଷ, ଆଇସିଏଆଇ ଏବଂ ସିଏ. ମଙ୍ଗେଶ କିନାରେ, ଉପାଧ୍ୟକ୍ଷ, ଆଇସିଏଆଇଙ୍କ ସମେତ ଆଇସିଏଆଇର କେନ୍ଦ୍ରୀୟ ଓ ଆଞ୍ଚଳିକ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଅର୍ଜୁନ ରାମ ମେଘୱାଲ ନବନିଯୁକ୍ତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ହେଉଛନ୍ତି ବିଶ୍ୱାସର ରକ୍ଷକ। ସେମାନେ କେବଳ ବାଲାନ୍ସ ସିଟ୍ ପ୍ରସ୍ତୁତ କରନ୍ତି ନାହିଁ, ବରଂ ଭାରତର ଅର୍ଥନୈତିକ ବ୍ୟବସ୍ଥାରେ ବିଶ୍ୱାସର ଭିତ୍ତିକୁ ମଧ୍ୟ ମଜବୁତ କରନ୍ତି। ଦେଶର ଅର୍ଥନୈତିକ ବିକାଶ ଓ ଜିଡିପି ବୃଦ୍ଧିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ସେ କହିଥିଲେ। ଏଥିସହ ସେ ନବନିଯୁକ୍ତ

ସିଏମାନଙ୍କୁ ଅଖଣ୍ଡତା, ଆତ୍ମବିଶ୍ୱାସ, ଉତ୍ତରଦାୟିତ୍ୱ ଏବଂ 'ଇଣ୍ଡିଆ ଫାର୍ଷ୍ଟ' ମୂଲ୍ୟବୋଧକୁ ଆପଣାଇ ବିକଶିତ ଭାରତ ୨୦୪୭ ଗଠନରେ ଅବଦାନ ଦେବାକୁ ଆହ୍ୱାନ ଜଣାଇଥିଲେ। ସିଏ. ପ୍ରସନ୍ନ କୁମାର ଡି ନବନିଯୁକ୍ତ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇ ଏହି ସଫଳତା ପଛରେ ପରିବାର, ବନ୍ଧୁ ଓ ଶିକ୍ଷକମାନଙ୍କ ନିରନ୍ତର ସମର୍ଥନ ଓ ତ୍ୟାଗକୁ ସ୍ମରଣ କରିବାକୁ କହିଥିଲେ। ସେ ନିରନ୍ତର ଶିକ୍ଷା, ବୃତ୍ତିଗତ ଉତ୍କର୍ଷ ଓ ନୈତିକ ଆଚରଣକୁ ଗୁରୁତ୍ୱ ଦେଇ ସମାଜର ବିଶ୍ୱାସକୁ ସର୍ବଦା ଅକ୍ଷୁଣ୍ଣ ରଖିବାକୁ ନବନିଯୁକ୍ତ ସିଏମାନଙ୍କୁ ଆହ୍ୱାନ କରିଥିଲେ। ସେ ନବନିଯୁକ୍ତ ସଦସ୍ୟମାନଙ୍କୁ ଶପଥ ମଧ୍ୟ ପାଠ କରାଇଥିଲେ। ସିଏ. ମଙ୍ଗେଶ କିନାରେ ନୂତନ ସିଏମାନଙ୍କୁ ଅଭିନନ୍ଦନ ଜଣାଇ ଉତ୍କର୍ଷ, ସ୍ୱାଧୀନତା ଓ ସତ୍ୟୋତାକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବୃତ୍ତିର ମୌଳିକ ସ୍ତମ୍ଭ ଭାବେ ଅବଲମ୍ବନ କରିବାକୁ ଆହ୍ୱାନ କରିଥିଲେ। ଦେଶ ଓ ବୃତ୍ତିର ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ଦେବାକୁ ସେ ନବନିଯୁକ୍ତ ସିଏମାନଙ୍କୁ ପରାମର୍ଶ ଦେଇଥିଲେ।

ଆଇସିଏଆଇ ପକ୍ଷରୁ ପ୍ରତିବର୍ଷ ଦୁଇଥର ସମାବର୍ତ୍ତନ ସମାରୋହ ଆୟୋଜନ କରାଯାଇ ନବନିଯୁକ୍ତ ସଦସ୍ୟମାନଙ୍କୁ ଚାର୍ଟାର୍ଡ ଆକାଉଣ୍ଟାନ୍ସି ବୃତ୍ତିରେ ଔପଚାରିକ ଭାବେ ସ୍ୱାଗତ କରାଯାଏ। ଏହି ସମାରୋହ କେବଳ ଏକାଡେମିକ୍ ଓ ବୃତ୍ତିଗତ ସଫଳତାର ପ୍ରତୀକ ନୁହେଁ, ବରଂ ଉତ୍କର୍ଷ, ଉତ୍ତରଦାୟିତ୍ୱ ଓ ରାଷ୍ଟ୍ର ନିର୍ମାଣ ପ୍ରତି ଏକ ଆଜୀବନ ପ୍ରତିବଦ୍ଧତାର ଆରମ୍ଭ ମଧ୍ୟ ଅଟେ।

ଉଠାଦୋକାନୀ ଆଇନ ମାନୁନାହାଁନ୍ତି ବିଜେପି ସରକାର-ପ୍ରତାପ ସାହୁ

ଭୁବନେଶ୍ୱର(ବ୍ୟୁରୋ) ଗତ କିଛିଦିନ ହେବ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଉଠାଦୋକାନୀ ଆଇନ-୨୦୧୪, ସମ୍ବିଧାନର ଧାରା ୧୯(୧)(ଛ) ଓ ୨୨କୁ ନ ମାନି ଯେଉଁଭଳି ଭାବରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ଚଲିଛନ୍ତି ତାହା ଉଠାଦୋକାନୀ ଆଇନକୁ କୁଠାରଘାତ କରୁଛି ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ତଥା ନ୍ୟାସନାଲ ହକର୍ସ ଫେଡେରେସନର ଜାତୀୟ ସମ୍ପାଦକ ପ୍ରତାପ କୁମାର ସାହୁ କହିଛନ୍ତି। ଏହି ଉଠାଦୋକାନୀମାନେ ସହରରେ ଲୋକମାନଙ୍କୁ ସେବା ଯୋଗାଇବା, ନିଜେ ବଞ୍ଚିବା ସହ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ କାର୍ଯ୍ୟ କରି ଆସୁଛନ୍ତି। କେବଳ ସେତିକି ନୁହେଁ, ମହାମାରୀ କରୋନା ସମୟରେ ଦେଶରେ ଦେଖା ଦେଇଥିବା ଆର୍ଥିକ ସଙ୍କଟକୁ ଏହି ଉଠାଦୋକାନୀମାନେ ମଜଭୁତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ ସ୍ୱନିଧି ଯୋଜନାରେ ଉଠାଦୋକାନୀମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଦେଇ ଥଇଥାନ କରୁଥିବା ବେଳେ ବିଜେପି ସରକାର ଉଠାଦୋକାନୀ ଆଇନକୁ ନ ମାନି ବାରମ୍ବାର ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ଚଲିଛନ୍ତି। ଶୁକ୍ରବାର ଏକ ନମ୍ବର ହାଟ ଓ ମଧ୍ୟ ବିଧାୟକଙ୍କ ସରକାରୀ ବାସଭବନ ନିକଟରେ ବିଏମ୍ସି, ବିଡ଼ିଏ ଓ ଜିଏ ତରଫରୁ ଯେଉଁଭଳି ଭାବରେ ଉଠାଦୋକାନୀମାନଙ୍କ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ କରାଗଲା, ସେମାନଙ୍କୁ ଆହୁରି ୧୦ବର୍ଷ ତଳକୁ ଠେଲି ଦିଆଗଲା। ଗତ ଜାନୁଆରୀ ୧୯ ତାରିଖ ଦିନ ସେମାନଙ୍କ ଦୋକାନକୁ ନିଆଁ ଲଗାଇ ଦିଆଯାଇ କୋଟି କୋଟି ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ସେମାନେ ପିଏମ୍ ସ୍ୱନିଧି ଯୋଜନାରେ ଋଣ ନେଇ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସଜଖୁଥିବା ବେଳେ ଶୁକ୍ରବାର ସକାଳ ସମୟରେ ପୁଲିସ୍ ଦଳ ସହ ବିଏମ୍ସି, ବିଡ଼ିଏ ଯେଉଁଭଳି ଅତର୍କିତ ଭାବରେ ଭେଣ୍ଡିଂଜୋନ ଓ ଉଠାଦୋକାନୀ ଗୁଡ଼ିକୁ ଉଚ୍ଛେଦ କଲେ, ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି।

ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ବିଓବି ୱାର୍ଲ୍ଡ ୨.୦'ଉନ୍ମୋଚିତ

ଭୁବନେଶ୍ୱର : ଭାରତର ଅଗ୍ରଣୀ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ମଧ୍ୟରୁ ଅନ୍ୟତମ, ବ୍ୟାଙ୍କ୍ ଅଫ୍ ବରୋଦା ତାହାର ପରବର୍ତ୍ତୀ ପିଢ଼ିର ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ଲିକେସନ୍ ବିଓବି ୱାର୍ଲ୍ଡ ୨.୦' ଉନ୍ମୋଚନ କରିଛି। ୧୧ ସେପ୍ଟେମ୍ବର ୨୦୨୬ ରେ ମୁମ୍ବାଇଠାରେ ଆୟୋଜିତ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ (ଜିଏଫ୍‌ଏଫ୍) ୨୦୨୬ ରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବାବିଭାଗ (ଡିଏଫ୍‌ଏସ୍) ସଚିବ ଶ୍ରୀ ସଞ୍ଜୟ ଲୋହିଆ, ବ୍ୟାଙ୍କ୍ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହ ଅଧିକାରୀ ଡ. ଦେବଦତ୍ତ ଚାନ୍ଦ ଏବଂ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଏହି ଆପ୍‌ର ଉନ୍ମୋଚନକରାଯାଇଥିଲା। ବ୍ୟାଙ୍କର ଡିଜି

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.145, Sunday, 13 September 2026, Puri, Pages - 23, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୫, ରବିବାର, ୧୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା